# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୩/୨୦୨୩ (୧୪ ପୃଷ୍ଠା) Bhubaneswar, Monday, March 13/2023 Page 14 ₹ 7.00

୪୯ଶ ଭାଗ ୧୦୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 107 ମୂଲ୍ୟ₹୭/-


# ସମଲିଙ୍ଗୀ ବିବାହକୁ କେନ୍ଦ୍ରର ବିରୋଧ

## ଆଜି ସୁପ୍ରିମକୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ, ୧୨।୩(ପି.ଟି.)**

ସମଲିଙ୍ଗୀ ବିବାହର ଆଇନଗତ ବୈଧତା ଦାବି ନେଇ ହୋଇଥିବା ଆବେଦନକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟରେ ବିରୋଧ କରିଛନ୍ତି। ସମଲିଙ୍ଗୀ ବିବାହ ଭାରତୀୟ ପରିବାର ଧାରଣା ମୁତାବକ ନୁହେଁ। ସ୍ୱାମୀ, ସ୍ତ୍ରୀ ଓ ପିଲାଙ୍କୁ ନେଇ ଭାରତୀୟ ପରିବାର ଗଠିତ, ଯେଉଁଠି ସ୍ୱାମୀ ଜଣେ ଜୈବିକ ପୁରୁଷ ଓ ସ୍ତ୍ରୀ ଜୈବିକ ମହିଳା ହେବା ଜରୁରୀ। ଭାରତୀୟ ଦଣ୍ଡ ସଂହିତା(ଆଇପିସି)ର ଦଫା ୩୭୭କୁ ଅପରାଧମୁକ୍ତ କରାଯିବା ଅର୍ଥ ନୁହେଁ ଯେ, ଦେଶର ଆଇନ ଅନୁଯାୟୀ ସମଲିଙ୍ଗୀ ବିବାହକୁ ସ୍ୱୀକୃତି ଦେବା ପାଇଁ ଆବେଦନକାରୀ ମୌଳିକ ଅଧିକାର ଭାବେ ଦାବି କରିପାରିବେ ବୋଲି କେନ୍ଦ୍ର ସରକାର ରବିବାର ସୁପ୍ରିମକୋର୍ଟଙ୍କୁ ସତ୍ୟପାଠ ଜରିଆରେ ଜଣାଇଛନ୍ତି। ସମଲିଙ୍ଗୀ ବିବାହ ବୈଧୀକରଣ ଆବେଦନଗୁଡ଼ିକର ଶୁଣାଣି ସୋମବାର ହେବାକୁ ଥିବାବେଳେ କେନ୍ଦ୍ର ସରକାର ସତ୍ୟପାଠ ଦାଖଲ କରି କହିଛନ୍ତି, ପାର୍ଟନର ଭାବେ ଏକାଠି ରହିବା ଏବଂ ସମଲିଙ୍ଗୀ ବ୍ୟକ୍ତି ଯୌନ ସମ୍ପର୍କ ସ୍ଥାପନ କରିବା ଭାରତୀୟ ପରିବାର ଧାରଣା ସହ



ତୁଳନୀୟ ନୁହେଁ। ଏଲ୍‌ଜିବିଟିକ୍ୟୁ ପ୍ଲସ୍ ଗୋଷ୍ଠୀର ଆବେଦନକୁ ବର୍ତ୍ତମାନର ଆଇନଗତ ବ୍ୟବସ୍ଥା ଅନୁଯାୟୀ ଖାରଜ କରିଦେବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ଅଦାଲତଙ୍କୁ ନିବେଦନ କରିଛନ୍ତି।

ସରକାର ଆହୁରି କହିଛନ୍ତି, ସମଲିଙ୍ଗୀ ବିବାହର ପଞ୍ଜୀକରଣ ବର୍ତ୍ତମାନର ପର୍ସୋନାଲ ଆଇନ ଏବଂ ସଂହିତାବଦ୍ଧ ଆଇନ ବ୍ୟବସ୍ଥାର ଉଲ୍ଲଂଘନ ହେବ। ବିବାହ ଅର୍ଥ ଦୁଇ ବିପରୀତଲିଙ୍ଗୀ ବ୍ୟକ୍ତିଙ୍କ ମଧ୍ୟରେ ମିଳନ ଏବଂ ଏହି ସଂଜ୍ଞା ସାମାଜିକ, ସାଂସ୍କୃତିକ ତଥା ଆଇନଗତ ଭାବେ ଦୀର୍ଘବର୍ଷ ଧରି ସ୍ୱୀକୃତି ପାଇଆସିଛି। ନ୍ୟାୟିକ ହସ୍ତକ୍ଷେପ ଦ୍ୱାରା ଏହାକୁ ପ୍ରଭାବିତ କରାଯିବା ଉଚିତ ନୁହେଁ ବୋଲି କେନ୍ଦ୍ର ପକ୍ଷରୁ ସତ୍ୟପାଠରେ କୁହାଯାଇଛି। ସମଲିଙ୍ଗୀ ବିବାହର ଆଇନଗତ ବୈଧତାକୁ କେନ୍ଦ୍ର ସରକାର ବିରୋଧ କରିଥିବାରୁ ଏଲ୍‌ଜିବିଟିକ୍ୟୁ (ମହିଳା ସମଲିଙ୍ଗୀ, ପୁରୁଷ ସମଲିଙ୍ଗୀ, ଉଭୟଲିଙ୍ଗୀ, ତୃତୀୟ ଲିଙ୍ଗୀ ଏବଂ ଅପ୍ରାକୃତିକ ଯୌନସମ୍ପର୍କ ରକ୍ଷାକାରୀ) ପ୍ଲସ୍ ଗୋଷ୍ଠୀର ସଦସ୍ୟ ଓ କେତେଜଣ ସାମାଜିକ କର୍ମୀ ଏହାକୁ ସମାଲୋଚନା କରିଛନ୍ତି। ଭାରତ ଏକ ବହୁଳବାଦ ଓ ବିବିଧତାପୂର୍ଣ୍ଣ ଦେଶ ହୋଇଥିବାବେଳେ ସରକାର ଏବେ ବି କେବଳ ☞ପୃଷ୍ଠା-୪

# ଦୋଳବିମାନ ଉପରକୁ ମାଡ଼ିଗଲା ଗାଡ଼ି

## ୨ ମୃତ, ୬ ଆହତ

**କେନ୍ଦ୍ରାପଡ଼ା ଅଫିସ, ୧୨।୩**

ଦୋଳବିମାନ କାନ୍ଧେଇ ଯାଉଥିବା ଲୋକଙ୍କ ଉପରକୁ ଏକ ପିକ୍‌ଅପ୍ ଭ୍ୟାନ୍ ମାଡ଼ିଯିବା ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନଙ୍କୁ କଟକ ବଡ଼ମେଡିକାଲରେ ଚିକିତ୍ସା କରାଯାଉଛି। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଯମଧର ଓମଫେଡ୍ ଛକରେ ଶନିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। କେନ୍ଦ୍ରାପଡ଼ାଠାରୁ ପ୍ରାୟ ୧୦ କିଲୋମିଟର ଦୂର ବାଲିଆ ବଜାରର ଦୋଳ ମେଳଣ ଉତ୍ସବରେ ଏହି ବିମାନଟି ସାମିଲ ହୋଇଥିଲା। ଦୁର୍ଘଟଣା ପରେ ବାଲିଆ ବଜାର ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଗତ ନଭେମ୍ବରରେ ବାଲିଆ ବଜାରର କାର୍ତ୍ତିକେଶ୍ୱର ମେଳଣ ଉତ୍ସବରେ ବାଣ ଦୁର୍ଘଟଣାରେ ☞ପୃଷ୍ଠା-୪



ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଭାଙ୍ଗି ଯାଇଥିବା ଦୋଳବିମାନ।

## ପିକ୍‌ଅପ୍ ଧକ୍କାରେ ୩ ମୃତ

**ଛେଣ୍ଡିପଦା, ୧୨।୩(ସ୍ୱ.ପ୍ର.)**

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ଜରପଡା ଥାନା ସାନ୍ତରାପୁର ଛକ ନିକଟରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ବାଇକ୍‌ରେ ଯାଉଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଛେଣ୍ଡିପଦା ବ୍ଲକ ତୁବେ ପଞ୍ଚାୟତ କୁଲେଇ ଗ୍ରାମର ସୁନୀଲ ସାହୁ, ସିପୁ ପ୍ରଧାନ ଓ ମାନସ ବେହେରା। ଦୁର୍ଘଟଣା ପରେ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିବା ସହ ପୋଲିସକୁ ଠେଲାପେଲା କରିଥିଲେ।

ସୂଚନା ଅନୁଯାୟୀ, ଅପରାହ୍ନରେ କୁଲେଇ ଗ୍ରାମର ସୁନୀଲ, ସିପୁ ଓ ମାନସ କୌଣସି କାମରେ ଏକ ମୋଟରସାଇକେଲ (ନଂ. ଓଡ଼ି୧୯ କ୍ୟୁ- ୫୦୨୯)ରେ ୫୫ନଂ. ଜାତୀୟ ରାଜପଥରେ ଜରପଡା ଆଡକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଆସୁଥିବା ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡ଼ି୧୯କ୍ୟୁ- ୫୦୫୨) ସାନ୍ତରାପୁର ଛକ ନିକଟରେ ମୋଟରସାଇକେଲକୁ ଧକ୍କା ଦେଇଥିଲା। ଫଳରେ ମୋଟରସାଇକେଲରେ ଥିବା ୩ ଯୁବକଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ପରେ ଗାଡ଼ି ଛାଡ଼ି ପିକ୍‌ଅପ୍ ଭ୍ୟାନ୍ ଚାଳକ ଫେରାର ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**

ନିର୍ବାଚନ ପାଇଁ ଚଢ଼ାଉ


# ବ୍ରିଟେନ୍‌ରେ ବଢୁଛି ଭାରତୀୟଙ୍କ ଅନୁପ୍ରବେଶ

## ଗତବର୍ଷ ଭାରତରୁ ସର୍ବାଧିକ ୬୮୩ ବେଆଇନ ପ୍ରବାସୀ ବୋଟ୍‌ରେ ଯାଇଛନ୍ତି

**ଲଣ୍ଡନ, ୧୨।୩**

ବ୍ରିଟେନ୍‌ରେ ବେଆଇନ ଭାରତୀୟ ପ୍ରବାସୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିବା ସେଠାକାର ସରକାର ଦାବି କରିଛନ୍ତି। ଫ୍ରାନ୍ସ ଚ୍ୟାନେଲ ଦେଇ ଛୋଟ ବୋଟ୍ ଜରିଆରେ ବହୁ ସଂଖ୍ୟକ ଭାରତୀୟ ବେଆଇନ ଭାବେ ବ୍ରିଟେନ୍‌ରେ ପ୍ରବେଶ କରୁଥିବା କୁହାଯାଉଛି। ଗତବର୍ଷ ଏହି ଚ୍ୟାନେଲ ଜରିଆରେ ମୋଟ ୬୮୩ ଭାରତୀୟ ବ୍ରିଟେନ୍ ଯାଇଥିଲେ, ଯାହାଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଯୁବକ। ଦେଶରୁ ବେଆଇନ ପ୍ରବାସୀଙ୍କୁ ବିତାଡିତ କରିବା ଲାଗି ଗତ ସପ୍ତାହରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ ଋଷି ସୁନକ ଏବଂ ସ୍ୱରାଷ୍ଟ୍ର ସଚିବ ସୁଏଲା ବ୍ରାଭରମାନ୍ ହାଉସ୍ ଅଫ୍ କମନ୍ସରେ ବେଆଇନ ପ୍ରବାସୀ ବିଲ୍ ଉପସ୍ଥାପନ କରିଥିଲେ। ଛୋଟ ବୋଟ୍ ଜରିଆରେ ଦେଶରେ ବେଆଇନ ଢଙ୍ଗରେ ପ୍ରବେଶ କରୁଥିବା ପ୍ରବାସୀଙ୍କୁ ରୋକିବା ସହ ଏ ନେଇ ସେମାନଙ୍କୁ ସାହାଯ୍ୟ କରୁଥିବା ଚାଲାଣକାରୀ ଗୋଷ୍ଠୀକୁ ଧରିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କୁହାଯାଇଛି।



ବେଆଇନ ପ୍ରବାସୀଙ୍କୁ ବ୍ରିଟେନ୍‌ରେ ପ୍ରବେଶ କରାଇବା ଲାଗି ଏକ ଗ୍ୟାଙ୍ଗ୍ କାର୍ଯ୍ୟ କରୁଛି, ଯାହା ଜଣପିଛା ୩,୦୦୦ ପାଉଣ୍ଡ (ପାଖାପାଖି ୨,୯୫,୯୧୧ ଟଙ୍କା) ନେଇଥାଏ। ଏହି ଗ୍ୟାଙ୍ଗ୍ ଡଙ୍ଗା ସାହାଯ୍ୟରେ ପ୍ରବାସୀମାନଙ୍କୁ ଫ୍ରାନ୍ସରୁ ଇଂଲଣ୍ଡରେ ପହଞ୍ଚାଇଥାଏ। ଏହି ଛୋଟ ଡଙ୍ଗାରେ ଏକକାଳୀନ ୪୦ରୁ ୫୦ ଜଣଙ୍କୁ ନିଆଯାଏ। ଉକ୍ତ ଡଙ୍ଗାଗୁଡ଼ିକୁ ତୁର୍କୀରୁ କିଣାଯାଇଥାଏ। ତେବେ ଏହି ଛୋଟ ବୋଟ୍‌ରେ ଯାତ୍ରା ସମୟରେ ଅନେକ ପ୍ରବସୀ ଭାସିଯିବାର ଖବର ମଧ୍ୟ ପ୍ରକାଶ ପାଇଛି। ୨୦୧୮ ପର୍ଯ୍ୟନ୍ତ କୌଣସି ଭାରତୀୟ ଛୋଟ ଡଙ୍ଗା ଜରିଆରେ ବ୍ରିଟେନ୍‌ରେ ପ୍ରବେଶ କରି ନ ଥିଲେ। କିନ୍ତୁ ୨୦୨୦ରେ ପ୍ରଥମ ଥର ୬୪ ଜଣ ଭାରତୀୟ ଛୋଟ ବୋଟ୍‌ରେ ଆସି ବ୍ରିଟେନ୍‌ରେ ପହଞ୍ଚିଥିଲେ। ସେହିପରି ୨୦୨୧ରେ ୬୭ ଜଣ ଏବଂ ୨୦୨୨ରେ ସର୍ବାଧିକ ୬୮୩ ଜଣ ବେଆଇନ ଉପାୟ ଅବଲମ୍ବନ ☞ପୃଷ୍ଠା-୪




## ସଂକ୍ଷେପରେ

### ସ୍କୁଲଛାତ୍ରୀଙ୍କୁ ବିଷ ଦେବା ଘଟଣା: ୧୦୦ ଗିରଫ

**ତେହରାନ୍, ୧୨।୩:** ଇରାନ୍‌ରେ ସ୍କୁଲ ଛାତ୍ରୀଙ୍କୁ ବିଷାକ୍ତ ପଦାର୍ଥ ଦିଆଯିବା ଘଟଣାରେ ଦେଶର ବିଭିନ୍ନ ସହରରୁ ୧୦୦ ଜଣଙ୍କୁ ଗିରଫ କରାଯାଇଛି। ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରି ସ୍କୁଲ ବନ୍ଦ କରିବା ଏବଂ ସରକାରଙ୍କୁ ନେଇ ନୈରାଶ୍ୟବାଦ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏପରି କରାଯାଇଥିବା ଇରାନ୍ ଗୃହ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଗତବର୍ଷ ନଭେମ୍ବରରେ ହାଇସ୍କୁଲ ଛାତ୍ରୀ ବିଷାକ୍ତ ପଦାର୍ଥ ଖାଇବା ଦ୍ୱାରା ହସ୍ପିଟାଲରେ ଆଡ୍‌ମିଟ୍ ହୋଇଥିଲେ। ଗତ ଫେବୃୟାରୀରେ ଶତାଧିକ ଛାତ୍ରୀଙ୍କ ଦେହରେ ବିଷକ୍ରିୟା ପାଇଁ ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଥିବାବେଳେ ପୋଲିସ ପକ୍ଷରୁ ଘଟଣାର ତଦନ୍ତ ଜାରି ରହିଛି।

### ରାସ୍ତାରେ ଉଲଗ୍ନ ବିଚରଣ କରି ଗିରଫ

**ଅନ୍ୟ ଦୁନିଆରୁ ଆସିଥିବା କହିଲେ**

**ୱାଶିଂଟନ, ୧୨।୩:** ଆମେରିକାର ଫ୍ଲୋରିଡା ରାସ୍ତାରେ ଉଲଗ୍ନ ହୋଇ ବିଚରଣ କରୁଥିବା ଜଣେ ୪୪ ବର୍ଷୀୟ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। ସେ ଅନ୍ୟ ଦୁନିଆରୁ ଆସିଥିବା ପୋଲିସକୁ କହିଛନ୍ତି। ଗତ ୮ ତାରିଖରେ ଅଭିଯୁକ୍ତ ଜଣକ ଫ୍ଲୋରିଡାର ପାଲ୍ମ ବିଚ୍‌ର ରାସ୍ତାରେ ଉଲଗ୍ନ ଅବସ୍ଥାରେ ଚଲାବୁଲା କରୁଥିବାବେଳେ ଟାବୁ କମ୍ପାନୀର ଜଣେ କର୍ମଚାରୀ ପୋଲିସକୁ ଫୋନ୍ କରି ଜଣାଇଥିଲେ। ପୋଲିସ ତାଙ୍କୁ ପ୍ରଶ୍ନ କରିବାରୁ ସେ କେଉଁଠି ପୋଷାକ ରଖିଛନ୍ତି ଜାଣି ନ ଥିବା କହିଥିଲେ। ତାଙ୍କ ନାମ ଓ ଜନ୍ମ ତାରିଖ ମଧ୍ୟ ସେ ପୋଲିସକୁ ଜଣାଇ ନ ଥିଲେ। ଅଭିଯୁକ୍ତଙ୍କ ନାମ ଜାସନ ସ୍ମିଥ୍ ବୋଲି ପୋଲିସ ପରେ ଜାଣିବାକୁ ପାଇଛି।

### ହସ୍ପିଟାଲରେ କେସିଆର୍

**ହାଇଦ୍ରାବାଦ, ୧୨।୩ :** ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ପେଟରେ ଯନ୍ତ୍ରଣା ହେବାରୁ ରବିବାର ସକାଳେ ତାଙ୍କୁ ଏଆଇଜି ସୁପରସ୍ପେଶିଆଲିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସିଟି ସ୍କାନ୍ ଓ ଏଣ୍ଡୋସ୍କୋପି ପରୀକ୍ଷା ପରେ ତାଙ୍କ ପାକସ୍ଥଳୀରେ ସାମାନ୍ୟ ଅଲ୍‌ସର ହୋଇଥିବା ଜଣାପଡ଼ିଛି। ଏହାର ଚିକିତ୍ସା କରାଯାଉଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି।



### ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍‌ୱେ ଉଦ୍‌ଘାଟିତ

**ବେଙ୍ଗାଲୁରୁ, ୧୨।୩:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ୧୧୮ କିଲୋମିଟର ଦୀର୍ଘ ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍‌ୱେ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଏକ୍ସପ୍ରେସ୍‌ୱେ ଦୁଇ ସହର ମଧ୍ୟରେ ଯାତ୍ରା ସମୟକୁ ୩ ଘଣ୍ଟାରୁ ୭୫ ମିନିଟ୍‌କୁ ହ୍ରାସ କରିବ। ୨୭୫ ନମ୍ବର ଜାତୀୟ ରାଜପଥର ବେଙ୍ଗାଲୁରୁ-ନିଦାଘାଟ୍ଟା-ମହୀଶୂର ସେକ୍ସନକୁ ୬ ଲେନ୍ ବିଶିଷ୍ଟ କରାଯାଇଛି। ଏହି ପ୍ରକଳ୍ପ ପାଇଁ ୮,୪୮୦ କୋଟି ଟଙ୍କା ବିନିଯୋଗ ହୋଇଛି। ଉକ୍ତ ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ଏହି ଏକ୍ସପ୍ରେସ୍ ୱେ ସହାୟକ ହେବ ବୋଲି କୁହାଯାଉଛି। ଏହା ବ୍ୟତୀତ ପ୍ରଧାନମନ୍ତ୍ରୀ ମହୀଶୂର-କୁଶଲନଗର ୪ ଲେନ୍ ରାଜପଥର ଶିଳାନ୍ୟାସ କରିଥିଲେ।

## ବୁଲା କୁକୁର ଆକ୍ରମଣରେ ୨ ଭାଇଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧୨।୩**

**ବସ୍ତିରେ ଉତ୍ତେଜନା**

ଦିଲ୍ଲୀର ବସନ୍ତକୁଞ୍ଜ ଅଞ୍ଚଳରେ ବୁଲା କୁକୁର ଆକ୍ରମଣରେ ୨ ନାବାଳକ ଭାଇଙ୍କ ମୃତ୍ୟୁ ଘଟିଛି। ମୃତକ ଆନନ୍ଦ(୭) ଏବଂ ଆଦିତ୍ୟ(୫) ସେମାନଙ୍କ ମାଆବାପାଙ୍କ ସହ ସିନ୍ଧି ବସ୍ତିର ଏକ ଝୁମ୍ପୁଡ଼ି ଘରେ ରହୁଥିଲେ। ଗତ ୧୦ ତାରିଖରେ ଆନନ୍ଦ ନିଖୋଜ ହୋଇଯାଇଥିଲେ। ପରିବାର ସଦସ୍ୟ ଓ ପୋଲିସ ଟିମ୍ ୨ ଘଣ୍ଟାର ଖୋଜାଖୋଜି ପରେ ନିକଟସ୍ଥ ଜଙ୍ଗଲରୁ ଆନନ୍ଦଙ୍କ ମୃତଦେହ ପାଇଥିଲେ। ପିଲାଟି ଶରୀରରେ ଏକାଧିକ କ୍ଷତଚିହ୍ନ ଥିବାରୁ ତାଙ୍କୁ କୁକୁର କାମୁଡ଼ିଥିବା ପୋଲିସ କହିଛି। ଏହାର ଦୁଇଦିନ ପରେ ରବିବାର ଆଦିତ୍ୟ ତାଙ୍କ ସମ୍ପର୍କୀୟ ଭାଇ ଚନ୍ଦନ (୨୪) ସହ ଉକ୍ତ ଜଙ୍ଗଲ ଅଞ୍ଚଳକୁ ଯାଇଥିଲେ। ଚନ୍ଦନ କିଛି ସମୟ ପାଇଁ ଦୂରକୁ ଚାଲିଯାଇ ଫେରିବା ପରେ ଆଦିତ୍ୟଙ୍କୁ ଆହତ ଅବସ୍ଥାରେ ଦେଖିଥିଲେ। ତାଙ୍କୁ ବୁଲା କୁକୁର ଘେରି ରହିଥିଲେ। ସେଠାରେ ଉପସ୍ଥିତ ଥିବା ଥାନା ଏସ୍‌ଆଇ ଶିଶୁଟିକୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଆଇ କହିଛନ୍ତି। ଦୁଇଟି ଶିଶୁଙ୍କୁ ବୁଲା କୁକୁର ମାରିଦେବା ପରେ ଉକ୍ତ ବସ୍ତିରେ ଆତଙ୍କ ସୃଷ୍ଟି ହେବା ସହ ଉତ୍ତେଜନା ଦେଖାଦେଇଛି। ବୁଲା କୁକୁର ସଂଖ୍ୟା ବଢ଼ୁଥିବାବେଳେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।



୫୪ତମ ସିଆଇଏସ୍‌ଏଫ୍ ରେଜିଂ ଡେ' ପରେଡ୍-୨୦୨୩ ଅବସରରେ ରବିବାର ତେଲଙ୍ଗାନାର ହାକିମପେଟ୍‌ସ୍ଥିତ ଜାତୀୟ ଶିଳ୍ପାଞ୍ଚଳ ସୁରକ୍ଷା ଏକାଡେମୀଠାରେ ମହିଳା କମାଣ୍ଡୋମାନେ ମାର୍ଶାଲ ଆର୍ଟସ ପ୍ରଦର୍ଶନ କରୁଛନ୍ତି।

# ବାଖମୁଟ୍‌ରେ ଜୋରଦାର ଲଢ଼େଇ

**କିଭ୍/ମସ୍କୋ, ୧୨।୩**

**୨୪ ଘଣ୍ଟାରେ ୫୦୦ ରୁଷୀୟ ସୈନ୍ୟ ମୃତାହତ**

ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣକୁ ଗୋଟିଏ ବର୍ଷ ବିତିଯାଇଛି। ଦୁଇ ଦେଶ ମଧ୍ୟରେ ଘମାଘୋଟ୍ ଲଢ଼େଇ ଅଦ୍ୟାବଧି ଜାରି ରହିଛି। ୟୁକ୍ରେନ୍‌ର ପୂର୍ବାଞ୍ଚଳରେ ଅବସ୍ଥିତ ବାଖମୁଟ୍ ସହରକୁ ନେଇ ରୁଷିଆ ଏବଂ ୟୁକ୍ରେନ୍ ସୈନ୍ୟଙ୍କ ମଧ୍ୟରେ ଗତ କିଛିମାସ ଧରି ଜୋର୍‌ଦାର୍ ସଂଘର୍ଷ ଲାଗିରହିଛି। ଦୁଇ ଦେଶର ସେନା ମୁହାଁମୁହିଁ ସ୍ଥିତିରେ ଥିବାବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୟୁକ୍ରେନୀୟ ସୈନ୍ୟ ୫୦୦ରୁ ଊର୍ଦ୍ଧ୍ୱ ରୁଷୀୟ ସୈନ୍ୟଙ୍କୁ ମୃତାହତ କରିଥିବା ଶନିବାର ଦାବି କରିଛି। ରୁଷିଆର ମୋଟ ୨୨୧ ସୈନ୍ୟ ପ୍ରାଣ ହରାଇଥିବାବେଳେ ୩୦୦ ଆହତ ହୋଇଛନ୍ତି। ସେହିପରି ୟୁକ୍ରେନ୍‌ର ୨୧୦ ସୈନ୍ୟ ନିହତ ହୋଇଥିବା ରୁଷିଆ କହିଛି।

ଇଷ୍ଟର୍ନ ଡୋବାସ ରିଜିଅନ୍‌ରେ ଥିବା ବାଖମୁଟ୍‌କୁ ଦଖଲ ଉଦ୍ଦେଶ୍ୟରେ କିଛିମାସ ଧରି ରୁଷିଆ ସେନା ପକ୍ଷରୁ ଲଗାତର ଆକ୍ରମଣ ଜାରି ଥିବା ୟୁକ୍ରେନ୍ ମିଲିଟାରି ମୁଖପାତ୍ର ସେର୍‌ହି ଚେରେଭାଟି କହିଛନ୍ତି। ୨୪ ଘଣ୍ଟା ମଧ୍ୟରେ ରୁଷିଆ ପକ୍ଷରୁ ମୋଟ ୧୬ଟି ଆଟାକ୍ କରାଯାଇଥିବାବେଳେ ବାଖମୁଟକୁ ନେଇ ମୋଟ ୨୩ ଥର ସଂଘର୍ଷ ହୋଇଛି। ରୁଷିଆକୁ ବାଖମୁଟ୍ ଦଖଲ କରିବାକୁ ଦିଆଯିବ ନାହିଁ। ଏ ନେଇ କିଭ୍ ପକ୍ଷରୁ ସଂଗ୍ରାମ ଜାରି ରହିବାକୁ ଥିବାବେଳେ ରୁଷିଆର ସବୁଠାରୁ ଦକ୍ଷ ସେନା ୟୁନିଟ୍‌କୁ ୟୁକ୍ରେନ୍ ସୈନ୍ୟ ନୟାନ୍ତ କରିଦେଇଥିବା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ପକ୍ଷରୁ କୁହାଯାଇଛି।

ବ୍ରିଟିଶ୍ ମିଲିଟାରି ଗୋଇନ୍ଦା ସୂଚନା ଅନୁସାରେ ରୁଷିଆର ୱାଗନର ମର୍ସନାରି ଗ୍ରୁପ୍ ବାଖମୁଟର ପୂର୍ବାଞ୍ଚଳରେ ଥିବା ସ୍ଥାନଗୁଡ଼ିକୁ ଦଖଲ କରିଛି। ତେବେ ବାଖମୁଟ୍ ଦଖଲ ଦ୍ୱାରା ସମ୍ପୂର୍ଣ୍ଣ ଡୋନ୍‌ବାସକୁ ନିୟନ୍ତ୍ରଣକୁ ଅଣାଯାଇ ପାରିବ ବୋଲି ମସ୍କୋ କହିଛି। ବାଖମୁଟ୍‌କା ନଦୀର ପଶ୍ଚିମ ପାର୍ଶ୍ୱରେ ସହରର କେନ୍ଦ୍ରସ୍ଥଳ ଅବସ୍ଥିତ ହୋଇଥିବାବେଳେ ଏହାଠାରୁ ମାତ୍ର ୧.୨ କି.ମି. ଦୂରରେ ରୁଷୀୟ ସେନା ଥିବା ୱାଗନର ମର୍ସନାରି ଗ୍ରୁପ୍‌ର ପ୍ରତିଷ୍ଠାତା ୟେଭଗେନି ପ୍ରିଗୋଝିନ ଦାବି କରିଛନ୍ତି। ନଦୀର ଜଳ ଖୋଲା ସ୍ଥାନରେ ପ୍ରବାହିତ ହେଉଥିବା କାରଣରୁ ଏହା ରୁଷୀୟ ସୈନ୍ୟଙ୍କ ପାଇଁ ମରଣଜନ୍ତା ପାଲଟିପାରେ।



ବାଖମୁଟ୍ ନିକଟବର୍ତ୍ତୀ ଚସିଭ ୟାର ସହରର ଏକ ଗାଁରେ ସେଲ୍ ମାଡ଼ରେ ନଷ୍ଟ ହୋଇଯାଇଥିବା କାର୍‌କୁ ୟୁକ୍ରେନୀୟ ସର୍ଭିସ୍‌ମ୍ୟାନ୍ ଦେଖୁଛନ୍ତି।

## ମହିଳାଙ୍କୁ ଖଣ୍ଡ ଖଣ୍ଡ କଲେ କାଠମିସ୍ତ୍ରି

**ଶ୍ରୀନଗର, ୧୨।୩(ପି.ଟି.)**

ଜମ୍ମୁ-କଶ୍ମୀରର ବଡଗାମ୍ ଜିଲାରେ ଜଣେ ୩୦ ବର୍ଷୀୟା ମହିଳାଙ୍କୁ ଅପହରଣ କରି ହତ୍ୟା କରାଯିବା ପରେ ମୃତଦେହକୁ ଖଣ୍ଡଖଣ୍ଡ କରିଦିଆଯାଇଛି। ସପ୍ତାହେ ପୂର୍ବରୁ ନିଖୋଜ ଥିବା ଉକ୍ତ ମହିଳାଙ୍କ ଶରୀରର ଖଣ୍ଡିତ ଅଂଶକୁ ପୋଲିସ ବିଭିନ୍ନ ସ୍ଥାନରୁ ପାଇବା ପରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉକ୍ତ ମାମଲାରେ ଶବୀର ଅହମଦ(୪୫) ନାମକ ଜଣେ କାଠମିସ୍ତ୍ରିଙ୍କୁ ପୋଲିସ ଗିରଫ କରିଛି। ଶତାଧିକ ଉତ୍ତ୍ୟକ୍ତ ଲୋକେ ଅହମଦଙ୍କ ଘର ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ତାଙ୍କୁ ଫାଶୀ ଦେବା ପାଇଁ ଦାବି କରିଛନ୍ତି। ଅଭିଯୁକ୍ତଙ୍କୁ ସେମାନଙ୍କୁ ହସ୍ତାନ୍ତର କରିବା ଲାଗି ବିକ୍ଷୋଭରେ ସାମିଲ ହୋଇଥିବା ମହିଳାମାନେ ଦାବି କରିଛନ୍ତି। ସେ ଯେପରି ମହିଳାଙ୍କୁ ହତ୍ୟା କରି ଖଣ୍ଡ ଖଣ୍ଡ କରିଛି, ତାକୁ ସେହିଭଳି ଶାସ୍ତି ମିଳିବା ଆବଶ୍ୟକ ବୋଲି ମହିଳାମାନେ କହିଛନ୍ତି। ମୃତା ମହିଳା ଜଣକ ଗତ ୭ ତାରିଖରୁ ନିଖୋଜ ଥିଲେ। ପରିବାର ପକ୍ଷରୁ ଥାନାରେ ନିଖୋଜ ମାମଲା ଦାଏର ହୋଇଥିଲା। ପୋଲିସ କାଠମିସ୍ତ୍ରିଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ମୃତଦେହର ସନ୍ଧାନ ପାଇଥିଲା।

## ସନ୍ଦେହ ଘେରରେ ସତୀଶଙ୍କ ମୃତ୍ୟୁ

**ନୂଆଦିଲ୍ଲୀ, ୧୨।୩:** ଚଳଚ୍ଚିତ୍ର ନିର୍ଦ୍ଦେଶକ ତଥା ଅଭିନେତା ସତୀଶ କୌଶିକଙ୍କ ଆକସ୍ମିକ ମୃତ୍ୟୁ ନେଇ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ସତୀଶଙ୍କ ବନ୍ଧୁ ବିକାଶ ମାଲୁ ତାଙ୍କୁ ହତ୍ୟା କରିଥିବା ବିକାଶଙ୍କ ଦ୍ୱିତୀୟ ସ୍ତ୍ରୀ ଅଭିଯୋଗ ଆଣିବା ପରେ ମୃତ୍ୟୁକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ବିକାଶ ସତୀଶଙ୍କଠାରୁ ନେଇଥିବା ୧୫ କୋଟି ଟଙ୍କା ଫେରସ୍ତ କରିବାକୁ ଚାହୁଁ ନ ଥିଲେ। ସତୀଶ ତାଙ୍କୁ ବାରମ୍ବାର ଟଙ୍କା ମାଗୁଥିବାରୁ ବିକାଶ ହତ୍ୟା ଯୋଜନା କରିଥିବା ତାଙ୍କ ସ୍ତ୍ରୀ ଶନିବାର ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷେ ହୋଲି ଉତ୍ସବରେ ସତୀଶ ସାଙ୍ଗମାନଙ୍କ ସହ ନାଚୁଥିବାର ଏକ ଭିଡିଓ ରବିବାର ବିକାଶ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



କିରଣ ରେଡ୍ଡୀ

## କଂଗ୍ରେସରୁ କିରଣ ରେଡ୍ଡୀଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୨।୩:** ଅବିଭକ୍ତ ଆନ୍ଧ୍ରପ୍ରଦେଶର ଶେଷ ମୁଖ୍ୟମନ୍ତ୍ରୀ ଏନ୍. କିରନ କୁମାର ରେଡ୍ଡୀ ରବିବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଜାତୀୟ ରାଜନୀତିରେ ତାଙ୍କୁ ଉପଯୁକ୍ତ ପଦବୀର ପ୍ରତିଶ୍ରୁତି ମିଳିଲେ ସେ ଭାଜପାରେ ଯୋଗଦେଇପାରନ୍ତି ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ସେ ୨୦୧୦ ନଭେମ୍ବର ୧୧ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ରାଜ୍ୟ ବିଭାଜନ ଲାଗି କଂଗ୍ରେସର ନିଷ୍ପତ୍ତିକୁ ବିରୋଧ କରି ୨୦୧୪ ମାର୍ଚ୍ଚ ୧୦ରେ ସେ ଇସ୍ତଫା ଦେଇଥିଲେ। ପରେ ଆଞ୍ଚଳିକ ଦଳ ଜୟ ସମୈକ୍ୟାନ୍ଧ୍ର ପାର୍ଟି ଗଠନ କରିଥିଲେ। ନିର୍ବାଚନରେ ପରାଜୟ ପରେ ସେ କିଛିଦିନ ନୀରବ ରହି ୨୦୧୮ ଜୁଲାଇ ୧୩ରେ ପୁଣି କଂଗ୍ରେସକୁ ଫେରିଥିଲେ।

## ୨୪ ଘଣ୍ଟାରେ ୫୨୪ କୋଭିଡ୍ ପଜିଟିଭ୍

**ନୂଆଦିଲ୍ଲୀ, ୧୨।୩(ପି.ଟି.)**

**୧୧୩ ଦିନରେ ସର୍ବାଧିକ ଦୈନିକ ସଂକ୍ରମଣ**



ଭାରତରେ ରବିବାର ୫୨୪ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଗତ ୧୧୩ ଦିନ ମଧ୍ୟରେ ଏହା ସର୍ବାଧିକ ଦୈନିକ ସଂକ୍ରମଣ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ନୂଆ ସଂକ୍ରମଣ ସହ ସକ୍ରିୟ ମାମଲା ସଂଖ୍ୟା ୩,୬୧୮ରେ ପହଞ୍ଚିଛି। ଶନିବାର ସକାଳ ସୁଦ୍ଧା ସକ୍ରିୟ ମାମଲା ସଂଖ୍ୟା ୩,୪୦୬ ଥିଲା। କେରଳରେ କୋଭିଡ୍‌ରେ ଜଣକର ମୃତ୍ୟୁ ହେବା ସହ କୋଭିଡ୍‌ଜନିତ ମୋଟ ମୃତ୍ୟୁସଂଖ୍ୟା ୫,୩୦,୭୮୧କୁ ବୃଦ୍ଧି ପାଇଛି। କୋଭିଡ୍-୧୯ ଆରମ୍ଭ ହେବା ଦିନରୁ ବର୍ତ୍ତମାନ ପର୍ଯ୍ୟନ୍ତ ମୋଟ ସଂକ୍ରମିତଙ୍କ ସଂଖ୍ୟା ୪,୪୬,୯୦,୪୯୨ରେ ପହଞ୍ଚିଛି। ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ୯୮.୮୦ ପ୍ରତିଶତ କୋଭିଡ୍ ସଂକ୍ରମିତ ସୁସ୍ଥ ହୋଇଥିବାବେଳେ ମୃତ୍ୟୁହାର ୧.୧୯ ପ୍ରତିଶତ ରହିଛି। ବର୍ତ୍ତମାନ ସୁଦ୍ଧା ୨୨୦.୬୪ କୋଟି ଡୋଜ୍ କୋଭିଡ୍ ଟିକା ଦିଆଗଲାଣି।

## ସଂକ୍ରମଣ ବଢ଼ିବା ପଛରେ ୫ ଭୂତାଣୁ

**ହାଇଦ୍ରାବାଦ, ୧୨।୩:** ଗତ ୫ ମାସ ହେଲା ଥଣ୍ଡା, ଜ୍ୱର, କାଶ ରୋଗ ବଢ଼ିବାରେ ଲାଗିଛି। ଅନ୍ୟୂନ ୫ ଭୂତାଣୁ ଏହି ସଂକ୍ରମଣର କାରଣ ବୋଲି କୁହାଯାଉଛି। ଗତ ସେପ୍ଟେମ୍ବରରେ ଏଭଳି ରୋଗ ବ୍ୟାପୁଥିବାବେଳେ ଅଧିକାଂଶ ଏହାର ପରୀକ୍ଷା କରାଇ ନ ଥିଲେ। ଏହିସବୁ ସଂକ୍ରମଣ ପଛରେ ସ୍ୱାଇନ୍ ଫ୍ଲୁ (ଏଚ୍‌୧ଏନ୍‌୧), ଇନ୍‌ଫ୍ଲୁଏଞ୍ଜା (ଏଚ୍‌୩ଏନ୍‌୨) ସମେତ ୫ ରେସ୍ପିରେଟୋରି ଭାଇରସ୍ ରହିଥିବା ଜଣାପଡ଼ିଛି। ଗତ ଜାନୁୟାରୀରୁ ଏଚ୍‌୩ଏନ୍‌୨ ସଂକ୍ରମଣ ଅଧିକ ବଢ଼ିଛି।

## ବିମାନରେ ଧୂମପାନ: ଏନ୍‌ଆର୍‌ଆଇ ଯାତ୍ରୀଙ୍କ ନାଁରେ ମାମଲା

**ମୁମ୍ବାଇ, ୧୨।୩**




ଲଣ୍ଡନରୁ ମୁମ୍ବାଇ ଆସୁଥିବା ଏୟାର ଇଣ୍ଡିଆ ବିମାନରେ ଧୂମପାନ କରିବା ସହ ଅନ୍ୟ ଯାତ୍ରୀଙ୍କୁ ଖରାପ ବ୍ୟବହାର ଦେଖାଇବା ଅଭିଯୋଗରେ ମୁମ୍ବାଇ ପୋଲିସ ଜଣେ ପ୍ରବାସୀ ଭାରତୀୟ (ଏନ୍‌ଆର୍‌ଆଇ) ଯାତ୍ରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଶନିବାର ଉଡ଼ନ୍ତା ବିମାନରେ ଅସୁବିଧା ସୃଷ୍ଟି କରିବା ଅଭିଯୋଗରେ ମୁମ୍ବାଇ ସହର ଥାନାରେ ୩୭ ବର୍ଷୀୟ ରମାକାନ୍ତଙ୍କ ବିରୋଧରେ ଆଇପିସିର ଧାରା ୩୩୬ ସମେତ ବିମାନ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି। ବିମାନରେ ଧୂମପାନ କରିବା ଲାଗି ଅନୁମତି ନାହିଁ। ଅଭିଯୁକ୍ତ ଯାତ୍ରୀ ବିମାନ ବାଥ୍‌ରୁମ୍‌ରେ ସିଗାରେଟ ଲଗାଇବାରୁ ଆଲାର୍ମ ବାଜିଥିଲା। କ୍ରିଉ ସଦସ୍ୟ ତାଙ୍କ ପାଖକୁ ଯିବାରୁ ସେ ସେମାନଙ୍କୁ ଖରାପ ବ୍ୟବହାର ଦେଖାଇଥିଲେ। ଏଥିସହିତ ଯାତ୍ରୀ ଜଣକ ବିମାନ ଡୋର ଖୋଲିବାକୁ ଉଦ୍ୟମ କରିଥିଲେ ବୋଲି କ୍ରିଉ ସଦସ୍ୟ କହିଛନ୍ତି। ତାଙ୍କର ଏଭଳି କାର୍ଯ୍ୟରେ ବିମାନ ଯାତ୍ରୀମାନେ ଭୟଭୀତ ହୋଇଯାଇଥିଲେ। କର୍ମଚାରୀମାନେ ତାଙ୍କୁ ସିଟ୍‌ରେ ବାନ୍ଧିଦେବା ପରେ ମଧ୍ୟ ସେ ମୁଣ୍ଡ ପିଟିବା ସହ ଚିତ୍କାର କରିଥିଲେ ବୋଲି ଅଭିଯୋଗ ହୋଇଛି।

## ନିର୍ବାଚନ ଫଳାଫଳରେ ଲୋକଙ୍କ ଆସ୍ଥା ରହିଛି

**ବେଙ୍ଗାଲୁରୁ, ୧୨।୩(ପି.ଟି.)**

**ତଥାପି ପ୍ରତି ନିର୍ବାଚନରେ ଅଗ୍ନିପରୀକ୍ଷା ଦେବାକୁ ପଡୁଛି: ସିଇସି**

ପ୍ରତିଷ୍ଠିତ ଗଣତନ୍ତ୍ର ପାଇଁ ଗତ ୭୦ ବର୍ଷ ମଧ୍ୟରେ ଭାରତ ଏହାର ସାମାଜିକ, ରାଜନୈତିକ ଏବଂ ଭାଷାଗତ ପ୍ରସଙ୍ଗକୁ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ କରିପାରିଛି। ନିର୍ବାଚନ ଫଳାଫଳ ଉପରେ ଲୋକଙ୍କ ଆସ୍ଥା ରହିଥିବାରୁ ଏହା ସମ୍ଭବ ହୋଇପାରିଛି। ଏହା ସତ୍ତ୍ୱେ ଏବେ ବି ନିର୍ବାଚନ କମିଶନଙ୍କୁ ପ୍ରତି ନିର୍ବାଚନ ପରେ ଅଗ୍ନିପରୀକ୍ଷା ଦେବାକୁ ପଡୁଥିବା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି। ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ନିର୍ବାଚନ କମିଶନଙ୍କୁ କର୍ଣ୍ଣାଟକବାସୀ ବିଶ୍ୱାସକୁ ନେବେ କି ବୋଲି ପ୍ରଶ୍ନ ହେବାରୁ ସିଇସି ଉପରୋକ୍ତ ମତ ରଖିଛନ୍ତି। ତ୍ରିପୁରା, ନାଗାଲାଣ୍ଡ ଓ ମେଘାଳୟ ନିର୍ବାଚନ ଶେଷ ହେବା ସହ ଇଲେକ୍ସନ କମିଶନ ୪୦୦ତମ ବିଧାନସଭା ନିର୍ବାଚନ ସମ୍ପୂର୍ଣ୍ଣ କରିଛନ୍ତି।



ରାଜୀବ କୁମାର

ଏଥିସହିତ ୧୭ ଥର ଲୋକ ସଭା ଏବଂ ୧୬ ଥର ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ହୋଇଛି। ପ୍ରତି ନିର୍ବାଚନ ପରେ ଫଳାଫଳକୁ ଦେଶବାସୀ ଗ୍ରହଣ କରିଛନ୍ତି ଓ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର ହୋଇଛି। ନିର୍ବାଚନ ପରେ ମଧ୍ୟ କେତେକ ବିକଶିତ ରାଷ୍ଟ୍ରରେ କ୍ଷମତା ହସ୍ତାନ୍ତରକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିବାବେଳେ ଭାରତରେ ସେଭଳି ଅବସ୍ଥା କେବେ ଦେଖାଦେଇ ନାହିଁ। ତେବେ ମିଥ୍ୟା ଅଭିଯୋଗ ଓ ଦୋଷାରୋପ ଏକ ବଡ଼ ଚ୍ୟାଲେଞ୍ଜ ଭାବେ ଦେଖାଦେଇଛି। କର୍ଣ୍ଣାଟକରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିବା ପାଇଁ ନିର୍ବାଚନ କମିଶନ ସେଠାକୁ ଯାଇଥିବାବେଳେ ଶନିବାର ଖବରଦାତା ସମ୍ମିଳନୀରେ ସିଇସି ଉପରୋକ୍ତ ମତ ରଖିଥିଲେ। ମେ' ୨୪ରେ କର୍ଣ୍ଣାଟକ ବିଧାନସଭା କାର୍ଯ୍ୟକାଳ ପୂରଣ ହେଉଥିବାରୁ ଏହା ପୂର୍ବରୁ ନିର୍ବାଚନ ଶେଷ କରାଇବାକୁ ପ୍ରସ୍ତୁତି ଚାଲିଛି।

## ଇଡି-ସିବିଆଇ କାର୍ଯ୍ୟାନୁଷ୍ଠାନକୁ ନେଇ ଗୃହ କମ୍ପିବ

**ନୂଆଦିଲ୍ଲୀ, ୧୨।୩**

**ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ**

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଆର୍ଥିକ ବିଧେୟକଗୁଡ଼ିକୁ ଗୃହୀତ କରାଇବା ଉପରେ ସରକାର ପ୍ରାଥମିକତା ଦେବେ। ଅନ୍ୟପକ୍ଷରେ ଆଦାନି ଗ୍ରୁପ୍ ବିରୋଧରେ ଅଭିଯୋଗ, ବିରୋଧୀ ନେତାଙ୍କ ବିରୋଧରେ ଭାଜପା କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଥିବା ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିବେ ବୋଲି କୁହାଯାଉଛି। ଆଦାନି-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗକୁ ନେଇ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ହଟ୍ଟଗୋଳରେ ଶେଷ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପାର୍ଲାମେଣ୍ଟର ଉଭୟ ଗୃହ ପାଇଁ ରଣନୀତି ପ୍ରସ୍ତୁତି ଲାଗି ସୋମବାର ସକାଳେ ବିରୋଧୀ ଦଳଗୁଡ଼ିକ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅଫିସରେ ବୈଠକରେ ବସିବେ। ଆଦାନି-ହିଣ୍ଡେନ୍‌ବର୍ଗ ପ୍ରସଙ୍ଗରେ କଂଗ୍ରେସ ସରକାରଙ୍କଠାରୁ ଜବାବ ଦାବିରେ ହଟ୍ଟଗୋଳ ଜାରି ରଖିବ ବୋଲି ଏହାର ନେତା କେ. ସୁରେଶ କହିଛନ୍ତି। ଏହି ମାମଲାର ତଦନ୍ତ ଯୁଗ୍ମ ସଂସଦୀୟ କମିଟି (ଜେପିସି) ଦ୍ୱାରା କରାଯାଉ ବୋଲି ମୁଖ୍ୟ ବିରୋଧୀ ଦଳ ଦାବି କରିଆସୁଛି।



କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ସିବିଆଇ ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନିକଟରେ ଅନେକ ବିରୋଧୀ ନେତାଙ୍କ ଘର ଉପରେ ଚଢ଼ାଉ କରିବା ସହ କେତେଜଣଙ୍କୁ ଜେରା କରିଛି। ବିଭିନ୍ନ ମାମଲାରେ କେତେଜଣ ନେତା ଗିରଫ ହୋଇଛନ୍ତି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ବିରୋଧୀ ନେତାମାନଙ୍କୁ ଟାର୍ଗେଟ କରିବା ପାଇଁ କେନ୍ଦ୍ରୀୟ ସଂସ୍ଥାର ଦୁରୁପଯୋଗ କରୁଥିବା ନେଇ ଉଭୟ ଗୃହରେ ଜୋର୍‌ଦାର ସ୍ୱର ଉତ୍ତୋଳନ କରାଯିବ ବୋଲି ବିଭିନ୍ନ ଦଳ ପକ୍ଷରୁ କୁହାଯାଇଛି। ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସୂଚନା ଅନୁଯାୟୀ ସରକାର ଆର୍ଥିକ ବିଲ୍ ଗୃହୀତ କରାଇବା ଉପରେ ସର୍ବାଧିକ ପ୍ରାଥମିକତା ଦେବେ। ଏହା ବ୍ୟତୀତ ରେଲୱେ, ପଞ୍ଚାୟତିରାଜ, ପର୍ଯ୍ୟଟକ, ସଂସ୍କୃତି ଓ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟଗୁଡ଼ିକର ଅନୁଦାନ ଦାବି ଉପରେ ଆଲୋଚନା ହେବ। ପରେ ବିରୋଧୀମାନଙ୍କ ଦାବିକୁ ବିଚାରକୁ ନିଆଯିବ ବୋଲି ମେଘୱାଲ କହିଛନ୍ତି। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଅତିରିକ୍ତ ଅନୁଦାନ ଦାବି ଉପସ୍ଥାପନ କରିବା ସହ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ଲାଗି ବଜେଟ ଉପସ୍ଥାପନ କରିବେ।

# ବିଦ୍ୟୁତ୍ ଆଘାତରେ ଦନ୍ତା ମୃତ

## ଭାଗଚାଷୀ ଗିରଫ

**ଢେଙ୍କାନାଳ ଅଫିସ, ୧୨।୩**

କିଛିଦିନର ବ୍ୟବଧାନ ପରେ ଢେଙ୍କାନାଳକୁ ଫେରିଛି ହାତୀମୃତ୍ୟୁ। ସଦର ରେଞ୍ଜ୍ ଘଟିପିରି ସେକ୍ସନ ଅଧୀନ ଓସ୍ତପାଳ ଗ୍ରାମ ନିକଟ ଏକ ଜମିରୁ ରବିବାର ସକାଳେ ଏକ ଦନ୍ତାହାତୀର ମୃତଦେହ ଠାବ କରାଯାଇଛି। ଜମିକୁ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ହାତୀଟିର ଜୀବନ ଯାଇଥିବା ବନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହି ଘଟଣାରେ ଭାଗଚାଷୀ ବିପିନ ସାହୁଙ୍କୁ ଗିରଫ କରାଯାଇଛି।

ଆନୁମାନିକ ୨୦ ବର୍ଷର ଉକ୍ତ ଦନ୍ତାହାତୀ ଗୋଠ ଛଡ଼ା ହୋଇ ଦୀର୍ଘଦିନ ହେଲା ଏକାକୀ ବିଚରଣ କରୁଥିଲା। ସକାଳେ ଓସ୍ତପାଳ ନିକଟ ରାସ୍ତାପାର୍ଶ୍ୱରେ ପରିବା ଚାଷ କରାଯାଇଥିବା ଏକ ଜମିରେ ହାତୀଟି ମରି ପଡ଼ିଥିବା ସ୍ଥାନୀୟ ବାସିନ୍ଦା ଦେଖିବାକୁ ପାଇଥିଲେ। ସୂଚନା ପାଇ ଅନୁଗୋଳସ୍ଥିତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ


ମୃତ ଦନ୍ତାହାତୀ

(ଆର୍‌ସିସିଏଫ୍) ଏମ୍. ଯୋଗୟାନନ୍ଦ, ଜିଲା ବନଖଣ୍ଡ ଅଧିକାରୀ ସୁମିତ କର, ସଦର ରେଞ୍ଜର ବିଭୁଦାନନ୍ଦ ମିଶ୍ର, ଭୁବନେଶ୍ୱରରୁ ରାଜ୍ୟ ବନ ବିଭାଗର ଯୁଗ୍ମ ଟାକ୍ସଫୋର୍ସ ଅଧିକାରୀ, ସାତକୋଶିଆ, କପିଳାସ ପ୍ରାଣୀ ଉଦ୍ୟାନରେ ବନ୍ୟପ୍ରାଣୀ ବିଶେଷଜ୍ଞ, ସ୍ଥାନୀୟ ପ୍ରାଣୀଧନ ଚିକିତ୍ସକ, ବିଦ୍ୟୁତ୍ ବିଭାଗର ପଦସ୍ଥ ଅଧିକାରୀ ପହଞ୍ଚି ତଦନ୍ତ କରିଥିଲେ। ବ୍ୟବଚ୍ଛେଦ ବେଳେ ହାତୀ ଶୁଣ୍ଢରେ ବିଦ୍ୟୁତ୍ ଆଘାତ ଚିହ୍ନ ଥିବା ସ୍ପଷ୍ଟ ଜଣାପଡ଼ିଥିଲା। ତଦନ୍ତ ବେଳେ ଭାଗଚାଷୀ ବିପିନ ସନ୍ଦେହ ଘେରକୁ ଆସିଥିଲେ। ବିପିନ ବିଲରେ କଖାରୁ ଏବଂ ଭେଣ୍ଡି ଚାଷ କରିଥିଲେ। ଫସଲ ତଦାରଖ କରିବାକୁ ଘରୁ ଜମିକୁ ଅସୁରକ୍ଷିତ ଭାବେ ବିଦ୍ୟୁତ୍ ସଂଯୋଗ ନେଇଥିଲେ। ଏହାର ସଂସ୍ପର୍ଶରେ ଆସି ହାତୀଟିର ମୃତ୍ୟୁ ଘଟିଥିବା ରେଞ୍ଜର ସୂଚନା ଦେଇଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ୨ଟି ଦାନ୍ତଙ୍କୁ ଉଦ୍ଧାର କରାଯାଇଛି। ନମୁନା ସଂଗ୍ରହ କରି ଓଯୁଏଚିକୁ ପଠାଯାଇଥିବା ଜିଲା ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି।

### ନେଇଥିଲା ୮ ଜୀବନ

ସଦର ରେଞ୍ଜ୍‌ରେ ଆତଙ୍କ ସୃଷ୍ଟି କରିଥିଲା ଉକ୍ତ ଗୋଠଛଡ଼ା ଦନ୍ତା। ହାତୀଟି ବ୍ୟାପକ ଫସଲ ନଷ୍ଟ କରିବା ସହ ଘରଦ୍ୱାରା ଭାଙ୍ଗି ପକାଉଥିଲା। ଦଳରୁ ଅଲଗା ହେବା ପରେ ଅତ୍ୟଧିକ ହିଂସ୍ର ହୋଇ ଉଠିଥିଲା। ବିଭିନ୍ନ ସମୟରେ ଉକ୍ତ ହାତୀ ଆକ୍ରମଣରେ ୮ ଜଣଙ୍କ ଜୀବନ ଯାଇଥିବା ଓସ୍ତପାଳ ଗ୍ରାମବାସୀ କହିଛନ୍ତି।

# ହାତୀ ଭୟ: ଖାଲି ହେଉଛି ଗାଁ


ହାତୀ ଭୟରେ ଏକ ପରିବାର ଗାଁ ଛାଡ଼ିବା ପରେ ଘର ଖାଲି ପଡ଼ିଛି।

**ଢେଙ୍କାନାଳ ଅଫିସ, ୧୨।୩**

କି ଦିନ କି ରାତି, ଗାଁ ରାସ୍ତାରେ ପଲପଲ ହୋଇ ବୁଲୁଛନ୍ତି ହାତୀ। କେତେବେଳେ ଘର ଭାଙ୍ଗୁଛନ୍ତି ତ ଆଉ କେବେ ଶୁଣ୍ଢରେ ଟେକି ନେଉଛନ୍ତି ଘରେ ସାଇତି ରଖାଯାଇଥିବା ଧାନ, ଚାଉଳ ବସ୍ତା। ରୋଷେଇ ଘରେ ହାଣ୍ଡିରେ ଥିବା ପଖାଳ ମଧ୍ୟ ସେମାନଙ୍କ ମୁହଁରେ ବାଦ୍ ପଡୁନାହିଁ। ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିବାବେଳେ ଜୀବନ ବଞ୍ଚାଇବାକୁ ଛାତ ଉପରେ ଦିନ କାଟୁଛନ୍ତି ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ବଲାଙ୍ଗିପାଟଣା ଜୁଆଙ୍ଗ ସାହିବାସୀ। କେବଳ ଏତିକି ନୁହେଁ, ଚାଳଘରେ ରହୁଥିବା ବହୁ ପରିବାର ନିକଟରେ ବିକଳ୍ପ ନ ଥିବାରୁ ସେମାନେ ଭିଟାମାଟି ଛାଡ଼ି ନିଜ ସମ୍ପର୍କୀୟଙ୍କ ଘରେ ମୁଣ୍ଡ ଗୁଞ୍ଜିଛନ୍ତି। ଅଞ୍ଚଳବାସୀଙ୍କ କହିବା କଥା, ପ୍ରାୟ ମାସେ ହେଲା ଏକ ପଲରେ ୩୦ ହାତୀ ଜନବସତିରେ ଉପଦ୍ରବ ସୃଷ୍ଟି କରିଚାଲିଛନ୍ତି। ବାଡ଼ିବଗିଚାରେ ପଶି ଫସଲ ଉଜାଡ଼ି ଦେଉଛନ୍ତି। ଭୋର୍ ସମୟ ଏବଂ ସନ୍ଧ୍ୟାରେ ପ୍ରମୁଖ ରାସ୍ତାରେ ଡେରା ପକାଇ ରହୁଥିବାରୁ ଜରୁରୀ କାମରେ ଲୋକେ ବାହାରକୁ ଯାଇପାରୁନାହାନ୍ତି। ଏକପ୍ରକାର ଗୃହବନ୍ଦୀ ଅବସ୍ଥାରେ ଦିନ କାଟିବାକୁ ବାଧ୍ୟ ହେଉଛନ୍ତି। ସେମାନଙ୍କୁ ଘଉଡ଼ାଇବା ଲାଗି ସମସ୍ତ ଉଦ୍ୟମ ଫେଲ୍ ମାରିଲାଣି। ସମ୍ଭାବ୍ୟ ହାତୀମୃତ୍ୟୁ ଆଶଙ୍କା ଏଡ଼ାଇବାକୁ ବିଦ୍ୟୁତ୍ ବିଭାଗ ରାତିରେ ବିଦ୍ୟୁତ୍ ବିଚ୍ଛିନ୍ନ କରିଦେଉଛି। ଅନ୍ଧାରରେ ହାତୀଙ୍କ ଉପରେ ନଜର ରଖିବା ସମ୍ଭବପର ହେଉନାହିଁ। ଗତ ୧୦ ଦିନ ହେଲା ଉକ୍ତ ପଲରେ ଥିବା ହାତୀ ଅଧିକ ହିଂସ୍ର ଆଚରଣ ପ୍ରଦର୍ଶନ କରୁଛନ୍ତି। ତେଣୁ ଘରୁ ଗୋଡ଼କାଢ଼ିଲେ ଜୀବନ ପ୍ରତି ବିପଦ ଆଶଙ୍କା ଦେଖାଦେଇଛି। ଏ ସଂକ୍ରାନ୍ତରେ ବନ ବିଭାଗ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ତେଣୁ ଉପଦ୍ରୁତ ଅଞ୍ଚଳବାସୀ ଜିଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଫେରାଦ ହୋଇଛନ୍ତି। ହାତୀ ଉପଦ୍ରବ ରୋକିବା ଲାଗି ବନ ବିଭାଗ ପଦକ୍ଷେପ ନ ହେଲେ ସେମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଟ୍ରାପ୍ କ୍ୟାମେରା ଲେନ୍ସରେ ବିଲୁପ୍ତ ବନ୍ୟପ୍ରାଣୀ


କ୍ୟାମେରାରେ କଏଦ ହୋଇଥିବା ବନ୍ୟପ୍ରାଣୀ।

**କେନ୍ଦୁଝର, ୧୨।୩(ସ୍ୱ.ପ୍ର)**

କେନ୍ଦୁଝର ବନଖଣ୍ଡ ଅଧୀନ ପାଟଣା ଓ ଘଟଗାଁ ରେଞ୍ଜରେ ଥିବା ଅଟେଇ ଜଙ୍ଗଲ ଏବେ ମଧ୍ୟ ବନ୍ୟପ୍ରାଣୀଙ୍କ ପାଇଁ ସୁରକ୍ଷାସ୍ଥଳୀ ପାଲଟିଛି। ଅଟେଇ ଜଙ୍ଗଲରେ ବାଘ ସହିତ ବିଭିନ୍ନ ବନ୍ୟପ୍ରାଣୀ ଥିବା ବନବିଭାଗ ଟ୍ରାପ୍ କ୍ୟାମେରାରେ ରେକର୍ଡ କରିଛି। ଗଧିଆ, ଗୟଳ ଭଳି ଲୋପ ପାଇ ଯାଉଥିବା ୭ ବନ୍ୟପ୍ରାଣୀ ଜଙ୍ଗଲରେ ଥିବା ଜଣାପଡ଼ିଛି। ସେହିପରି ଭାଲୁ, ବାର୍‌ହା, ହରିଣ, କୁଟୁରା, ଶିଆଳ, ବଜ୍ରକାପ୍ଟା ଆଦି ୨୧ ପ୍ରଜାତିର ବନ୍ୟପ୍ରାଣୀ ଚିହ୍ନଟ ହୋଇଥିବା ଡିଏଫଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି।

### ଅଟେଇ ସଂରକ୍ଷିତ ଜଙ୍ଗଲ

ସୂଚନା ମୁତାବକ, ପ୍ରାୟ ୧୬ ଶହ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଟେଇ ସଂରକ୍ଷିତ ଜଙ୍ଗଲ ଶିମିଳିପାଳ, ହଦଗଡ଼, ସାତକୋଶିଆ, ରେବଣା ଆଦି ଅଭୟାରଣ୍ୟ ଓ ସଂରକ୍ଷିତ ଜଙ୍ଗଲ ପରିବେଷ୍ଟିତ ହୋଇ ରହିଥିବାରୁ ବନ୍ୟପ୍ରାଣୀମାନେ ଅବାଧରେ ଯାତାୟାତ କରିଥାନ୍ତି। ତେବେ ଅନେକ ସମୟରେ ଏହି ଜଙ୍ଗଲ ମଧ୍ୟରେ ଯାଇଥିବା ବ୍ୟସ୍ତବହୁଳ ଜାତୀୟ ରାଜପଥ ୨୦ ଓ ଅନ୍ୟାନ୍ୟ ରାଜପଥ ସେମାନଙ୍କ ଅବାଧ ବିଚରଣରେ ବାଧା ସୃଷ୍ଟି କରିଥାଏ। ପ୍ରଶସ୍ତ ରାସ୍ତା ଓ ଏଥିରେ ଦିନରାତି ଚଳପ୍ରଚଳ କରୁଥିବା ଲୁହାପଥର ବୋଝେଇ ଟ୍ରକ, ବସ୍ ଆଦି ସେମାନଙ୍କ ପାଇଁ ଅନେକ ସମୟରେ ସମସ୍ୟା ସୃଷ୍ଟି କରିଥାଏ। ଅନେକ ସମୟରେ ବନ୍ୟପ୍ରାଣୀ ଦୁର୍ଘଟଣାରେ ମୃତାହତ ହେଉଥିବା ନଜିର ରହିଛି। ଏତେ ବଡ଼ ଅଞ୍ଚଳରେ ନିରୀକ୍ଷଣ କରିବା ସୁବିଧାଜନକ ନୁହେଁ। ଏଣୁ ସଚେତନତା ସୃଷ୍ଟି କରିବା ସହ ଶିକାରୀମାନଙ୍କୁ ଧରିବା ପାଇଁ ଜଙ୍ଗଲ ଆଖପାଖ ଅଞ୍ଚଳରେ ଥିବା ଗ୍ରାମର ଲୋକଙ୍କ ସହାୟତାରେ ଧରପଗଡ କରାଗଲେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ ମତ ପ୍ରକାଶ କରିଛନ୍ତି। ସେହିପରି ଖରା ଦିନରେ ଜଙ୍ଗଲରେ ନିଆଁ ଏହି ପଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରିଥାଏ। ଜଙ୍ଗଲରେ ଖାଦ୍ୟାଭାବ, ଜଳସମସ୍ୟା ଯୋଗୁ ଅନେକ ସମୟରେ ବନ୍ୟପ୍ରାଣୀ ଗାଁମୁହାଁ ହୋଇ ବିପଦରେ ପଡ଼ନ୍ତି। ଏବେ ବାଘ ସୁରକ୍ଷା ପାଇଁ ଲାଗିଥିବା ଟ୍ରାପ୍ କ୍ୟାମେରାରେ ଇଣ୍ଡିଆନ ସିଭେଟ, କମନ ପାଲମ ସିଭେଟ, ରୁଡ଼ି ମଙ୍ଗୁଜ, ଗ୍ରେ ମଙ୍ଗୁଜ, କୋକିଶିଆଳି, ବିଲୁଆ, ଚିତଲ, ବାର୍କିଂ ଡିଅର, ପର୍କୁପାଇନ, ଠେକୁଆ, ବାର୍‌ହା, ରିଶସ ମକକ୍ୱିଇ ଇଣ୍ଡିଆନ ଗୌର, ଇଣ୍ଡିଆନ ଗ୍ରେ ଉଲଫ, ଚଉଶିଙ୍ଗା ସମେତ ବହୁ ବନ୍ୟପ୍ରାଣୀ କ୍ୟାମେରାରେ କଏଦ ହୋଇଥିବା ବନ ବିଭାଗ ସୂଚନା ଦେଇଛି।

### ବିପଦ ସୃଷ୍ଟି କରିବ ଫଟୋ

ଅଟେଇ ସଂରକ୍ଷିତ ଜଙ୍ଗଲରେ ୭ଟି ବିଲୁପ୍ତ ପ୍ରାଣୀଙ୍କୁ ମିଶାଇ ୨୧ ପ୍ରକାରର ପ୍ରାଣୀଙ୍କ ଉପସ୍ଥିତିକୁ ନେଇ ବନ ବିଭାଗ ପକ୍ଷରୁ ଟ୍ରାପ କ୍ୟାମେରାରେ ରେକର୍ଡ କରାଯାଇଛି। ଉକ୍ତ ଫଟୋ ପ୍ରସାରିତ କରିବା ପରେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ବଢ଼ିଛି। ଏହା ଦ୍ୱାରା ଶିକାରୀମାନେ ସଜାଗ ହୋଇ ଉଠିବେ। ଏଣୁ ସେମାନଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ଜରୁରୀ ହୋଇପଡ଼ିଛି ବୋଲି ପରିବେଶବିତ ଡ. ବିମ୍ବାଧର ବେହେରା କହିଛନ୍ତି। ଏଥିସହ ପଣା ସଂକ୍ରାନ୍ତି ଅବସରରେ କେନ୍ଦୁଝର ସମେତ ଅନ୍ୟାନ୍ୟ ଜିଲାରେ ବନବାସୀଙ୍କ ଅଖାଣୀ ପର୍ବ ପାଳନ ହୋଇଥାଏ। ଏହି ସମୟରେ ଦଳ ଦଳ ହୋଇ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଗ୍ରାମବାସୀ ଶିକାର ବା ପାରିଧିରେ ପାହାଡ଼ ଓ ଜଙ୍ଗଲକୁ ଯାଇଥାନ୍ତି। ଯାହା ଶିକାର କରି ଆଣନ୍ତି, ସେସବୁ ଗ୍ରାମରେ ଭୋଜିଭାତ କରି ଖାଇଥାନ୍ତି। ଏଣୁ ଆଗକୁ ଅଖାଣୀ ଆସୁଥିବାରୁ ସେମାନଙ୍କ ପାଇଁ ବିପଦ ସୃଷ୍ଟି କରିପାରେ। ଏହି ବହୁ ପୁରାତନ ପରମ୍ପରାକୁ ରୋକିବା ପାଇଁ ସଚେତନତା ଜରୁରୀ ବୋଲି ପରିବେଶବିତ୍ ହରେକୃଷ୍ଣ ମହାନ୍ତ କହିଛନ୍ତି।




ହିରୋର ବିଶ୍ୱାସ
Hero 100 MILLION | World's No.1 | India's First 5 Year Warranty *Conditions apply. | 7000+ SERVICE CENTRES

Regd. Office: Hero MotoCorp Ltd., The Grand Plaza, Plot No.2, Nelson Mandela Road, Vasant Kunj - Phase -II, New Delhi - 110070, India. CIN: L35911DL1984PLC017354. It is our endeavour to improve our product. This could lead to changes in product specifications without notice. Accessories and features shown may not be a part of the standard fitment. Always wear a helmet while riding a two-wheeler. **As per the cumulative global production volume till 21st January 2021. ***Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). #Price is subject to change without any prior notice. *The offer is valid on select scooter models in select cities only, till stocks last, and is subject to change without any prior notice. T&C apply. For further information, contact nearest Hero MotoCorp authorised outlet (s) or call Toll Free No. 1800-266-0018 or visit website www.heromotocorp.com

Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jagatsinghpur: Trishul Hero, Ph: 9289922675, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Raygada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolangir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736.

# ବିରିକଲାବାସୀଙ୍କୁ ଧୂଳିଧୂଆଁ, ଝାଡ଼ଖଣ୍ଡବାସିନ୍ଦାଙ୍କୁ ଚାକିରି

**ଯୋଡ଼ା,୧୨।୩(ଡି.ଏନ.ଏ)**

ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟ ଲିମିଟେଡ୍ (ଟିଏସ୍ଏଲ୍ପିଏଲ୍)ରେ ଡିପ୍ଲୋମା ଟ୍ରେନି ଇଞ୍ଜିନିୟର ଭାବେ ଯୋଗ ଦେବା ଲାଗି କମ୍ପାନୀ ପକ୍ଷରୁ ଅନ୍‌ଲାଇନ୍‌ରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏବେ କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିରିକଲା ଖଣି ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ବିଲେଇପଦାଠାରେ ଏହାର କାରଖାନା ଥିଲେ ମଧ୍ୟ ବିଜ୍ଞପ୍ତିରେ ପ୍ରକାଶିତ ସୂଚନାକୁ ଦେଖିଲେ ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ଟ୍ରେନିଂ ପାଇଁ ଝାଡ଼ଖଣ୍ଡକୁ ସ୍ଥାନ ଭାବେ ଦର୍ଶାଯିବା ସହ ଡୋମିସାଇଲ ଭାବେ ଝାଡ଼ଖଣ୍ଡବାସିନ୍ଦା ଆବେଦନ କରିପାରିବେ ବୋଲି ଏହି ବିଜ୍ଞପ୍ତିରେ ସ୍ପଷ୍ଟ କରାଯାଇଛି। ତେବେ ତାଲିମ ଶେଷ ହେବା ପରେ ଉତ୍ତୀର୍ଣ୍ଣ ପ୍ରାର୍ଥୀମାନେ ଟିଏସ୍ଏଲ୍ପିଏଲ୍‌ର ଯେକୌଣସି ସ୍ଥାନରେ ନିଯୁକ୍ତି ପାଇବେ ବୋଲି ଏଥିରେ ଉଲ୍ଲେଖ ରହିଥିବାରୁ ବିରିକଲା ଅଧିବାସୀମାନେ କମ୍ପାନୀର ଏଭଳି କାର୍ଯ୍ୟକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଓଡ଼ିଶାରୁ କଞ୍ଚାମାଲ ନେଇ କମ୍ପାନୀର ୮୦ ପ୍ରତିଶତ କାର୍ଯ୍ୟ ଏହିଠାରେ ହେଉଥିବା ବେଳେ ଝାଡ଼ଖଣ୍ଡକୁ ଅଗ୍ରାଧିକାର ଦିଆଯିବା ଯୋଗୁ ଖଣି ପ୍ରଭାବିତ ଅଞ୍ଚଳବାସୀ ଉପେକ୍ଷିତ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।



TATA STEEL LONG PRODUCTS LIMITED

Tata Steel Long Product Limited invites applications from young and energetic candidates for Diploma Engineer Trainee (DET) – 2022 & 2023 Batch

Location – Jharkhand

(ONLINE REGISTRATION OF APPLICATION: FROM 06.03.2023 TO 15.03.2023)
(ONLINE EXAMINATION: TENTATIVELY IN THE MONTH OF MARCH-2023)
From Employees'/Ex-Employees' Wards of Tata Steel Long Products Limited TSLP

Advert. No.: TSLPL/E1.3/HRM/028
Date: 01.03.2023

Aligned to long term growth plan of Tata Steel Long Products, a 0.5 MTPA Combination Mill for production of Special Bar Quality (SBQ) and Wire Rod (WR) is being set up at JEMCO location. This is a world class mill equipped with latest technology in rolling.

Tata Steel Long Products Limited is looking for young and bright diploma holders in Mechanical / Electrical / Metallurgy/ Electronics/ Mechatronics to join as Diploma Engineer Trainees for this new mill. The selected candidates will undergo 12 months training.

On successful completion of training, candidates will be placed at a suitable position with challenging assignments in operation and maintenance of plant and equipment.

Scope: Ward (Son/ Daughter/ Son-in-law (in case of no son)/ Spouse of Employees and Ex-Employees, where Employees are defined as under:
(i) Employees who are on the permanent roll of the company as on the date of this advertisement.
(ii) Ex-employees who were on the permanent roll of Tata Sponge and have been separated (due to Retirement/Premature separation/ Death) as on the date of this advertisement.
(iii) Ex-employees who were on the permanent roll of Gamharia /Mines/Joda Unit as on 9th April 2019 and have been separated (due to Retirement /Premature separation/ Death) as on the date of this advertisement.

Minimum Educational Qualification and trades: 3 Years full time Diploma in Engineering (Mechanical / Electrical / Metallurgy/ Electronics/ Mechatronics). Pass out of 2022 & appearing batch of 2023 will be eligible to apply.
Selected Candidates in final year of their academic session leading to award of Diploma by July 2023 must submit certificate of completion of Diploma by 30th August 2023. Training & subsequent placement opportunities of those selected candidates who fail in their Diploma programme or are unable to produce the pass certificate by 30th August 2023, will be terminated.

Eligibility:

| Candidate Type | 10th/12th (%) | Diploma (%) | Date of Birth |
| --- | --- | --- | --- |
| General Male/OBC | 60% | 60% | Between 01/01/1998 and 01/01/2005 |
| Female/Transgender/PwD SC/ST | 50% | 50% | Between 01/01/1995 and 01/01/2005 |

Minimum Physical Standard:
1. Height: 152 cm. (for girls 142 cm)
2. Expansion of Chest: 5 cm
3. Weight: 45 (for girls 40kg)
4. Eyesight 6/6 both eyes with glasses
5. Power of glasses: ± 4.0 maximum
6. Colour vision: Normal

Domicile: Jharkhand Domicile only

Duration of Training: 12 months

Engagement: The CTC of candidates undergoing training is Rs. 20,810 per month during their training period. Free hostel accommodation with food (at subsidized rates) will be provided to the candidates for the first 3 months during the period of training only.

Placement: On successful completion of training, the selected candidates will be considered for placement in any location of Tata Steel Long Products Ltd. or any of its Group Companies or subsidiary companies.

How to Apply:
1. Link to apply: https://forms.gle/1L9hz5Wtzpw5ktTi7
2. The above links are also available on TSLPL Intranet (https://intranet.tatasteellp.net/) and TSLPL Website (https://www.tatasteellp.com/).
3. Helpdesk - In case of any problem in filling up the form, send their query on careers@tatasteellp.com candidates are advised not to forget to mention 'Recruitment for TSLPL' in the subject line.
4. Pre-requisites for applying online: Candidate should have valid email Id, which should be kept active till the declaration of results. All communication will be made on email registered by the applicants.
5. Before applying for the post, candidate should ensure that they fulfil the eligibility criteria and other conditions mentioned in the advertisement.
6. Check Application form before submission and make corrections, if any. No other means of communication or correspondence will be entertained for correction in the Online Application Form.

Selection and other Guidelines:
1. Applicants meeting the eligibility criteria would be invited for online test.
2. Successful candidates of online test would be further subjected to personal interview and medical fitness.
3. Candidates who are found ineligible as per laid down criteria, at any stage of the selection process will be immediately disqualified from further selection process.
4. The candidature of all candidates will be provisional, and all the required documents will be checked at the time of Personal Interview.
5. All candidates, who qualify in the written test and are permanent employees of any of the Tata Group company will need to bring their NOC at the time of interview, without which they will not be interviewed.
6. The Qualifying Requirements & Age limit shall be reckoned as on 01st Jan '2023.
7. Travelling Expenses / DA shall not be given to candidates called for Personal Interview.
8. TSLP reserves the right to cancel/ modify/ restrict/ enlarge/ alter the recruitment process, if need so arises without issuing any further notice or assigning any reason thereof.
9. TSLP reserves the right to fill up all the vacancies advertised or part or cancel the entire recruitment process at any point of time during the recruitment process.

ଟିଏସ୍ଏଲ୍ପିଏଲ୍ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିର ନକଲ।

ଖଣି ଓ କାରଖାନା ଯୋଗୁ ଓଡ଼ିଶାବାସୀ ଧୂଳିଧୂଆଁ ପାଉଥିବା ବେଳେ ଝାଡ଼ଖଣ୍ଡବାସୀଙ୍କୁ ଚାକିରି ଯଚାଯିବାକୁ ଅନେକେ ବିରୋଧ କରିଛନ୍ତି। କେବଳ ଝାଡ଼ଖଣ୍ଡ ଅଧିବାସୀଙ୍କୁ ସୁଯୋଗ ମିଳିଥିବାରୁ ବିରିକଲା ପଞ୍ଚାୟତ ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆ ଓ ଅଁସେଇକଲା ପୂର୍ବତନ ସରପଞ୍ଚ ଦିଲୀପ ନାଏକ କମ୍ପାନୀ ଅଞ୍ଚଳବାସୀଙ୍କ ପ୍ରତି ପାତରଅନ୍ତର କରୁଥିବା ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ୧ ମାର୍ଚ୍ଚ ୨୦୨୩ରେ ଡିପ୍ଲୋମା ଇଞ୍ଜିନିୟର ଟ୍ରେନିଂ ୨୦୨୨-୨୩ ବ୍ୟାଚ ପାଇଁ ଟିଏସ୍ଏଲ୍ପିଏଲ୍ ଚିଠି ସଂଖ୍ୟା ୧.୩/ଏଚ୍ ଆର୍ ଏମ୍/୦୨୮ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତେବେ ଏଥିପାଇଁ କେବଳ ଝାଡ଼ଖଣ୍ଡବାସୀ ହିଁ ଆବେଦନ କରିପାରିବେ ବୋଲି ଉଲ୍ଲେଖ ରହିଛି। ଅତୀତରେ ଏହି କମ୍ପାନୀ ଟାଟା ସ୍ପଞ୍ଜ ଲିମିଟେଡ୍ ନାମରେ ନାମିତ ଥିଲା। ପରବର୍ତ୍ତୀ ସମୟରେ ଏହାର ନାମ ପରିବର୍ତ୍ତନ କରାଯାଇ ଟାଟା ଷ୍ଟିଲ ଲଙ୍ଗ୍ ପ୍ରଡକ୍ଟ ଲିମିଟେଡ୍ କରାଯାଇଥିଲା। ନୀଳାଚଳ ଇସ୍ପାତ୍ ନିଗମ ଲିମିଟେଡ୍‌କୁ ଟାଟା

## ଟିଏସ୍ଏଲ୍ପିଏଲ୍ ବିଜ୍ଞପ୍ତିରେ ଓଡ଼ିଶାକୁ ଅଣଦେଖା

ସମୂହ କିଣିବା ପରେ ଏହାକୁ ମଧ୍ୟ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ନାମରେ ନାମିତ କରି ଖଣି ଓ କାରଖାନାକୁ ହାତେଇଛି। ଝାଡ଼ଖଣ୍ଡର ଆଦିତ୍ୟପୁରଠାରେ ଗୋଟିଏ କାରଖାନା ଟିଏସ୍ଏଲ୍ପିଏଲ୍ ନାମରେ ଚାଲିଛି। କମ୍ପାନୀ ଓଡ଼ିଶାର ଲୁହାପଥରକୁ ବ୍ୟବହାର କରିବା ସହ ଶିଳ୍ପ କାରଖାନା ଏଠାରେ ଗଢ଼ି ରାଜ୍ୟବାସୀଙ୍କୁ ଅଣଦେଖା କରୁଛି ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ବିଶେଷ ସୂତ୍ରରୁ ଜଣାପଡ଼ିଛି ଯେ, ରାଜ୍ୟର ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୋଲକାତାକୁ ମୁଖ୍ୟ କାର୍ଯ୍ୟାଳୟ ସ୍ଥାନାନ୍ତର ଉଦ୍ୟମକୁ ଓଡ଼ିଶା ଏନ୍ଓସି(ନୋ ଅବଜେକ୍ସନ ସାର୍ଟିଫିକେଟ) ଦେଇ ନ ଥିଲା, ଯାହାଫଳରେ କମ୍ପାନୀର ମୁଖ୍ୟ କାର୍ଯ୍ୟାଳୟ ଓଡ଼ିଶାରେ ହିଁ ରହିଯାଇଥିଲା। ଏହାକୁ ନେଇ କମ୍ପାନୀ ଓଡ଼ିଶାର ଯୁବବର୍ଗଙ୍କୁ ଅଣଦେଖା କରୁଛି ବୋଲି କୁହାଯାଉଛି। ଏହି ବିଜ୍ଞପ୍ତିରେ ଓଡ଼ିଶା କଥା କୁହାଯାଇ ନ ଥିଲେ ମଧ୍ୟ ସ୍ଥାନୀୟ ଆଶାୟୀ ପ୍ରାର୍ଥୀ ନିଶ୍ଚିତ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟିଏସ୍ଏଲ୍ପିଏଲ୍ କମ୍ପାନୀର କର୍ପୋରେଟ କମ୍ୟୁନିକେଶନ ଅଧିକାରୀ ଆର୍. ସୋମନାଥଙ୍କୁ ପଚାରିବାରୁ ସେ ଝାଡ଼ଖଣ୍ଡରେ ଅଛନ୍ତି। ବିଲେଇପଦା ପହଞ୍ଚିଲେ ଏ ବାବଦରେ ପ୍ରତିକ୍ରିୟା ଦେବେ ବୋଲି କହିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଠଖଣ୍ଡି କାଠିକି ଷୋଳଖଣ୍ଡି ଯନ୍ତ୍ରୀ**
**ବୁଝାମଣା ରଜାକୁ ପାଲଚୁଣ୍ଟା ମନ୍ତ୍ରୀ**
**ପାଲଚୁଣ୍ଟା ମନ୍ତ୍ରୀର ବାଆଁ ଆଖି କଣା**
**ଛାଡ଼ି ପଳା ଏ ରାଇଜ, କୋଦିଣ୍ଡା ବୁଝାମଣା।**

ରାଜା ଯେପରି ବିଚାରଶୂନ୍ୟ, ନୀତିନିୟମ ଶୂନ୍ୟ, କିଛି ନ ବୁଝି ମନଇଚ୍ଛା ବିଚାର କରି ନିଷ୍ପତ୍ତି ନିଅନ୍ତି, ତାଙ୍କ ମନ୍ତ୍ରୀ ମଧ୍ୟ ତଦ୍ରୂପ। ସେ ରାଜାଙ୍କୁ ମଧ୍ୟ ଠିକ୍ ବାଟ ବତେଇବାକୁ ଅକ୍ଷମ। ପାଟିରୁ କାଳେ ଭୁଲ୍ କଥା ବାହାରିଯିବ, ରାଜା ଅସୁବିଧାରେ ପଡିଯିବେ, ସେଥିପାଇଁ ମନ୍ତ୍ରୀ ପାଟିରେ ଗୋଟିଏ ପାଲଚୁଣ୍ଟା ମାରିଥା'ନ୍ତି। ଯେଉଁ ଦେଶରେ ନୀତିନିୟମ ନ ଥାଏ ସେ ଦେଶରେ ସୁବିଚାର ମିଳିପାରି ନ ଥାଏ। ଏପରିସ୍ଥଳେ ସେ ଦେଶ ଛାଡ଼ି ଚାଲିଯିବା ଶୁଭଙ୍କର ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଆସିଲି ଏକା ଯିବି ଏକା**
**ସାଙ୍ଗରେ ନ ଯିବେ ପିଲା ପିଚିକା।**

ମଣିଷ ଆସିଥାଏ ଏକା, ଯାଇଥାଏ ଏକା। ସଂସାରରୁ ମରି ହଜି ଗଲେ ସାଙ୍ଗରେ କିଛି ଧନ ସମ୍ପତ୍ତି କି ସାଙ୍ଗସାଥୀ ନେଇ ଯାଇ ପାରି ନ ଥାଏ। କେବଳ ନିଜେ ଅର୍ଜିଥିବା ପୁଣ୍ୟ ଓ ଧର୍ମକୁ ଛାଡ଼ିଦେଲେ ତାଙ୍କୁ ରିକ୍ତ ବା ଶୂନ୍ୟ ହସ୍ତରେ ଯିବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

**ଆଜିର ମନ୍ତବ୍ୟ**

"ମୁଁ ଦେଶର ବିକାଶ ଓ ଗରିବଙ୍କ ମଙ୍ଗଳ ପାଇଁ ଉଦ୍ୟମ କରୁଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ମୋ କବର ଖୋଳିବାରେ ବ୍ୟସ୍ତ। ଲୋକଙ୍କ ଆଶୀର୍ବାଦ ମୋ ପାଇଁ ସବୁଠୁ ବଡ଼ ସୁରକ୍ଷା କବଚ। -ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ପ୍ରଥମ ପୃଷ୍ଠାରୁ...**

## ଦୋଳବିମାନ ଉପରକୁ ...

୨ ଜଣଙ୍କ ମୃତ୍ୟୁ ସହ ଶତାଧିକ ଆହତ ହୋଇଥିଲେ। ଏବେ ପୁଣି ଦୋଳ ମେଳଣ ଉତ୍ସବ ଚାଲିଥିବାବେଳେ ଅଘଟଣ ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ବାଲିଆ ବଣହରା ଗ୍ରାମର ଜୟନ୍ତ କୁମାର ଅଧିକାରୀଙ୍କ ଏହି ବିମାନ ରାତି ପ୍ରାୟ ଗୋଟାଏରେ ଉତ୍ସବ ସରିବା ପରେ ଦୋଳମେଳଣ ସ୍ଥାନରୁ ଫେରୁଥିଲା। ଏହି ସମୟରେ ଏକ ମାଛ ବୋଝେଇ ପିକଅପ୍ ଭ୍ୟାନ୍ (ଓଡି ୦୫ ଏଆର୍ ୯୩୦୯) ପଛପଟୁ ଆସି ଧକ୍କା ଦେଇଥିଲା। ଫଳରେ ଦୋଳବିମାନ ଭାଙ୍ଗିଯିବା ସହ ତାହାକୁ କାନ୍ଧେଇଥିବା ନିକଟସ୍ଥ ବଡ଼ଗାଁର ସୋମନାଥ ସାହୁଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏଥିସହ ଅଧିକାରୀସାହି ମଠମୁଖ୍ୟଙ୍କ ପୁଅ ଅଧିକାରୀ ଦିବ୍ୟଜ୍ୟୋତି ଦାସଙ୍କର କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଛି। ଦିବ୍ୟଜ୍ୟୋତି ମଧ୍ୟ ବିମାନ କାନ୍ଧେଇଥିଲେ। ଗୁରୁତର ୬ ଜଣଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଛାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ସଦର ଥାନାଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ୨ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏଥିସହ ଏକ ଅପମୃତ୍ୟୁ ମାମଲା(ନଂ.୨୩୦/୨୩) ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନାଧିକାରୀ କହିଛନ୍ତି।

## ପିକ୍‌ଅପ୍ ଧକ୍କାରେ ...

ହୋଇଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଓ ମୃତକଙ୍କ ପରିବାର ଲୋକେ କ୍ଷତିପୂରଣ ଦାବିରେ ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଗାଡ଼ି ଅଟକି ରହିଥିଲା। ଖବରପାଇ ଜରପଡା ପୋଲିସ ପହଞ୍ଚି ବୁଝାଶୁଝା ପାଇଁ ଉଦ୍ୟମ କରିଥିଲେ ହେଁ ଉତ୍ତ୍ୟକ୍ତ ଲୋକେ ପୋଲିସକୁ ଠେଲାପେଲା କରିଥିଲେ। ତେବେ ଉତ୍ତେଜନା ପ୍ରଶମିତ ହେବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ୨ଟିକୁ ଜବତ କରି ତଦନ୍ତ ଚଳାଇଛି। ଏ ସଂକ୍ରାନ୍ତରେ ଆଇଆଇସି ସରୋଜ ସାମଲ କହିଛନ୍ତି, ଉତ୍ତେଜନାକୁ ଦୃଷ୍ଟିରେ ରଖି ଅନୁଗୋଳ ଏସ୍‌ଡିପିଓ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହାପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା।

## ବ୍ରିଟେନ୍‌ରେ ବଢୁଛି ...

କରି ବ୍ରିଟେନ୍ ଆସିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ନିକଟରେ ଏକ ଜିବି ନ୍ୟୁଜ୍ ନାମକ ଟିଭି ଚାନେଲ୍ ପକ୍ଷରୁ ଏକ ଟିକ୍‌ଟକ୍ ଭିଡିଓ ଜାରି କରାଯାଇଥିଲା, ଯେଉଁଥିରେ କେତେଜଣ ଶିଖ୍ ସମ୍ପ୍ରଦାୟର ଲୋକ ପ୍ରବାସୀଙ୍କୁ ବୋଟ୍‌ରେ ବସାଇ ନେଉଥିବା ଦେଖିବାକୁ ମିଳିଥିଲା। ଉକ୍ତ ଭିଡିଓକୁ ପରବର୍ତ୍ତୀ ସମୟରେ ଶିଖ୍ ପ୍ରେସ୍ ଆସୋସିଏଶନ୍ ପକ୍ଷରୁ ନିନ୍ଦା କରାଯାଇଥିଲା। ଗତବର୍ଷ ମୋଟ ୪୫,୭୫୫ ଅନୁପ୍ରବେଶକାରୀ ବ୍ରିଟେନ୍ ଆସିଥିଲେ। ବିଶେଷ କରି ଆଲବାନିଆ, ଆଫଗାନିସ୍ତାନ, ଇରାନ୍, ଇରାକ୍ ଏବଂ ସିରିଆର ଅଧିକାଂଶ ନାଗରିକ ବେଆଇନ ଭାବେ ବ୍ରିଟେନ୍‌ରେ ପ୍ରବେଶ କରୁଥିବାବେଳେ ଭାରତ ଏହି ସୂଚୀରେ ୧୦ମ ସ୍ଥାନରେ ରହିଛି। ଏ ସଂକ୍ରାନ୍ତରେ ଗତ ଶୁକ୍ରବାର ପ୍ରଧାନମନ୍ତ୍ରୀ ସୁନକ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକରଁଙ୍କ ସହ ଆଲୋଚନା କରିଛନ୍ତି। ୨୦୨୨ରେ ମୋଟ ୩,୨୪୮ ଜଣ ଭାରତୀୟଙ୍କୁ ବ୍ରିଟେନ୍ ସରକାରଙ୍କ ପକ୍ଷରୁ ଆଶ୍ରୟ ଦିଆଯାଇଛି।

## ସମଲିଙ୍ଗୀ ବିବାହକୁ ...

ବିପରୀତଲିଙ୍ଗୀ ବ୍ୟକ୍ତିଙ୍କୁ ବିବାହ ଅଧିକାର ମିଳିବା ଉପରେ ବିଶ୍ୱାସ କରୁଥିବା ସେମାନେ କହିଛନ୍ତି। କେନ୍ଦ୍ରର ସତ୍ୟପାଠ ଉପରେ ପ୍ରତିକ୍ରିୟା ପ୍ରକାଶ କରି ସମାନ ଅଧିକାର କର୍ମୀ ହରିଶ ଆୟାର କହିଛନ୍ତି, ଭାରତ ସମରୂପତାର ନୁହେଁ ବହୁଳବାଦର ଦେଶ। ବିବିଧତା ମଧ୍ୟରେ ଏକତା ଆମେ ପିଲାଦିନୁ ପଢ଼ିଆସିଛୁ। ଆଇନ ଆଖିରେ ସମସ୍ତେ ସମାନ। ତେବେ କେବଳ ବହୁସଂଖ୍ୟକଙ୍କୁ ବିବାହ ଅଧିକାର ଦିଆଯିବାବେଳେ ସଂଖ୍ୟାଲଘୁ ସମଲିଙ୍ଗୀଙ୍କୁ କାହିଁକି ଦିଆଯିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ସତ୍ୟପାଠରେ ବ୍ୟବହୃତ ଭାଷାକୁ ମଧ୍ୟ ଆୟାର ବିରୋଧ କରିଛନ୍ତି। ସେହିପରି କ୍ୟୁ ନାମରେ ପରିଚିତ ସ୍କଟଲ୍ୟାଣ୍ଡର ସେଣ୍ଟ ଆଣ୍ଡ୍ରୁସ୍ ୟୁନିଭର୍ସିଟିର ପିଏଚ୍‌ଡି ଛାତ୍ର କହିଛନ୍ତି, ବହୁ ଶତାବ୍ଦୀ ହେଲା ଭାରତରେ ଅପ୍ରାକୃତିକ ସମ୍ପର୍କ ଚାଲିଆସିଛି। ପାରମ୍ପରିକ ଭାବେ ବିପରୀତଲିଙ୍ଗୀ ପରିବାର ହେଉଛି ରାଷ୍ଟ୍ରର ଅସ୍ଥିତ୍ୱର ମୂଳଦୁଆ। ଏହା ଆଂଶିକ ଭାବେ ସତ୍ୟ ବୋଲି କ୍ୟୁ କହିଛନ୍ତି। ଭାରତରେ ଏଲ୍‌ଜିବିଟି ପ୍ଲସ୍‌ଙ୍କ ସଂଖ୍ୟା ଅନ୍ୟୁନ ୫ କୋଟି, ଯାହା ଦେଶର ଜନସଂଖ୍ୟାର ୫ ପ୍ରତିଶତରୁ କମ୍। ସେମାନଙ୍କ ମଧ୍ୟରୁ ସମଲିଙ୍ଗୀ ଯୋଡ଼ିଙ୍କ ସଂଖ୍ୟା ଅଳ୍ପ କେତେ ହଜାର ହେବେ। ସେମାନେ ବିବାହ ଅଧିକାର ପାଇଁ ଆଇନଗତ ସଂଘର୍ଷ ଚଳାଇଆସୁଛନ୍ତି। ଏଥିପାଇଁ ସରକାରଙ୍କ ଉପରେ ଚାପ ପକାଇବା ନିମନ୍ତେ ସେମାନଙ୍କ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ବହୁସଂଖ୍ୟାରେ କର୍ମୀ ଏହା ଉପରେ ସଚେତନତା ଅଭିଯାନରେ ସାମିଲ ହେଲେ ଦଫା ୩୭୭ରେ ସଂଶୋଧନ ଭଳି ଏହା ଏକ ଆନ୍ଦୋଳନରେ ପରିଣତ ହୋଇପାରିବ ବୋଲି ପଶ୍ଚିମବଙ୍ଗର କନ୍‌ସଲ୍ଟାଣ୍ଟ ଶୁଭଙ୍କର ଚକ୍ରବର୍ତ୍ତୀ ମତ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ କୌଣସି ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ନିକଟ ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ସାମାନ୍ୟ ଚେଷ୍ଟା ଦ୍ୱାରା ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇବେ। ଫେରନ୍ତା ରାସ୍ତାରେ ମିତ୍ରତା ସ୍ଥାପନ କରିବାର ସୁଯୋଗ ପାଇବେ।

**ବୃଷ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ପ୍ରତିକୂଳ ବାତାବରଣ ସୃଷ୍ଟି ହେବ। ଆଲୋଚନା କ୍ଷେତ୍ରରେ ମନ ଅସ୍ଥିର ରହିବା କାରଣରୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଅନୁଷ୍ଠାନିକ କାମରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ।

**ମିଥୁନ**
କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁସତ୍ୟ କହି ସେମାନଙ୍କ ସହ ତିକ୍ତତା ସୃଷ୍ଟି ହୋଇପାରେ। ଅବଶ୍ୟ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ସଂଗଠନ, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସାମୟିକ ଦୁଶ୍ଚିନ୍ତା କାରଣରୁ ରକ୍ତଚାପ ମଧ୍ୟ ବଢ଼ିପାରେ।

**କର୍କଟ**
ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାମଲାମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ଋଣ ପରିଶୋଧ କରିବାର ରାସ୍ତା ଖୋଜି ନ ପାଇବାରୁ ଅସ୍ଥିରତା ବୃଦ୍ଧିପାଇବ। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। କର୍ମକ୍ଷେତ୍ରରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦ ମନରେ କାମ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ।

**କନ୍ୟା**
ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ସାମାଜିକ ସ୍ତରରେ ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗରେ ଅନୁଧାବନ କରିବେ। ସ୍ଥଗିତ ରହିଯାଇଥିବା କାମ ସକାଶେ ଅନ୍ୟମାନଙ୍କର ସାହାଯ୍ୟ ନେବାପାଇଁ ବାଧ୍ୟ ହେବେ।

**ତୁଳା**
ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ, ଫଳରେ ନିଜର କାମ ସମ୍ପନ୍ନ କରିବାରେ ବ୍ୟସ୍ତତା ବଢିଯାଇପାରେ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା କିମ୍ବା ଆନୁଷ୍ଠାନିକ ଦିଗକୁ ମନ ବଳାଇପାରନ୍ତି।

**ବିଛା**
ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ସକାଶେ ବ୍ୟାକୁଳତା ପ୍ରକାଶ କରିବେ। ପରିବହନ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳ ହେବେ। ଘରୋଇ ବ୍ୟାପାରରେ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ସାଧାରଣ କଥାକୁ ଜଟିଳ ଆକାରରେ ଗ୍ରହଣ କରି ସମସ୍ୟାକୁ ଡାକି ଆଣିପାରନ୍ତି।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାମାନଙ୍କ ସଫଳତାରେ ଆନନ୍ଦ ଅନୁଭବ କରିବେ। ବାଟରେ ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଏଣୁ ଗାଡିକୁ ପରଖି ନେବା ଭଲ ହେବ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ଲାଭକରି କାର୍ଯ୍ୟ ସାଧନ କରିବେ।

**ମକର**
ଶାରୀରିକ ଅସୁସ୍ଥତା ଦୂରେଇବା ହେତୁ ଆଶ୍ୱସ୍ତି ଲାଭ କରିବେ। ଉପରିସ୍ଥ ଅଧିକାରୀ କାମ ହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ।

**କୁମ୍ଭ**
ଆଜି ବନ୍ଧୁରେ କଳହ, ଧନହାନି, ପରିବହନରେ ତର୍କ ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପାରିବାରିକ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡ଼ିପାରେ। କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପୁରାତନ ରୋଗରେ କଷ୍ଟ ପାଇବେ।

**ମୀନ**
କର୍ମ କ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହେବା ଦ୍ୱାରା ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହେବ। ପରିବାର କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ସାମାଜିକ ସ୍ତରରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିକୁ ବିଶ୍ୱାସ କରି ଖାଲରେ ପଡ଼ିପାରନ୍ତି।

ଆଜି ଚୈତ୍ର କୃଷ୍ଣ ଷଷ୍ଠୀ ସୋମବାର, ମାର୍ଚ୍ଚ ୧୩ ତାରିଖ, ରାଜ୍ୟଗୋଷ୍ଠୀ ଦିବସ, ରାଶି ନକ୍ଷତ୍ର ଦିବା ଘ.୦୮/୨୦ ଗତେ, ଅନୁରାଧା/ବିଛା, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ବିବାହ ପାଣିଗ୍ରହଣ, ଗୃହାରମ୍ଭ ଓ ଗୃହପ୍ରବେଶ ପାଇଁ ଶୁଭଦିନ, ସକାଳ ଘ୦୬/୦୦ ଗତେ, ଘ.୦୭/୨୯ ମଧ୍ୟେ, ଘ.୧୦/୪୫ ଗତେ, ଘ ୦୧/୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୭/୨୯ ଗତେ, ଘ.୦୮/୫୮ ମଧ୍ୟେ ରାହୁ କାଳ ।।

# ମନ୍ଦିର ନିର୍ମାଣ ପାଇଁ ଗଜପତିଙ୍କୁ ମହାପ୍ରଭୁଙ୍କ ଆଶୀର୍ବାଦ ମିଳିଥିଲା

**ଡ. ସୁରେନ୍ଦ୍ର କୁମାର ମିଶ୍ର**

## ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଶ୍ରୀମନ୍ଦିରର ଅବଦାନ

ଐତିହ୍ୟର ଓଡ଼ିଶା

ଗଜପତି କାମର ଅଗ୍ରଗତି ଦେଖିବା ପାଇଁ ଆସିବା ପୂର୍ବରୁ ଗୋଲରାଗଡ଼ର ୧୨୬୦ ଜଣ ପାଇକ ସେଠାକୁ ଯାଇ ପଥୁରିଆଙ୍କ ପାଇଁ ଅସ୍ଥାୟୀ ଶିବିର ତିଆରି କରିସାରିଥିଲେ। ରାଜକୋଷରୁ କୌଣସି ପାରିଶ୍ରମିକ ନ ନେଇ ଓଲଟି ପ୍ରଥମେ ୩୮ ଭରଣ ଧାନ ଯୋଗାଇ ଦେଇଥିଲେ। ପ୍ରତିବର୍ଷ ଦୋଳପୂର୍ଣ୍ଣିମା ଜନ୍ତାଳରେ ୨୦ରୁ ୨୫ ଭାର ପରିବା ଗଡ଼ ସାନ୍ତ ଯୋଗାଇ ଦେଉଥିଲେ।

ଆମେ ଗୋଟିଏ ପ୍ରାଚୀନ ଗଡ଼ର ଅବଦାନ ଓ ସହଯୋଗ ବିଷୟରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ପାଉଣା ନ ନେଇ ମନ୍ଦିର ନିର୍ମାଣରେ କିପରି ସାହାଯ୍ୟ କରୁଥିଲେ ଗଡୁଆ ପାଇକ ତଥା ତାଙ୍କ ମୁରବି। ଆମେ କୋଣାର୍କ ଅଞ୍ଚଳର ଗାଁକୁ ଗାଁ ଅନୁସନ୍ଧାନ କରିବା ପରେ ୨୧ଟି ଗାଁ ଓ ଗଡ଼ର ସିଧାସଳଖ ସହଯୋଗ ରହିଥିଲା ମନ୍ଦିର ନିର୍ମାଣ ଦିଗରେ ବୋଲି ତାଲିକା କରିଛୁ। ଏହା ବଢ଼ିପାରେ। ଏମାନେ ପାଉଣା ନେଇନାହାନ୍ତି, ସବୁପ୍ରକାର ସହଯୋଗ କରିଛନ୍ତି। ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳର ରାଜା, ମହାରାଜା, ଦଳବେହେରା, ଗଡ଼ନାୟକ ଓ ସାଧାରଣ ଜନତାଙ୍କର ଅବଦାନ ସ୍ମରଣ କରିବା କଥା। ଆମେ ପୂର୍ବରୁ ସ୍ମରଣ କରି ପ୍ରସଙ୍ଗ ଅନୁଯାୟୀ ଉପସ୍ଥାପନ କରିଅଛୁ। ଆହୁରି ଅନେକ ବାକି ଅଛି। ପୂର୍ବରୁ ସୂଚନା ଦେଇଥିଲୁ କୋଣାର୍କରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସମୟରେ ଶ୍ରୀମନ୍ଦିରର ମଧ୍ୟ ଅବଦାନ ଥିଲା। ଅଖଣ୍ଡ ଓଡ଼ିଶା ଗାଁ ଗହଳିଠାରୁ ଗଡ଼ ପର୍ଯ୍ୟନ୍ତ ସଭିଏଁ ଯେପରି ସହଯୋଗର ହାତ ବଢ଼ାଇଥିଲେ, ଶ୍ରୀମନ୍ଦିର ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ସେହିପରି ବିଭିନ୍ନ ଦିଗରୁ ସହଯୋଗ ଦେଇଥିଲେ।

ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ଆରମ୍ଭ ବେଳେ ଗଜପତି ଲାଙ୍ଗୁଳା ନରସିଂହ ଦେବ ଲଙ୍କାପଡ଼ା ଶିବିରରେ ପହଞ୍ଚିଥିଲେ। ଉପସ୍ଥିତ ଥିଲେ ସାତଶହ ଶିଳ୍ପୀ ଓ ସାତଜଣ ଓଝା (କମାର)। ସେଠାରେ ପହଞ୍ଚିଥିଲେ ଭୁବନମୋହନ ପୁରୋହିତ ଏବଂ ଭୁବନେଶ୍ୱର ରାଜଗୁରୁ। ଗଜପତିଙ୍କ ରାଜଗୁରୁ ଏବଂ ପୁରୋହିତ ମଙ୍ଗଳାର୍ପଣ ବିଧି ଶେଷ କରିବା ପରେ ମହାପ୍ରଭୁଙ୍କ 'ଶ୍ରୀକାପଡ଼ା' ଗଜପତିଙ୍କୁ ପ୍ରସାଦ ରୂପେ ଅର୍ପଣ କରିଥିଲେ। ଶ୍ରୀକାପଡ଼ା ପ୍ରଦାନ ପରମ୍ପରା ସେତେବେଳେ ଥିଲା ଏବଂ ଏହା ମହାପ୍ରଭୁଙ୍କ ଆଜ୍ଞା ବା ଆଦେଶ ରୂପେ ଗ୍ରହଣ କରାଯାଉଥିଲା।



ତତ୍କାଳୀନ ଶ୍ରୀଶଙ୍କରାନନ୍ଦ ମଠର ବର୍ତ୍ତମାନ ଦୃଶ୍ୟ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ଏଥିରୁ ସ୍ପଷ୍ଟ ହୁଏ କୋଣାଦିତ୍ୟରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ପାଇଁ ମହାପ୍ରଭୁଙ୍କ ଆଶୀର୍ବାଦ ସ୍ୱରୂପ ଗଜପତିଙ୍କୁ ଅନୁମତି ମିଳିଥିଲା, ଯାହା ଶ୍ରୀକାପଡ଼ା ପ୍ରଦାନରୁ ସ୍ପଷ୍ଟ ହୁଏ।

ଅନୁସନ୍ଧାନରୁ ଜଣାଯାଏ ଶ୍ରୀପୁରୁଷୋତ୍ତମ କ୍ଷେତ୍ର, ଶ୍ରୀପୁରୁଷୋତ୍ତମ ମନ୍ଦିର ଓ ମନ୍ଦିରର ସେବକ କୋଣାଦିତ୍ୟରେ ମନ୍ଦିର ନିର୍ମାଣ ଆରମ୍ଭରୁ ଅନେକ ଦିଗରୁ ଜଡ଼ିତ ରହିଥିଲେ। ଫଳରେ ଉଭୟ କ୍ଷେତ୍ର ମଧ୍ୟରେ ଶଗଡ଼ରେ ହେଉ କି ହାତୀ, ଘୋଡ଼ାରେ ହେଉ କି ପାଲିଙ୍କିରେ କିମ୍ବା ପାଦରେ ଚାଲି ଚାଲି ଯିବା-ଆସିବା କରିବାକୁ ପଡ଼ିଥିଲା। ସେତେବେଳେ ଆଜି ଭଳି ରାସ୍ତାର ସୁବିଧା ନ ଥିଲା, ନଈନାଳ ଦେଇ ଯିବାକୁ ହେଉଥିଲା। ସବୁଠାରୁ ଅଧିକ ସମସ୍ୟା ଥିଲା ବ୍ୟବହାର ପାଇଁ ଜଙ୍ଗଲ ଓ ବାଲୁକାମୟ ରାସ୍ତାରେ ଜଳର ଆବଶ୍ୟକତା।

ସେଥିପାଇଁ ପୁରୀ-କୋଣାର୍କ ରାସ୍ତାରେ ୮୨ ମାଢ଼ ସୁନା ବ୍ୟୟ କରାଯାଇ ଦୁଇଟି ପୋଖରୀ ଖୋଳାଯାଇଥିଲା। ମନ୍ଦିର ନିର୍ମାଣର ଆବଶ୍ୟକ ଅନୁଯାୟୀ କେତେକ ଦ୍ରବ୍ୟ ପୁରୀକୁ ଆସି ପହଞ୍ଚିଲେ ତାହାକୁ ଶଗଡ଼ ଗାଡ଼ିରେ କୋଣାର୍କକୁ ପଠାଯାଉଥିଲା। ଉଦାହରଣ ସ୍ୱରୂପ ଦକ୍ଷିଣରୁ ଝୁଣା ପହଞ୍ଚିବା ପରେ ୩ଟି ଶଗଡ଼ରେ କୋଣାର୍କକୁ ପଠାଯାଇଥିଲା। ରାସ୍ତାରେ ବଳଦ/ମଇଁଷି ଏବଂ ଶଗଡ଼ିଆଙ୍କ ବ୍ୟବହାର ପାଇଁ ମଧୁର ଜଳର ବ୍ୟବସ୍ଥା କରାଯାଇଥିଲା।

### ମହାପୁରୁଙ୍କ ଆଜ୍ଞାମାଳ:

ଶ୍ରୀମହାଭାସ୍କର ବିଗ୍ରହଙ୍କ ନିର୍ମାଣ ଆରମ୍ଭ ହୋଇଥିଲା ପବିତ୍ର ଅକ୍ଷୟ ତୃତୀୟା ଦିନ। ବିରାଟ ପଥର ଉପରେ ସୂତାରେ ମାପ ଦେଲେ ଶିବେଇ ସାମନ୍ତରା। ମାପ ଅନୁଯାୟୀ ଠିକ୍ ମସ୍ତକ ଉପରେ ଚିହ୍ନ ଦେଲେ ମାନଗୋବିନ୍ଦ ରାଜଗୁରୁ। ଶ୍ରୀମହାଭାସ୍କରଙ୍କ ଧ୍ୟାନମନ୍ତ୍ର ଅନୁଯାୟୀ ଏହି ଚିହ୍ନ ଦିଆଯାଇଥିଲା। ଏ ସମସ୍ତ କାମ ଆରମ୍ଭ ପାଇଁ ମହାପ୍ରଭୁଙ୍କ ଆଜ୍ଞାମାଳ ପୁରୀରୁ ଯାଇ ପ୍ରଦାନ କରାଯାଇଥିଲା। ପ୍ରଦାନ କରିଥିଲେ ମାନଗୋବିନ୍ଦ ରାଜଗୁରୁ। ଆଜ୍ଞାମାଳର ରହସ୍ୟ ହେଉଛି ଶ୍ରୀଜଗତର ନାଥଙ୍କ ସ୍ୱୀକୃତି।

### କୋଣାର୍କରେ ଶ୍ରୀଶଙ୍କରାନନ୍ଦ ମଠ ସ୍ୱାମୀ:

ଶ୍ରୀମହାଭାସ୍କରଙ୍କ ବିଗ୍ରହ ଆରମ୍ଭ ହେବା ପରେ ପରେ ବୃଷ ସଂକ୍ରାନ୍ତି ଯିବା ଦୁଇ ଦିନରେ ପୁରୀରୁ କୋଣାଦିତ୍ୟ ଯାଇଥିଲେ ଶ୍ରୀଶଙ୍କରାନନ୍ଦ ମଠର ସ୍ୱାମୀ। ମଠର ସ୍ୱାମୀ ସେତେବେଳେ ଥିଲେ ଶ୍ରୀପୁରୁଷୋତ୍ତମ ଦେଉଳର ପରିଚ୍ଛା ଦାୟିତ୍ୱରେ। ଗଜପତିଙ୍କ ଆମନ୍ତ୍ରଣ କ୍ରମେ ମଠାଧୀଶ ଶ୍ରୀନରସିଂହ ସରସ୍ୱତୀ କୋଣାର୍କରେ ପହଞ୍ଚିବା ପରେ ରହଣି ବ୍ୟବସ୍ଥା କରାଯାଇଥିଲା। ସାତଜଣ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଆଠଦିନ ପାଇଁ ନିଯୁକ୍ତି କରାଯାଇଥିଲା ସ୍ୱାମୀଙ୍କୁ ସହଯୋଗ କରିବା ଲାଗି। ପ୍ରଥମେ ତାଙ୍କର ପାଦପୂଜା କାର୍ଯ୍ୟ ସମାପନ ପରେ ଶିବେଇ ସାମନ୍ତରା ଗୋଟିଏ ଗଙ୍ଗ ମାଢ଼ ସୁନା ମୋହର ସ୍ୱାମୀଙ୍କୁ ଭେଟିଦେଇଥିଲେ। ଶ୍ରୀନରସିଂହ ସରସ୍ୱତୀ ତାହା ଫେରାଇ ଦେଇଥିଲେ ଶିବେଇ ସାମନ୍ତରାଙ୍କୁ ଉପହାର ସ୍ୱରୂପ। ଶିବେଇ ସାମନ୍ତରାଙ୍କୁ ଉପହାର ଦେବାର ଉଦ୍ଦେଶ୍ୟ ମଧ୍ୟ ଆମକୁ ମିଳେ। ଉଦ୍ଦେଶ୍ୟ ଥିଲା ଶ୍ରୀମଦ୍ ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କର ସିଦ୍ଧଯୋଗ ମୁଦ୍ରାର ଗୋଟିଏ ପ୍ରତିମୂର୍ତ୍ତି ନିର୍ମାଣ ହେବ। ଆଦି ଶଙ୍କରଙ୍କର ବିଗ୍ରହ ଶ୍ରୀପଦ୍ମକେଶର ମନ୍ଦିର ପରିସରରେ ସ୍ଥାପନ ତାଙ୍କ ଉଦ୍ଦେଶ୍ୟ ଥିଲା। ଶିବେଇ ସାମନ୍ତରା ମନ୍ଦିର ନିର୍ମାଣ କାର୍ଯ୍ୟ ତାଙ୍କୁ ଟିକିନିଖି ଦେଖାଇଥିଲେ। ସ୍ୱାମୀଙ୍କ ଉପସ୍ଥିତି କାଳରେ ଶ୍ରୀଶଙ୍କରଙ୍କ ବିଗ୍ରହ ନିର୍ମାଣ ପାଇଁ ପଥର ବଛାଯାଇ ଶିଳ୍ପୀଙ୍କୁ ହସ୍ତାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ଗୋପୀନାଥ ବଡ଼ଜେନା ନିଜେ ୩୦ ମାଢ଼ ସୁନା ପ୍ରଦାନ କରିଥିଲେ ଆଦି ଶଙ୍କରଙ୍କ ବିଗ୍ରହ ଗଢ଼ିବା ପାଇଁ। ଗୋପୀନାଥ ଥିଲେ ଶ୍ରୀଗୋବର୍ଦ୍ଧନ ମଠର ଶିଷ୍ୟ। ଏଥିପାଇଁ 'ପିଠାଖିଆ' ଅର୍ଥାତ୍ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ଶ୍ରୀଶଙ୍କରାନନ୍ଦ ମଠର ପୂର୍ବତନ ସ୍ୱାମୀ ମହାରାଜଙ୍କ ନିକଟରୁ ଉଦ୍ଧାର କରାଯାଇଥିବା କାଗଜାତରେ ମଠାଧୀଶ ତାଲିକାରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଓ ପଦ୍ମପାଦାଚାର୍ଯ୍ୟ ପ୍ରଥମେ ରହିଥିବାବେଳେ ଯାହାଙ୍କ ନାମରେ ମଠ ପ୍ରସିଦ୍ଧ ଶ୍ରୀଶଙ୍କରାନନ୍ଦ, ସେ ଚତୁର୍ଥରେ ଅଛନ୍ତି। ଏହା ଠିକ୍ ଲାଗୁନାହିଁ। ଦଶନାମୀ ସମ୍ପ୍ରଦାୟର ଅନ୍ୟତମ ପୀଠ ହେଉଛି ଶ୍ରୀଶଙ୍କରାନନ୍ଦ ମଠ। ଆଦିଶଙ୍କରଙ୍କ ପରେ ଚତୁର୍ଥରେ ଶଙ୍କରାନନ୍ଦଙ୍କ ନାମ ଥିବାରୁ ଏବଂ ଶ୍ରୀପଦ୍ମପାଦାଚାର୍ଯ୍ୟ ତାଙ୍କରି ସମୟରେ ପୁରୀ ଆସିଥିବାରୁ ୩ଶହ ବର୍ଷରୁ ଅଧିକ ବର୍ଷ ମଧ୍ୟରେ ବାଳବ୍ରହ୍ମାନନ୍ଦସ୍ୱାମୀଙ୍କ ପରେ ଶ୍ରୀଶଙ୍କରାନନ୍ଦ ଉକ୍ତ ମଠର ସ୍ୱାମୀ ହୋଇଥିଲେ, ମାତ୍ର ଦୁଇଜଣ? ଆମେ ୩୦୦ ବର୍ଷରୁ ଅଧିକ ବର୍ଷ କହିବାର କାରଣ ଶ୍ରୀଶଙ୍କରାନନ୍ଦ ୧୨୦୦ ମସିହାର ପ୍ରଥମ କିମ୍ବା ଦ୍ୱିତୀୟ ଶତକରେ ସ୍ୱାମୀ ଥିଲେ ବୋଲି ସମ୍ଭାବନା କରାଯାଉଛି। ଏହା ଅସଙ୍ଗତ ଲାଗୁଛି।

# ପ୍ରଚେଷ୍ଟାରୁ ପ୍ରତିଷ୍ଠିତ ବ୍ୟବସାୟୀ

**ମେଧାବୀ ଛାତ୍ର ଜଣକ ମନରେ ଅନେକ ଆଶା ବାନ୍ଧି କେନ୍ଦୁଝରରୁ ଭୁବନେଶ୍ୱର ଉଚ୍ଚଶିକ୍ଷା ପାଇଁ ଆସି ସଫଳତାର ସହ ଶିକ୍ଷା ଶେଷକରି ନିଯୁକ୍ତି ପାଇଁ ପ୍ରସ୍ତୁତି କରୁଥାନ୍ତି। ହେଲେ ସମୟକ୍ରମେ ପାରିବାରିକ ଘଟଣା ପାଇଁ ସେ ଭୁବନେଶ୍ୱରରୁ କେନ୍ଦୁଝରକୁ ଫେରିଆସନ୍ତି। ଏପରିକି ପାରିବାରିକ ବ୍ୟବସାୟ ସହିତ ବାପାଙ୍କ ସହ ସହଯୋଗୀ ହେବାକୁ ପଡ଼ିଥିଲା। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ବଳରେ ସେ ଅଳ୍ପ ଦିନରେ ଅନେକ କିଛି ସଫଳତା ହାସଲ କରିଛନ୍ତି। ପରବର୍ତ୍ତୀ ସମୟରେ ସେ ଖଣି ବ୍ୟବସାୟରେ ପ୍ରବେଶକରି ଆଶାନୁରୂପ ସଫଳତା ମଧ୍ୟ ପାଇଛନ୍ତି। ସେହି ସଫଳ ଖଣି ବ୍ୟବସାୟୀ ତଥା ମେସର୍ସ ଟି.ପି. ମହାନ୍ତି ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରସାଦ ମହାନ୍ତିଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

ଧରିତ୍ରୀ | OrissaPOST
BUSINESS EMINENCE AWARDS


ତାରିଣୀ ପ୍ରସାଦ ମହାନ୍ତି

**ପ୍ର-୧: ଖଣି ବ୍ୟବସାୟର ଯାତ୍ରା କିଭଳି ରହିଛି?**

ଉ- ୮୦ଦଶକରେ ପରିସ୍ଥିତିରେ ପଡ଼ି ମୋତେ ଭୁବନେଶ୍ୱରରୁ କେନ୍ଦୁଝର ଫେରିବାକୁ ପଡ଼ିଥିଲା। ଏପରିକି ବହୁ ଘାତ ପ୍ରତିଘାତ ମଧ୍ୟରେ ପରିବାର ଓ ପାରିବାରିକ ବ୍ୟବସାୟରେ ଜଡ଼ିତ ହେବା ସାଙ୍ଗକୁ ଅନ୍ୟ ବ୍ୟବସାୟରେ ମଧ୍ୟ ଜଡ଼ିତ ହୋଇ ରହିଲି। ବିଶେଷକରି କେନ୍ଦୁଝର ଏକ ଖଣିଭିତ୍ତିକ ଜିଲା ହୋଇଥିବାରୁ ୯୦ ଦଶକରେ ମୁଁ ଖଣି ବ୍ୟବସାୟରେ ପ୍ରବେଶ କରିବାକୁ ଆବଶ୍ୟକ ପ୍ରୟାସ ଓ ପ୍ରଚେଷ୍ଟା ଆରମ୍ଭ କରିଥିଲି। ଦୀର୍ଘ ୧୮ ବର୍ଷର କସରତ ଓ ନୀତିନିୟମ ଏବଂ ପ୍ରଣାଳୀ ମଧ୍ୟରେ ଅହରହ ଚେଷ୍ଟା ପରେ ୨୦୦୯ରେ ଆନୁଷ୍ଠାନିକ ଭାବେ ଖଣି ବ୍ୟବସାୟରେ ପ୍ରବେଶ କରିଥିଲି। ପରବର୍ତ୍ତୀ ସମୟରେ ଆବଶ୍ୟକ ସରକାରୀ କାଗଜପତ୍ର ଓ ପ୍ରତିକୂଳ ପରିସ୍ଥିତିରେ ବ୍ୟବସାୟ ଜାରି ରହିଛି। ବହୁ ଘାତ ପ୍ରତିଘାତ ଓ ଆଇନକାନୁନ ସହ ବୃହତ୍ ଖଣି କମ୍ପାନୀ ତଥା ଲିଜ୍‌ଧାରୀଙ୍କ ମଧ୍ୟରେ ବ୍ୟବସାୟ ଅଗ୍ରସର ହୋଇଚାଲିଛି।

**ପ୍ର-୨: ୨୦୦୦ମସିହା ପୂର୍ବ ଏବଂ ପରବର୍ତ୍ତୀ ଖଣି ଆବଣ୍ଟନକୁ କିଭଳି ଦେଖୁଛନ୍ତି?**

ଉ- ୨୦୦୦ ମସିହାର ପୂର୍ବ ୨୦ବର୍ଷ (୧୯୮୦) ଏବଂ ପରବର୍ତ୍ତୀ ୨୦ବର୍ଷ (୨୦୨୦) ମଧ୍ୟରେ ଅନେକ ଫରକ ଏବଂ ପରିବର୍ତ୍ତନ ଆସିଛି। ବିଶେଷକରି ବର୍ତ୍ତମାନ ସମୟରେ ଖଣି ଲିଜ୍‌ଧାରୀମାନେ ବୃହତ୍ ବିଡର ହୋଇଥିବା ବେଳେ ସ୍ଥାନୀୟ ଏବଂ ମଧ୍ୟମ ବର୍ଗର ବିଡରମାନେ ଅନେକାଂଶରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ୮୦ ଓ ୯୦ଦଶକରେ ସରକାର ସ୍ଥାନୀୟ ଖବରକାଗଜ ମାଧ୍ୟମରେ ସମ୍ପୃକ୍ତ ଖଣିର ବିବରଣୀ ସହ ନିଲାମୀ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରୁଥିବା ବେଳେ ବର୍ତ୍ତମାନ ଅନେକ ସରକାରୀ ନୀତିନିୟମ ଏବଂ ଅନ୍‌ଲାଇନ ଜରିଆରେ ଖଣି ନିଲାମ କରାଯାଉଛି। ସେହିଭଳି ସେ ସମୟରେ ବିଡରମାନେ ଆଶାପୋଷଣ କରୁଥିବା ବେଳେ ବର୍ତ୍ତମାନ ଭାଗ୍ୟରେ ଥିଲେ ମିଳିବ ବୋଲି ଆକଳନ କରାଯାଉଛି।

**ପ୍ର-୩: ଡିଏମ୍‌ଏଫ୍ ବିଷୟରେ କ'ଣ କହିବେ?**

ଉ- ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ସମ୍ପୃକ୍ତ ଜିଲାର ଅତ୍ୟାବଶ୍ୟକ ବିକାଶ କାର୍ଯ୍ୟରେ ବିନିଯୋଗ ପାଇଁ ଉଭୟ ସରକାର ଓ ଜିଲା ପ୍ରଶାସନ ଜରିଆରେ କାର୍ଯ୍ୟକାରୀ କରାଯାଇଥାଏ। ହେଲେ ବର୍ତ୍ତମାନ ସମୟରେ ଉକ୍ତ ପାଣ୍ଠି ଅବାଟରେ ବିନିଯୋଗ ହେଉଛି। ସରକାର ଉକ୍ତ ପାଣ୍ଠିକୁ ସମ୍ପୃକ୍ତ ଜିଲାର ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ଗମନାଗମନ (ରାସ୍ତା) ଦିଗରେ ଠିକ୍ ଭାବେ ବିନିଯୋଗ କରିପାରିଲେ ସବୁ ବର୍ଗଙ୍କର ବିକାଶ ଓ ଉନ୍ନତି ହୋଇପାରିବ। ସରକାର ଉକ୍ତ ପାଣ୍ଠି ସୁବିନିଯୋଗ କଲେ ଉଭୟ ଖଣି ଅଞ୍ଚଳର ଅଧିବାସୀ ଓ ଜିଲାର ବିକାଶ ଏବଂ ଅଭିବୃଦ୍ଧି ଘଟିପାରିବ ବୋଲି ଆଶା କରାଯାଉଛି।

**ପ୍ର-୪: ଖଣି ବ୍ୟବସାୟରେ ସ୍ୱଚ୍ଛତା କିଭଳି ଆସିପାରିବ ?**

ଉ- ପ୍ରତି ବ୍ୟବସାୟରେ ବ୍ୟବସାୟୀଙ୍କ ଆଭିମୁଖ୍ୟ ଓ ସଚ୍ଚୋଟତା ଉପରେ ଉକ୍ତ ବ୍ୟବସାୟର କାର୍ଯ୍ୟଧାରା ଓ ଶୈଳୀ ନିର୍ଭର କରିଥାଏ। ପୂର୍ବର ଖଣି ବ୍ୟବସାୟ ସମ୍ପର୍କରେ ବିଶେଷ ଅବଗତ ନୁହେଁ। କିନ୍ତୁ ୨୦୦୦ ପରଠାରୁ ଖଣି ବ୍ୟବସାୟରେ ଅନେକ ପରିବର୍ତ୍ତନ ସହ ସ୍ୱଚ୍ଛତା ରହିଛି। ଏପରିକି ଧୀରେ ଧୀରେ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସାଙ୍ଗକୁ ନିୟମ ମଧ୍ୟ କଡ଼ାକଡ଼ି ହୋଇଯାଇଛି। ବର୍ତ୍ତମାନ ଖଣି ବ୍ୟବସାୟରେ ବ୍ୟାପକ ସ୍ୱଚ୍ଛତା ଆସିଛି। ଆଗକୁ ମଧ୍ୟ ଆହୁରି ସ୍ୱଚ୍ଛତା ରହିବ ବୋଲି ଆଶା କରାଯାଉଛି।

**ପ୍ର-୫: ନୂତନ ଖଣି ବ୍ୟବସାୟୀ ବା ଯୁବ ଉଦ୍ୟୋଗୀଙ୍କୁ କ'ଣ କହିବେ?**

ଉ- ବ୍ୟବସାୟ ପ୍ରତି ଯୁବବର୍ଗ ଆଗ୍ରହ ଦେଖାଇବା ଭଲ କଥା, ହେଲେ ଆଗ୍ରହକୁ ଉଚିତ ମାର୍ଗରେ ଆଗେଇନେଇ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ହେବ। ବିଶେଷକରି ଖଣି ବ୍ୟବସାୟରେ ପରିବେଶ ଓ ପରିସ୍ଥିତିକୁ ଆଖି ଆଗରେ ରଖି ବ୍ୟବସାୟ କରିବାକୁ ହେବ।

**ପ୍ର- ୬: ଅବସର ସମୟରେ କ'ଣ କରିବାକୁ ଭଲ ପାଆନ୍ତି ?**

ଉ- ଅବସର ସମୟରେ ପରିବାର ଓ ପରିଜନଙ୍କ ସହିତ ସମୟ ବିତାଇବା ସହ ବିଦେଶ ଭ୍ରମଣ ଓ ସ୍ୱଦେଶୀ ପର୍ଯ୍ୟଟନସ୍ଥଳ ବୁଲିବାକୁ ଭଲଲାଗେ। ଏପରିକି ବ୍ୟବସାୟରେ ଜଡ଼ିତ ଥିବାରୁ ବିଭିନ୍ନ ଦିଗ ଓ ସରକାରୀ ନୀତିନିୟମ ସମ୍ପର୍କରେ ଅବଗତ ହେବା ସହ ବ୍ୟବସାୟିକ କାର୍ଯ୍ୟକଳାପ ଉପରେ ଚର୍ଚ୍ଚା, ଆଲୋଚନା କରିବାକୁ ଭଲଲାଗେ।


ନିଆଁ ଲାଗି ପୋଡ଼ିଯାଇଥିବା ଘର

# ୨୮ ବଖରା ଜଳିଗଲା

**ସୋରଡା, ୧୨।୩ (ଡି.ଏନ୍.ଏ.)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ନୂଆଗଡ଼ ପଞ୍ଚାୟତ ବ୍ରାହ୍ମଣଦେଇ ଗ୍ରାମରେ ରବିବାର ମଧ୍ୟାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୪ ପରିବାରର ୨୮ ବଖରା ପୋଡି ପାଉଁଶ ହୋଇଯାଇଛି। କ୍ଷତିଗ୍ରସ୍ତ ପରିବାର ହେଲେ ଅପୂର୍ବ ସେଠୀ, କାଶୀନାଥ ସେଠୀ, ଜୟସେନ ଜେନା, ମିଟୁ ବିଶୋୟୀ, ଘନଶ୍ୟାମ ବିଶୋୟୀ, ରଞ୍ଜିତା ସ୍ୱାଇଁ, କାଳୁଚରଣ ସ୍ୱାଇଁ, ଅପୂର୍ବ ସ୍ୱାଇଁ, ସୁଶୀଳା ସେଠୀ, ରାଜା ବିଶୋଇ, ଶ୍ରୀନିବାସ ବିଶୋୟୀ, ବାଇଝଲି ବିଶୋୟୀ, ସାହେବ ଜେନା, ଚନ୍ଦ୍ରମା ସ୍ୱାଇଁ ପ୍ରମୁଖ। ପ୍ରତ୍ୟେକ ପରିବାରର ସମସ୍ତ ଆସବାବପତ୍ର ସହ ବିଭିନ୍ନ ସାମଗ୍ରୀ ଜଳି ପୋଡ଼ି ଧ୍ୱଂସ ହୋଇଯାଇଛି। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ରାଜସ୍ୱ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇଥିବା ଜଣାପଡିଛି। ତେବେ ନିଆଁ କିପରି ଲାଗିଲା ସ୍ପଷ୍ଟ ହୋଇନାହିଁ।

# ୧୫ରୁ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

## ସରକାରଙ୍କ ବିରୋଧରେ ନିର୍ବାଚନ ଲଢ଼ିବାକୁ ଚେତାବନୀ

**ଭୁବନେଶ୍ୱର,୧୨।୩(ବ୍ୟୁରୋ):** ୧୦ ଦଫା ଦାବି ନେଇ ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ଆସନ୍ତା ୧୫ ତାରିଖରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ। ଏଥିରେ ମହାସଂଘର ୫ ଲକ୍ଷ ଡ୍ରାଇଭର ସାମିଲ ହେବେ। ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ରାଜ୍ୟବ୍ୟାପୀ ଡ୍ରାଇଭରଙ୍କ ଧର୍ମଘଟ ଓ ଅଖଚକ ବନ୍ଦ ଡାକରାକୁ ଶାନ୍ତି ପୂର୍ଣ୍ଣ ଭାବେ କରିବାକୁ ମହାସଂଘ ଆହ୍ୱାନ ଦେଇଛି। ତେବେ ଜରୁରୀକାଳୀନ ସେବା, ଆମ୍ବୁଲାନ୍ସ ସେବା, ଅଗ୍ନିଶମ ସେବା ଓ ପ୍ରଶାସନିକ ଗମନା ଗମନ ଅବ୍ୟାହତ ରହିବ ବୋଲି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତୃଣମୂଳ ସ୍ତରରେ ପ୍ରତ୍ୟେକ ଡ୍ରାଇଭର ଏଥିରେ ସାମିଲ ହୋଇ ଆନ୍ଦୋଳନକୁ ସଫଳ କରିବା ପାଇଁ ମହାସଂଘ ଡାକରା ଦେବା ସହ ଜନସାଧାରଣଙ୍କ ସହଯୋଗ ଲୋଡ଼ିଛି। ଏହି ଆନ୍ଦୋଳନ ପରେ ସରକାର ଯଦି ଦାବି ନ ଶୁଣିବେ, ତେବେ ଆଗାମୀ ନିର୍ବାଚନରେ ସବୁ ସ୍ଥାନରେ ଡ୍ରାଇଭରମାନେ ନାମାଙ୍କନ ପତ୍ର ଦାଖଲ କରି ସରକାରଙ୍କ ବିରୋଧରେ ନିର୍ବାଚନ ଲଢ଼ିବେ।

**ଅଧିକୃତ ଗୋଷ୍ଠୀ ଅଞ୍ଚଳର କାରିଗରମାନଙ୍କ ପାଇଁ ଅଞ୍ଚଳସ୍ତରୀୟ ପ୍ରଦର୍ଶନୀ ଓ ବିକ୍ରି ଅଭିଯାନ**
(ଟେରାକୋଟା ଓ ପଟ୍ଟଚିତ୍ର ହସ୍ତଶିଳ୍ପ କାରିଗରମାନଙ୍କ ପାଇଁ)
**ଆମ୍ବେଦକର ହସ୍ତଶିଳ୍ପ ବିକାଶ ଅଭିଯାନ**
ସ୍ଥାନ: ପିଏଚ୍‌ଡି ପଡିଆ, ସମ୍ବଲପୁର
ତା ୦୫.୦୩.୨୦୨୩ ରିଖ ଠାରୁ
ତା ୧୪.୦୩.୨୦୨୩ ରିଖ ପର୍ଯ୍ୟନ୍ତ ୧୦ ଦିନ ପାଇଁ
ଆୟୋଜକ : ସ୍ୱପ୍ନା, ସମ୍ବଲପୁର
ପ୍ରାୟୋଜକ : ବିକାଶ ଆୟୁକ୍ତ, ହସ୍ତଶିଳ୍ପ ନିର୍ଦ୍ଦେଶାଳୟ, ବୟନଶିଳ୍ପ ମନ୍ତ୍ରଣାଳୟ, ଭାରତ ସରକାର, ନୂଆଦିଲ୍ଲୀ
ମାଟିରେ ହାତତିଆରି ବିଭିନ୍ନ ସାମଗ୍ରୀ ଓ ମହିଳା ଗୋଷ୍ଠୀମାନଙ୍କ ଦ୍ୱାରା ହାତତିଆରି ପଟ୍ଟଚିତ୍ରର ଅପୂର୍ବ ସମାହାର

# ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା


ଜ୍ୟୋତିର୍ମୟୀ ମହାନ୍ତି

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରସାୟନ ବିଜ୍ଞାନ ବା କେମିକାଲ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତି ଇଣ୍ଟରନ୍ୟାଶନାଲ ୟୁନିୟନ ଅଫ୍ ପିୟୋର ଆଣ୍ଡ୍ ଆପ୍ଲାଏଡ୍ କେମିଷ୍ଟ୍ରି (ଆଇୟୁପିଏସି) ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ମୁମ୍ବାଇ ଭାବା ଅଟୋମିକ୍ ରିସର୍ଚ୍ଚ ସେଣ୍ଟରରେ ବର୍ତ୍ତମାନ ବୈଜ୍ଞାନିକ ଥିବା ଜ୍ୟୋତିର୍ମୟୀ ଭାରତର ପ୍ରଥମ ମହିଳା ଭାବେ ଏହି ପୁରସ୍କାର ପାଇବେ। ଏହି ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଜ୍ୟୋତିର୍ମୟୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ଦେଶର ପ୍ରଥମ ମହିଳା ଭାବେ ସମ୍ମାନଜନକ ଆଇୟୁପିଏସି ୨୦୨୩ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବା ଓଡ଼ିଆ ବୈଜ୍ଞାନିକ ଜ୍ୟୋତିର୍ମୟୀ ମହାନ୍ତିଙ୍କୁ ଶୁଭେଚ୍ଛା ଜଣାଉଛି। ରସାୟନ ବିଜ୍ଞାନ କ୍ଷେତ୍ରରେ ସେ ଅର୍ଜନ କରିଥିବା କୃତିତ୍ୱ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଆଗାମୀ ଦିନରେ ତାଙ୍କର ଆହୁରି ସଫଳତା କାମନା କରୁଛି ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

# ୧୫ରୁ କାଳବୈଶାଖୀ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟରେ ପଶ୍ଚିମା ଝଡ଼ ପ୍ରଭାବରେ ଗତ କିଛିଦିନ ହେବ ତାପମାତ୍ରା ହ୍ରାସ ପାଇଥିଲା। ହେଲେ ରବିବାରଠାରୁ ପୁଣି ତାପମାତ୍ରା ବଢ଼ିଛି। ବୌଦ୍ଧ ଓ ମାଲକାନଗିରିରେ ସର୍ବାଧିକ ୩୮ ଡିଗ୍ରୀ ତାପମାତ୍ରା ରହିଥିଲା। ସେହିପରି ସୋନପୁରରେ ୩୭.୯ ଡିଗ୍ରୀ ଛୁଇଁଥିବାବେଳେ ଅନୁଗୋଳ ୩୭.୭, ଭୁବନେଶ୍ୱର ୩୭.୬, ଝାରସୁଗୁଡ଼ା ୩୭.୪, ସମ୍ବଲପୁର ୩୭.୫, କଟକ, ବଲାଙ୍ଗୀର, ଟିଟିଲାଗଡ଼ ଓ ନୟାଗଡ଼ରେ ୩୭ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ଦିନ ତାପମାତ୍ରା ଏହିଭଳି ରହିବ। କିନ୍ତୁ ଆଉଏକ ପଶ୍ଚିମା ଝଡ଼ ଆସୁଥିବାରୁ ଏହା ପ୍ରଭାବରେ ଆସନ୍ତା ୧୫ ତାରିଖରୁ ପୁଣି ବର୍ଷା ହେବାର ଆଶଙ୍କା ରହିଛି। ୧୫ ଓ ୧୬ ତାରିଖରେ ରାଜ୍ୟର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବ। ଏପରିକି କିଛି ସ୍ଥାନରେ କାଳବୈଶାଖୀ ହେବାର ମଧ୍ୟ ସମ୍ଭାବନା ରହିଛି। ୧୬ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଖୋର୍ଦ୍ଧା, କଟକ, ଯାଜପୁର ଓ ଢେଙ୍କାନାଳ ଆଦି ୧୦ଟି ଜିଲାରେ ଝଡ଼ତୋଫାନ, ଘଡ଼ଘଡ଼ି ସହ ବର୍ଷା ହେବ। ସେଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହା ଛଡ଼ା ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, ଅନୁଗୋଳ, ବୌଦ୍ଧ, କନ୍ଧମାଳ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରିର କିଛି ସ୍ଥାନରେ ସ୍ୱଳ୍ପ ଧରଣର ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ପାରାସେଲିଂ କରି ପ୍ରେରଣା ସାଜିଲେ ଦୃଷ୍ଟିବାଧିତ ବାପିନା



## ୩୩୦ ଫୁଟ ଉଚ୍ଚରେ ଉଡ଼ିଲେ

**କୋଣାର୍କ,୧୨।୩ (ଡି.ଏନ୍.ଏ.):** ଦୃଷ୍ଟିବାଧିତ ବ୍ୟକ୍ତି ଦୁନିଆର ଆଲୋକ ଦେଖିପାରେ ନାହିଁ ସତ, କିନ୍ତୁ ସେ ସାରା ଦୁନିଆକୁ ଆଲୋକ ଦେଖାଇପାରିଥାଏ। ସେମାନଙ୍କ ପାଖରେ ଥିବା ସୁପରପାୱାରକୁ ନେଇ ସେମାନେ ଅସମ୍ଭବକୁ ସମ୍ଭବରେ ପରିଣତ କରିପାରନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ବି ରହିଛି, ଯାହାକୁ ପ୍ରମାଣ କରି ଦେଖାଇଛନ୍ତି ନୟାଗଡ଼ ଜିଲା ଶରଣକୁଳ ଭିକାରିପଡ଼ା ଗ୍ରାମର ଦୃଷ୍ଟିବାଧିତ ବାପିନା ନାୟକ। ସମୁଦ୍ର ପତନଠାରୁ ୩୩୦ ଫୁଟ ଉଚ୍ଚରେ ଏକାକୀ ଆକାଶରେ ଉଡ଼ି ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଶତପ୍ରତିଶତ ଦୃଷ୍ଟିବାଧିତ ବାପିନା ଅନେକ ଦିନରୁ ଆକାଶରେ ଉଡ଼ିବା ପାଇଁ ସ୍ୱପ୍ନ ଦେଖିଥିଲେ। ରବିବାର କୋଚ୍ ତ୍ରିଲୋଚନ ବେଉରା ଏବଂ ଶୁଭେଚ୍ଛୁଙ୍କ ଉପସ୍ଥିତିରେ କୋଣାର୍କସ୍ଥିତ ଇକୋ ରିଟ୍ରିଟ୍‌ର ବେଳାଭୂମିରେ ପାରାସେଲିଂ ଦ୍ୱାରା ବାପିନା ଆକାଶକୁ ଲଘିପାରିଥିଲେ। ଏଭଳି ଦୁଃସାହସିକ କ୍ରୀଡ଼ା ପ୍ରଦର୍ଶନ କରିବାରେ ସେ ହେଉଛନ୍ତି ରାଜ୍ୟର ପ୍ରଥମ ଦୃଷ୍ଟିବାଧିତ। କିଛିମାସ ପୂର୍ବେ ସେ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ନିକଟରେ ଥିବା ୧୧୦୦ ଫୁଟ ଉଚ୍ଚତା ବିଶିଷ୍ଟ ପାହାଡ଼କୁ ସଫଳତାର ସହ ଚଢ଼ି ଜାତୀୟ ପତାକା ଉଡ଼ାଇବା ପାଇଁ ସକ୍ଷମ ହୋଇଥିଲେ। ଏବେ ପାରାସେଲିଂ କରି ଦିବ୍ୟାଙ୍ଗମାନଙ୍କ ପାଇଁ ସେ ପ୍ରେରଣା ପାଲଟିଛନ୍ତି। ଏନେଇ ବାପିନା କହିଛନ୍ତି, ଜୀବନରେ କେବେ ବି ଆଶା ଛାଡ଼ିବା କଥା ନୁହେଁ। ଯେଉଁ କାମ କରୁଛନ୍ତି ସେଥିପାଇଁ ଧୈର୍ଯ୍ୟ ଓ ସାହସ ଦରକାର। ଦିବ୍ୟାଙ୍ଗ ହେଲେ ବି ଆମେ କୌଣସି ଗୁଣରେ କମ୍ ନୋହୁଁ। କେବଳ ସହଯୋଗ ମିଳିବା ଆବଶ୍ୟକ। ବାପିନାଙ୍କୁ ଏ କ୍ଷେତ୍ରରେ ତାଙ୍କର କୋଚ୍, ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦ୍ରଶେଖର ପାଲ୍, ପ୍ରିୟବ୍ରତ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।



# ଅବ୍ୟବସ୍ଥା ଘେରରେ ରାଜ୍ୟ ଅଭିଲେଖାଗାର

ଶର୍ମିଷ୍ଠା ପାଣିଗ୍ରାହୀ
ଭୁବନେଶ୍ୱର,୧୨।୩ (ବ୍ୟୁରୋ)




ପୂର୍ବ ପିଢ଼ିର ପରିଚୟ ହେଉ ଅବା ଅତୀତର ପୃଷ୍ଠାକୁ ସଂରକ୍ଷିତ କରୁଥିବା ରାଜ୍ୟ ଅଭିଲେଖାଗାର ଆଜି ନାନା ଅବ୍ୟବସ୍ଥା ଘେରରେ ରହିଛି। ସମସ୍ୟାରୁ ମୁକୁଳି ପାରୁ ନ ଥିବା ଏହି ପ୍ରତିଷ୍ଠାନ ବହୁ ବର୍ଷର ଇତିହାସକୁ କିପରି ସାଇତି ରଖିବ ତାହା ସବୁଠାରୁ ବଡ଼ ପ୍ରଶ୍ନ ହୋଇଛି। ଦୀର୍ଘଦିନ ହେବ କର୍ମଚାରୀ ଅଭାବ ଯୋଗୁ ସବୁ କାର୍ଯ୍ୟରେ ବାଧା ଘଟୁଛି। ଯେଉଁ ପରିମାଣରେ କାମ ହେବା କଥା ତାହା ମଧ୍ୟ ହେଉନାହିଁ। ଆବଶ୍ୟକ ନଥିପତ୍ର ବା ତଥ୍ୟ ଖୋଜିଦେବା ପାଇଁ ମଧ୍ୟ କର୍ମଚାରୀ ନାହାନ୍ତି। ରେକର୍ଡ ବ୍ୟବସ୍ଥିତ ତ ହୋଇପାରୁନି, ନଥି ବା ତଥ୍ୟ ସମ୍ପର୍କରେ ଅବଗତ କରାଇବା ମଧ୍ୟ ଅଭିଲେଖାଗାର ପକ୍ଷେ କଷ୍ଟସାଧ୍ୟ ହୋଇପଡୁଛି। ଆଉ କିଛି ଜରୁରୀ କାଗଜ ପତ୍ର ଦରକାର ଥିଲେ, ତାହା ମିଳିବାକୁ ଦିନକ ଜାଗାରେ ୫ଦିନ ଲାଗୁଛି। ଫଳରେ ଅଭିଲେଖାଗାରକୁ ଯାଉଥିବା ଗବେଷକ, ଛାତ୍ରୀଛାତ୍ର ଏଭଳି ଅବ୍ୟବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ରାଜ୍ୟ ଅଭିଲେଖାଗାର ରହିଛି। କିନ୍ତୁ ଏହାର ଉନ୍ନତି ଦିଗରେ ସେପରି କିଛି ପଦକ୍ଷେପ ବା ବ୍ୟବସ୍ଥା ହେଉନାହିଁ। ରେକର୍ଡ ସୁରକ୍ଷିତ କରି ରଖୁଥିବା ଏହି ପ୍ରତିଷ୍ଠାନ ଏବେ ନିଜେ ସୁରକ୍ଷା ଖୋଜୁଛି।

### ବନ୍ଦ ହେବ ଖବରକାଗଜ ସଂଗ୍ରହ, ବନ୍ଦ ହେଲାଣି ଗ୍ୟାଜେଟ୍

ଆଉ ସଂଗ୍ରହ ହେବନି ଖବରକାଗଜ। କର୍ମଚାରୀ ଓ ସ୍ଥାନାଭାବ ଯୋଗୁ ଏଭଳି ଆଶଙ୍କା ଉପୁଜିଛି। ଆଜିର ଖବରକାଗଜ ଆଉ ୩୦ବର୍ଷ ପରେ ଆବଶ୍ୟକ ହୋଇପାରେ। କିନ୍ତୁ ଏହାର ଗୁରୁତ୍ୱ ବୁଝିବାକୁ ରାଜ୍ୟ ଅଭିଲେଖାଗାର ଅସମର୍ଥ ହୋଇପଡ଼ିଛି। ସେପଟେ ଓଡ଼ିଶା ଗ୍ୟାଜେଟ୍ ମଧ୍ୟ ଆସିବା ବନ୍ଦ ହୋଇଗଲାଣି। ଅନ୍ୟ ରାଜ୍ୟର ଗ୍ୟାଜେଟ ଆସୁଥିଲେ ମଧ୍ୟ ରାଜ୍ୟର ଗ୍ୟାଜେଟ୍ ପ୍ରାୟ ୫ରୁ ୬ବର୍ଷ ଧରି ଅଭିଲେଖାଗାରକୁ ଆସୁ ନ ଥିବା ଜଣାପଡିଛି।

### ସ୍ଥାନାଭାବରୁ ନୂଆ ରେକର୍ଡ ଆସିପାରୁ ନାହିଁ

ଅଭିଲେଖାଗାରରେ କେଉଁ ରେକର୍ଡ କେଉଁଠି ରହିଛି, ତାହା ଠିକ୍ ଭାବେ କାହାକୁ ଜଣାନାହିଁ। ସ୍ଥାନ ଅଭାବରୁ ରେକର୍ଡ ସବୁ ଏଠିସେଠି ରଖାଯାଉଛି। ଫଳରେ କମ୍‌ସଂଖ୍ୟକ କର୍ମଚାରୀ ରେକର୍ଡ ଖୋଜିବାକୁ ଅଧିକ ସମୟ ନେଉଛନ୍ତି। ପୁଣି ସ୍ଥାନାଭାବରୁ ଏଠାକୁ ବହୁ ରେକର୍ଡ ଅଣାଯାଇପାରୁ ନାହିଁ। ନୂଆ ରେକର୍ଡ ଆସିଲେ ବାରଣ୍ଡାରେ ରହିବାର ସ୍ଥିତି ଉପୁଜିଲାଣି। ସେପଟେ ବହୁ ଅନାବଶ୍ୟକ କାଗଜପତ୍ର ମଧ୍ୟ ରାଜ୍ୟର ବିଭିନ୍ନ ବିଭାଗରୁ ଆସି ରହିଛି। କର୍ମଚାରୀ ଅଭାବରୁ ସେଗୁଡ଼ିକୁ ବାଛି ଅଲଗା କରାଯାଇପାରୁ ନାହିଁ।

### କ୍ୟୁରେଟର ନାହାନ୍ତି, ଟେକ୍ନିକାଲ ଆସିଷ୍ଟାଣ୍ଟ ଭରସା

କ୍ୟୁରେଟର ରେକର୍ଡ ସଂଗ୍ରହ କରନ୍ତି। ରାଜ୍ୟ ଅଭିଲେଖାଗାରରେ ନିଯୁକ୍ତ ଥିବା କ୍ୟୁରେଟରଙ୍କୁ ସମ୍ବଲପୁର ପଠାଯାଇଛି। ସେହିଭଳି ୪ଜଣ ଆର୍କାଇଭିଷ୍ଟ ଓ ଜଣେ ଟେକ୍ନିକାଲ ଆସିଷ୍ଟାଣ୍ଟ ତାଙ୍କୁ ରେକର୍ଡ ସଂଗ୍ରହରେ ସହଯୋଗ କରନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଟେକ୍ନିକାଲ ଆସିଷ୍ଟାଣ୍ଟଙ୍କୁ ଛାଡ଼ି ଆଉ ଏଠାରେ କେହି ନାହାନ୍ତି। ତେଣୁ ବର୍ତ୍ତମାନ ରେକର୍ଡ ସଂଗ୍ରହ କେମିତି ହେଉଥିବ, ତାହା ସହଜରେ ବାରି ହୋଇପଡୁଛି।

### କ'ଣ କୁହନ୍ତି ଅଭିଲେଖାଗାର ପରିଚାଳକ

ରାଜ୍ୟ ଅଭିଲେଖାଗାରରେ ଉପୁଜିଥିବା ଅଚଳାବସ୍ଥା ସମ୍ପର୍କରେ ପରିଚାଳକ ସୋଲେମାନ ଅଲ୍ଲି କହିଛନ୍ତି, ସମସ୍ୟା ଆଜିର ନୁହେଁ। ବହୁତ ଦିନ ଧରି ଲୋକବଳ ଅଭାବ ରହିଛି। ଆବଶ୍ୟକ ଭିତ୍ତିଭୂମି ମଧ୍ୟ ନାହିଁ। ଚାହିଁଲେ ବି ଅଭିଲେଖାଗାର ଯେଉଁ କାର୍ଯ୍ୟ ସମ୍ପାଦନ କରିବା କଥା ତାହା କରି ପାରୁନାହିଁ। ଯେତିକି ଲୋକ ଅଛନ୍ତି, ସେମାନଙ୍କୁ ନେଇ କିଛି କିଛି କାର୍ଯ୍ୟ କରାଯାଉଛି। ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅଭିଲେଖାଗାର ସମ୍ପର୍କରେ ସଚେତନ ମଧ୍ୟ କରାଯାଉଛି। ବିଜ୍ଞାପନ ମାଧ୍ୟମରେ ରେକର୍ଡ ସଂଗ୍ରହ କରାଯାଉଛି। କିନ୍ତୁ ଆଗଭଳି ଲୋକମାନେ ଆଉ କିଛି ରେକର୍ଡ ଆଣି ଦେଉନାହାନ୍ତି। ମାଗିଲେ ବି ମନା କରୁଛନ୍ତି। ଆଶା କରୁଛି, ଶୀଘ୍ର ବିଭାଗର ସହଯୋଗ ସହିତ ସରକାରଙ୍କ ଦୃଷ୍ଟିରେ ଅଭିଲେଖାଗାର ଆଗକୁ ବଢ଼ିବ ବୋଲି ସେ କହିଛନ୍ତି।

### କାମଚଳା କର୍ମଚାରୀରେ ଚାଲିଛି ଇତିହାସ ସଂରକ୍ଷଣ

ରାଜ୍ୟରେ ଥିବା ଅଭିଲେଖାଗାରଗୁଡ଼ିକ ପାଇଁ ପୂର୍ବରୁ ଅଧିକାରୀ ଓ କର୍ମଚାରୀ ପଦବୀ ସଂଖ୍ୟା ୫୨ ଥିଲା। ଏବେ ଏହା ୪୯ରେ ପହଞ୍ଚିଛି। ହେଲେ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ରାଜ୍ୟ ଅଭିଲେଖାଗାରରେ ୧୫ଜଣ ଓ ସମ୍ବଲପୁରସ୍ଥିତ ଆଞ୍ଚଳିକ ଅଭିଲେଖାଗାରରେ ୩ଜଣ କର୍ମଚାରୀ ରହିଛନ୍ତି। ମାତ୍ର ୧୫ଜଣ କର୍ମଚାରୀଙ୍କୁ ନେଇ ରାଜ୍ୟ ଅଭିଲେଖାଗାର କିଭଳି ଚାଲୁଥିବ, ତାହା ସ୍ପଷ୍ଟ ଅନୁମେୟ। ତେଣୁ ବର୍ତ୍ତମାନ କାମ ଚଳାଇବାକୁ ଆଉଟ୍ ସୋର୍ସିଂରୁ ୧୭ଜଣଙ୍କୁ ଠିକାରେ ଅଣାଯାଇଛି। ଡିଜିଟାଲାଇଜେଶନ କାର୍ଯ୍ୟରେ ୯ଜଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ୮ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ପ୍ରତିବର୍ଷ ଜାନୁୟାରୀରେ ଖାଲିଥିବା ପଦବୀ ପୂରଣ ପାଇଁ ଚିଠି ଆସେ। ଅଭିଲେଖାଗାର ପରିଚାଳକ ଚିଠିର ଉତ୍ତର ମଧ୍ୟ ଦିଅନ୍ତି। କିନ୍ତୁ ଫଳ ଶୂନ।

### ସିସିଟିଭି ନାହିଁ କି ସୁରକ୍ଷା କର୍ମଚାରୀ ନାହାନ୍ତି

ରାଜ୍ୟ ଅଭିଲେଖାଗାରରେ ଅତ୍ୟନ୍ତ ମୂଲ୍ୟବାନ୍ ତଥା ଦୁର୍ଲଭ ପୋଥି, କାଗଜପତ୍ର ଓ ରେକର୍ଡ ରହିଛି। ଗବେଷକ, ପ୍ରଫେସର, ଛାତ୍ରୀଛାତ୍ରଙ୍କ ପାଇଁ ୬ଲକ୍ଷରୁ ଊର୍ଦ୍ଧ୍ୱ ରେକର୍ଡ ରହିଛି। କିନ୍ତୁ ଏ ସବୁକୁ ଜଗିବାକୁ ବା ସୁରକ୍ଷା ଦେବାକୁ କେହିନାହାନ୍ତି। ଏବେ ଅଳ୍ପ କେତେକ ସ୍ଥାନରେ ସିସି କ୍ୟାମେରା ଲାଗିଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନୁହେଁ। ଏଭଳି ଅବହେଳା ପାଇଁ ରେକର୍ଡ ଚୋରି ହେଉଥିବା ଓ କର୍ମଚାରୀଙ୍କୁ ହାତ କରି କେତେଜଣ ଗବେଷକ ରେକର୍ଡ ନେଇ ଯାଇଥିବା ଶୁଣିବାକୁ ମିଳୁଛି। ଏପରିକି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଏବେ ସାଧାରଣ ଗବେଷକ, ଛାତ୍ର ହେଉ ଅବା ସାଧାରଣ ଲୋକଙ୍କୁ ଛଡ଼ାଯାଉ ନ ଥିବା ଅଭିଯୋଗ ହେଉଛି।

### ଶ୍ରୀଜଗନ୍ନାଥଙ୍କ ଉପରେ ପୁସ୍ତକ ପ୍ରକାଶ କରିବ ଅଭିଲେଖାଗାର

ଅଭିଲେଖାଗାର ପକ୍ଷରୁ ୨୬ଟି ପୁସ୍ତକ ପ୍ରକାଶିତ ହୋଇଛି। ଉତ୍କଳ ଦୀପିକାରେ ପ୍ରକାଶିତ ଶ୍ରୀଜଗନ୍ନାଥଙ୍କ ଅନେକ ପ୍ରମୁଖ ପ୍ରସଙ୍ଗକୁ ନେଇ ଆଗକୁ ଏକ ପୁସ୍ତକ ପ୍ରକାଶିତ ହେବାକୁ ଯାଉଛି। ଅଭିଲେଖାଗାର ସହ କେତେଜଣ ଗବେଷକଙ୍କ ସହଯୋଗରେ ଏହା ପ୍ରକାଶିତ ହେବ ବୋଲି ସୂଚନା ଦିଆଯାଇଛି।

## ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ନୟାପଲ୍ଲୀ ଥାନା ଅନ୍ତର୍ଗତ ସାଲିଆ ସାହିସ୍ଥିତ ବାଜପେୟୀ ନଗରରେ ରହୁଥିବା ଜଣେ ଶ୍ରମିକଙ୍କର ରବିବାର ସନ୍ଦେହଜନ ମୃତ୍ୟୁ ହୋଇଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଞ୍ଚଳ ରମେଶ ନାୟକ। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ରମେଶଙ୍କ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୦/୨୦୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ରମେଶ ଦୀର୍ଘଦିନ ହେବ ସାଲିଆ ସାହିରେ ରହି ଶ୍ରମିକ ଭାବେ କାମ କରୁଥିଲେ। ତାଙ୍କର ୨ରୁ ୩ ବର୍ଷ ହେଲା ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଉଥିଲା। ତେବେ କିଛିଦିନ ହେଲା ତାଙ୍କୁ ଜ୍ୱର ହୋଇଥିଲା। ପରିବାର ପକ୍ଷରୁ ତାଙ୍କୁ ରବିବାର କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଥାନାଧିକାରିଣୀ ପ୍ରିୟଦର୍ଶନୀ ନନ୍ଦ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ରମେଶ ବହୁତ ମଦ୍ୟପାନ କରୁଥିଲେ ବୋଲି ତାଙ୍କ ସ୍ତ୍ରୀ ଏତଲାରେ ଦର୍ଶାଇଥିବା ସେ କହିଛନ୍ତି।



## ଶିଖରଚଣ୍ଡୀ ପାହାଡରେ ନିଆଁ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ଶିଖରଚଣ୍ଡୀ ପାହାଡ଼ରେ ରବିବାର ନିଆଁ ଲାଗିଛି। ପାହାଡ଼ର ଏକାଧିକ ସ୍ଥାନକୁ ନିଆଁ ବ୍ୟାପିଯିବାରୁ ଏହା ମଧ୍ୟରେ ଥିବା ଏକ ହାତୀ ପ୍ରାୟ ୮ ଘଣ୍ଟା ଫସି ରହିବା ଚର୍ଚ୍ଚାର ବିଷୟ ହୋଇଛି। ଅପରାହ୍ନ ପ୍ରାୟ ୨ଟା ବେଳେ ଶିଖରଚଣ୍ଡୀ ପାହାଡ ସିଲିକନ୍ ଭ୍ୟାଲିରେ କେହି ନିଆଁ ଲଗାଇ ଦେଇଥିଲେ। ନିକଟସ୍ଥ ଶିଖରଚଣ୍ଡୀ ପହାଡ଼ରେ ହାତୀ ଫସି ରହିଥିଲା। ନିଆଁକୁ ଆୟତ କରି

### ୮ ଘଣ୍ଟା ଫସି ରହିଲା ହାତୀ

ହାତୀକୁ ଉଦ୍ଧାର କରିବାକୁ ବନ ବିଭାଗ ଉଦ୍ୟମ ଜାରି ରଖିଥିଲା। ସେହିପରି ଚନ୍ଦ୍ରଶେଖରପୁର ଦମକଳ କେନ୍ଦ୍ରର ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁ ଲିଭାଇବାକୁ ପ୍ରୟାସ କରାଯାଇଥିଲା। ରାତି ପ୍ରାୟ ୧୦ଟାବେଳେ ହାତୀଟି ଶିଖରଚଣ୍ଡି ମୁଣ୍ଡିଆ ଛାଡ଼ି ସ୍ୱଇଚ୍ଛାରେ ଚାଲିଯିବାରୁ ବନ ବିଭାଗକୁ ଆସ୍ୱସ୍ତି ମିଳିଥିଲା। ସୂଚନା ଅନୁସାରେ, ରବିବାର ରାତିରେ ଏହି ହାତୀଟି ଚନ୍ଦକା ଜଙ୍ଗଲରୁ ଆସି ଶିଖରଚଣ୍ଡୀ ମୁଣ୍ଡିଆରେ ରହିଥିଲା। ପାହାଡ ନିକଟରେ କେହି ନିଆଁ ଲଗାଇଦେବାରୁ ଏହା ଜଙ୍ଗଲ ଆଡକୁ ବ୍ୟାପି ଯାଇଥିଲା। ହାତୀକୁ ଉଦ୍ଧାର ପାଇଁ ୩ଟି ଟିମ୍ ନିୟୋଜିତ ହୋଇଥିଲେ। ରାସ୍ତା ପାର୍ଶ୍ୱରୁ ନିଆଁ ଲିଭାଇ ଅପରାହ୍ନରେ ଅଗ୍ନିଶମ ଟିମ ଫେରି ଆସିଥିବା ଡେପୁଟି ଫାୟାର ଅଫିସର ଅବନି ସ୍ୱାଇଁ କହିଛନ୍ତି। ତେବେ ଖବର ଲେଖା ହେବା ପର୍ଯ୍ୟନ୍ତ ପାହାଡ଼ର ଅନ୍ୟ କେତେକ ସ୍ଥାନରେ ନିଆଁ ଆୟତ୍ତ ହୋଇ ନ ଥିବା ସୂଚନା ମିଳିଛି।

## ତ୍ରିପୁରା ହିଂସାକାଣ୍ଡ ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

ତ୍ରିପୁରାରେ ବିଧାନସଭା ନିର୍ବାଚନ ଶେଷହେବା ପରେ ଭାଜପା ଗୁଣ୍ଡା ହତ୍ୟା, ଲୁଣ୍ଠନ ଭଳି ଆତଙ୍କ ଚଳାଇଥିବା ସିପିଆଇଏମ୍ ଅଭିଯୋଗ କରିଛି। ଏହାର ପ୍ରତିବାଦରେ ଲୋୟର ପିଏମଜିରେ ଆଞ୍ଚଳିକ କମିଟିର ସମ୍ପାଦକ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପାର୍ଟିର ରାଜ୍ୟ ନେତା ସୁରେଶ ପାଣିଗ୍ରାହୀ, ପୁଷ୍ପାଞ୍ଜଳି ଦାଶ, ମିନତୀ ପାଣିଗ୍ରାହୀ, ପ୍ରଭାତ ପାଣିଗ୍ରାହୀ, ଚାମ୍ପୁର ସୋରେନ ଉଦ୍‌ବୋଧନ ଦେଇ ତ୍ରିପୁରା ହିଂସାକାଣ୍ଡର ତୀବ୍ର ନିନ୍ଦା କରିଛନ୍ତି। ସେମାନେ କହିଛନ୍ତି, ତ୍ରିପୁରାରେ ଭାଜପା ସିପିଆଇଏମ ପାର୍ଟି ଅଫିସ ଭାଙ୍ଗିବା ସହ କର୍ମୀଙ୍କ ଫସଲ ଓ କ୍ଷେତ ପୋଡାଜଳା ଭଳି ଘଟଣା ଘଟାଇଛି। ମୁକ୍ତ ରାଜନୈତିକ ଓ ସାମାଜିକ ଶାନ୍ତି ସଦଭାବନାକୁ ଧ୍ୱଂସ କରି ଫାସିବାଦୀମାନେ ଦଙ୍ଗା ରଚି ଚାଲିଥିବାବେଳେ ବୋଲି ପୋଲିସ ନୀରବଦ୍ରଷ୍ଟା ସାଜିଥିବା ସେମାନେ କହିଛନ୍ତି।

## ଆଜିଠୁ ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ୨୦୨୩ ସୋମବାରଠାରୁ ୟୁନିଟ୍ -୧ ଆଦିବାସୀ ପଡ଼ିଆଠାରେ ଆରମ୍ଭ ହେବ। ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ଅନୁସୂଚିଜ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଦିନ ଅପରାହ୍ନ ୩ରୁ ରାତି ୯ ପର୍ଯ୍ୟନ୍ତ ପ୍ରଦର୍ଶନୀ ଖୋଲା ରହିବ। ଏଥିସହ ଜାତୀୟ ଜନଜାତି ନୃତ୍ୟ ମହୋତ୍ସବ ମଧ୍ୟ ଆୟୋଜିତ ହେବ। ମିଜୋରାମ, ଓଡ଼ିଶା, ଅରୁଣାଚଳ ପ୍ରଦେଶ, ରାଜସ୍ଥାନ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର ଆଦି ରାଜ୍ୟର ଆଦିବାସୀ ନୃତ୍ୟରେ ଝୁମିବ ଆଦିବାସୀ ପଡ଼ିଆ। ସନ୍ଧ୍ୟା ୬ଟା ୩୦ରେ ଏହା ଉଦ୍‌ଘାଟନ ହେବ।

## ଗଞ୍ଜେଇ ଜବତ, ଦିବ୍ୟାଙ୍ଗ ମହିଳାଙ୍କ ସମେତ ୨ ଗିରଫ

ଭୁବନେଶ୍ୱର,୧୨।୩(ବ୍ୟୁରୋ)

କନ୍ଧମାଳରୁ ଗଞ୍ଜେଇ ଆଣି ରାଜଧାନୀରେ ବିକ୍ରି କରୁଥିବା ଦିବ୍ୟାଙ୍ଗ ମହିଳାଙ୍କ ସମେତ ୨ ନିଶାବେପାରୀଙ୍କୁ ମୈତ୍ରୀ ବିହାର ଥାନା ପୋଲିସ ବିଡିଏ ନାବାର୍ଡ କଲୋନୀ ନିକଟରୁ ଗିରଫ କରିଛି। ସେମାନେ ହେଲେ କଟକ ଜିଲା ତିଗିରିଆ ଥାନା ଅଞ୍ଚଳର ପ୍ରତିମା ସାହୁ ଓରଫ ଛୋଟି ଓ ଅନ୍ୟ ଜଣେ ବାଙ୍କୀ ଅଞ୍ଚଳର ଗୁରୁପ୍ରସାଦ ନାୟକ। ସେମାନଙ୍କଠାରୁ ୧୦ କେଜି ୧୦୦ ଗ୍ରାମ ଓଜନର ଗଞ୍ଜେଇ, ୨ଟି ବାଇକ, ଗୋଟିଏ ମୋବାଇଲ, ନଗଦ ୧୩ ହଜାର ୪୦ ଟଙ୍କା, ଆଧାର କାର୍ଡ, ଏଟିଏମ କାର୍ଡ ଓ ଗାଡି ଆର୍‌ସି ଜବତ କରାଯାଇଛି।

## କ୍ଷତିରେ ରାଜ୍ୟର ୮ ସରକାରୀ ଉଦ୍ୟୋଗ

ଭୁବନେଶ୍ୱର, ୧୨।୩(ବ୍ୟୁରୋ)

ରାଜ୍ୟର ମୋଟ୍ ୩୬ଟି ସରକାରୀ ଉଦ୍ୟୋଗ ମଧ୍ୟରୁ ୮ଟି ଏବେ କ୍ଷତିରେ ଚାଲିଛି। ସରକାରୀ ତଥ୍ୟ ଅନୁସାରେ, ଗ୍ରୀଡକୋ ୨୦୧୯-୨୦ରେ ୧୩୩୫.୬୫ କୋଟି, ୨୦୨୦-୨୧ରେ ୧୪୯୬.୦୭ କୋଟି ଏବଂ ୨୦୨୧-୨୨ରେ ୪୭୩.୫୯ କୋଟି ଟଙ୍କା କ୍ଷତି ସହିଛି। ସେହିପରି ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ୩ ବର୍ଷରେ ୪୩୭ କୋଟି କ୍ଷତି କରିଛି। ଏହି ନିଗମକୁ ୨୦୧୯-୨୦ରେ ୧୪୩.୨୨ କୋଟି, ୨୦୨୦-୨୧ରେ ୧୮୮.୯୫ କୋଟି ଏବଂ ୨୦୨୧-୨୨ରେ ୧୦୫.୩୬ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିଲା। ଓଡ଼ିଶା ପର୍ଯ୍ୟଟନ ନିଗମ ୨୦୧୯-୨୦ରେ ଏହା ୩.୪୦ କୋଟି ଲାଭ କରିଥିଲା। ହେଲେ ୨୦୨୦-୨୧ରେ ୧.୮୨ କୋଟି ଏବଂ ୨୦୨୧-୨୨ରେ ୩.୭୯ କୋଟି ଟଙ୍କା ନିଗମର କ୍ଷତି ହୋଇଛି। ଓଡ଼ିଶା ରାଜ୍ୟ ସଡ଼କ ପରିବହନ ମଧ୍ୟ କ୍ଷତିରେ ଚାଲୁଥିବା ତଥ୍ୟରେ ଉଲ୍ଲେଖ ରହିଛି। ସୂଚନାଯୋଗ୍ୟ ଯେ, ୨୦୧୯-୨୦ରେ ଏହାର କ୍ଷତିର ପରିମାଣ ୯.୦୬୨୦ କୋଟି ଥିବାବେଳେ ୨୦୨୦-୨୧ରେ ୧୦.୫୪୭୧ କୋଟି ଏବଂ ୨୦୨୧-୨୨ରେ ୧.୯୭୪୨ କୋଟି ରହିଛି। ରାଜ୍ୟ ଅର୍ଥ ନିଗମ ୨୦୧୯-୨୦ରେ ୨.୩୫ କୋଟି ଏବଂ ୨୦୨୦-୨୧ରେ ୦.୯୫ କୋଟି କ୍ଷତି କରିଥିବା ବେଳେ ୨୦୨୧-୨୨ରୁ ଏହା ଲାଭରେ ଥିବା ସୂଚନା ରହିଛି। ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ ଏମ୍‌ଏମ୍‌ଡିଆର ଆକ୍ଟ ଅନୁଯାୟୀ କ୍ଷତିପୂରଣ ଜମା କରିବା ଯୋଗୁ କ୍ଷତି କରୁଛି। ସେହିପରି ରାଜ୍ୟ ଯୋଗାଣ ନିଗମ ୩ ବର୍ଷ ହେଲା ବିନା ଲାଭ କିମ୍ବା କ୍ଷତିରେ ଚାଲିଛି। ଓଡ଼ିଶା ଗ୍ରାମ୍ୟଗୃହ ନିର୍ମାଣ ଏବଂ ଉନ୍ନୟନ ନିଗମ ଗତ ୩ ବର୍ଷରେ ୧୧୪୩୩.୧୧ ଲକ୍ଷ ଟଙ୍କାର କ୍ଷତି ସହିଛି। ଇଡ୍‌କଲ କଳିଙ୍ଗ ଆଇରନ ୱାର୍କସର ୨୦୧୯-୨୦ରେ ୧.୨୬ କୋଟି ଏବଂ ୨୦୨୦-୨୧ରେ ୨୩.୧୭ କୋଟି ଲାଭ ହୋଇଥିବାବେଳେ କେବଳ ୨୦୨୧-୨୨ରେ ଏହାକୁ ୩୦.୬୭ କୋଟିର କ୍ଷତି ସହିବାକୁ ପଡ଼ିଛି। ଇଡକଲ ଫେରୋ କ୍ରୋମ ଆଣ୍ଡ ଆଲୋଏଜ୍ ୨୦୧୯-୨୦ରେ ୫.୮୨ କୋଟି ଏବଂ ୨୦୨୦-୨୧ରେ ୦.୪୦ କୋଟି କ୍ଷତି କରିଥିବାବେଳେ ୨୦୨୧-୨୨ରେ ଏହା ୧୯.୧୦ କୋଟି ଲାଭ କରିଥିବା ଜଣାପଡ଼ିଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କମଳ ଲୋଚନ



@ ରାଜୁ



@ ସନ୍ତୋଷ



@ କିରଣ



@ ରାଜକିଶୋର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

भारतीय विमानपत्तन प्राधिकरण
AIRPORTS AUTHORITY OF INDIA
BIJU PATNAIK INTERNATIONAL AIRPORT, BHUBANESWAR

ସାଧାରଣ ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣ ଓ ସଂପୃକ୍ତ ବ୍ୟକ୍ତିଙ୍କୁ ସୂଚୀତ କରାଯାଉଛି ଯେ ପୂର୍ବରୁ ରେଜିଷ୍ଟ୍ରେସନ ନଂ ଭିଟି-ଆରଇକ୍ୟୁ (ବିଚ ୧୯୦୦ଡି ଏମଏସଏନ ୟୁଇ ୪୦୭) ପୂର୍ବରୁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ଭୁବନେଶ୍ୱର ବିମାନ ବନ୍ଦରରେ ପରିତ୍ୟକ୍ତ ହୋଇ ପଡ଼ିଛି। ଏହା କାର୍ଯ୍ୟକ୍ଷମ ନିରାପତ୍ତାକୁ ବିପଦରେ ପକାଇ ସ୍ପେଶ ପ୍ରତିବନ୍ଧକ ସୃଷ୍ଟି କରୁଛି ଏବଂ ପାର୍କିଂ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସେବା ପାଇଁ ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଦେୟ ବହନ କରୁଛି। ଏହି ସଂପର୍କରେ ବିମାନ ବନ୍ଦର ପ୍ରାଧିକାରୀ, ବିପିଆଇ ବିମାନ ବନ୍ଦର, ଭୁବନେଶ୍ୱର, ଏୟାରପୋର୍ଟ ଅଥୋରିଟି ଅଫ ଇଣ୍ଡିଆ ଅଧିନିୟମ ୧୯୯୪ ଓ ୧୩.୧୦.୨୦୨୦ ବ୍ୟବସ୍ଥା ଅଧିନରେ ଏକ ଅନ୍ତିମ ଆଦେଶ ପାସ କରିବା ପୂର୍ବରୁ ଏଭିଏସନ ଓ ପୁନରୁଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଜଜମେଂଟ ଡେବଟର ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡ ଏ ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରି ନାହାନ୍ତି। ଏଥିପାଇଁ ମେସର୍ସ ଏୟାର ଓଡ଼ିଶା ଆଭିଏଶନ ପ୍ରାଇଭେଟ ଲିମିଟେଡକୁ ପାର୍କ ହୋଇଥିବା ଉକ୍ତ ଏୟାରକ୍ରାଫ୍ଟକୁ ଅପସାରିତ କରିବା ଓ ଏଏଆଇର ବକେୟା ଦେୟ ପରିଶୋଧ ପାଇଁ ଅନେକ ନୋଟିସ ପଠାଯାଇଛି, କିନ୍ତୁ ଏହା ଏ ପର୍ଯ୍ୟନ୍ତ ପାଳିତ ହୋଇ ନାହିଁ।
ତେଣୁ ଏହି ସାର୍ବଜନୀନ ବିଜ୍ଞପ୍ତି ପ୍ରଦାନ ତାରିଖ ଠାରୁ ଏକ ମାସ ମଧ୍ୟରେ ଏଏଆଇର ବକେୟା ଦେୟ ପ୍ରଦାନ କରିବା ଓ ଏଏଆଇ ବିପିଆଇ ବିମାନ ବନ୍ଦର ପରିସରରୁ ବିମାନକୁ ହଟାଇବା ଲାଗି ସମସ୍ତ ସଂପୃକ୍ତ ବ୍ୟକ୍ତିଙ୍କୁ ଏକ ସୁଯୋଗ ଦିଆଯାଉଛି। ୩୧.୧୨.୨୦୨୨ ତାରିଖ ସୁଦ୍ଧା ସମୁଦାୟ ବକେୟା ଦେୟ ହେଉଛି ଟ. ୨୦,୬୬,୮୦୦.୭୯।
ଉପରୋକ୍ତ ଦେୟ ଜମା ନକରିବା/ ପାଳନ ନକରିବା କ୍ଷେତ୍ରରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନକୁ ଅନ୍ତର୍ଭୁକ୍ତ କରାଯିବ ଯାହା ଉକ୍ତ ବିମାନ ସର୍ବସାଧାରଣରେ ନିଲାମକୁ ସୀମିତ ନରଖି ଉକ୍ତ ବକେୟା ଦେୟ ଅସୁଲି ଓ ବିମାନ ଅପସାରଣ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇ ପାରେ।
ଆଦେଶ ଅନୁଯାୟୀ
ବିମାନ ବନ୍ଦର ପ୍ରାଧିକରଣ

## ସଂକ୍ଷେପରେ

### କୋରେକ୍ସ ବିକିବା ଅଭିଯୋଗରେ ୨ ଗିରଫ

ପୁରୀ ଅଫିସ, ୧୨।୩: ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲାର ମିଟୁ ପ୍ରଧାନ ଓ ଖୋର୍ଦ୍ଧା ଜିଲାର ଅଜୟ ଦାଶ। ଏମାନଙ୍କଠାରୁ ପୋଲିସ ୩୨ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୫୬/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ଗରୁଡ଼ ଛକ ନିକଟ ରେଲୱେ ଯାତ୍ରୀ ନିବାସ ନିକଟରେ ବେଆଇନ ଭାବେ କୋରେକ୍ସ ବିକ୍ରି କରୁଥିବା କୁମ୍ଭାରପଡ଼ା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢ଼ାଉ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଗିରଫ କରିଥିଲା।

### ଚୋରା ଟିଭି ବିକ୍ରି କରି ଯୁବକ ଗିରଫ

ଭୁବନେଶ୍ୱର,୧୨।୩(ବ୍ୟୁରୋ) : ଚୋରା ଟିଭି ବିକ୍ରି କରୁଥିବାବେଳେ ଖାରବେଳ ନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ରାହୁଲ ମହନ (୧୮)। ତାଙ୍କଠାରୁ ଚୋରା ଟିଭି ଜବତ ହୋଇଛି। ଉକ୍ତ ଟିଭି ଚୋରା ବୋଲି ଜାଣିବା ସତ୍ତ୍ୱେ କମ୍ ଟଙ୍କାରେ କିଣି ଅଧିକରେ ବିକ୍ରି କରୁଥିବା ତଦନ୍ତବେଳେ ଜଣାପଡିବା ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନାନୁସାରେ, ରବିବାର ସକାଳ ସମୟରେ ଅଭିଯୁକ୍ତ ରାହୁଲ ସତ୍ୟନଗରସ୍ଥିତ ତୋଷାଳି ଭବନ ନିକଟରେ ରାସ୍ତାରେ ଲୋକଙ୍କୁ ଅଟକାଇ ଚୋରା ଟିଭି ବିକ୍ରୟ କରୁଥିବା ଖବରପାଇ ଖାରବେଳ ନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବା ସହ ଟିଭି ଜବତ କରିଥିଲା।

### ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ୍ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧୨।୩(ବ୍ୟୁରୋ) : ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ଇଲେକଟ୍ରିକ ପୋଲରେ ଚଢ଼ି ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ୍ ଚୋରି କରି ଫେରାର ହେଉଥିବାବେଳେ କ୍ୟାପିଟାଲ ଥାନା ପୋଲିସ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ କାବୁ କରିବା ପରେ ଗିରଫ କରିଛି। ସେ ହେଲେ ମାଳି ସାହିରେ ରହୁଥିବା ପୁରୀ ଜିଲାର ବାଦଲ ଜେନା। ତାଙ୍କଠାରୁ ୨ ୨ଟି ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ ଜବତ କରାଯାଇଛି।

### ସମଙ୍ଗରା ଶାଖାର ସଂକୀର୍ତ୍ତନ ମହୋତ୍ସବ

ପୁରୀ ଅଫିସ,୧୨।୩: ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସଦର କ୍ଲବ୍ ସମଙ୍ଗରା ଶାଖାର ଦ୍ୱାଦଶ ସଂକୀର୍ତ୍ତନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରୁଦ୍ରେଶ୍ୱର ମହାଦେବଙ୍କ ମେଳନ ପଡ଼ିଆ ସଂକୀର୍ତ୍ତନ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରଠାରେ ଏହି ମହୋତ୍ସବ ପାଳନ ହୋଇଥିଲା। ଏଥିରେ ସମଙ୍ଗରା ଶାଖାର ସମସ୍ତ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ସକାଳ ସମୟରେ ସମଙ୍ଗରା ଗ୍ରାମ ନଗର ସଂକୀର୍ତ୍ତନ କରାଯାଇଥିଲା। ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସମୟରେ ସମଙ୍ଗରା ଗ୍ରାମରେ ବନ୍ଦାପନା ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ସରପଞ୍ଚ ଦୀପାଙ୍କ ମୃତ୍ୟୁକୁ ନେଇ ବଢୁଛି ରହସ୍ୟ

**ସାକ୍ଷୀଗୋପାଳ,୧୨।୩(ସ୍ୱ.ପ୍ର.)**

ପୁରୀ ଜିଲା ନିମାପଡ଼ାର ଡେଲ୍‌ଟା ଛକରେ ସରପଞ୍ଚ ଦୀପା ବେହେରା(୩୨)ଙ୍କ ମୃତ୍ୟୁ ଘଟଣାକୁ ନେଇ ରହସ୍ୟ ବଢିବାରେ ଲାଗିଛି। ସଡ଼କ ଦୁର୍ଘଟଣାରେ ଦୀପାଙ୍କ ମୃତ୍ୟୁ ଘଟିଛି ନା ତାଙ୍କୁ ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ମାରିଦିଆଯାଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପୂର୍ବରୁ ୨୦୧୮ ସେପ୍ଟେମ୍ବରରେ ଦୀପାଙ୍କ ସ୍ୱାମୀ ତଥା ତତ୍କାଳୀନ ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ କୁମାର ବେହେରାଙ୍କ ମୃତଦେହ ତାଙ୍କ ଘର ନିକଟ ରେଳଧାରଣାରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବାନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ସେହିପରି ୨୦୧୯ ଜୁଲାଇରେ ଅଜୟଙ୍କ ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣ ବେହେରା ଓ ଦାଦା ପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଟ୍ଟନାୟକିଆ ଛକଠାରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ଏହି ୩ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ପୂର୍ବ ଶତ୍ରୁତା


ଦୀପା ବେହେରା

ତଥା ରାଜନୈତିକ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହି ଘଟଣାର ୩ ବର୍ଷ ପରେ ଏବେ ଦୀପାଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଦୀପାଙ୍କ ଏଭଳି ମୃତ୍ୟୁକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୀପାଙ୍କୁ ଯୋଜନାବଦ୍ଧ ଭାବେ ମାରିଦିଆଯାଇଥିବା ଅନେକେ ସନ୍ଦେହ ବ୍ୟକ୍ତ କରୁଛନ୍ତି। ତେବେ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳାଇ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ

**ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ଦିଆଯାଇଥିବା ଚର୍ଚ୍ଚା**

- ୨୦୧୮ରେ ସ୍ୱାମୀଙ୍କ ମୃତଦେହ ରେଳଧାରଣାରୁ ମିଳିଥିଲା
- ୨୦୧୯ରେ ୨ ଦେଢ଼ଶୁର, ପୁତୁରାଙ୍କୁ ହତ୍ୟା କରାଯାଇଥିଲା

ଦୁର୍ଘଟଣାଜନିତ ମୃତ୍ୟୁ ନେଇ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୬୬/୨୩) ରୁଜୁ କରାଯାଇଛି। ପୋଲିସ ସମ୍ପୃକ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ଯାହାକିଛି ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ୯ ବର୍ଷର ପୁତ୍ର ଆୟୁଷ ମୁଖାଗ୍ନି ଦେଇଥିଲେ।

ସୂଚନା ମୁତାବକ, ଶନିବାର ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଦୀପା ତାଙ୍କ ପରିବାର ସହ ନିମାପଡ଼ାର ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ସେଠାରୁ ଦୀପାଙ୍କ ମା' ଏବଂ ଭାଇ ଏକ ବାଇକ୍‌ରେ ଫେରୁଥିବାବେଳେ ସେ ଓ ତାଙ୍କ ପୁତୁରା ଅନ୍ୟ ଏକ ବାଇକ୍ (ଓଡି୦୨ଏଏକ୍ସ-୭୨୭୭) ଯୋଗେ ଘରକୁ ଫେରୁଥିଲେ। ଡେଲ୍‌ଟା ଛକରେ କୌଣସି କାରଣରୁ ଦୀପା ବାଇକ୍‌ରୁ ଖସିପଡ଼ିଥିଲେ। ଏହି ସମୟରେ ଦ୍ରୁତଗତିରେ ସାମ୍ନାପଟୁ ଆସୁଥିବା ଏକ ହାଇୱା (ଓଡି ୦୫ ବିଏ-୦୫୦୧) ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ନିମାପଡ଼ା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଦୀପାଙ୍କ ପୁତୁରା ପ୍ରଶାନ୍ତ ବେହେରା ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।


ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚଦୋଳ ଯାତ୍ରା ପାଇଁ ରବିବାର ପଡ଼ିଆରେ ସ୍ଥାପନା ପାଇଁ ନିଆଯାଉଥିବା ଶୁଭଖୁଣ୍ଟି।

# ସରିଲା ଉପରବସ୍ତ-ଭୀମପୁର ଫୁଲ ଦୋଳ ମେଳଣ

**ଖୋର୍ଦ୍ଧା ଅଫିସ,୧୨।୩**

- ଠାକୁରଙ୍କ ମହିମା ପୁଣି ଯୋଡ଼ିଲା
- ଭକ୍ତ-ଭଗବାନ ଏକାକାର

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଉପରବସ୍ତ ଭୀମପୁର ମେଳଣ କମିଟି ମିଳିତ ଆନୁକୂଲ୍ୟରେ ଆୟୋଜିତ ଫୁଲ ଦୋଳ ମେଳଣ ଉଦ୍‌ଯାପିତ ହୋଇଯାଇଛି। ଆନନ୍ଦ ଉଲ୍ଲାସର ସହ ଏକ ଭକ୍ତିମୟ ପରିବେଶ ମଧ୍ୟରେ ଏହି ମେଳଣ ସମାପନ ହୋଇଛି। ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟା, ମନ୍ତ୍ରଧ୍ୱନି ଏବଂ ନାମ ସଂକୀର୍ତ୍ତନରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଅପୂର୍ବ ମିଳନ ଘଟିଥିଲା। ଗ୍ରାମବାସୀ ଏକାଠି ହୋଇ ଦୋଳ ଉତ୍ସବ ପାଳନ ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଦୋଳ ପୂର୍ଣ୍ଣମୀରୁ ୩ଦିନ ବ୍ୟାପୀ ଏହି ମେଳଣ ପାଳନ କରାଯାଇଥିଲା।

ମେଳଣ ପଡ଼ିଆକୁ ରଙ୍ଗିନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଥାନପତି ଶ୍ରୀକେଦାରେଶ୍ୱର ଦେବଙ୍କ ସମେତ ବାରପଲ୍ଲୀ ମୌଜାର ଗଙ୍ଗପଡ଼ା, ପିତାପଲ୍ଲୀ, ବଡ଼ତୋଟା, ବେଲପଡ଼ା, ଖୁଦୁପୁର, କୁମାରଖାଡିଆ, ବାଛେରା, ଷଣ୍ଢପୁର ପ୍ରଭୃତି ୧୫ଟି ଗ୍ରାମର ଠାକୁର ସୁସଜ୍ଜିତ ବିମାନରେ ବିଜେ ହୋଇ ମେଳଣ ପଡିଆରେ ବିଜେ ହୋଇଥିଲେ। ଆଖପାଖର ଭକ୍ତଙ୍କ ସୁଅ ଛୁଟିଥିଲା। ଶେଷରେ ନିଜ ଅଞ୍ଚଳ ଦୋଳ ବିମାନ ସହ ଗ୍ରାମବାସୀ ଫେରିଥିଲେ। ମେଳଣ କମିଟି ସଭାପତି ଦିବାକର ମଙ୍ଗରାଜ କହିଛନ୍ତି, କୌଣସି କାରଣବଶତଃ ଗ୍ରାମବାସୀଙ୍କ ମଧ୍ୟରେ ମନୋମାଳିନ୍ୟ ଯୋଗୁ ଏହା ଦୀର୍ଘ ବର୍ଷ ଧରି ବନ୍ଦ ହୋଇପଡ଼ିଥିଲା। ପରେ ବିବାଦର ଅନ୍ତ ଘଟିଛି। ଥାନପତି ଶ୍ରୀକେଦାରେଶ୍ୱରଙ୍କ ମହିମାରୁ ପୁଣି ମେଳଣ ଆରମ୍ଭ ହୋଇଛି। ସେହିପରି ସମ୍ପାଦକ ମୁରଲୀଧର ପ୍ରଧାନ କହିଛନ୍ତି, ଏହି ମେଳଣ ଭାଇଚାରା, ଭ୍ରାତୃତ୍ୱର ବାର୍ତ୍ତା ଦେଉଛି। ଆଗକୁ ଶୃଙ୍ଖଳିତ ଭାବେ ଓ ଆଡ଼ମ୍ବର ସହକାରେ ମେଳଣ ପାଳନ କରାଯିବ।

# ଆନ୍ତଃରାଜ୍ୟ ୩ ଚୋର ଗିରଫ

**ବେଗୁନିଆ,୧୨।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପୋଲିସ ଆନ୍ତଃରାଜ୍ୟ ୩ ଚୋରଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶ ମିରଟ ଅଞ୍ଚଳର ଫୈଜନ ମାଲିକ, ସାକିବ ମାଲିକ ଓ ରିଜ୍ୱାନ ମାଲିକ। ଏମାନଙ୍କ ନିକଟରୁ ବ୍ୟାଟେରି, ବହୁ ଯନ୍ତ୍ରାଂଶ ସହ ଏକ କାର୍ (ଓଡି ୧୩ବି ୭୭୦୦) ଜବତ ହୋଇଛି। ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ପୋଲିସ ମାମଲା (ନଂ.୬୯/୨୩) ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

ସୂଚନା ମୁତାବକ, ଗତ ୮ତାରିଖ ରାତି ପ୍ରାୟ ୨ଟାରେ ଏହି ଥାନା ଅନ୍ତର୍ଗତ ଟିକାତାଳ ଗ୍ରାମରେ ଥିବା ରିଲାଏନ୍ସ ମୋବାଇଲ ଟାୱାର ଗ୍ରିଲ ଓ ଗେଟକୁ କାଟି କେହି ଦୁର୍ବୃତ୍ତ ବ୍ୟାଟେରି ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ନେଇ ଯାଇଥିଲେ। ରିଲାଏନ୍ସ କମ୍ପାନୀର ପାଟ୍ରୋଲିଂ ଦଳ ଜାଣିପାରି ପୋଲିସକୁ ଖବର ଦେଇଥିଲେ। କର୍ମଚାରୀ ରତିରଞ୍ଜନ ପୃଷ୍ଟିଙ୍କ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ


ଗିରଫ ୩ ଅଭିଯୁକ୍ତ ଏବଂ ଜବତ କାର୍।

- କାର୍, ବ୍ୟାଟେରି ଓ ବିଭିନ୍ନ ଯନ୍ତ୍ରାଂଶ ଜବତ
- ମୋବାଇଲ ଟାୱାରରୁ କରୁଥିଲେ ଚୋରି

ନିର୍ଦ୍ଦେଶରେ ଏସ୍‌ଡିପିଓ ଦିଲୀପ ଦାସ, ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀ, ଏଏସ୍‌ଆଇ ଉମାକାନ୍ତ ବେହେରାଙ୍କ ସହିତ ୫ଜଣିଆ କର୍ମଚାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ ପରେ ଭୁବନେଶ୍ୱର ବଡ଼ଗଡ଼ ଅଞ୍ଚଳରୁ ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ୬ମାସ ହେବ ଓଡ଼ିଶା ଆସିବା ସହ ପ୍ରଭାବ ବିସ୍ତାର କରିଥିଲେ। କଟକ ଓ ରାୟଗଡ଼ାରେ ଦୁଇଟି କ୍ୟାମ୍ପ କରିଥିଲେ। ଭଦ୍ରକ, କଟକ, ଯାଜପୁର, ଖୋର୍ଦ୍ଧା, କନ୍ଧମାଳ, ନୟାଗଡ଼, ରାୟଗଡ଼ା ଆଦି ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଥିବା ମୋବାଇଲ ଟାୱାରରୁ ବ୍ୟାଟେରି ଓ ଯନ୍ତ୍ରାଂଶ ଚୋରି କରି ପ୍ରଥମେ କ୍ୟାମ୍ପରେ ଠୁଳ କରିଥା'ନ୍ତି। ପରେ ଏକ କଣ୍ଟେନରରେ ବୋଝେଇ କରି ଦିଲ୍ଲୀକୁ ଚାଲାଣ କରିଥା'ନ୍ତି ବୋଲି ଅଭିଯୁକ୍ତମାନେ ସ୍ୱୀକାର କରିଥିବା ପୋଲିସ କହିଛି।

# ପେଣ୍ଟକଟା ବେଳାଭୂମିରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

**ପୁରୀ ଅଫିସ, ୧୨।୩:**

ପୁରୀ ସମୁଦ୍ରକୂଳରେ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପରେ ଏବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। କଇଁଛମାନେ ସୁରକ୍ଷିତ ସ୍ଥାନ ମଣୁଥିବା ବେଳାଭୂମିରେ ଅଣ୍ଡା ଦେଉଛନ୍ତି। ମୁଖ୍ୟତଃ ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛମାନେ ଅଣ୍ଡା ଦେଇଥାନ୍ତି। ତେବେ ପ୍ରଥମଥର ପାଇଁ ଅଲିଭ ରିଡ୍‌ଲେ କଇଁଛମାନେ ଅଣ୍ଡାଦାନ ପାଇଁ ପୁରୀ ପେଣ୍ଟକଟା ସମୁଦ୍ରମୁହାଁ ହୋଇଛନ୍ତି, ଯାହାକୁ ନେଇ ପରିବେଶବିତ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ପେଣ୍ଟକଟା ଗଙ୍ଗାଦେବୀ ସାହି ନିକଟ ବେଳାଭୂମିରେ ଅଲିଭ ରିଡଲେ କଇଁଛମାନେ ଅଣ୍ଡା ଦେଇଥିବା ରବିବାର ସକାଳେ ଦେଖିବାକୁ ମିଳିଛି। କଇଁଛମାନେ ଅଣ୍ଡା ଦେଇ ସେଗୁଡିକୁ ବାଲିରେ ପୋତି ଚାଲିଯାଇଛନ୍ତି। ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦ୍ରକୁ ଡଙ୍ଗା ନେଇ ଯିବାବେଳେ ଏହା ଦେଖି ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ପରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ବାଲି ଭିତରୁ ୧୧୫ଟି ଅଣ୍ଡା ଉଦ୍ଧାର କରି ବ୍ୟାଗରେ ପୂରାଇ ନେଇଯାଇଥିଲେ। ସାମାଜିକ କର୍ମୀ ବିସ୍ମୟ ମିଶ୍ର କହିଛନ୍ତି, ଅଲିଭ ରିଡ୍‌ଲେ ଅଣ୍ଡା ଦେଇଥିବା ନେଇ ରବିବାର ସକାଳ ପ୍ରାୟ ୬ଟାରେ କମ୍ୟୁନିଟିରୁ ତାଙ୍କ ନିକଟକୁ ଫୋନ ଆସିଥିଲା। ଖବର ପାଇ ସେ ସେଠାକୁ ଯାଇ ଦେଖିବା ବେଳକୁ କଇଁଛ ଅଣ୍ଡା ଦେଇ ଚାଲିଯାଇଥିଲା। ତେବେ କୁକୁର ଉକ୍ତ ସ୍ଥାନରେ ମୁହଁ ମାରିଥିବା ସେ ଦେଖିବାକୁ ପାଇଥିଲେ। ତେଣୁ ଉକ୍ତ ସ୍ଥାନକୁ ଯେପରି କୁକୁର ନ ଯିବ ଏବଂ ଅଣ୍ଡା ନଷ୍ଟ ନ କରିବ ସେଥିପ୍ରତି ଧ୍ୟାନ ଦେବାକୁ ବନ ବିଭାଗକୁ ସୂଚନା ଦେଇଥିଲୁ। ଏଣେତେଣେ ପଡ଼ିରହିଥିବା କଇଁଛ ଅଣ୍ଡାଗୁଡ଼ିକୁ ଗୋଟିଏ ସ୍ଥାନରେ ବାଲିରେ ପୋତି ରଖିଥିଲୁ। କିଛି ସମୟ ପରେ ବନ ବିଭାଗର କର୍ମଚାରୀ ଆସି ଏକ ସାଧାରଣ ବ୍ୟାଗରେ ସମସ୍ତ ୧୧୫ଟି ଅଣ୍ଡାକୁ ବାଲିରୁ ଉଦ୍ଧାର କରି ନେଇଯାଇଥିଲେ। ତେବେ ରାଜ୍ୟ ସରକାର ବିରଳ ଅଲିଭ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି।

# ‘ଅବସର ସମୟରେ ନିଜ ଗାଁର ଇତିହାସ ଲେଖ’


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

**ଖୋର୍ଦ୍ଧା ଅଫିସ,୧୨।୩**

ଖୋର୍ଦ୍ଧା ପେନସନର୍ସ ଆସୋସିଏଶନ୍‌ର ବାର୍ଷିକ ସାଧାରଣ ସଭା ରବିବାର ଖୋର୍ଦ୍ଧା ଉଦ୍ୟାନ ବିଭାଗ ସମ୍ମିଳନୀ କକ୍ଷରେ ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ ସଭାରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ ଓ ଆରକ୍ଷୀ ଅଧିକାରୀ ପଦାଧିକାରୀ କଲ୍ୟାଣ ସଂଘର ସଭାପତି ସୂର୍ଯ୍ୟମଣି ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପେନସନର୍ସ ଆସୋସିଏଶନ୍ ପାଇଁ ଏକ ଘର ଯୋଗାଇଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତା ତ୍ରିପାଠୀ ପ୍ରତ୍ୟେକ ସଭ୍ୟାସଭ୍ୟ ମାସିକ ବୈଠକରେ ପରସ୍ପର ମଧ୍ୟରେ ସ୍ନେହ, ଶ୍ରଦ୍ଧାଭାବ ରଖି ସୁଖଦୁଃଖର ସାଥି ହେବାକୁ ପରାମର୍ଶ ଦେଇଥିଲେ। ଘରେ ବସି ସମୟ ଅପଚୟ ଅପେକ୍ଷା ନିଜ ପରିବାର, ଗାଁ, ଅଞ୍ଚଳର ଇତିହାସ ଲେଖିଲେ ବହୁ ଅନାଲୋଚିତ ତଥ୍ୟ ଲୋକଲୋଚନକୁ ଆସିପାରିବ ବୋଲି ସେ କହିଥିଲେ। ତରତୁଆ ଗ୍ରାମର ୯୩ ବର୍ଷରେ ପହଞ୍ଚିଥିବା ସଚ୍ଚିଦାନନ୍ଦ ମହାନ୍ତିଙ୍କୁ ଆସୋସିଏଶନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ଏସ୍‌ପି ଦେବପ୍ରସାଦ ମଜୁମଦାର ସ୍ୱାଗତ ଭାଷଣ, ଶିକ୍ଷାବିତ୍ ସତ୍ୟବାଦୀ ବଳିଆରସିଂହ ଅତିଥି ପରିଚୟ ଓ ସମ୍ପାଦକ ହାଜି ନସିମୁଦ୍ଦିନ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ମାୟାଧର ମହାଲିକ, ଉପସଭାପତି ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଓ ଯୁଗ୍ମ ସମ୍ପାଦକ ବୈକୁଣ୍ଠନାଥ ମହାପାତ୍ର ମଞ୍ଚାସୀନ ଥିଲେ । ବିଶ୍ୱନାଥ ଜେନା, ଡ. ବୃନ୍ଦାବନ ପଣ୍ଡା ଓ ଈଶ୍ୱର ଚନ୍ଦ୍ର ମଙ୍ଗରାଜ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ। ଦ୍ୱିତୀୟ ଅଧିବେଶନ ରାଜ୍ୟ ସଭାପତି ସୂର୍ଯ୍ୟମଣି ତ୍ରିପାଠୀଙ୍କ ଉପସ୍ଥିତିରେ ଆଗାମୀ ୩ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଭୀମସେନ ପ୍ରଧାନ ସଭାପତି, ମାୟାଧର ମହାଲିକ କାର୍ଯ୍ୟକାରୀ ସଭାପତି, ବିମଳ ଚନ୍ଦ୍ର ଷଡଙ୍ଗୀ ଉପସଭାପତି, ଦେବପ୍ରସାଦ ମଜୁମଦାର ଓ ସତ୍ୟବାଦୀ ବଳିଆରସିଂହ ଉପଦେଷ୍ଟା, ହାଜି ନସିମୁଦ୍ଦିନ୍ ଖାଁ ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷ, ବୈକୁଣ୍ଠନାଥ ମହାପାତ୍ର ଯୁଗ୍ମ ସମ୍ପାଦକ, କୃଷ୍ଣଚନ୍ଦ୍ର ହରିଚନ୍ଦନ, ଶତ୍ରୁଘ୍ନ ବିଶୋୟୀ, ଶେଖ ସନାଉଲ୍ଲା, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ଚପଳା କୁମାରୀ ପଣ୍ଡା, ସାରଥୀ ନାୟକ, ସେବତୀ ଭୂୟାଁ, ବ୍ରଜେଶ୍ୱର ପତି, ବାଇଧର ମିଶ୍ର ପ୍ରମୁଖ କାର୍ଯ୍ୟକାରୀ କମିଟି ସଦସ୍ୟା ସଦସ୍ୟ ଭାବେ ମନୋନୀତ ହୋଇଥିଲେ ।

# ଅନ୍ଦୋଳନକୁ ଓହ୍ଲାଇଲେ ଅବସରପ୍ରାପ୍ତ ସୈନିକ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅବସରପ୍ରାପ୍ତ ସୈନିକ। ୟୁନାଇଟେଡ୍ ଫୋରମ୍ ଅଫ୍ ଭେଟେରାନ୍ ଆସୋସିଏଶନ ଓଡ଼ିଶା ପକ୍ଷରୁ ଶନିବାର ଲୋୟର ପିଏମ୍‌ଜିରେ ରାଜ୍ୟର ସମସ୍ତ ଜିଲାରୁ ଆସିଥିବା ପୂର୍ବ ସୈନିକ ସଂଗଠନର ସଦସ୍ୟମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୁଇ ହଜାରରୁ ଅଧିକ ଭେଟେରାନ ଯବାନ ଓ ଜେସିଓ ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନରୁ ବାହାରି ପିଏମଜି ଛକ ଅଭିମୁଖେ ବାହାରିଥିଲେ। ଓଆର୍‌ଓପିରେ ଭେଦଭାବ ଚଳିବ ନାହିଁ, ସମାନ ଅଧିକାର ଆମର ଦାବି ଆଦି ନାନା ନାରାବାଜି ଦେଇ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଇଥିଲା। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ଲୋୟର ପିଏମ୍‌ଜି ପ୍ରାୟ ଦୁଇଘଣ୍ଟା ଧରି ଅବରୋଧ ହୋଇଥିଲା। ପରେ ଅନ୍ଦୋଳନକାରୀମାନେ ଧାରଣାସ୍ଥଳକୁ ଫେରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଆର୍‌ଓପି ଟେବୁଲରେ ଭେଦଭାବର ସମାଧାନ, ଯବାନମାନଙ୍କୁ ସମାନ ଏମ୍‌ଏସ୍‌ପି ପ୍ରଦାନ ସହ ପିଏମ୍‌ଆର ପାଇଥିବା ଯବାନଙ୍କୁ ଓଆର୍‌ଓପିରେ ସାମିଲ କରିବା ଓ ଯବାନମାନଙ୍କୁ ସମାନ ଡିଜାବିଲିଟି ପେନସନ ଆଦି ସଂକ୍ରାନ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମିଳିତ ସଂଗଠନର ପ୍ରବକ୍ତା ଭେଟେରାନ ଉମେଶ କୁମାର ଚଇନି କହିଛନ୍ତି ।

# କାର୍‌ରେ ବ୍ରାଉନ୍‌ସୁଗାର ସେବନ ଚର୍ଚ୍ଚା

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

ନିଶା ଖାଇ ଦୁର୍ଘଟଣା



କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଗୋପବନ୍ଧୁ ଛକ ଆଡୁ ରାଜଭବନ ଅଭିମୁଖେ ଆସୁଥିବା ଏକ କାର୍ (ଓଡି୩୩ଟି୮୮୯୮) ରାସ୍ତାରେ ରହିଥିବା ଅନ୍ୟଏକ କାର୍‌କୁ ଅନ୍ୟ ଧକ୍କା ଦେଇଛି। ଏଥିରେ ଦୁର୍ଘଟଣା ଘଟାଇଥିବା କାର୍‌ର ଆଗପଟ ସାମାନ୍ୟ ଭାଙ୍ଗିଯାଇଥିବାବେଳେ ଅନ୍ୟ କାରଟିର ପଛପାର୍ଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଦୁର୍ଘଟଣା ପରେ କାର୍‌ଟି ପଳାଉଥିବେଳେ ସ୍ଥାନୀୟ ଲୋକେ ଅଟକାଇବା ସହ ସେଥିରେ ଥିବା ୩ଜଣ ଯୁବକଙ୍କୁ କାବୁ କରିଥିଲେ। ଜଣେ କାର ଚଳାଉଥିବାବେଳେ ଅନ୍ୟ ଦୁଇଜଣ ସିଟ୍‌ରେ ଅର୍ଦ୍ଧ ଚେତନ ଅବସ୍ଥାରେ ଥିଲେ। ସେମାନେ ନିଶା ସେବନ କରିଥିବାବେଳେ କାର୍ ସିଟ୍ ଓ ପାଦ ରଖିବା ସ୍ଥାନରେ ବ୍ରାଉନସୁଗାର ସେବନରେ ବ୍ୟବହୃତ ସାମଗ୍ରୀ ସହ ବିଡି ଓ ଦିଆସିଲ ରହିଥିବା ଦେଖି ଲୋକେ ଉତ୍ତେଜିତ ହୋଇପଡିଥିଲେ। ନିଶା ଖାଇ କାର୍ ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ନେଇ ସେମାନେ କହିଛନ୍ତି। ହେଲେ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କୌଣସି କାର୍‌ରୁ କିଛି ନିଶା ସାମଗ୍ରୀ ମିଳି ନ ଥିବାବେଳେ କାହାକୁ ଅଟକ ରଖାଯାଇ ନାହିଁ ବୋଲି ସେ କହିଛନ୍ତି।

# ଜୁନିୟର ୟୁନାଇଟେଡ୍ କ୍ଲବ ଚାମ୍ପିୟନ

**ଖୋର୍ଦ୍ଧା ଅଫିସ,୧୨।୩**

କେରଙ୍ଗ ଅହମଦୀୟା ମୁସ୍‌ଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୯ତମ ରାଜ୍ୟସ୍ତରୀୟ କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଚଳିତବର୍ଷ ଜୁନିୟର ୟୁନାଇଟେଡ୍ କ୍ଲବ କଟକ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ରବିବାର ଫାଇନାଲ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଓ ୟୁନାଇଟେଡ୍ କ୍ଲବ କଟକ ମଧ୍ୟରେ ହୋଇଥିଲା। ମ୍ୟାଚ୍ ପ୍ରଥମାର୍ଦ୍ଧର ୨ୟ ମିନିଟ୍‌ରେ କଳିଙ୍ଗ ସ୍ପୋର୍ଟିଂର ଚନ୍ଦନ ନାୟକ ଏକ ଗୋଲ ଦେଇଥିଲେ। ଏହା ପରେ ଅର୍ଥାତ୍ ୩ୟ ମିନିଟରେ କଟକର ଦିଗାଲ ସିଂ ଗୋଟିଏ ଗୋଲ ଦେଇଥିଲେ। ୧୨ତମ ମିନିଟ୍‌ରେ ଚନ୍ଦନ ପୁଣି ଏକ ଗୋଲ ଦେଇଥିଲେ। ସେହିପରି ୨୪ତମ ମିନିଟ୍‌ରେ କଟକର ପପୁ ଖାଁ ଏକ ଗୋଲ ଦେଇଥିଲେ। ମ୍ୟାଚ୍‌ର


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ଦ୍ୱିତୀୟାର୍ଦ୍ଧର ୫୪ତମ ମିନିଟରେ ପପୁ ଆଉ ଏକ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା କଳିଙ୍ଗ ସ୍ପୋର୍ଟିଂ କ୍ଲବ ଆଉ ଗୋଲ ଦେଇପାରି ନ ଥିଲା। ଫଳରେ ୩-୨ ଗୋଲ ବ୍ୟବଧାନରେ ଜୁନିୟର ୟୁନାଇଟେଡ୍ କ୍ଲବ କଟକ ବିଜୟୀ ହୋଇଥିଲା। ରାଜୁ ମହାନ୍ତି, ସାଗିର ଅହମ୍ମଦ, ଅମଜଦ ଏହେସାନ ଖାଁ, ସଖାୱତ ଅଲି ଖାଁ ଏବଂ ଶୋଏବ ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ପପୁ ଖାଁ ବେଷ୍ଟ ପ୍ଲେୟର ଏବଂ ଚନ୍ଦନ ନାୟକ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବେ

**କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ**

- ପପୁ ଖାଁ ବେଷ୍ଟ ପ୍ଲେୟାର
- ଚନ୍ଦନ ନାୟକ ପ୍ଲେୟାର ଅଫ ଦି ଟୁର୍ଣ୍ଣାମେଣ୍ଟ

ବିବେଚିତ ହୋଇଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ଟୁଲୁ ପାତ୍ର, ଖୋର୍ଦ୍ଧା ଛାତ୍ର ନେତା ବିଶ୍ୱରଞ୍ଜନ ପ୍ରଧାନ, ମୌଲାନା ଫଜଲ ହକ୍ ଖାଁ, ଅକ୍ଷୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୨।୩।୨୦୨୩

| | |
|---|---|
| ୬,୧୨,୨୪୭ ଟଙ୍କା | |
| ସୁନା | ୧୯.୨୫୦ ଗ୍ରାମ |
| ରୁପା | ୯.୬୦୦ ଗ୍ରାମ |

## ସଂକ୍ଷେପରେ

### କୋରେକ୍ସ ବିକିବା ଅଭିଯୋଗରେ ୨ ଗିରଫ

ପୁରୀ ଅଫିସ, ୧୨।୩: ବେଆଇନ ଭାବେ କୋରେକ୍ସ ବିକ୍ରି କରିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୨ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଗଞ୍ଜାମ ଜିଲାର ମିଟୁ ପ୍ରଧାନ ଓ ଖୋର୍ଦ୍ଧା ଜିଲାର ଅଜୟ ଦାଶ। ଏମାନଙ୍କଠାରୁ ପୋଲିସ ୩୨ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୫୬/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ଗରୁଡ଼ ଛକ ନିକଟ ରେଲୱେ ଯାତ୍ରୀ ନିବାସ ନିକଟରେ ବେଆଇନ ଭାବେ କୋରେକ୍ସ ବିକ୍ରି କରୁଥିବା କୁମ୍ଭାରପଡ଼ା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ସେଠାରେ ଚଢାଉ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଗିରଫ କରିଥିଲା।

### ବିଜେଡି ନେତା କେ. ପ୍ରସାଦଙ୍କ ପରଲୋକ

ପୁରୀ ଅଫିସ, ୧୨।୩: ପୁରୀ ଜିଲା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ସାମାଜିକ କର୍ମୀ କେ. ପ୍ରସାଦଙ୍କର ରବିବାର ପରଲୋକ ହୋଇଯାଇଛି। ଏଥିଯୋଗୁ ଦଳରେ ଶୋକ ଛାୟା ଖେଳିଯାଇଛି। ପ୍ରସାଦଙ୍କ ଦେହାନ୍ତରେ ବିଜେଡି ଜିଲା ସଭାପତି ମହେଶ୍ୱର ମହାନ୍ତି, ପୂର୍ବତନ ମନ୍ତ୍ରୀ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ସଞ୍ଜୟ କୁମାର ଦାସବର୍ମା, ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ବହୁ ନେତା ଓ କର୍ମୀ ଶୋକ ପ୍ରକାଶ କରିଛନ୍ତି। ଦାସବର୍ମା କହିଛନ୍ତି, କେ. ପ୍ରସାଦଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଗଭୀର ମର୍ମାହତ। ତାଙ୍କ ବିୟୋଗ ପୁରୀ ଜିଲା ବିଜେଡି ପାଇଁ ଅପୂରଣୀୟ କ୍ଷତି। ମତ୍ସ୍ୟଜୀବୀଙ୍କ ଉନ୍ନତି କ୍ଷେତ୍ରରେ ତାଙ୍କର ଅବଦାନ ସର୍ବଦା ସ୍ମରଣୀୟ ରହିବ। ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଦାସବର୍ମା ସମବେଦନା ଜଣାଇଛନ୍ତି।

### ବିଗତ ଦିନର ସ୍ମୃତି ସାଉଁଟିଲେ ପୁରାତନ ଛାତ୍ରୀଛାତ୍ର

କଣାସ,୧୨।୩(ଡି.ଏନ୍.ଏ.)- କଣାସ କଲେଜ ୧୯୯୫ ସ୍ନାତକ ବ୍ୟାଚ୍ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କଣାସ ବ୍ଲକର ବଡ଼ାସସ୍ଥିତ ମା' ପଞ୍ଚମୁଖୀ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁକାନ୍ତ ରାଉତ ସମାବେଶରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ପ୍ରଭାସ ମଙ୍ଗରାଜ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାମନ୍ତରାୟ, ପ୍ରଧାନ ଶିକ୍ଷକ ବିଦ୍ୟାଧର ପ୍ରଧାନ, ଚନ୍ଦ୍ରଶେଖର ରାଉତରାୟ, ଶିକ୍ଷକ ପ୍ରଫୁଲ୍ଲ ନାୟକ, ଜମ୍ବେଶ୍ୱର ବାରିକ, କାମଦେବ ସେଠୀ, ଶିକ୍ଷୟିତ୍ରୀ ଅମିତ୍ରା ପ୍ରଧାନ, ରଞ୍ଜନାମଣି ଦେବୀ, ନିରଞ୍ଜନ ବରାଳ, ଚକ୍ରଧର ସାହୁ, ସୁଶାନ୍ତ ରାଉତ, ନକୁଳ ସେନାପତି ପ୍ରମୁଖ କଲେଜ ଛାତ୍ରୀଛାତ୍ର ବିଗତ ଦିନର ସ୍ମୃତି ମନେପକାଇ ଭାବୁକ ହୋଇଥିଲେ। ଅଧ୍ୟାପକଙ୍କ ଉତ୍ତମ ଶିକ୍ଷାଦାନ, କର୍ତ୍ତବ୍ୟନିଷ୍ଠାର ଅବତାରଣା କରାଯିବା ସହ ସେମାନଙ୍କ ଦୀର୍ଘ ନିରାମୟ ଜୀବନ ପ୍ରାର୍ଥନା କରାଯାଇଥିଲା। ପ୍ରାରମ୍ଭରେ ଦିବଂଗତ ଛାତ୍ରୀଛାତ୍ର, ବନ୍ଧୁ ଓ ଅଧ୍ୟାପକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଛାତ୍ର ବନ୍ଧୁ ଗଦାଧର ମାଝୀ ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ ପାଇଁ ଧନ୍ୟବାଦ ଦେଇଥିଲେ।

### ମାଗଣା ଚିକିତ୍ସା ସେବା ଶିବିର

ଗୋପ,୧୨।୩(ଡି.ଏନ୍.ଏ.)- କୁଶୁପୁରସ୍ଥିତ ସୀତାରାମ ଫିଜିଓଥେରାପି କ୍ଲିନିକ୍‌ଠାରେ ମାଗଣା ସ୍ୱାସ୍ଥ୍ୟସେବା ଗତ ୬ ତାରିଖରେ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କ୍ଲିନିକ ଅଧ୍ୟକ୍ଷ ବ୍ରଜକିଶୋର ସାହୁ, ସମ୍ମାନିତ ଅତିଥି ଭାବେ ବ୍ରହ୍ମାନନ୍ଦ ସାହୁ ଯୋଗଦେଇଥିଲେ। ତ୍ର୍ୟମ୍ବକମ ହେଲ୍‌ଥ କେୟାରର ଡା. ରାକେଶ ଚନ୍ଦ୍ର କଲେତ ଓ ଜୟଶ୍ରୀ ମହାରଣାଙ୍କ ସହିତ ଡାକ୍ତରମାନେ ମାଗଣା ଚିକିତ୍ସା ଯୋଗାଇ ଦେଇଥିଲେ। ସଂସ୍ଥା ପକ୍ଷରୁ ରୋଗୀଙ୍କୁ ମାଗଣା ଔଷଧ ଦିଆଯାଇଥିଲା। ସୀତାରାମ ଫିଜିଓଥେରାପିର ଡାକ୍ତର ଅଭିଜିତ ସାହୁଙ୍କ ଦ୍ୱାରା ବିଭିନ୍ନ ଚିକିତ୍ସା କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଖବରଦାତାଙ୍କୁ ସମ୍ମାନିତ କରାଯାଇଥିଲା।

# ରହସ୍ୟ ଘେରରେ ସରପଞ୍ଚ ଦୀପାଙ୍କ ମୃତ୍ୟୁ

**ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ଦିଆଯାଇଥିବା ଚର୍ଚ୍ଚା**

- ୨୦୧୮ରେ ସ୍ୱାମୀଙ୍କ ମୃତଦେହ ରେଳଧାରଣାରୁ ମିଳିଥିଲା
- ୨୦୧୯ରେ ୨ ଦେଢ଼ଶୁର, ପୁତୁରାଙ୍କୁ ହତ୍ୟା କରାଯାଇଥିଲା

**ସାକ୍ଷୀଗୋପାଳ,୧୨।୩(ସ୍ୱ.ପ୍ର.)**

ପୁରୀ ଜିଲା ନିମାପଡ଼ାର ଡେଲ୍‌ଟା ଛକରେ ସରପଞ୍ଚ ଦୀପା ବେହେରା(୩୨)ଙ୍କ ମୃତ୍ୟୁ ଘଟଣାକୁ ନେଇ ରହସ୍ୟ ବଢ଼ିବାରେ ଲାଗିଛି। ସଡ଼କ ଦୁର୍ଘଟଣାରେ ଦୀପାଙ୍କ ମୃତ୍ୟୁ ଘଟିଛି ନା ତାଙ୍କୁ ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ମାରିଦିଆଯାଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପୂର୍ବରୁ ୨୦୧୮ ସେପ୍ଟେମ୍ବରରେ ଦୀପାଙ୍କ ସ୍ୱାମୀ ତଥା ତତ୍କାଳୀନ ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ କୁମାର ବେହେରାଙ୍କ ମୃତଦେହ ତାଙ୍କ ଘର ନିକଟ ରେଳଧାରଣାରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବାନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ସେହିପରି ୨୦୧୯ ଜୁଲାଇରେ ଅଜୟଙ୍କ ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣ ବେହେରା ଓ ଦାଦା ପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଟ୍ଟନାୟକିଆ ଛକଠାରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ଏହି ୩ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ପୂର୍ବ ଶତ୍ରୁତା



ଦୀପା ବେହେରା

ତଥା ରାଜନୈତିକ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହି ଘଟଣାର ୩ ବର୍ଷ ପରେ ଏବେ ଦୀପାଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଦୀପାଙ୍କ ଏଭଳି ମୃତ୍ୟୁକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୀପାଙ୍କୁ ଯୋଜନାବଦ୍ଧ ଭାବେ ମାରିଦିଆଯାଇଥିବା ଅନେକେ ସନ୍ଦେହ ବ୍ୟକ୍ତ କରୁଛନ୍ତି। ତେବେ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳାଇ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଦୁର୍ଘଟଣାଜନିତ ମୃତ୍ୟୁ ନେଇ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୬୬/୨୩) ରୁଜୁ କରାଯାଇଛି। ପୋଲିସ ସମ୍ପୃକ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ଯାହାକିଛି ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ୯ ବର୍ଷର ପୁତ୍ର ଆୟୁଷ ମୁଖାଗ୍ନି ଦେଇଥିଲେ।

ସୂଚନା ମୁତାବକ, ଶନିବାର ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଦୀପା ତାଙ୍କ ପରିବାର ସହ ନିମାପଡ଼ାର ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ସେଠାରୁ ଦୀପାଙ୍କ ମା' ଏବଂ ଭାଇ ଏକ ବାଇକ୍‌ରେ ଫେରୁଥିବାବେଳେ ସେ ଓ ତାଙ୍କ ପୁତୁରା ଅନ୍ୟ ଏକ ବାଇକ୍ (ଓଡି୦୨ଏଏକ୍ସ-୭୨୭୭) ଯୋଗେ ଘରକୁ ଫେରୁଥିଲେ। ଡେଲ୍‌ଟା ଛକରେ କୌଣସି କାରଣରୁ ଦୀପା ବାଇକ୍‌ରୁ ଖସିପଡ଼ିଥିଲେ। ଏହି ସମୟରେ ଦ୍ରୁତଗତିରେ ସାମ୍‌ନାପଟୁ ଆସୁଥିବା ଏକ ହାଇୱା (ଓଡି ୦୫ ବିଏ-୦୫୦୧) ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ନିମାପଡ଼ା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଦୀପାଙ୍କ ପୁତୁରା ପ୍ରଶାନ୍ତ ବେହେରା ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।

# ମିଶନ ଶକ୍ତିର ମହିଳା ସମାବେଶ




ସମାବେଶରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ଏବଂ ଅନ୍ୟମାନେ ।

**ଅସ୍ତରଙ୍ଗ,୧୨।୩(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଥିବା ମିଶନ ଶକ୍ତିର ମହିଳା ମହାସମାବେଶ ରବିବାର ଅସ୍ତରଙ୍ଗ ବ୍ଲକସ୍ଥିତ ନମାରୋଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କ୍ରୀଡ଼ା, ଯୁବ ବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମହିଳା ସଶକ୍ତୀକରଣ ଉପରେ ବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ସରକାର ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ମିଶନ ଶକ୍ତି ବିଭାଗ ସୃଷ୍ଟି କରିଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ବିଭିନ୍ନ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରିଛି। ସମାବେଶରେ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଅତିଥିମାନେ ମହିଳାଙ୍କୁ ଅବଗତ କରାଇଥିଲେ। ପୁରୀରୁ ପଲ୍ଲୀ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇ ଆଗାମୀ ୨୪ ସାଧାରଣ ନିର୍ବାଚନ ପାଇଁ ନବୀନ ପଟ୍ଟନାୟକଙ୍କୁ ପୁନଶ୍ଚ ମୁଖ୍ୟମନ୍ତ୍ରୀ କରିବାକୁ ଶପଥ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ସଭାନେତ୍ରୀ ମିନତି ବସ୍ତିଆ, ଜିଲା ପରିଷଦ ସଭ୍ୟା ବନିତା ବେହେରା, ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, ସରପଞ୍ଚ ଶ୍ରୀୟା ବରାଳ, ଜ୍ୟୋସ୍ନାରାଣୀ ପରିଡ଼ା, ସମିତି ସଭ୍ୟ ରାମଚନ୍ଦ୍ର ନାୟକ, ସମିତିସଭ୍ୟା ମନ୍ଦାକିନୀ ଛାଟୋଇ, ଆରତି କାଣ୍ଡି, କୁଞ୍ଜବିହାରୀ ପ୍ରଧାନ, ମଙ୍ଗୁଳି ପ୍ରଧାନ, ମିନତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ବ୍ଲକ ବିଜେଡି ସଭାପତି କେଦାରନାଥ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ସ୍ୱୟଂ ସହାୟିକା ଗୋଷ୍ଠୀର ଶତାଧିକ ମହିଳା ଏଥିରେ ଯୋଗଦେଇଥିଲେ।




ପୁରୀସ୍ଥିତ ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠର ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ଗୌଡ଼ୀୟ ମଠର ଶ୍ରୀବିଗ୍ରହ ପ୍ରତିଷ୍ଠା ଉତ୍ସବ

**ପୁରୀ ଅଫିସ,୧୨।୩**

ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠର ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ଶ୍ରୀହରି କଥା ଅବସରରେ ଶ୍ରୀକ୍ଷେତ୍ର ଓ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀପାଦ ଭକ୍ତି ବେଦାନ୍ତ ଶ୍ରୀଧର ମହାରାଜ, ଶ୍ରୀପାଦ ଭକ୍ତି ବେଦାନ୍ତ ଶ୍ରୀଧାନ୍ତି ମହାରାଜ, ଶ୍ରୀପାଦ ଭକ୍ତି ବେଦାନ୍ତ ପଦ୍ମନାଭ ମହାରାଜ, ଶ୍ରୀପାଦ ଭକ୍ତି ବେଦାନ୍ତ ଜତି ମହାରାଜ ଯୋଗଦେଇ ଶ୍ରୀମାନ ଚୈତନ୍ୟ ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥ ଧାମ ଲୀଳା ସମ୍ପର୍କରେ ବିସ୍ତାର ଭାବେ ଆଲୋକପାତ କରିଥିଲେ। ମହାପ୍ରଭୁ ଏଠାରେ ସାକ୍ଷାତ୍ ରୂପରେ ଅବସ୍ଥାନ କରି ଶ୍ରୀ ରାଧାରାଣୀଙ୍କର ବିପ୍ରଲମ୍ଭ ଭାବକୁ ଆସ୍ୱାଦନ କରିବା ସହିତ ଜଗତ୍ ଜୀବଙ୍କୁ ଅତ୍ୟନ୍ତ ଦୁର୍ଲଭ କୃଷ୍ଣ ପ୍ରେମର ଶିକ୍ଷା ପ୍ରଦାନ କରୁଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସରେ ଶ୍ରୀବିଗ୍ରହ ତତ୍ତ୍ୱର ମହିମା ସମ୍ପର୍କରେ ଆଲୋଚନା ହୋଇଥିଲା। ଶ୍ରୀବିଗ୍ରହ ସେବାର ମହିମା ଅତ୍ୟନ୍ତ ଦୁର୍ଲଭ। ଭାରତ ବର୍ଷରେ ଭଗବାନଙ୍କ ଅନେକ ବିଗ୍ରହ ସେବା ପୂଜା ପାଉଛନ୍ତି। ବିଗ୍ରହ ପୂଜନ କଲେ ଚିତ୍ତ ଶୋଧନ ହୁଏ, ମାନସିକ ଶାନ୍ତି ମିଳେ ଏବଂ ଆଧ୍ୟାତ୍ମିକ ଭାବନା ପ୍ରକଟିତ ହେବା ସହିତ ଏ ଜୀବ ଜଗତରେ ଶାନ୍ତି ସଂହତି, ମୈତ୍ରୀ ଓ ସଦ୍ଭାବନା ପ୍ରକଟିତ ହୋଇଥାଏ ବୋଲି ବକ୍ତାମାନେ କହିଥିଲେ। ଉଦ୍‌ଯାପନୀ ଦିବସରେ ଯଶୋଦା ନନ୍ଦନ ଦାସ ମହାରାଜ ଯୋଗଦାନ କରିଥିଲେ। ତ୍ରିଦିବସୀୟ ଆଲୋଚନାଚକ୍ରରେ ଶ୍ରୀପାଦ ଭକ୍ତି ବେଦାନ୍ତ ବୁଧାୟନ୍ ମହାରାଜ ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠା ଉତ୍ସବ ଅବସରରେ ଓଡ଼ିଶା ସମେତ ନବଦୀପ, ବୃନ୍ଦାବନ, ଦିଲ୍ଲୀ, ହରିଆନା, ମଥୁରାରୁ ଶତାଧିକ ସାଧୁ ସନ୍ଥ ଓ ଭକ୍ତ ଯୋଗଦେଇଥିଲେ। ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ ଶ୍ରୀପାଦ ରାଧେଶ ଦାସ ଓ ଶ୍ରୀପାଦ ସଞ୍ଜୟ ଦାସ। ଉତ୍ସବରେ ନଗର ସଂକୀର୍ତ୍ତନ, ଶ୍ରୀବିଗ୍ରହ ପ୍ରତିଷ୍ଠା ଆଦି ସମ୍ପାଦିତ ହୋଇଥିଲା।

# ରାଧାକୃଷ୍ଣ ପାଲାମଣ୍ଡପର ୩୫ତମ ବାର୍ଷିକୋତ୍ସବ

**ଅସ୍ତରଙ୍ଗ,୧୨।୩(ଡି.ଏନ୍.ଏ.)**

ମୂଳାଗଡ଼ ତହସିଲ ଅଧୀନ ରାଧାକୃଷ୍ଣ ମେଳଣ ପଡ଼ିଆ ଶନିଦେବଙ୍କ ପୀଠରେ ରାଧାକୃଷ୍ଣ ପାଲାମଣ୍ଡପର ୩୫ତମ ବାର୍ଷିକ ଉତ୍ସବ ଓ ନରନାରାୟଣଙ୍କ ପୂଜା ରବିବାର ଅନୁଷ୍ଠିତ ହୋଇଯାଇଛି। ପାଲାମଣ୍ଡପ ଉପଦେଷ୍ଟା ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଆଳସାହି ସରପଞ୍ଚ ଶ୍ରୀୟା ବରାଳ, ମୁଖ୍ୟ ବକ୍ତା ସାମାଜିକ କର୍ମୀ ପ୍ରଦେଶ ବରାଳ ଯୋଗଦେଇଥିଲେ। ପାଲାମଣ୍ଡପ ସଭାପତି ଜୟକୃଷ୍ଣ ଦାସ ଓ ସମ୍ପାଦକ ଅଜୟ ବେହେରା ଯୋଗଦେଇ 'ମାନବ ସେବା ହିଁ ମାଧବ ସେବା' ଓ ୩୫ ବର୍ଷ ଧରି ଏହି ପାଲାମଣ୍ଡପର ବାର୍ଷିକ ଉତ୍ସବର ଅନୁଭୂତି ବଖାଣିଥିଲେ। ବିଭିନ୍ନ ଝଡ଼ଝଞ୍ଜା ସହି ଏବେ ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହାକୁ ସରସ ସୁନ୍ଦର କରି ଅଞ୍ଚଳରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିବାରୁ ମଞ୍ଚାସୀନ ଅତିଥି କୃତଜ୍ଞତା ଜଣାଇଥିଲେ। ଦୁଇଦିନ ଧରି ଓଡ଼ିଶାର ସୁନାମଧନ୍ୟ ଗାୟକ ହରେକୃଷ୍ଣ ମହାରଣା ଓ ସାଥୀ ପାଲା ପରିବେଷଣ କରିଥିଲେ। ଅନୁଷ୍ଠାନର ରେବତୀ ଦେବୀ, ଅନନ୍ତ, ଚିକୁ, ଲିକୁ, ସଞ୍ଜୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁ, ପାଲା ପ୍ରେମୀ ଯୋଗଦେଇ ପାଲା ଉପଭୋଗ କରିବା ସହିତ ନରନାରାୟଣ ପୂଜାରେ ସାମିଲ ହୋଇଥିଲେ।

# ସମଙ୍ଗରା ଶାଖାର ସଂକୀର୍ତ୍ତନ ମହୋତ୍ସବ



କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ଚାଲିଛି ।

**ପୁରୀ ଅଫିସ,୧୨।୩**

ଶ୍ରୀଜଗନ୍ନାଥ ସଂସ୍କୃତି ସଂକୀର୍ତ୍ତନ ସେବା ବିକାଶ ପରିଷଦ ପୁରୀ ସଦର କ୍ଲବ୍ ସମଙ୍ଗରା ଶାଖାର ଦ୍ୱାଦଶ ସଂକୀର୍ତ୍ତନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀରୁଦ୍ରେଶ୍ୱର ମହାଦେବଙ୍କ ମେଳନ ପଡ଼ିଆ ସଂକୀର୍ତ୍ତନ ଶିକ୍ଷା ପ୍ରଶିକ୍ଷଣ କେନ୍ଦ୍ରଠାରେ ଏହି ମହୋତ୍ସବ ପାଳନ ହୋଇଥିଲା। ଏଥିରେ ସମଙ୍ଗରା ଶାଖାର ସମସ୍ତ ସଂକୀର୍ତ୍ତନମଣ୍ଡଳୀ ଯୋଗ ଦେଇଥିଲେ। ସକାଳ ସମୟରେ ସମଙ୍ଗରା ଗ୍ରାମ ନଗର ସଂକୀର୍ତ୍ତନ କରାଯାଇଥିଲା। ନଗର ସଂକୀର୍ତ୍ତନ ଶୋଭାଯାତ୍ରା ସମୟରେ ସମଙ୍ଗରା ଗ୍ରାମରେ ବନ୍ଦାପନା ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ଶ୍ୟାମସୁନ୍ଦର ପ୍ରଧାନ ଗ୍ରାମର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଅପରାହ୍ନରୁ ମେଳଣ ପଡ଼ିଆରେ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଜିଲା ସଂକୀର୍ତ୍ତନ ସଭାପତି ଗଙ୍ଗାଧର ପ୍ରଧାନ, ଶାଖା ସଭାପତି ଦୁର୍ଯ୍ୟୋଧନ ପ୍ରଧାନ ସମସ୍ତ ସଂକୀର୍ତ୍ତନ କଳାକାରଙ୍କୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବରେ ସମାଙ୍ଗରା ଗ୍ରାମବାସୀ ସହଯୋଗ କରିଥିଲେ।

# ଦ୍ୱିତୀୟ ଦିନରେ ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ: ନାଗା ନୃତ୍ୟରେ ଦୁଲୁକିଲା ଦାଣ୍ଡ

**ବ୍ରହ୍ମଗିରି,୧୨।୩(ଡି.ଏନ୍.ଏ.)**

ବ୍ରହ୍ମଗିରି ପଞ୍ଚୁପାଣ୍ଡବ ମେଳଣ ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ମେଳଣ କୁଞ୍ଜରେ ଦୋଳ ବିମାନ ପହଞ୍ଚିଛନ୍ତି। ଏନେଇ ମେଳଣପଦାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ସମୟରେ ବ୍ରହ୍ମଗିରିର ବିଭିନ୍ନ ସାହିଗୁଡ଼ିକରୁ ପାରମ୍ପରିକ ନାଗାମେଢ଼ ନୃତ୍ୟ ପ୍ରଦର୍ଶନୀ କରାଯାଇଥିଲା। ଏହି ନାଗା ନୃତ୍ୟ ଏ ଅଞ୍ଚଳର ପାରମ୍ପରିକ ଓ ବୀର ପାଇକ କଳାର ପ୍ରତୀକ। ଏହା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

# ବସନ୍ତପୁର ଚାମ୍ପିୟନ




କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା**

**ସାକ୍ଷୀଗୋପାଳ, ୧୨।୩(ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ସେବାୟତ ସଂଘ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପଶାଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପାରମ୍ପରିକ ପ୍ରତିଯୋଗିତାରେ ପୁରୀ ଏବଂ ଆଖପାଖ ଅଞ୍ଚଳର ୩୨ଟି ଦଳ ଭାଗନେଇ ଶନିବାର ଓ ରବିବାର ୨ ଦିନ ଧରି ଖେଳରେ ତିଷ୍ଠି ରହିଥିବା ଦେଖାଯାଇଥିଲା। ବସନ୍ତପୁର ଦଳର ଶ୍ୟାମ ଗଜେନ୍ଦ୍ର ଓ ଗୋବର୍ଦ୍ଧନ ବେହେରା ଚାମ୍ପିୟନ ହୋଇଥିବାବେଳେ କୁମାର ବାରିକ ଓ ବାବୁଲି ପ୍ରଧାନ ରନର୍ସଅପ୍ ହୋଇଥିଲେ। ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସଂଘର ସଂଯୋଜକ ଦେବାଶିଷ ପତ୍ରି, ବରିଷ୍ଠ ସେବାୟତ କିଶୋର ଚନ୍ଦ୍ର ମହାପାତ୍ର, ବିଶ୍ୱନାଥ ମହାପାତ୍ର, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ନିଖିଳ ଉତ୍କଳ ପଶାଖେଳ ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଖେଳକୁ ପରିଚାଳନା କରିଥିଲେ। ଏହି ପାରମ୍ପରିକ ଖେଳ କ୍ରମେ କମିଯାଉଥିବାରୁ ଆଗ୍ରହୀ ଦର୍ଶକ ଏହା ଦେଖିବାକୁ ଏକାଠି ହୋଇଥିଲେ।

# ପେଣ୍ଟକଟା ବେଳାଭୂମିରେ ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ

**ପୁରୀ ଅଫିସ, ୧୨।୩:**

ପୁରୀ ସମୁଦ୍ରକୂଳରେ ବିରଳ ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପରେ ଏବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। କଇଁଛମାନେ ସୁରକ୍ଷିତ ସ୍ଥାନ ମଣୁଥିବା ବେଳାଭୂମିରେ ଅଣ୍ଡା ଦେଉଛନ୍ତି। ମୁଖ୍ୟତଃ ଓଡ଼ିଶା ଉପକୂଳରେ ଅଲିଭ୍ ରିଡ୍‌ଲେ କଇଁଛମାନେ ଅଣ୍ଡା ଦେଇଥାନ୍ତି। ତେବେ ପ୍ରଥମଥର ପାଇଁ ଅଲିଭ ରିଡ୍‌ଲେ କଇଁଛମାନେ ଅଣ୍ଡାଦାନ ପାଇଁ ପୁରୀ ପେଣ୍ଟକଟା ସମୁଦ୍ରମୁହାଁ ହୋଇଛନ୍ତି, ଯାହାକୁ ନେଇ ପରିବେଶବିତ୍‌ମାନେ ଖୁସି ବ୍ୟକ୍ତ କରିଛନ୍ତି। ପେଣ୍ଟକଟା ଗଙ୍ଗାଦେବୀ ସାହି ନିକଟ ବେଳାଭୂମିରେ ଅଲିଭ ରିଡଲେ କଇଁଛମାନେ ଅଣ୍ଡା ଦେଇଥିବା ରବିବାର ସକାଳେ ଦେଖିବାକୁ ମିଳିଛି। କଇଁଛମାନେ ଅଣ୍ଡା ଦେଇ ସେଗୁଡ଼ିକୁ ବାଲିରେ ପୋତି ଚାଲିଯାଇଛନ୍ତି। ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀ ସମୁଦ୍ରକୁ ଡଙ୍ଗା ନେଇ ଯିବାବେଳେ ଏହା ଦେଖି ମୋବାଇଲ କ୍ୟାମେରାରେ କଏଦ କରିଥିଲେ। ପରେ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ବାଲି ଭିତରୁ ୧୧୫ଟି ଅଣ୍ଡା ଉଦ୍ଧାର କରି ବ୍ୟାଗରେ ପୂରାଇ ନେଇଯାଇଥିଲେ।

ସାମାଜିକ କର୍ମୀ ବିସ୍ମୟ ମିଶ୍ର କହିଛନ୍ତି, ଅଲିଭ ରିଡ୍‌ଲେ ଅଣ୍ଡା



ଦେଇଥିବା ନେଇ ରବିବାର ସକାଳ ପ୍ରାୟ ୬ଟାରେ କମ୍ୟୁନିଟିରୁ ତାଙ୍କ ନିକଟକୁ ଫୋନ ଆସିଥିଲା। ଖବର ପାଇ ସେ ସେଠାକୁ ଯାଇ ଦେଖିବା ବେଳକୁ କଇଁଛ ଅଣ୍ଡା ଦେଇ ଚାଲିଯାଇଥିଲା। ତେବେ କୁକୁର ଉକ୍ତ ସ୍ଥାନରେ ମୁହଁ ମାରିଥିବା ସେ ଦେଖିବାକୁ ପାଇଥିଲେ। ତେଣୁ ଉକ୍ତ ସ୍ଥାନକୁ ଯେପରି କୁକୁର ନ ଯିବ ଏବଂ ଅଣ୍ଡା ନଷ୍ଟ ନ କରିବ ସେଥିପ୍ରତି ଧ୍ୟାନ ଦେବାକୁ ବନ ବିଭାଗକୁ ସୂଚନା ଦେଇଥିଲୁ। ଏଣେତେଣେ ପଡ଼ିରହିଥିବା କଇଁଛ ଅଣ୍ଡାଗୁଡ଼ିକୁ ଗୋଟିଏ ସ୍ଥାନରେ ବାଲିରେ ପୋତି ରଖିଥିଲୁ। କିଛି ସମୟ ପରେ ବନ ବିଭାଗର କର୍ମଚାରୀ ଆସି ଏକ ସାଧାରଣ ବ୍ୟାଗରେ ସମସ୍ତ ୧୧୫ଟି ଅଣ୍ଡାକୁ ବାଲିରୁ ଉଦ୍ଧାର କରି ନେଇଯାଇଥିଲେ। ତେବେ ରାଜ୍ୟ ସରକାର ବିରଳ ଅଲିଭ ରିଡ୍‌ଲେ କଇଁଛମାନଙ୍କ ସୁରକ୍ଷା ପାଇଁ ଅନେକ ପଦକ୍ଷେପ ନେଉଛନ୍ତି। ମାତ୍ର ପ୍ରଶାସନ କଇଁଛଙ୍କ ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉନାହିଁ। କଇଁଛ ଅଣ୍ଡା ସୁରକ୍ଷିତ ରହିଲେ କଇଁଛ ବଂଶ ବୃଦ୍ଧି ହେବ। ମାତ୍ର ବନ ବିଭାଗ ପକ୍ଷରୁ ସାଧାରଣ ବ୍ୟାଗରେ ଅସୁରକ୍ଷିତ ଭାବେ ଅଣ୍ଡା ନିଆଯିବା କ୍ଷୋଭର ବିଷୟ ବୋଲି ମିଶ୍ର ପ୍ରକାଶ କରିଛନ୍ତି। ଅପରପକ୍ଷରେ ଚଳିତ ବର୍ଷ ପୁରୀ ବେଳାଭୂମିରେ ଶହ ଶହ ସଂଖ୍ୟାରେ ଅଲିଭ ରିଡ୍‌ଲେ କଇଁଛ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଥିଲା। ମୁଖ୍ୟତଃ ପ୍ରଶାସନ ପକ୍ଷରୁ କରାଯାଇଥିବା ନିଷିଦ୍ଧାଞ୍ଚଳରେ ଅବୈଧ ଭାବେ ଟ୍ରଲର ଚଳାଚଳ ଓ ମାଛ ଧରିବା ଫଳରେ ଅନେକ କଇଁଛ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ବର୍ଷ ନଭେମ୍ବରଠାରୁ ମେ ପର୍ଯ୍ୟନ୍ତ କଇଁଛଙ୍କ ସୁରକ୍ଷା ପାଇଁ ସମୁଦ୍ରର ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯିବା ସହ ମାଛମରା ଓ ଟ୍ରଲର ଚଳାଚଳ ଉପରେ କଟକଣା ଲଗାଯାଇଥାଏ। ମାତ୍ର ଅନେକ ସମୟରେ ପ୍ରଶାସନର ନିୟମ ଉଲ୍ଲଂଘନ କରି ନିଷିଦ୍ଧାଞ୍ଚଳରେ ମାଛ ମାରିବା ଫଳରେ କଇଁଛମାନଙ୍କର ଅକାଳ ମୃତ୍ୟୁ ହୋଇଥାଏ। ତେବେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ବନ ବିଭାଗ ପକ୍ଷରୁ ସଫେଇ ଦିଆଯାଏ। ଏଣିକି ପେଣ୍ଟକଟା ବେଳାଭୂମିରେ ଆହୁରି ଅଧିକ କଇଁଛ ଆସି ଅଣ୍ଡାଦେବା ନେଇ ପରିବେଶବିତ୍‌ମାନେ ଆଶାବ୍ୟକ୍ତ କରିଛନ୍ତି। ତେଣୁ ଏଥିଲାଗି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

**୧୧୫ ଅଣ୍ଡା ଉଦ୍ଧାର**

**ଏପ୍ରିଲ ୮ରୁ ନାହାଲପୁର ମହୋତ୍ସବ**

**କଣ୍ଟାପଡା, (ଡି.ଏନ୍.ଏ.):** କଣ୍ଟାପଡା ବ୍ଲକ ଅନ୍ତର୍ଗତ ନାହାଳପୁର ବିଶ୍ୱନାଥ ଯୁବ ପରିଷଦ ପକ୍ଷରୁ ଆସନ୍ତା ଏପ୍ରିଲ ୮ ଓ ୯ ତାରିଖ ୨ଦିନ ଧରି ପ୍ରଥମ ନାହାଳପୁର ମହୋତ୍ସବ ''ଚୈତାଳି-୨୦୨୩'' ସ୍ଥାନୀୟ ନାହାଳପୁର ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ହେବ। ଉକ୍ତ ମହୋତ୍ସବରେ ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିଙ୍କୁ 'ବିଘ୍ନେଶ୍ୱର ସାଂସ୍କୃତିକ ସମ୍ମାନ-୨୦୨୩' ରେ ସମ୍ବର୍ଦ୍ଧିତ କରାଯିବ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବାଣିଜ୍ୟିକ ମେଳା ଆୟୋଜନ କରାଯିବ ବୋଲି ପରିଷଦର ସଂଗଠନ ସମ୍ପାଦକ ସନ୍ତୋଷ ନାୟକ ନାହଳପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସମ୍ମିଳନୀରେ ଅନୁଷ୍ଠାନର ସହ ସମ୍ପାଦକ ନରେନ୍ଦ୍ର ସାହୁ, ଜୟନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତିର ନୂତନ କର୍ମକର୍ତ୍ତା

**କଟକ ଅଫିସ,୧୨।୩:** ଅବସରପ୍ରାପ୍ତ ପୋଲିସ ଅଧିକାରୀ କଲ୍ୟାଣ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ ରବିବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ଭାବେ କୃଷ୍ଣ ସାମଲ ନିର୍ବାଚନ ପରିଚାଳନା କରିଥିଲେ। ନୂତନ କର୍ମକର୍ତ୍ତାମାନେ ହେଲେ ସଭାପତି ଭକ୍ତବଲ୍ଲଭ ଦାଶ, କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର କୁମାର ପାତ୍ର, ଉପସଭାପତି କୈଳାସ ଚନ୍ଦ୍ର ମିଶ୍ର, ଚିତ୍ତରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ବିଭୂତିଭୂଷଣ ପଟ୍ଟନାୟକ, ସଙ୍ଗଠନ ସମ୍ପାଦକ ଦୀପ୍ତିରଞ୍ଜନ ରାୟ, କୋଷାଧକ୍ଷ ଜଗନ୍ନାଥ ପରିଡ଼ା, ଅଫିସ ସେକ୍ରେଟାରୀ ଜଗନ୍ନାଥ ନାୟକ। ଏଥିସହ ପରାମର୍ଶଦାତା କମିଟିରେ ୫ ଜଣ ଓ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ୮ ଜଣଙ୍କୁ ସାମିଲ କରାଯାଇଛି। ନୂତନ କର୍ମକର୍ତ୍ତାମାନେ ଆସନ୍ତା ୪ ବର୍ଷ ପାଇଁ କାର୍ଯ୍ୟ କରିବେ ବୋଲି ସଭାପତି ଭକ୍ତବଲ୍ଲଭ ଦାସ ସୂଚନା ଦେଇଛନ୍ତି।

### ପୂଜା କମିଟି ପ୍ରତିଷ୍ଠାତା ସଭ୍ୟଙ୍କ ସ୍ମୃତିସଭା

**କଟକ ଅଫିସ,୧୨।୩:** ଖାନ୍‌ନଗର-ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ସଭାଗୃହରେ ଖାନ୍‌ନଗର ପୂଜା କମିଟିର ପ୍ରତିଷ୍ଠାତା ସଭ୍ୟ ପରମାନନ୍ଦ ସାହୁଙ୍କ ବିୟୋଗରେ ସ୍ମୃତିଚାରଣ ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ପୂଜା କମିଟି ସଭାପତି ସୁଭାଷ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କର୍ପୋରେଟର ଗୋପାଳ ବେହେରା, କାର୍ଯ୍ୟକାରୀ ସଭାପତି ଅକ୍ଷୟ ବେହେରା, ଆଇନଜୀବୀ ସାନ୍ତାୟନ ମିଶ୍ର, ସୋମନାଥ ଶତପଥୀ, ବିଦ୍ୟାଧର ସାହୁ, ଦେବରାଜ ସାହୁ, ଲଳିତ ମୋହନ ସାହୁ, ଜ୍ଞାନେଶୁ ନାୟକ, ପ୍ରଦୀପ କୁମାର ସାହୁ, ଯୁବକ ସଂଘ ସଭାପତି ସୀତାରାମ ବେହେରା, ସମ୍ପାଦକ ପ୍ରତାପ କୁମାର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ପରମାନନ୍ଦଙ୍କ ସ୍ମୃତିଚାରଣ କରିଥିଲେ। ଏଥିସହ ଖାନ୍‌ନଗର ଅଞ୍ଚଳ ପ୍ରତି ତାଙ୍କର ଅବଦାନ ବିଷୟରେ ଆଲୋକପାତ କରିଥିଲେ।

### ବୁଥ୍ ସଶକ୍ତୀକରଣ ପ୍ରଶିକ୍ଷଣ କର୍ମଶାଳା



**ଚୌଦ୍ୱାର,୧୨।୩(ଡି.ଏନ୍.ଏ.):** ଭାଜପା ଚୌଦ୍ୱାର ମଣ୍ଡଳର ବୁଥ୍ ସଶକ୍ତୀକରଣ ପ୍ରଶିକ୍ଷଣ କର୍ମଶାଳା ମଣ୍ଡଳ କାର୍ଯ୍ୟାଳୟ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି କୈଳାସ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୟନ କିଶୋର ମହାନ୍ତି ଯୋଗଦେଇ ମଣ୍ଡଳ ପଦାଧିକାରୀମାନଙ୍କୁ ବୁଥ୍ କମିଟି ଗଠନ ବିଷୟରେ ଅବଗତ କରାଇଥିଲେ। ନିର୍ବାଚନ ମଣ୍ଡଳୀ ସଂଯୋଜକ ଚିରଞ୍ଜିବୀ ଖଣ୍ଡାୟତରାୟ, ଜିଲା ସମ୍ପାଦକ ବୈରାଗୀ ଚରଣ ପ୍ରଧାନ, ପ୍ରକାଶ ଚନ୍ଦ୍ର ବଡ଼ଜେନା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିରେ ସରୋଜ କୁମାର ସାହୁ, ତନ୍ମୟ ସାହୁ, ହଂସ ଚରଣ ସାହୁ, ଭାବଗ୍ରାହୀ ପଟ୍ଟନାୟକ, ସୌମେନ୍ଦ୍ର ଲେଙ୍କା, ଜ୍ଞାନରଞ୍ଜନ ପରିଡ଼ା, ବସନ୍ତ କୁମାର ପ୍ରଧାନଙ୍କ ସମେତ ବହୁସଂଖ୍ୟକ ଦଳୀୟ କର୍ମୀ ଯୋଗଦେଇଥିଲେ।

# ବଢୁଛି ବେଆଇନ ମଦ କାରବାର

**ଖୁଣ୍ଟୁଣୀ ଥାନାଞ୍ଚଳ**
- ଅବକାରୀ ବିଭାଗର ଲୋକ ଦେଖାଣିଆ ଚଢ଼ାଉ
- ୧୫,୩୦୫ ଲିଟର ମଦ, ପୋଚ ଜବତ
- ୫ ଜଣଙ୍କ ନାଁରେ ମାମଲା

**ଖୁଣ୍ଟୁଣୀ,୧୨।୩(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ବେଆଇନ ଭାବେ ଦେଶୀମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲ ସମେତ ଅନେକ ସ୍ଥାନରେ ଦେଶୀମଦ ପ୍ରସ୍ତୁତ କରାଯାଇ ବିକ୍ରି ପାଇଁ କଟକ, ଚୌଦ୍ୱାର, ଢେଙ୍କାନାଳ ଓ ବାରଙ୍ଗ ଅଞ୍ଚଳକୁ ପଠାଯାଉଛି। ଏହାଦ୍ୱାରା ମଦ ମାଫିଆମାନେ ମାଲାମାଲ ହେଉଥିବାବେଳେ ନିଶାସକ୍ତ ବ୍ୟକ୍ତି ଅନ୍ୟମାନଙ୍କୁ ଗାଳିଗୁଲଜ କରୁଛନ୍ତି। ଏପରି କି ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ଅଭିଯୋଗ କଲେ ଅବକାରୀ ବିଭାଗ ଲୋକଦେଖାଣିଆ ଚଢ଼ାଉ କରି ଦାୟିତ୍ୱ ସାରିଦେଉଛି। କିଛିଦିନ ବ୍ୟବଧାନରେ ମଦ ମାଫିଆମାନେ ପୁଣି ଦେଶୀମଦ ପ୍ରସ୍ତୁତ କରି ବାହାରକୁ ଚାଲାଣ କରୁଛନ୍ତି। ହେଲେ ଏହାକୁ ସମ୍ପୂର୍ଣ୍ଣ ମାତ୍ରାରେ ରୋକାଯାଇ ପାରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ତୁରନ୍ତ ଅବକାରୀ ବିଭାଗ ଓ ସ୍ଥାନୀୟ ପୋଲିସ ଚଢାଉ କରି ଦେଶୀମଦ ଓ ପୋଚ ଜବତ କରିବା ସହ ମଦ ପ୍ରସ୍ତୁତକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



ଜବତ ହୋଇଥିବା ମଦ, ପୋଚ।

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ ଗ୍ରାମ ପାର୍ଶ୍ୱ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଦେଶୀମଦ ପ୍ରସ୍ତୁତ କରାଯାଇ ଗାତ ଖୋଳି ରଖାଯାଇଥିଲା। ରବିବାର ଖବରପାଇ ଖୁଣ୍ଟୁଣୀ ପୋଲିସ, ଜିଲା ଓ ଆଠଗଡ଼ ଅବକାରୀ ବିଭାଗ ଏବଂ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇଥିଲା। ଜଙ୍ଗଲର ୩୦ରୁ ଊର୍ଦ୍ଧ୍ୱ ଗାତରେ ୧୩୬୫ ଲିଟର ଦେଶୀମଦ ଓ ମଦ ପ୍ରସ୍ତୁତ ପାଇଁ ପ୍ଲାଷ୍ଟିକ ଜାର୍‌ରେ ୧୩,୯୪୦ ଲିଟର ପୋଚଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ସେଗୁଡିକ ନଷ୍ଟ କରାଯାଇଥିଲା। ଏ ନେଇ ଖୁଣ୍ଟୁଣୀ ଥାନା ପକ୍ଷରୁ ୨ ଜଣ ଓ ଅବକାରୀ ବିଭାଗ ପକ୍ଷରୁ ୩ ଜଣଙ୍କ ନାମରେ ୫ଟି ମାମଲା ରୁଜୁ ହୋଇଛି। ଚଢ଼ାଉବେଳେ ଏମାନେ ଫେରାର ହୋଇଯାଇଛନ୍ତି। ଖୁବ୍‌ଶୀଘ୍ର ଏମାନଙ୍କୁ ଗିରଫ କରାଯିବ ବୋଲି ଖୁଣ୍ଟୁଣୀ ଥାନା ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆ କହିଛନ୍ତି। ଅପରପକ୍ଷରେ ଆଠଗଡ଼ ଅବକାରୀ ବିଭାଗର ଡେପୁଟୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ କୁମାର ପଣ୍ଡା କହିଛନ୍ତି, ଖୁଣ୍ଟୁଣୀର ଡାଲୁଆ, ଆଠଗଡ଼ର ଭିରୁଡ଼ା ଓ କୋରଙ୍ଗା ଆଦି ସ୍ଥାନରେ ଦେଶୀ ମଦ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି। ଏହି ସ୍ଥାନରେ ମଦ ପ୍ରସ୍ତୁତି ବନ୍ଦ ପାଇଁ ପଦକ୍ଷେପ ନିଆଯିବ। ଏଣିକି ଚଢ଼ାଉ ଜାରି ରହିବ। ଏଥିସହ ୧୧୦ ଦଫାରେ ମଦ ପ୍ରସ୍ତୁତକାରୀଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଏହି ଚଢ଼ାଉରେ ଆଠଗଡ଼ ଅବକାରୀ ନିରୀକ୍ଷକ କେଶବ ଚନ୍ଦ୍ର ଦାସ, ଜିଲା ମୋବାଇଲ ଇନ୍ସପେକ୍ଟର ସଞ୍ଜିତ ବାର୍ଲା, ଏସ୍ଆଇ ଅଜିତ୍ ପାତ୍ର, ବାଙ୍କୀ ଅବକାରୀ ଏସ୍ଆଇ ଦୀପକ ମାରାଣ୍ଡି, ଖୁଣ୍ଟୁଣୀ ବନାଞ୍ଚଳର ଲମ୍ବୋଦର ନାୟକ, ସସ୍ମିତା ପ୍ରଧାନ, ଖୁଣ୍ଟୁଣୀ ଥାନା ଏସ୍ଆଇ ଭିକାରି ଚରଣ ସାହୁ ସାମିଲ ହୋଇଥିଲେ।

# କାର୍ଯ୍ୟକ୍ଷମ ହେବ ସିଏନ୍‌ଜି ଶବସତ୍କାର ଗୃହ

**କଟକ ଅଫିସ,୧୨।୩**

କଟକସ୍ଥିତ ଖାନ୍‌ନଗର ଶ୍ମଶାନରେ ସିଏନ୍‌ଜି ଶବ ସତ୍କାର ଗୃହ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ଏହାର ନିର୍ମାଣ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାଦ୍ୱାରା ପ୍ରଦୂଷଣକୁ ରୋକାଯିବା ସହ ଅଳ୍ପ ସମୟରେ ମୃତଦେହ ସତ୍କାର କରାଯାଇପାରିବ। କଟକ ମହାନଗର ନିଗମ(ସିଏମ୍‌ସି) କମିଶନର ନିଖିଳ ପୱନ କଲ୍ୟାଣଙ୍କ ସୂଚନା ଅନୁଯାୟୀ, ସାଢେ ୩ କୋଟି ଟଙ୍କା ବ୍ୟୟରେ ଏହି ସିଏନ୍‌ଜି ଚାଳିତ ଶବସତ୍କାର ଗୃହ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଆସନ୍ତା ୧ ମାସ ମଧ୍ୟରେ ଏହାକୁ କାର୍ଯ୍ୟକ୍ଷମ କରାଯିବ। ଏଠାରେ ଏକା ଥରକେ ଦୁଇଟି ମୃତଦେହ ସତ୍କାର ପାଇଁ ବ୍ୟବସ୍ଥା ରହିଛି। ଦୁଇଟି ଚିମିଣିର ବ୍ୟବସ୍ଥା କରାଯାଇଛି। ଏହାଛଡା କର୍ମ ଓ ବିଧିବିଧାନ ପାଇଁ ଗାଧୁଆ ଘର, ବିଶ୍ରାମ କକ୍ଷ ଓ ପାର୍କିଂସ୍ଥଳ ନିର୍ମାଣ କରାଯାଇଛି। ଏଥିସହ ଶ୍ମଶାନ ପରିସରରେ କାଠରେ ମୃତଦେହ ସତ୍କାର ପାଇଁ ମଧ୍ୟ ବ୍ୟବସ୍ଥା ରହିବ। ମୃତକଙ୍କ ସମ୍ପର୍କୀୟମାନେ ଚାହିଁଲେ କାଠରେ ମୃତଦେହ ସତ୍କାର କରିପାରିବେ। ତେବେ ରାଜ୍ୟରେ ପ୍ରଥମ ଥର ପାଇଁ ଏଭଳି ବ୍ୟବସ୍ଥା କରାଯାଉଥିବା କମିଶନର କହିଛନ୍ତି।

ପୂର୍ବରୁ ଏଠାରେ ବିଦ୍ୟୁତ୍ ଚୁଲାରେ ମୃତଦେହ ସତ୍କାର କରାଯାଉଥିଲା। ହେଲେ ଫନୀ ବାତ୍ୟା ସମୟରେ ଚିମିଣିଟି ଭାଙ୍ଗି ଯାଇଥିଲା। ଫଳରେ କାଠରେ ମୃତଦେହ ସତ୍କାର କରାଯାଉଥିଲା। ଏହାପରେ ଏହି ସ୍ଥାନରେ ଏକ ସିଏନ୍‌ଜି ଶବ ସତ୍କାର ଗୃହ ନିର୍ମାଣ କରିବା ପାଇଁ ସିଏମ୍‌ସି ପକ୍ଷରୁ ଗେଲ୍ ଇଣ୍ଡିଆ କମ୍ପାନୀକୁ ଦାୟିତ୍ୱ ଦିଆଯାଇଥିଲା। କଟକ ସହରରେ ଏହି ବ୍ୟବସ୍ଥା ପ୍ରଥମଥର ପାଇଁ ଆରମ୍ଭ ହେବାକୁ ଯାଉଛି। ଆଗାମୀ ଦିନରେ କଟକର ବଡ଼ ଶ୍ମଶାନରେ ଏଭଳି ବ୍ୟବସ୍ଥା ପାଇଁ ଯୋଜନା ରହିଥିବା ସିଏମ୍‌ସି ସ୍ପଷ୍ଟ କରିଛି। ଏଭଳି ବ୍ୟବସ୍ଥା ନିଶ୍ଚୟ ଏକ ଭଲ ପଦକ୍ଷେପ ବୋଲି ସହରବାସୀ ମତପ୍ରକାଶ କରିଛନ୍ତି।



କଟକ ଚାନ୍ଦିନୀଚୌକସ୍ଥିତ ରାଜକିଶୋର ଭବନରେ ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର।

# କ୍ରିକେଟ୍ ଟୁର୍ନାମେଣ୍ଟ, ନାରଙ୍ଗବସ୍ତ ଚାମ୍ପିୟନ



ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଦିବସରେ ଅତିଥିଙ୍କ ସହ ଖେଳାଳିମାନେ।

**ଚୌଦ୍ୱାର,୧୨।୩(ଡି.ଏନ୍.ଏ.)**

ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ବଡ଼ପାଦାଗାଁରେ ଆୟୋଜିତ ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ୨ ଦିନ ଧରି ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୮ଟି ଟିମ୍ ଅଂଶଗ୍ରହଣ କରିଥିଲା। ନାରଙ୍ଗବସ୍ତ କ୍ରିକେଟ କ୍ଲବ୍ ଓ ଗୋବରା କ୍ରିକେଟ୍ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଏଥିରେ ନାରଙ୍ଗବସ୍ତ କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଥିଲା। ନାରଙ୍ଗବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୯୨ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ଗୋବରା କ୍ରିକେଟ୍ କ୍ଲବ୍ ୧୨ ଓଭରରେ ମାତ୍ର ୭୯ ରନ୍ କରିଥିଲା। ଅମ୍ପେୟାର ଚନ୍ଦନ ରାଉତ ଓ ସନ୍ତୋଷ ରାଉତ ମ୍ୟାଚ୍ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବ ସଙ୍ଗଠକ ଅଭୟ ବାରିକ, କାଉନସିଲର ଆଶୁତୋଷ ଦାସ, ଅଜିତ୍ କୁମାର ସ୍ୱାଇଁ, ଅରକ୍ଷିତ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମନୋଜ ବାରିକ, ରାକେଶ କୁମାର ଦାସ, ପ୍ରଶାନ୍ତ ସିଂ, ପ୍ରକାଶ କାଣ୍ଡି, ପ୍ରଶାନ୍ତ ବାରିକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

## ୨ ରାସ୍ତାର ଶିଳାନ୍ୟାସ

**ମାହାଙ୍ଗା:୧୨।୩(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକର ୨ଟି ଗ୍ରାମ୍ୟ ଉନ୍ନୟନ ରାସ୍ତା ପାଇଁ ରବିବାର ବିଧାୟକ ବିଧାୟକ ପ୍ରତାପ ଜେନା ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୩ କୋଟି ୨୮ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ୧୫୫ ଲକ୍ଷ ବ୍ୟୟ ଅଟକଳରେ ସିପୁରା ମାହାଙ୍ଗା ଭାୟା ପଦନଦାସପୁର ରାସ୍ତା ଏବଂ ୧୭୩ ଲକ୍ଷ ବ୍ୟୟ ଅଟକଳରେ ରାଣୀଗୋଡ଼ାଠାରୁ ଓଷଙ୍ଗ ଭାୟା ହାଟପଡ଼ା ରାସ୍ତା ନିର୍ମାଣ ହେବ। ଏହାଦ୍ୱାରା ୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ଲୋକେ ଉପକୃତ ହେବ ବୋଲି ବିଧାୟକ ଜେନା କହିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ମାହାଙ୍ଗା ସରପଞ୍ଚ ବେବିନା ଜେନା, ସମବାୟ ସମିତିର ସଭାପତି ରଜନୀକାନ୍ତ ପରିଡ଼ା,ପଲୀସାହି ସରପଞ୍ଚ ରଶ୍ମିରଞ୍ଜନ ରାଉତ, ସମିତିସଭ୍ୟ ଦୀପକ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ଆହ୍ୱାନ

**ସାଲେପୁର,୧୨।୩(ଡି.ଏନ୍.ଏ.)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ରବିବାର ଟାଙ୍ଗୀ ଓ ସାଲେପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ପଞ୍ଚାୟତ ହାଇସ୍କୁଲ ପଡ଼ିଆରେ ଆୟୋଜିତ ସମାବେଶରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କରାଇବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ମାଧ୍ୟମରେ ଏନେଇ ଅନେକ ଯୋଜନା କାର୍ଯ୍ୟକାରୀ କରାଯାଇଛି ବୋଲି ସେ କହିଥିଲେ। ସମାବେଶରେ ବ୍ଲକ ବିଜେଡି ମହିଳା ସଭାପତି ରାଜଶ୍ରୀ ଜେନା ପୌରୋହିତ୍ୟ କରିଥିଲେ। ମୁଖ୍ୟ ବକ୍ତାଭାବେ କଟକ ଜିଲା ମହିଳା ବିଜେଡି ସଭାପତି ଅନିତା ବେହେରା, ସମ୍ମାନିତ ଅତିଥିଭାବେ ବ୍ଲକ ମିଶନ ଶକ୍ତି ସଭାପତି ତୃପ୍ତି ରେଖା ପରିଡ଼ା, ବ୍ଲକ ଉପାଧ୍ୟକ୍ଷ ପୁଷ୍ପାଞ୍ଜଳି ବିଶ୍ୱାଳ, ଟାଙ୍ଗୀ ବ୍ଲକ ଜିଲାପରିଷଦ ସଭ୍ୟା ଜୟଶ୍ରୀ ପ୍ରଧାନ, ସରପଞ୍ଚ ଜ୍ୟୋତିରେଖା ନାୟକ, ଜିଲା ପରିଷଦ ସଭ୍ୟା ରଞ୍ଜିତା ସେଠୀ, ସୁନୀତା ମଲିକ, ନାରୀନେତ୍ରୀ ବବିତା ଦାଶ, ଶିଶୁଆ ପଞ୍ଚାୟତ ସରପଞ୍ଚ ପ୍ରତିମା ସାହୁ, ଗୋପୀନାଥପୁର ପଞ୍ଚାୟତ ସରପଞ୍ଚ ଦମୟନ୍ତୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଉଭୟ ବ୍ଲକ ବିଜେଡି ଦଳୀୟ ମହିଳା କର୍ମକର୍ତ୍ତା, ସରପଞ୍ଚ, ସମିତି ସଭ୍ୟା ,ଏସ୍ଏଚଜିର କର୍ମକର୍ତ୍ତାଙ୍କ ସହ ହଜାର ହଜାର ସଂଖ୍ୟାରେ ମହିଳା ଯୋଗଦେଇଥିଲେ। ନାରୀନେତ୍ରୀ ତୃପ୍ତି ରେଖା ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର

**କଟକ ଅଫିସ,୧୨।୩**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର 'କୁଟୁମ୍ବ' ପ୍ରକଳ୍ପ ଅଧୀନରେ ପୋଷ୍ୟଗ୍ରହଣ ଗ୍ରାମ କମ୍ୟୁନିଟି ଆଲୋଚନାଚକ୍ର ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ସନ୍ନିକଟ ବ୍ରଜବିହାରୀପୁର, ବାଲ୍ମୀକି ନଗର ମୁଣ୍ଡାସାହି ଓ ବାବା ତିଳକା ନଗରରେ ସାହିର ବିଭିନ୍ନ ବର୍ଗର ବ୍ୟକ୍ତିଙ୍କୁ ନେଇ ପୃଥକ୍ ଭାବେ ଦଳଗତ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବେଦ କୁମାରୀଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକମାନଙ୍କୁ ୩ଟି ଦଳରେ ବିଭକ୍ତ କରାଯାଇଥିଲା। ଏହାପରେ ପୋଷ୍ୟଗ୍ରହଣ କମ୍ୟୁନିଟିଗୁଡ଼ିକରେ ଦଳଗତ ଆଲୋଚନା ହୋଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନା ମାଧ୍ୟମରେ କମ୍ୟୁନିଟିର ଚଳଣି, ସୁବିଧା, ଅସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ଆନୁଷଙ୍ଗିକ ପ୍ରସଙ୍ଗରେ ତଥ୍ୟ ସଂଗ୍ରହ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ତଥା କୁଟୁମ୍ବ ପ୍ରକଳ୍ପର ସଂଯୋଜିକା ଡ. ସୁମନ ଦାଶ ଭଞ୍ଜମିଶ୍ର, ସୋନାଲ ସିଂ, ଅକ୍ଷୟ ବର୍ମା, ୟୁନିସେଫ୍ କନସଲଟାଣ୍ଟ ଅନନ୍ୟା ଦାସ, ଏ. ନିକିତା ପଟ୍ଟଯୋଶୀ ଓ ଉଦିତ୍ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦକ୍ଷିଣକାଳୀ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବଡ଼ମ୍ବା,୧୨।୩(ଡି.ଏନ୍.ଏ.)**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ଓ କଜଳବେଢ଼ା ଗାଁରେ ମା 'ଦକ୍ଷିଣକାଳୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶଙ୍ଖାମେରୀ ଗାଁରେ ପ୍ରତିଷ୍ଠା ଉତ୍ସବ ୪ ଦିନଧରି ହୋଇଥିଲା। ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ପୂର୍ଣ୍ଣାହୁତି ଦେଇଥିଲେ। ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ଖୁଣ୍ଟୁକଟା ଗ୍ରାମପଞ୍ଚାୟତର କଜଳବେଢ଼ା ଗାଁରେ ମା' ଦକ୍ଷିଣକାଳୀଙ୍କର ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

## 'ଦେଶ ସେବା ପାଇଁ ଆଗେଇ ଆସନ୍ତୁ ଛାତ୍ରୀଛାତ୍ର'

**ବିଦ୍ୟାର୍ଥୀ କଲ୍ୟାଣ ଦିବସ ପାଳିତ**

**କଟକ ଅଫିସ,୧୨।୩**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଦୁଃଖୀଶ୍ୟାମ ଦାସ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାର୍ଥୀ କଲ୍ୟାଣ ଦିବସ ବିଡ଼ାନାସୀସ୍ଥିତ ଚହଟେଶ୍ୱର ପୀଠରେ ରବିବାର ପାଳିତ ହୋଇଯାଇଛି। ବିଚାରପତି ମନୋରଞ୍ଜନ ମହାନ୍ତି ଏହାକୁ ଉଦ୍‌ଘାଟନ କରି କହିଥିଲେ, ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷିତ ହୋଇ ଦେଶ ସେବା ପାଇଁ ଆଗେଇ ଆସନ୍ତୁ। ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଅଧ୍ୟକ୍ଷତା କରି ଦେଶ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆବାହକ ଦୁଃଖୀଶ୍ୟାମ ଦାସ ସ୍ୱାଗତ ଭାଷଣ ଓ ପଣ୍ଡିତ ଦିଲୀପ କୁମାର ସାବତ ଶିବସ୍ତୁତି ଗାନ କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ ଡ. ପ୍ରାଣରଞ୍ଜନ ଦାସ, ବରେଣ୍ୟ ବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ମହେଶ୍ୱର ନନ୍ଦ, ସମ୍ମାନିତ ଅତିଥି ଆଇନଜୀବୀ ବଂଶୀଧର ଶତପଥୀ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଅଶୋକ କୁମାର ବାରିକ ଯୋଗଦେଇଥିଲେ। ଏହି ଅବସରରେ ତିତିକ୍ଷା ଜେନା, ଆଶୁତୋଷ ଦାସ, ଅନନ୍ୟା ଭରଦ୍ୱାଜ, ଶ୍ୱାଶତଶ୍ରୀ ପଟ୍ଟନାୟକ, ପ୍ରୀତିପ୍ରଜ୍ଞା ପ୍ରିୟଦର୍ଶିନୀଙ୍କୁ ପୁରସ୍କୃତ କରାଯାଇଥିଲା। ରଶ୍ମିରେଖା ଦାସ ମାନପତ୍ର ପାଠ କରିଥିଲେ। ଇଂ. ଅବିନାଶ ପରିଡ଼ା, ଆଇନଜୀବୀ ଦେବେନ୍ଦ୍ର ପରିଡ଼ା, କବୀର ଜେନା, ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ, ସୌମ୍ୟସାରଥି ଦାସ, ସ୍ୱର୍ଣ୍ଣପ୍ରଭା ସାହୁ, ରଞ୍ଜନ ବେହେରା, ପ୍ରିୟଙ୍କା ସାହୁ ଓ ସରୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆଇନଜୀବୀ କିଶୋର ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଯୋବ୍ରା ନୂଆସାହିରେ ଅଗ୍ନିକାଣ୍ଡ

**କଟକ ଅଫିସ,୧୨।୩:** କଟକ ଯୋବ୍ରାସ୍ଥିତ ନୂଆସାହିର ବିଜୟଲକ୍ଷ୍ମୀ ମହାନ୍ତିଙ୍କ ୨ ମହଲା କୋଠାଘରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଘରେ ଥିବା ପ୍ରାୟ ୧ ଲକ୍ଷ ଟଙ୍କାର ଆସବାବପତ୍ର ପୋଡି ନଷ୍ଟ ହୋଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ସୂଚନା ଅନୁସାରେ, ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟ୍‌ରେ ଅଗ୍ନିକାଣ୍ଡ ଘଟିଥିଲା। ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ରର ୨ଟିଦମକଳ ଅଗ୍ନିକାଣ୍ଡ ସ୍ଥଳରେ ପହଞ୍ଚିଥିଲା। ଅଗ୍ନିକାଣ୍ଡର ମାତ୍ରା ଅଧିକ ଥିବାରୁ ନିଆଁକୁ ଆୟତ୍ତ କରିବା ଅଗ୍ନିଶମ କର୍ମଚାରୀଙ୍କ ପକ୍ଷରେ କଷ୍ଟକର ହୋଇଥିଲା। ତେଣୁ ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଆଉ ଏକ ଦମକଳ ଗାଡି ମଗାଯାଇଥିଲା। ନିଆଁଠାରୁ ଧୂଆଁର ପ୍ରକୋପ ଅଧିକ ଥିଲା। ଘର ମଧ୍ୟରୁ ଧୂଆଁ ବାହାରକୁ ବାହାରିବା ନିମନ୍ତେ କୌଣସି ରାସ୍ତା ନ ଥିବାରୁ ଦମକଳ ବାହିନୀକୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥିଲା। ଅଗ୍ନିକାଣ୍ଡବେଳେ ଉକ୍ତ ଘରେ ବିଜୟଲକ୍ଷ୍ମୀ ଓ ଆଉ ଜଣେ ବୃଦ୍ଧା ଥିଲେ। ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ତେବେ ଠାକୁର ଘରେ ଦିଆଯାଇଥିବା ଦୀପ ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜିବ ବେହେରା ଓ ଚାଉଳିଆଗଞ୍ଜ ଅଗ୍ନିଶମ କେନ୍ଦ୍ର ଅଧିକାରୀ ବିକାଶ କୁମାର ସାହୁଙ୍କ ନେତୃତ୍ୱରେ ୧୨ ଜଣ କର୍ମଚାରୀ ନିଆଁଲିଭା କାର୍ଯ୍ୟରେ ସାମିଲ ହୋଇଥିଲେ।



# ପୁନଃ ନିର୍ମାଣ ଅପେକ୍ଷାରେ ଶୀତଳ ଭଣ୍ଡାର

**କଟକ ସଦର,୧୨।୩ (ଡି.ଏନ୍.ଏ.)**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳରେ ଥିବା ସମବାୟ ଶୀତଳ ଭଣ୍ଡାର ୧୯୯୯ ମହାବାତ୍ୟା ପରଠାରୁ ଅଚଳ ଅବସ୍ଥାରେ ରହିଛି। ଏହାକୁ ପୁନଃ ନିର୍ମାଣ କରିବା ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପଡୁଛି। ତେଣୁ ଘରୋଇ ସହ ଭାଗିଦାରେ ଏହାକୁ ପୁନଃ ନିର୍ମାଣ କରି ଚଲାଇବା ପାଇଁ ରାଜ୍ୟ ସମବାୟ ବିଭାଗ ଟେଣ୍ଡର ଆହ୍ୱାନ କରିଛି। ନିର୍ଦ୍ଧାରିତ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ମାତ୍ର ୩ଟି ସଂସ୍ଥା ଏହାକୁ ନେବା ପାଇଁ ଆଗ୍ରହ ପ୍ରକାଶ କରି ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି। ଟେଣ୍ଡର ଫାଇଲ ଖୋଲିବା ପରେ ଯଦି ସରକାର କୌଣସି ଏକ ପ୍ରସ୍ତାବକୁ ଗ୍ରହଣ କରନ୍ତି, ତା'ହେଲେ ଉକ୍ତ ଶୀତଳ ଭଣ୍ଡାର ପୁନଃ କାର୍ଯ୍ୟକ୍ଷମ ହୋଇପାରିବ।

କାଠଯୋଡ଼ି ଓ ସିଡୁଆ ନଦୀ ଅବବାହିକାରେ ଥିବା ୪୨ ଅଞ୍ଚଳରେ ଆଳୁ, କୋବି ଅଧିକ ଦିନ ସଂରକ୍ଷିତ କରି ରଖିବା ପାଇଁ ୧୯୬୨ ମସିହାରେ ସମବାୟ ବିଭାଗ ଜରିଆରେ ଏହି ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା। ଏଥିପାଇଁ ରାଜ୍ୟ ଅର୍ଥ ନିଗମ ୧ଲକ୍ଷ ୫୦ ହଜାର ଟଙ୍କା ଋଣ ପ୍ରଦାନ କରିଥିଲା। ଲାଭ ହେବା ଦ୍ୱାରା ଋଣ ଶୁଝା ଯାଇଥିଲା। ମାତ୍ର ପରିଚାଳନାରେ ତ୍ରୁଟି ଯୋଗୁ ୧୯୮୫ ପରଠାରୁ ଆଉ ଲାଭ ହୋଇ ନ ଥିଲା। ଶେଷରେ ମହାବାତ୍ୟା ଯୋଗୁ ଉକ୍ତ ଶୀତଳ ଭଣ୍ଡାରର ବ୍ୟାପକ କ୍ଷୟକ୍ଷତି ହେବାରୁ ଆଉ ଚାଲିପାରିଲା ନାହିଁ। ଶୀତଳଭଣ୍ଡାର ଗୃହ ଭାଙ୍ଗିରୁଜି ଯାଇଥିବାବେଳେ ଯନ୍ତ୍ରପାତି କଥା ନ କହିବା ଭଲ। ତେଣୁ ଏହାକୁ ପୁନଃ ନିର୍ମାଣ କରି କାର୍ଯ୍ୟକ୍ଷମ କରାଗଲେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଉପକୃତ ହୋଇପାରିବେ।

ଉତ୍କଳ ବିକାଶ ପରିଷଦର ସଭାପତି ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି, ସରକାର କୋହଳ ସର୍ତ୍ତ ରଖିଲେ ୪୨ ମୌଜା ସମବାୟ ଶୀତଳ ଭଣ୍ଡାର ଚାଲିପାରିବ। ୧୯୬୨ ମସିହାରେ ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କଠାରୁ ସମବାୟ ବିଭାଗ ଜମି କିଣି ଉକ୍ତ ଶୀତଳଭଣ୍ଡାର ନିର୍ମାଣ କରିଥିଲା। ହେଲେ ଉକ୍ତ ଜମିର ମାଲିକାନା ଏବେ ବି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ନାଁରେ ରହିଛି। ସରକାର ପ୍ରଥମେ ଏହାକୁ ସମବାୟ ବିଭାଗ ଅଧୀନକୁ ଆଣିବା ଦରକାର ବୋଲି ସେ କହିଛନ୍ତି। ସେହିପରି ୪୨ ମୌଜା ଦେଉଳି ଅଞ୍ଚଳର ଚାଷୀ ସନ୍ତୋଷ କୁମାର ପତି କହିଛନ୍ତି, ଏହି ଶୀତଳ ଭଣ୍ଡାର ଚାଲିବା ପାଇଁ ଘରୋଇ ସଂସ୍ଥା ଉପରେ ନ ଛାଡ଼ି ଏଥିପାଇଁ ସରକାର ସବ୍‌ସିଡି ଦେଲେ ଅଧିକ ପ୍ରୋତ୍ସାହନ ମିଳିପାରନ୍ତା। କଟକ ଉପ ସହକାରୀ ସମବାୟ ନିବନ୍ଧକ ସୁଶାନ୍ତ କୁମାର ମିଶ୍ର କହିଛନ୍ତି, ସ୍ୱଳ୍ପ ବିଦ୍ୟୁତ୍ ଖର୍ଚ୍ଚରେ କିପରି ନୂଆ ଯନ୍ତ୍ରାଂଶ ଦ୍ୱାରା ଶୀତଳ ଭଣ୍ଡାର ଚାଲିବ ସେଥିପାଇଁ ଘରୋଇ ସଂସ୍ଥା ଇଚ୍ଛୁକ। ତେବେ ଟେଣ୍ଡର ଫାଇଲ ଖୋଲାଯିବା ପରେ ଏହାକୁ କେଉଁ ସଂସ୍ଥା ନେବାକୁ ଇଚ୍ଛୁକ ତାହା ଜଣାପଡିବ।

## ସଂକ୍ଷେପରେ

### ପେଣ୍ଠକଟା ବେଳାଭୂମିରେ ଅଲିଭ୍ ରିଡ୍ଲେଙ୍କ ଅଣ୍ଡାଦାନ

ପୁରୀ ଅଫିସ,୧୨।୩: ପୁରୀ ସମୁଦ୍ରକୂଳରେ ବିରଳ ଅଲିଭ ରିଡ୍ଲେ କଇଁଛଙ୍କ ମିଳନ ପରେ ଏବେ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ପେଣ୍ଠକଟା ଗଙ୍ଗାଦେବୀ ସାହି ନିକଟ ବେଳାଭୂମିରେ ଅଲିଭ ରିଡଲେ କଇଁଛମାନେ ଅଣ୍ଡା ଦେଇଥିବା ରବିବାର ସକାଳେ ଦେଖିବାକୁ ମିଳିଛି। କଇଁଛମାନେ ଅଣ୍ଡା ଦେଇ ସେଗୁଡିକୁ ବାଲିରେ ପୋତି ଚାଲିଯାଇଛନ୍ତି। ସକାଳୁ ସ୍ଥାନୀୟ ମତ୍ସ୍ୟଜୀବୀ ଏହା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ପହଞ୍ଚି ବାଲି ଭିତରୁ ୧୧୫ଟି ଅଣ୍ଡା ଉଦ୍ଧାର କରି ନେଇଯାଇଥିଲେ।

### ‘ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ମହିଳା’

ଭୁବନେଶ୍ୱର,୧୨।୩(ବ୍ୟୁରୋ): ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ(ଆଇସିଏଆଇ)ର ଭୁବନେଶ୍ୱର ଶାଖାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭୁବନେଶ୍ୱର ଆଇସିଏଆଇ ଭବନରେ ‘ମହିଳା ଚାଟାର୍ଡ ଆକାଉଣ୍ଟାଣ୍ଟସ୍‌ଙ୍କର ରାଷ୍ଟ୍ର ବିକାଶରେ ଭୂମିକା’ ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅତିଥି ଭାବେ ଗୃହ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷା ଶ୍ରୀମୟୀ ମିଶ୍ର, ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ଆଇଜି ଏସ୍. ସାଇନି ଏବଂ ଗାୟିକା ଅସୀମା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଆଇସିଏଆଇ ଭୁବନେଶ୍ୱର ଶାଖାର ଅଧକ୍ଷ ପ୍ରଦୀପ କୁମାର ସାହୁ, ଉପାଧକ୍ଷ ତଥା ଛାତ୍ର ସଙ୍ଗଠନର ଅଧକ୍ଷ ଗଗନ ବିହାରୀ ଦାସ, ସଭାପତି ମହେନ୍ଦ୍ର କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଚାଟାର୍ଡ ବୃତ୍ତିରେ ମଧ ମହିଳାମାନେ କେବଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିନାହାନ୍ତି ବରଂ ସୁନାମ ଅର୍ଜନ କରିଛନ୍ତି। ତେଣୁ ଆଜିର ମହିଳାମାନେ ପଛରେ ନାହାନ୍ତି ବରଂ ପ୍ରତ୍ୟେକ କ୍ଷେତ୍ରରେ ପୁରୁଷଙ୍କ ସହ ସମକକ୍ଷ ହୋଇ ଆଗେଇ ଚାଲିଛନ୍ତି ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଇସିଏଆଇର ପୂର୍ବତନ ଅଧକ୍ଷ ଅରୁଣ କୁମାର ସାବତ, ପାର୍ଥ ସାରଥୀ ମିଶ୍ର, ରାଜେନ୍ଦ୍ର ଦାସ ଏବଂ ମହିଳା ଆକାଉଣ୍ଟାଣ୍ଟସ୍‌ମାନେ ଯୋଗଦାନ କରିଥିଲେ। ଭୁବନେଶ୍ୱର ଶାଖାର କୋଷାଧକ୍ଷ ଶାଶ୍ୱତ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୋ ପାର୍କିଂ ଜୋନ୍‌ରେ ଗାଡ଼ି

ଭୁବନେଶ୍ୱର, ୧୨।୩ (ବ୍ୟୁରୋ)



ରାଜମହଲରୁ ଏଜି ଓ ଏଜିରୁ ରାଜମହଲ ଉଭୟ ରାସ୍ତାରେ ଯାନବାହାନ ପାର୍କିଂକୁ ବେଆଇନ୍ କରାଯାଇଛି। ଏଠାରେ ଗାଡ଼ି ପାର୍କିଂ ନ କରିବାକୁ ବିଏମ୍‌ସି ଓ ଟ୍ରାଫିକ ପୋଲିସ ପକ୍ଷରୁ ସଚେତନ କରାଯାଉଛି। ଏପରିକି ସେଠାରେ ନୋ ପାର୍କିଂଜୋନ୍‌ର ବୋର୍ଡ ମଧ ଲଗାଯାଇଛି। ସେହିପରି ବିପରୀତ ରାସ୍ତାରେ ବହୁତଳ ବିଶିଷ୍ଟ କାର୍ ପାର୍କିଂ ନିର୍ମାଣ କରାଯାଇଛି। ଏଠାରେ ଉଭୟ କାର୍ ଏବଂ ବାଇକ୍ ପାର୍କିଂ କରିବା ଲାଗି ବ୍ୟବସ୍ଥା ରହିଛି। ମାତ୍ର ଲୋକମାନେ ପାର୍କିଂରେ ଗାଡ଼ି ନ ରଖି ରାସ୍ତା କଡ଼ରେ ବେଆଇନ୍ ଭାବେ ଗାଡ଼ି ରଖୁଛନ୍ତି। ଭୁବନେଶ୍ୱରରେ ପ୍ରତ୍ୟେକ ଦିନ ଟ୍ରାଫିକ ସମସ୍ୟା ନଜରକୁ ଆସୁଛି। ବିଶେଷକରି କଳ୍ପନାରୁ ଏଜି ରୋଡ୍‌ରେ ପ୍ରବଳ ଗହଳି ରହୁଛି। କଳ୍ପନା ଛକରୁ ବାପୁଜୀନଗର, ରାଜମହଲ, ଅଶୋକନଗର, ମାଷ୍ଟରକ୍ୟାଣ୍ଟିନ୍ ଭଳି ପ୍ରମୁଖ ସ୍ଥାନ ଜଡିତ ଥିବାରୁ ସେଠାରେ ସାଧାରଣତଃ ଜନସମାଗମ ଦେଖାଯାଇ ଥାଏ। ତେଣୁ ଏଠାରେ ଯେପରି ଟ୍ରାଫିକ୍ ସମସ୍ୟା ନ ଉପୁଜିବ ସେଥିପାଇଁ ବିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଛି। ମାତ୍ର ଲୋକମାନେ ସଚେତନ ହେଉ ନାହାନ୍ତି। ସେହିପରି ବିଏମ୍‌ସି କିମ୍ବା ଟ୍ରାଫିକ୍ ପୋଲିସ ପକ୍ଷରୁ ମଧ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ସପ୍ତାହରେ ଥରେ ଦୁଇଥର ୫/୧୦ଟି ଗାଡ଼ି ଉଠାଇ ନେଇ

### କାର୍ଯ୍ୟାନୁଷ୍ଠାନ ଅଭାବରୁ ଟ୍ରାଫିକ୍ ସମସ୍ୟା ବଢୁଛି

ବାହା ବା ନେବାକୁ ଚେଷ୍ଟା କରୁଛି। ରବିବାର ଛୁଟି ଦିନ ହୋଇ ଥିବାରୁ ସହରର ପ୍ରମୁଖ ମାର୍କେଟ କୁହାଯାଉଥିବା ୟୁନିଟ-୧ ହାଟ ଏବଂ ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଅଞ୍ଚଳରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା। ଲୋକମାନେ ରାସ୍ତା କଡ଼ରେ ନୋ ପାର୍କିଂ ଜୋନ୍‌ରେ ଗାଡି ପାର୍କିଂ କରିଥିବା ଦେଖିବାକୁ ମିଳିଥିଲା। ଫଳରେ ରାଜମହଲରୁ ଏଜି ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ସମସ୍ୟା ଦେଖା ଦେଇଥିଲା। ଏହାକୁ ଦୃଷ୍ଟିରେ ରଖି ବିଏମ୍‌ସି ଏବଂ କମିଶନରେଟ୍ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା। ରାସ୍ତା ଜାମ୍ ହେବାରୁ ଟ୍ରାଫିକ ପୋଲିସର ସ୍ୱତନ୍ତ୍ର ଟିମ ସେଠାରେ ପହଞ୍ଚି ବେଆଇନ ପାର୍କ ହୋଇଥିବା କେତେକ ଗାଡ଼ିକୁ ଉଠାଇ ନେଇଥିଲା। ଫଳରେ ନୋ ପାର୍କିଂ ଜୋନ୍‌ରେ ଗାଡ଼ି ରଖିଥିବା ଲୋକଙ୍କୁ ହଟହଟା ହେବାକୁ ପଡ଼ିଥିଲା। ଏଜି ଛକ ନିକଟସ୍ଥ ଟ୍ରାଫିକ ଥାନା ପରିସରରୁ ନିଜନିଜ ଗାଡ଼ି ଆଣିବା ସହ ବେଆଇନ ପାର୍କିଂ ଲାଗି ମୋଟା ଅଙ୍କର ଜରିମାନା ମଧ ଆଦାୟ କରାଯାଇଥିବା ଟ୍ରାଫିକ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏକାଧିକ ଗାଡ଼ି ରହିଥିଲେ ବି ମାତ୍ର ହାତ ଗଣତି ଗାଡ଼ିକୁ ଉଠାଇ ନିଆଯାଇଥିଲା। ଏ ସମ୍ପର୍କରେ ହାଟକୁ ଆସିଥିବା ଭୁବନେଶ୍ୱର ବାସିନ୍ଦା ସୁଧାକର ରାଉତ କହିଛନ୍ତି, ହାଟରେ ୫ମିନିଟ୍‌ର କାମ ଥିଲା। ତେଣୁ ରାସ୍ତା କଡ଼ରେ ଗାଡି ପାର୍କ କରି ଦେଇଥିଲି। ଏଠାରେ ପାର୍କିଂ ବ୍ୟବସ୍ଥା ଅଛି, ମାତ୍ର ଟିକେ କାମ ପାଇଁ ଗହଳିରେ ଯାଇ ପଇସା ଦେଇ ଗାଡ଼ି ରଖିବା କ’ଣ ଦରକାର। ମୁଁ ତ ଏକା ଗାଡ଼ି ଥୋଇନି, ଅନ୍ୟମାନେ ବି ଥୋଇଛନ୍ତି। ସେହିପରି ସାଗରିକା ସାହୁ କହିଛନ୍ତି, ଯଦି ୫ଟଙ୍କା କିମ୍ବା ମାଗଣାରେ କାମ ହୋଇ ଯାଉଛି ତେବେ ମଲ୍ଟି ଲେବଲ କାର୍ ପାର୍କିଂରେ ଘଣ୍ଟାକୁ ୨୦ଟଙ୍କା କାହିଁକି ଦେବୁ। ଆଗରୁ ଏଠାରେ ଗାଡ଼ି ରହୁଥିଲା ଏବେ ଏତେ ନିୟମ କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି।

# କୋଚିଂ ସେଣ୍ଟରରେ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

କେନ୍ଦ୍ରାପଡ଼ା ଅଫିସ, ୧୨।୩

### ମାଲିକଙ୍କ ସମେତ ସହଯୋଗୀ ଫେରାର



ସୁବ୍ରତ ମୁଦୁଲି

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ କଜଳାସ୍ଥିତ ଏକ ଘରୋଇ କୋଚିଂ ସେଣ୍ଟରରେ ଆୟେବାସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ର ସୁବ୍ରତ ମୁଦୁଲି (୧୭)ଙ୍କ ମୃତ୍ୟୁ ହୋଇଛି। ତାଙ୍କର ଏହି ମୃତ୍ୟୁ ପଛରେ କୋଚିଂ ସେଣ୍ଟର ମାଲିକ ଆଶିଷ ସ୍ୱାଇଁ ଓ ୩ ପରିଚାଳନା ସହଯୋଗୀଙ୍କ ହାତ ରହିଥିବା ସୁବ୍ରତଙ୍କ ବାପା ସୁବାସ ଚନ୍ଦ୍ର ମୁଦୁଲି ଥାନାରେ ଶନିବାର ରାତିରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସୁବ୍ରତଙ୍କ ବାପା ତଥା କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତ ଫୋରଡ ଗ୍ରାମର ସୁବାସ କହିଛନ୍ତି, ପୁଅ ଆୟେବା କଲେଜରେ ପାଠ ପଢ଼ନ୍ତି। ତେବେ କୋଚିଂ ପାଇଁ ତାଙ୍କୁ କଜଳାସ୍ଥିତ କ୍ୟାରିୟର ପାୱାର ନାମକ କୋଚିଂ ସେଣ୍ଟରରେ ନାମ ଲେଖାଯାଇଥିଲା। ଶନିବାର ରାତି ପ୍ରାୟ ୯ଟାରେ ସୁବାସଙ୍କ ସ୍ତ୍ରୀ ସନ୍ଧ୍ୟାରାଣୀଙ୍କ ଥଣ୍ଡା,ଜ୍ୱରର ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଇଥିଲେ। ଏହି ସମୟରେ କୋଚିଂ ସେଣ୍ଟରର କେତେଜଣ ଛାତ୍ର ଅଚେତ ଅବସ୍ଥାରେ ସୁବ୍ରତଙ୍କୁ ଡାକ୍ତରଖାନା ଆଣୁଥିବା ଦେଖିଥିଲେ। ପୁଅର କ’ଣ ହୋଇଛି ବୋଲି ସନ୍ଧ୍ୟାରାଣୀ ପ୍ରଶ୍ନ କରିବାକୁ କେହି କିଛି କହି ପାରି ନ ଥିଲେ। ଏହାପରେ ଡାକ୍ତର ସୁବ୍ରତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସେ ମୃତ ବୋଲି ଘୋଷଣା କରିଥିଲେ। ସହପାଠୀ ଡାକ୍ତରଖାନା ଆସିଥିବା ବେଳେ କୋଚିଂ ସେଣ୍ଟର ମାଲିକ ସ୍ୱାଇଁଙ୍କ ଫୋନ୍ ସୁଇଚ୍ ଅଫ୍ ଥିଲା। ଏପରି କି କୋଚିଂ ସେଣ୍ଟରରୁ ସମସ୍ତ ପରିଚାଳକ ଓ ମାଲିକ ଫେରାର ହୋଇ ଯାଇଥିବା ଜଣାପଡିଛି। ଏ ସମ୍ପର୍କରେ ସଦର ଥାନା ଅଧିକାରୀ ସରୋଜ କୁମାର ସାହୁ କହିଛନ୍ତି, ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୨୩୧/୨୩) ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି । ଡାକ୍ତରଖାନାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସୁବ୍ରତଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି।

# କେୟାର ଲିଭରଙ୍କ ସମସ୍ୟାକୁ ନେଇ ଆଲୋଚନା

ଭୁବନେଶ୍ୱର,୧୨।୩ (ବ୍ୟୁରୋ)

ସାବାଳକ ହୋଇ ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରୁ ଆସିଲା ପରେ ଅନାଥ ପିଲାମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ପାଇଁ ବିଭିନ୍ନ ସରକାରୀ ଯୋଜନା ରହିଥିଲେ ମଧ ଲାଭ ଉଠାଇ ପାରୁନାହାନ୍ତି। ଶିକ୍ଷା, ନିଯୁକ୍ତି, ସରକାରୀ ଯୋଜନା ସହ ସଂଯୋଗ ଓ ସମ୍ବେଦନଶୀଳତା ହିଁ ସେମାନଙ୍କ ବର୍ତ୍ତମାନର ଅବସ୍ଥାରେ ପରିବର୍ତ୍ତନ ଆଣିପାରିବ ବୋଲି ଓଡିଶା କେୟାର ଲିଭର୍ସ ଆସୋସିଏଶନ ଓ ୟୁଥ କାଉନ୍ସିଲ ଫର ଡେଭଲପମେଣ୍ଟ ଅଲଟରନେଟିଭସ (ୱାଇସିଡିଏ)ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ଅଭିନେତା ଅଶ୍ରୁମୋଚନ ମହାନ୍ତି କହିଛନ୍ତି ଯେ, କେୟାର ଲିଭରମାନଙ୍କୁ ସଙ୍ଗଠିତ ରହି ନିଜ ଅବସ୍ଥା ଓ ଆବଶ୍ୟକତା ସମ୍ପର୍କରେ ସମାଜର ବିଭିନ୍ନ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ହେବ। ଆବଶ୍ୟକତା ଓ ସମ୍ବଳ ଭିତରେ ଥିବା ଦୂରତ୍ୱ କମାଯାଇ ପାରିଲେ ସମସ୍ୟାର ସମାଧାନ ହୋଇପାରିବ। ସମାଜସେବୀ ବିଜୟାଲକ୍ଷ୍ମୀ କର କେୟାର ଲିଭରଙ୍କ ପ୍ରମାଣପତ୍ର ଓ ବ୍ୟାଙ୍କ ସଂଯୋଗୀକରଣ ଉପରେ ଗୁରୁତ୍ୱ ଦେଇଥିଲେ। ୱାଇସିଡିଏ ମୁଖ୍ୟ କାର୍ଯ୍ୟନିର୍ବାହୀ ରାଜେନ୍ଦ୍ର ମେହେର ସମ୍ବେଦନଶୀଳତା ସହ ସମାଜର ପ୍ରତିବର୍ଗ ଚାହିଁଲେ କେୟାର ଲିଭରଙ୍କ ମୁଖ୍ୟସ୍ରୋତରେ ସାମିଲ ହେବା ସୁଗମ ହୋଇପାରିବ ବୋଲି ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଳା ଉଦ୍ୟୋଗୀ ମୋନାଲିସା ପଣ୍ଡା, ସ୍ତମ୍ଭକାର ଶ୍ରୁତକୀର୍ତ୍ତି ତ୍ରିପାଠୀ, ଅର୍ଥନୀତିଜ୍ଞ ଡ. ପ୍ରଦୀପ ପଣ୍ଡା, ଶିକ୍ଷାବିତ ଲଲାଟେନ୍ଦୁ ଆଚାର୍ଯ୍ୟ, ରୋଟାରିଆନ ମଧୁସ୍ମିତା ତ୍ରିପାଠୀ ଓ ମନୋଜ ତ୍ରିପାଠୀ କେୟାର ଲିଭରଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ଦିଗରେ ମତ ରଖିଥିଲେ। ସଂଘ ସଭାପତି ଡାନିଏଲ ସିରକା, ସମ୍ପାଦକ ଜ୍ୟୋତି ପ୍ରକାଶ ମହାନ୍ତି, କୋଷଧକ୍ଷ ସୋନାଲି ମହାକୁଡ଼ ଓ ଟ୍ରଷ୍ଟି ସଦସ୍ୟ ଶେଖ କରିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଭାତ ମିଶ୍ରଙ୍କୁ ‘ପଦ୍ମଜ ପ୍ରତୀକ ସମ୍ମାନ’

ଖୋର୍ଦ୍ଧା ଅଫିସ,୧୨।୩




ବିଶିଷ୍ଟ ଔପନ୍ୟାସିକ ପଦ୍ମଜ ପାଳଙ୍କ ୭୭ତମ ଜୟନ୍ତୀ ଅବସରରେ ଚର୍ଯ୍ୟାୟୁଧ ଫାଉଣ୍ଡେଶନ ପକ୍ଷରୁ କଳା, ସାହିତ୍ୟ ଏବଂ ସାଙ୍ଗଠନିକ ଦକ୍ଷତା ପାଇଁ କବି ଓ ନାଟ୍ୟକାର ପ୍ରଭାତ ମିଶ୍ରଙ୍କୁ ‘ପଦ୍ମଜ ପ୍ରତୀକ ସମ୍ମାନ’ ପ୍ରଦାନ କରାଯାଇଛି। ଖୋର୍ଦ୍ଧା ସ୍ଥିତ ଜୟୀ ରାଜଗୁରୁ ଟାଉନହଲ୍‌ଠାରେ ଆୟୋଜିତ ଉତ୍ସବରେ ଅତିଥି ରୂପେ କବି ସୌଭାଗ୍ୟ ମିଶ୍ର, କବି ହରପ୍ରସାଦ ଦାସ, ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର ପ୍ରମୁଖ ଯୋଗଦେଇ ପ୍ରଭାତଙ୍କୁ ମାନପତ୍ର, ଉପଢ଼ୌକନ, ଫଳକ ଓ ଅର୍ଥରାଶି ସହ ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପକ୍ଷୀଘର ପ୍ରକାଶନୀ ଦ୍ୱାରା ପ୍ରକାଶିତ ପଦ୍ମଜ ପାଳଙ୍କ ଉପନ୍ୟାସ ‘ସୀତା ମୁଁ ସୀତା’ ଉନ୍ମୋଚିତ ହୋଇଥିଲା । ଶେଷରେ ପଦ୍ମଜଙ୍କ କ୍ଷୁଦ୍ରଗଳ୍ପ ‘ସାକ୍ଷୀ’ର ନାଟ୍ୟରୂପ ମଞ୍ଚସ୍ଥ ହୋଇଥିଲା। ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ବହୁ ସାହିତ୍ୟିକ ଉପସ୍ଥିତ ଥିଲେ।

# ଏକ ଲକ୍ଷରୁ ଅଧିକ ପ୍ରିଟର୍ମ ଶିଶୁଙ୍କ ସଫଳ ଚିକିତ୍ସା

ଭୁବନେଶ୍ୱର,୧୨।୩(ବ୍ୟୁରୋ)




ଏଲଭି ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ (ଏଲଭିପିଇଆଇ) ସମୟ ପୂର୍ବରୁ ଜନ୍ମିତ ଶିଶୁ ବା ପ୍ରିଟର୍ମ ଶିଶୁଙ୍କୁ ସଫଳତାର ସହ ଆବଶ୍ୟକ ଚିକିତ୍ସା ଯୋଗାଇଛି। ଏପରିକି ଏଲଭିପିଇଆଇର ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ୟୁନିଟ ନେଟ୍‌ୱର୍କ ସେଣ୍ଟରଗୁଡ଼ିକରେ ସମୟ ପୂର୍ବରୁ ଜନ୍ମିତ ଶିଶୁଙ୍କ ଦୃଷ୍ଟି ପଟଳ ବିକୃତି ରୋଗ ବା ରେଟିନୋପାଥି ଅଫ୍ ପ୍ରିମ୍ୟାଚ୍ୟୁରିଟି (ଆରଓପି)ର ଚିକିତ୍ସା କରାଯାଇଛି। ବିଶେଷ କରି ଏକ ଲକ୍ଷରୁ ଅଧିକ ସଂଖ୍ୟକ ସମୟ ପୂର୍ବରୁ ଜନ୍ମିତ ଶିଶୁ ବା ପ୍ରିଟର୍ମ ଶିଶୁଙ୍କୁ ଚିକିତ୍ସା ପ୍ରଦାନ ସହ ନବଜାତ ଶିଶୁଙ୍କ ଦୃଷ୍ଟିହୀନତାକୁ ରୋକିବା ଦିଗରେ ହସ୍ପିଟାଲ ଏକ ବଡ଼ ମାଇଲଖୁଣ୍ଟ ଅତିକ୍ରମ କରିଛି। ଏ ସମ୍ପର୍କରେ ଏଲ୍‌ଭିପିଇଆଇ ଭୁବନେଶ୍ୱରର ମିଥୁ ତୁଳସୀ ଚନରାଇ କ୍ୟାମ୍ପସ ସ୍ଥିତ ଅନନ୍ତ ବଜାଜ ରେଟିନା ଇନଷ୍ଟିଚ୍ୟୁଟର ଅଧାପକ ଡ. ତାପସ ରଞ୍ଜନ ପାଢ଼ୀ କହିଛନ୍ତି, ଆଗୁଆ ଜନ୍ମ ହୋଇଥିବା ଶିଶୁ (ପ୍ରିମ୍ୟାଚୁର) କିମ୍ବା କମ୍ ଓଜନ (ଜନ୍ମ ସମୟରେ ୨ କିଗ୍ରାରୁ କମ୍) ସହ ଜନ୍ମ ହୋଇଥିବା ଶିଶୁମାନଙ୍କୁ ଆରଓପି ହେବାର ଆଶଙ୍କା ରହିଛି। ଏହି ମାଇଲଖୁଣ୍ଟ ହାସଲ କରିବା ପାଇଁ ଏଲଭିପିଇଆଇ ଟିମ୍ ଏକ ଅନନ୍ୟ ତଥା ବିଶେଷ ପ୍ରକାରର ଏଲଭିପିଇଆଇ ଆଟଲାସ୍ ଅଫ୍ ରେଟିନୋପାଥି ଅଫ୍ ପ୍ରିମ୍ୟାଚ୍ୟୁରିଟି ଏବଂ ଅନ୍ୟାନ୍ୟ ନିଓନାଟାଲ୍ ରେଟିନା ରୋଗ ପାଇଁ ଚିକିତ୍ସକ, ଗବେଷକ, ସ୍ୱାସ୍ଥ୍ୟ ପେସାଦାର ଏବଂ ନୀତି ନିର୍ଦ୍ଧାରକଙ୍କ ପାଇଁ ଏକ ଉପଯୋଗୀ ମାର୍ଗଦର୍ଶିକା ଅଟେ। ସେହିଭଳି ଏଲଭିପିଇଆଇର ନିଉବର୍ଣ୍ଣ ଆଇ ହେଲଥ୍ ଆଲିଆନ୍ସ (ଏନଇଏଚଏ)ର ନେଟୱାର୍କ ଡାଇରେକ୍ଟର ଡାକ୍ତର ସୁଭଦ୍ରା ଜାଲାଲି କହିଛନ୍ତି, ପ୍ରତ୍ୟେକ ଚିକିତ୍ସିତ ଶିଶୁ ସ୍କୁଲ ଜୀବନରେ ପ୍ରବେଶ କରିବା ବେଳକୁ ଉକ୍ତ ଶିଶୁମାନଙ୍କ ପାଇଁ ସର୍ବୋତ୍ତମ ସମ୍ଭାବ୍ୟ ଦୃଷ୍ଟିଶକ୍ତି ହାସଲ କରିବା ପାଇଁ ଟିମ୍ ଯେ କୌଣସି ସ୍ଥାନରେ ୧-୪ ଘଣ୍ଟାର ବିଶେଷ ଯତ୍ନ ନେବା ପରେ ମାସ ତଥା ବର୍ଷ ବର୍ଷ ଧରି ଫଲୋଅପ୍ ଯତ୍ନ ନେଇପାରନ୍ତି। ସେହିପରି ଏଲଭିପିଇଆଇର ଅନନ୍ତ ବଜାଜ ରେଟିନା ଇନଷ୍ଟିଚ୍ୟୁଟର ପରାମର୍ଶଦାତା ଡା. ଆକାଶ ବେଲେଞ୍ଜେ କହିଛନ୍ତି, ଏଲଭିପିଇଆଇ ଆଟଲାସ୍ ଅଫ୍ ରେଟିନୋପାଥି ଅଫ୍ ପ୍ରିମ୍ୟାଚୁରିଟି ଏବଂ ଅନ୍ୟାନ୍ୟ ନିଓନାଟାଲ ରେଟିନା ରୋଗର ଶୁଭାରମ୍ଭ ନବଜାତ ଶିଶୁଙ୍କ ଯତ୍ନ ଓ ପରିଚାଳନାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

# ରହସ୍ୟ ଘେରରେ ସରପଞ୍ଚ ଦୀପାଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୨।୩(ସ୍ୱ.ପ୍ର.)

### ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ଦିଆଯାଇଥିବା ଚର୍ଚ୍ଚା

- ୨୦୧୮ରେ ସ୍ୱାମୀଙ୍କ ମୃତଦେହ ରେଳଧାରଣାରୁ ମିଳିଥିଲା
- ୨୦୧୯ରେ ୨ ଦେଢ଼ଶୁର, ପୁତୁରାଙ୍କୁ ହତ୍ୟା କରାଯାଇଥିଲା



ଦୀପା ବେହେରା

ପୁରୀ ଜିଲା ନିମାପଡ଼ାର ଡେଲ୍‌ଟା ଛକରେ ସରପଞ୍ଚ ଦୀପା ବେହେରା(୩୨)ଙ୍କ ମୃତ୍ୟୁ ଘଟଣାକୁ ନେଇ ରହସ୍ୟ ବଢିବାରେ ଲାଗିଛି। ସଡ଼କ ଦୁର୍ଘଟଣାରେ ଦୀପାଙ୍କ ମୃତ୍ୟୁ ଘଟିଛି ନା ତାଙ୍କୁ ଯୋଜନାବଦ୍ଧ ଭାବେ ଗାଡ଼ି ଚଢ଼ାଇ ମାରିଦିଆଯାଇଛି ତାହା ଏବେ ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ପୂର୍ବରୁ ୨୦୧୮ ସେପ୍ଟେମ୍ବରରେ ଦୀପାଙ୍କ ସ୍ୱାମୀ ତଥା ତତ୍କାଳୀନ ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ କୁମାର ବେହେରାଙ୍କ ମୃତଦେହ ତାଙ୍କ ଘର ନିକଟ ରେଳଧାରଣାରୁ ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବାନେଇ ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ସେହିପରି ୨୦୧୯ ଜୁଲାଇରେ ଅଜୟଙ୍କ ଦୁଇ ଭାଇ ପୂର୍ଣ୍ଣଚନ୍ଦ୍ର ବେହେରା, କୃଷ୍ଣ ବେହେରା ଓ ଦାଦା ପୁଅ ଭାଇ ପଞ୍ଚୁଆ ବେହେରାଙ୍କୁ ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ପଟ୍ଟନାୟକିଆ ଛକଠାରେ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ଏହି ୩ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ପୂର୍ବ ଶତ୍ରୁତା ତଥା ରାଜନୈତିକ ଶତ୍ରୁତା କାରଣରୁ ଏହି ହତ୍ୟାକାଣ୍ଡ ଘଟିଥିଲା ବୋଲି କୁହାଯାଉଛି। ଏହି ଘଟଣାର ୩ ବର୍ଷ ପରେ ଏବେ ଦୀପାଙ୍କ ଏଭଳି ମୃତ୍ୟୁକୁ ନେଇ ସାଧାରଣରେ ନାନା ଆଲୋଚନା ହେଉଛି। ଦୀପାଙ୍କ ଏଭଳି ମୃତ୍ୟୁକୁ ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ଦୀପାଙ୍କୁ ଯୋଜନାବଦ୍ଧ ଭାବେ ମାରିଦିଆଯାଇଥିବା ଅନେକେ ସନ୍ଦେହ ବ୍ୟକ୍ତ କରୁଛନ୍ତି। ତେବେ ନିମାପଡ଼ା ଥାନା ଆଇଆଇସି ଶଙ୍କର୍ଷଣ ଦଳାଇ କହିଛନ୍ତି, ପ୍ରାଥମିକ ପର୍ଯ୍ୟାୟରେ ଦୁର୍ଘଟଣାଜନିତ ମୃତ୍ୟୁ ନେଇ ଅଭିଯୋଗ କ୍ରମେ ଏକ ମାମଲା (ନଂ. ୬୬/୨୩) ରୁଜୁ କରାଯାଇଛି। ପୋଲିସ ସମ୍ପୃକ୍ତ ଦୁଇ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ତଦନ୍ତ ପରେ ଯାହାକିଛି ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ରବିବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିବାବେଳେ ୯ ବର୍ଷର ପୁତ୍ର ଆୟୁଷ ମୁଖାଗ୍ନି ଦେଇଥିଲେ।

ସୂଚନା ମୁତାବକ, ଶନିବାର ବୀରରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ସଦାନନ୍ଦପୁର ଗ୍ରାମର ଦୀପା ତାଙ୍କ ପରିବାର ସହ ନିମାପଡ଼ାର ଏକ ବିବାହ ଭୋଜିରେ ଯୋଗଦେଇଥିଲେ। ସେଠାରୁ ଦୀପାଙ୍କ ମା’ ଏବଂ ଭାଇ ଏକ ବାଇକ୍‌ରେ ଫେରୁଥିବାବେଳେ ସେ ଓ ତାଙ୍କ ପୁତୁରା ଅନ୍ୟ ଏକ ବାଇକ୍ (ଓଡି୦୨ଏଏକ୍ସ-୭୨୭୭) ଯୋଗେ ଘରକୁ ଫେରୁଥିଲେ। ଡେଲ୍‌ଟା ଛକରେ କୌଣସି କାରଣରୁ ଦୀପା ବାଇକ୍‌ରୁ ଖସିପଡ଼ିଥିଲେ। ଏହି ସମୟରେ ଦ୍ରୁତଗତିରେ ସାମ୍‌ନାପଟୁ ଆସୁଥିବା ଏକ ହାଇୱା (ଓଡି ୦୫ ବିଏ-୦୫୦୧) ତାଙ୍କ ମୁଣ୍ଡ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଚାଳକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣା ପରେ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ନିମାପଡ଼ା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଦୀପାଙ୍କ ପୁତୁରା ପ୍ରଶାନ୍ତ ବେହେରା ଏ ସଂକ୍ରାନ୍ତରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣା ନେଇ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ପଞ୍ଚାୟତ ସମିତି ଅଧକ୍ଷ ସୁନୀଲ କୁମାର ପଣ୍ଡା, ଭାଜପା ନେତା ଓମ୍ ପ୍ରକାଶ ମିଶ୍ର, ଜିଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ସଭ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଶୋକ ବ୍ୟକ୍ତ କରିଛନ୍ତି।




ବିଏସ୍‌ଏନ୍‌ଏଲ୍ ସମ୍ମିଳନୀ କକ୍ଷରେ ରବିବାର ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ବାର୍ଷିକ ଉତ୍ସବରେ ଆୟୋଜିତ କବିତା ପାଠୋତ୍ସବ ଅବସରରେ ଅତିଥିମାନେ ପୁସ୍ତକ ‘ବାପା’ର ଲୋକାର୍ପଣ କରୁଛନ୍ତି।



ସିଆଇଟିୟୁ, ଓଡ଼ିଶା କୃଷକ ସଭା ସମେତ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ରବିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ସଂକ୍ଷେପରେ

### ଘର ସମ୍ମୁଖରୁ ବୋଲେରୋ ଚୋରି

ନିମାପଡ଼ା,୧୨।୩(ଡି.ଏନ୍.ଏ।)- ନିମାପଡ଼ା ଥାନା ଅନ୍ତର୍ଗତ ଧୁରପୁର ଗ୍ରାମର ଜଣଙ୍କଘର ସମ୍ମୁଖରୁ ତାଙ୍କ ବୋଲେରୋ (ନଂ. ଓଆର୍୦୨ଏଏକ୍ସ-୩୫୯୫) ଚୋରି ହୋଇଥିବା ନେଇ ରବିବାର ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ଗାଡ଼ି ଶନିବାର ରାତିରେ ତାଙ୍କ ଘର ସମ୍ମୁଖରେ ଥୁଆ ହୋଇଥିବାବେଳେ ପରିବାରର ସମସ୍ତେ ଶୋଇଥିଲେ। ସକାଳୁ ଗାଡ଼ି ନ ଦେଖି ବହୁ ଖୋଜାଖୋଜି କରିବା ପରେ ମଧ ପାଇ ନ ଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ କିଛିଦିନ ତଳେ ଗଡ଼ଅଣ୍ଡିଆ ଗ୍ରାମର ଜଣ ବ୍ୟକ୍ତିଙ୍କ ବୋଲେରୋ ତାଙ୍କ ଘର ସମ୍ମୁଖରୁ ଚୋରି ହୋଇଥିଲା।

### ଚତରା ପୋଖରୀ ପୁନରୁଦ୍ଧାର

କାକଟପୁର,୧୨।୩(ଡି.ଏନ୍.ଏ.)- କାକଟପୁର ବ୍ଲକ ଅନ୍ତର୍ଗତ କୁଣ୍ଢେଇ ଗ୍ରାମପଞ୍ଚାୟତ ଷାଢ଼େଙ୍ଗା ଓ ପାଟପୁର ରାଜସ୍ୱ ଗ୍ରାମର ୧୪ନଂ. ୱାର୍ଡରେ ଅବସ୍ଥିତ ଚତରା ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ସରପଞ୍ଚ ପ୍ରଭାତୀ ରାଉତ, ସମିତି ସଭ୍ୟ ପ୍ରମୋଦ ଦାସଙ୍କ ତତ୍ତ୍ୱାବଧାନରେ କରାଯାଉଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ୫ଲକ୍ଷ ବ୍ୟୟ କରାଯାଇ ପୋଖରୀରୁ ଦଳ ସଫା ଏବଂ ପଙ୍କୋଦ୍ଧାର କରାଯିବାର ଲକ୍ଷ୍ୟ ରଖାଯାଇଛି। ସେହିପରି ଅମୃତ ସାଗର ଯୋଜନାରେ ଆସିଥିବା ୧୦ଲକ୍ଷ ଟଙ୍କା ବିନିଯୋଗରେ ପୋଖରୀ ଖନନ କରାଯାଇ ସର୍ବସାଧାରଣଙ୍କ ବ୍ୟବହାର ଉପଯୋଗୀ କରାଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ବିପିନ ବିହାରୀ ରାଉତ କହିଛନ୍ତି। ଦୀର୍ଘ ୧୬ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପୋଖରୀଟି ଅବ୍ୟବହୃତ ଅବସ୍ଥାରେ ପଡ଼ିରହିଥିବାରୁ ପଞ୍ଚାୟତ ରାଜସ୍ୱ ହରାଇବା ସହ ବର୍ଷା ଜଳ ସଂରକ୍ଷଣ ନ ହେବା ଫଳରେ ଦିନକୁଦିନ ଭୂତଳ ଜଳସ୍ତର ହ୍ରାସ ପାଉଥିଲା। ସରପଞ୍ଚଙ୍କ ଏତାଦୃଶ କାର୍ଯ୍ୟକୁ ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ ନାୟକଙ୍କ ସମେତ ପଞ୍ଚାୟତବାସୀ ସ୍ୱାଗତ କରିଛନ୍ତି। ଗାଁ ସାଥୀ ବବି ବେହେରା ଓ ସମ୍ପୃକ୍ତ ୱାର୍ଡସଭ୍ୟ ବିଶ୍ୱଜିତ୍ ମହାନ୍ତି ଅତ୍ୟଧିକ ରୌଦ୍ରତାପରେ ନିୟୋଜିତ ଶ୍ରମିକଙ୍କୁ ଥଣ୍ଡା ପାନୀୟ ଜଳ ଓ ଓଆର୍‌ଏସ୍ ଜଳ ପ୍ରଦାନରେ ସାହାଯ୍ୟ କରିଥିଲେ।

### ରୋଟାରୀ କ୍ଲବ ପୁରୀ ସାଗର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ପୁରୀ ଅଫିସ,୧୨।୩- ରୋଟାରୀ କ୍ଲବ ଅଫ୍ ପୁରୀ ସାଗର ପକ୍ଷରୁ ସ୍ଥାନୀୟ ପୁରୀ କ୍ଲବ ପରିସରରେ ଏକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଛି। କ୍ଲବ ସଭାପତି ରୋଟାରିଆନ୍ ଧବଳେଶ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରକୁ ସମ୍ପାଦକ ପ୍ରମୋଦ ସ୍ୱାଇଁ, ଚାର୍ଟର ସଭାପତି ଅଶୋକ ପାତ୍ର, ପୂର୍ବତନ ସଭାପତି ଯୁଧିଷ୍ଠିର ଲେଙ୍କା ପ୍ରମୁଖ ଶିବିରକୁ ପରିଚାଳନା କରିଥିଲେ। ଶିବିରରେ ପ୍ରାୟ ଶତାଧିକ ରୋଗୀ ପହଞ୍ଚି ସେମାନଙ୍କ ରକ୍ତଚାପ, ମଧୁମେହ, ଇସିଜି ଆଦି ପରୀକ୍ଷା କରାଇଥିଲେ। ରୋଗ ନିରୂପଣ କରିବା ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ପରାମର୍ଶ ନେଇଥିଲେ। ଭୁବନେଶ୍ୱରସ୍ଥିତ ଆମ୍ରି ହସ୍ପିଟାଲର ବରିଷ୍ଠ ଡା. ସବିତ କୁମାର ଦାସ, ସିଏସ୍‌ଆର୍ ଅଧିକାରୀ ସୁଶାନ୍ତ ମହାନ୍ତି, ଷ୍ଟାଫ୍ ନର୍ସ ପୂଜା ପରିଡ଼ା, ହରିଶ ପରିଡ଼ା ଏବଂ ସିଦ୍ଧାର୍ଥ ମଲ୍ଲିକ ପ୍ରମୁଖ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ହରିରାଜପୁର ପଞ୍ଚଦୋଳ ମେଳଣ ଆରମ୍ଭ

## ଆତସବାଜି, ହରିବୋଲ ଓ ହୁଳହୁଳିରେ କମ୍ପିଲା ମେଳଣ ପଡ଼ିଆ

ଡେଲାଙ୍ଗ/ଜଟଣୀ,୧୨।୩(ଡି.ଏନ୍.ଏ.)

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ରାତି ୧୧ଟା ୩୦ ପରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ ପରେ ଠାକୁର ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବ ମେଳଣ ପଡ଼ିଆ ପ୍ରବେଶ ପଥରେ ମିଶି ଏକ ସୁସଜ୍ଜିତ ବିମାନରେ ମନ୍ଦିରର ପଶ୍ଚିମ ଦ୍ୱାରରୁ ବାହାରି ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିଥିଲେ। ସେହିପରି ରାଜତନ୍ତ୍ର ସମୟରେ ତତ୍କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢ଼ାପଡ଼ାର ଆରାଧ୍ୟ ସୋମନାଥ ଦେବ, ଛଣଘରର ଗତେଶ୍ୱର ଦେବ, କନ୍ତିଆ ଗ୍ରାମର ବାଲୁଙ୍କେଶ୍ୱର ଦେବ ଓ ଟାଙ୍ଗିଭଁସର ଗ୍ରାମର ନୀଳକଣ୍ଠେଶ୍ୱର ଦେବ ଏହି ମେଳଣରେ ସାମିଲ ହୋଇଥିଲେ। ବିଭିନ୍ନ ଗ୍ରାମରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଠାକୁର ଦୋଳ ବିମାନରେ ବିରାଜମାନ କରି ଆସି ଖୁଣ୍ଟିଲାଗି ହୋଇ ମେଳଣରେ ଅଂଶଗ୍ରହଣ କରିଥିଲେ।


ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି ।


ମେଳଣ ପଡ଼ିଆରେ ହନୁମାନଜୀ।

ରଙ୍ଗବେରଙ୍ଗର ଆଲୋକମାଳା ସହ ଆତସବାଜି ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା। ପାରମ୍ପରିକ ଘୋଡ଼ାନାଚ, ନାଗାନୃତ୍ୟ, ଭଜନ କୀର୍ତ୍ତନ, ବାଦ୍ୟବିଚିତ୍ରା, ଘଣ୍ଟଘଣ୍ଟି, ତୁରି ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ମେଳଣ ପଡ଼ିଆରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଶ୍ଚିମାଶମ୍ଭୁ ସୋମନାଥ କ୍ଲବ ପକ୍ଷରୁ ଆୟୋଜିତ ଭାବାମୃତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, ବ୍ଲକ ସଭାପତି ବୈରାଗୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମେଳଣରେ ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୁରୀ ଏସ୍‌ପି ଡ. କନ୍‌ୱର ବିଶାଳସିଂହଙ୍କ ନିର୍ଦ୍ଦେଶରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୫ଜଣ ଆଇଆଇସି, ଏସ୍‌ଆଇ ୮ଜଣ, ଏଏସ୍‌ଆଇ ୧୯ ଜଣ, ପୁରୁଷ ସିପାହି ୧୩, ମହିଳା ସିପାହି ୧୨, ହାବିଲଦାର ୩, ୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୮୫ ଜଣ ହୋମ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ମେଳଣ ପଡ଼ିଆର ୪ ପାର୍ଶ୍ୱରେ ଅସ୍ଥାୟୀ ପୋଲିସ ଟେଣ୍ଟ କରାଯାଇ ଅସାମାଜିକଙ୍କ ଉପରେ ନଜର ରଖାଯାଇଛି ବୋଲି ଆଇଆଇସି ମହାନ୍ତି କହିଛନ୍ତି। ସେହିପରି ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଛି । ପୋଲିସ ନିୟନ୍ତ୍ରଣରେ ମେଳଣ କମିଟିର କେତେଜଣ ଯୁବକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅସୁବିଧା କିମ୍ବା ହଜିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଏହି ଟିମ୍ ପୋଲିସ ପ୍ରଶାସନକୁ ସହଯୋଗ କରିବ। ଏହାସହିତ ହରିରାଜପୁର ଫାଣ୍ଡି ନିକଟରେ ଏକ ସୂଚନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଏହି ମେଳଣ ୪ ଦିନ ହେବାକୁ ସ୍ଥିର କରାଯାଇଥିବା ବେଳେ ହରିହର ଭେଟ ପରେ ଗୋଧୂଳି ଲଗ୍ନରେ ଉଦ୍‌ଯାପିତ ହେବ।

### ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ପରିଚାଳନା କମିଟିର ବୈଠକ

ପୁରୀ ଅଫିସ, ୧୨।୩:

ଭୂ ସମ୍ପତ୍ତି ସୁରକ୍ଷା ପରିଷଦ ପରିଚାଳନା କମିଟିର ବୈଠକ ଶନିବାର ଦଶ ଅବତାର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପରିଷଦର ସଭାପତି ପୁଷ୍କର ମହାପାତ୍ର ଅଧକ୍ଷତା କରିଥିଲେ। ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ପୁରୀ ଗସ୍ତରେ ଆସିଥିବା ସମୟରେ ପୁରୀ ଓ ରାଜ୍ୟର ବିଭିନ୍ନ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାମରେ ଥିବା ଭୂ ସମ୍ପତ୍ତି ବିବାଦର ଆଶୁ ସମାଧାନ କରାଯିବ ବୋଲି କହିଥିଲେ। ଏହାକୁ ବୈଠକରେ ସ୍ୱାଗତ କରାଯାଇଥିଲା। ସେହିପରି ସରକାରଙ୍କ ଦ୍ୱାରା ପ୍ରସ୍ତୁତ ସମାନ ନୀତିରେ ଥିବା ବିଭିନ୍ନ ଅସଙ୍ଗତିଗୁଡ଼ିକୁ ଦୂର କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ପରିଷଦ ପକ୍ଷରୁ ଅନୁରୋଧ କରାଯାଇଥିଲା। ପରିଷଦ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟ ଶାସନ ସଚିବଙ୍କୁ ଭେଟିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ବୈଠକରେ ପରିଷଦର କାର୍ଯ୍ୟକାରୀ ସଭାପତି ଆଇନଜୀବୀ ଆଦିତ୍ୟ ହୃଦୟ ମିଶ୍ର, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଜଗନ୍ନାଥ ଦେଓ, ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ରାଏ, ସଂଯୋଜକ ଦେବେନ୍ଦ୍ର ବ୍ରହ୍ମଚାରୀ, ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାଶ ଓ ଗୌରହରି ପ୍ରଧାନ, ବିଦ୍ୟୁତଲତା ଆଚାର୍ଯ୍ୟ, ଆଇନଜୀବୀ ବିଜୟ ମିଶ୍ର, ଆଇନଜୀବୀ ଭୀମସେନ ପ୍ରଧାନ, ସଭ୍ୟ ଅଭିମନ୍ୟୁ ଜେନା ଏବଂ ସଂଗ୍ରାମ କେଶରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘର ସାଧାରଣ ଅଧିବେଶନ



ପୁରୀ ଜିଲା ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘର ସାଧାରଣ ଅଧିବେଶନରେ ମଞ୍ଚାସୀନ ଅତିଥିମାନେ ।

ନିମାପଡ଼ା,୧୨।୩(ଡି.ଏନ୍.ଏ।)

ପୁରୀ ଜିଲା ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ପକ୍ଷରୁ ଏକ ଜିଲାସ୍ତରୀୟ ସାଧାରଣ ଅଧିବେଶନ ନିମାପଡ଼ା ଟାଉନହଲ୍‌ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ରାଜ୍ୟସଂଘ ସଭାପତି ଅଟଳ ଦାଶ, ଉପସଭାପତି ରଞ୍ଜନ ଚୌଧୁରୀ, ସମ୍ପାଦକ ମଦନମୋହନ ପାତ୍ର, କୋଷାଧକ୍ଷ ନାରାୟଣ ମୁଦୁଲି, ପୁରୀ ଜିଲା ସଭାପତି ବିନୋଦ ବିହାରୀ ଦାସ, ଉପଦେଷ୍ଟା ଭାସ୍କର ନନ୍ଦ, ରାମନ୍ଦ୍ର ଦାସ, ଜିଲା ସଂଗଠକ ଅଲେଖ ବେହେରା, ଖୋର୍ଦ୍ଧା ଜିଲା ସଂଗଠକ ଇଶାଣୀ ବେହେରା, କଟକ ଜିଲା ସଂଗଠକ ଧନେଶ୍ୱର ମହାପାତ୍ର, ବରେନ ମହାନ୍ତି ପ୍ରମୁଖ ଯୋଗଦେଇ ହୋମିଓପାଥିକ ଚିକିତ୍ସକଙ୍କ ବିଭିନ୍ନ ସମସ୍ୟା ଓ ତା'ର ପ୍ରତିକାର ଦିଗରେ ଗୁରୁତ୍ୱାରୋପ କରିଥିବାବେଳେ ରାଜ୍ୟର ପ୍ରତ୍ୟେକ ଜିଲାରେ ଚିକିତ୍ସକ ସଂଘକୁ ଅଧିକ ମଜଭୁତ, କ୍ରିୟାଶୀଳ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବ ସର୍ତ୍ତାବଳୀ ଅନୁଯାୟୀ, ଚିକିତ୍ସକଙ୍କୁ ତାଲିକାଭୁକ୍ତ କରାଯାଇ ସରକାରୀ ମାନ୍ୟତା ପ୍ରଦାନ କରାଯିବାକୁ ରାଜ୍ୟ ସରକାର, ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବଙ୍କ ନିକଟରେ ହୋମିଓପାଥିକ ଚିକିତ୍ସକ ସଂଘ ପକ୍ଷରୁ ଦାବି ହୋଇଥିଲା। ଏ ସମ୍ପର୍କରେ ପୂର୍ବରୁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ ସରକାରଙ୍କ ଖାମଖିଆଲ ନୀତି ଯୋଗୁ ଆୟୋଜିତ ଅଧିବେଶନରେ ଗଭୀର କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା। ଆସନ୍ତା ଏପ୍ରିଲ ୧୦ ତାରିଖରେ କଟକ ଶହୀଦ ଭବନଠାରେ ଅନୁଷ୍ଠିତ ହେବାକୁ ଥିବା ସଂଘର ବାର୍ଷିକ ଉତ୍ସବରେ ସମସ୍ତ ଚିକିତ୍ସକ ଯୋଗଦେଇ ଏହି ଉତ୍ସବକୁ ସଫଳ କରିବାକୁ ରାଜ୍ୟ ସଂଘର ନେତୃବୃନ୍ଦମାନେ ଚିକିତ୍ସକଙ୍କୁ ଅନୁରୋଧ କରିଥିଲେ। ମଞ୍ଚାସୀନ ଅତିଥିଙ୍କୁ ଜିଲା ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରୀ ନବଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ପୁରୀ, କଟକ, ଖୋର୍ଦ୍ଧା ଜିଲାର ଶତାଧିକ ଚିକିତ୍ସକ ଯୋଗଦେଇଥିଲେ।

## ନାବାଳିକାଙ୍କୁ ଗାଳି, ଧମକ ଦେଇ ଯୁବକ ଗିରଫ

ପୁରୀ ଅଫିସ, ୧୨।୩:

ସମୁଦ୍ରକୂଳ ଥାନା ଅନ୍ତର୍ଗତ କାମାକ୍ଷା ଲେନ୍‌ରେ ଜଣେ ନାବାଳିକାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଓ ବ୍ୟକ୍ତିଗତ ଭିଡିଓ ଭାଇରାଲ କରିବା ଧମକ ଦେବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ସମୁଦ୍ରକୂଳ ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ବୁଗୁରୁ କୃଷ୍ଣ ବେହେରା (୨୩)। ସୂଚନାନୁଯାୟୀ, ବୁଗୁରୁ ବିଳମ୍ବିତ ରାତିରେ ନାବାଳିକାଙ୍କ ପାଖକୁ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ବ୍ୟକ୍ତିଗତ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲେ। ଏ ନେଇ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ. ୬୪/୨୩) ରୁଜୁ କରିବା ସହ ଆଇପିସି ୧୨ ପୋକ୍ସୋ ଆକ୍ଟରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ନୂତନ ଯୁଗର ମାର୍କେଟିଂ ସଂକ୍ରାନ୍ତ ଆଲୋଚନାଚକ୍ର

ପୁରୀ ଅଫିସ, ୧୨।୩:

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏମ୍‌ଏଫ୍‌ସି, ଏମ୍‌ବିଏ ଏବଂ ବିବିଏ ବିଭାଗର ଛାତ୍ରୀଛାତ୍ରଙ୍କ ପାଇଁ ନୂତନ ଯୁଗର ମାର୍କେଟିଂ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗର ସଂଯୋଜକ ଡ. ଚିତ୍ତରଞ୍ଜନ ଦ୍ୱିବେଦୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ସେ ସ୍ୱାଗତ ଅଭିଭାଷଣରେ ସାଂପ୍ରତିକ ଅର୍ଥନୈତିକ ପରିସ୍ଥିତିରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ ଛାତ୍ରୀଛାତ୍ରଙ୍କ ପାଇଁ ଅତ୍ୟନ୍ତ ଉପାଦେୟ ବୋଲି କହିଥିଲେ। ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ଏବଂ ଝାରଖଣ୍ଡ ଦାୟିତ୍ୱରେ ଥିବା ଟିସିଏଲ୍‌ର ବରିଷ୍ଠ ମାର୍କେଟିଂ ମ୍ୟାନେଜର ବିଶ୍ୱରଞ୍ଜନ ମହାନ୍ତି ଯୋଗଦେଇ ସବୁ ଅନୁଷ୍ଠାନ ପାଇଁ ମାର୍କେଟିଂ କିପରି ଏକ ଅପରିହାର୍ଯ୍ୟ ଅଙ୍ଗ ସେ ସମ୍ବନ୍ଧରେ ବର୍ଣ୍ଣନା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆକ୍ସିସ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ ଶାଖାର ବରିଷ୍ଠ ପ୍ରବନ୍ଧକ ଶିବାଶିଷ ରଥ ଯୋଗଦେଇ ବ୍ୟାଙ୍କ ପରି ଆର୍ଥିକ ଅନୁଷ୍ଠାନ ପାଇଁ ମଧ ବର୍ତ୍ତମାନ ସମୟରେ ଡିଜିଟାଲ ମାର୍କେଟିଂ କିପରି ବ୍ୟବସାୟ ବୃଦ୍ଧିରେ ସହାୟକ ହୋଇପାରିଛି, ସେ ସମ୍ବନ୍ଧରେ କହିଥିଲେ। ନୂତନ ଯୁଗ ମାର୍କେଟିଂରେ ବ୍ୟାଙ୍କିଙ୍ଗ୍ ଆପ୍, ଇ-ମେଲ୍ ମାର୍କେଟିଂ ଓ ଅନଲାଇନ୍ ଲୋକସମ୍ପର୍କ ମାଧ୍ୟମରେ ବ୍ୟାଙ୍କଗୁଡିକ ନିଜ ପାଇଁ କିପରି ଅଧିକ ଉପଭୋକ୍ତା ସୃଷ୍ଟି କରିପାରିଛନ୍ତି ସେ ସମ୍ପର୍କରେ ରଥ ବୁଝାଇଥିଲେ। ବିଭାଗୀୟ ଅଧ୍ୟାପିକା ସୌମ୍ୟା ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପିକା ବିଜୟଲକ୍ଷ୍ମୀ ଭୋଳ, ଅଧ୍ୟାପକ ଶିବପ୍ରସନ୍ନ ପଟ୍ଟନାୟକ, ଅଭିଷେକ ଶତପଥୀ, ପ୍ୟାରୀମୋହନ ଜେନା ଏବଂ ରାଜେଶ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ବିଜୁବାବୁଙ୍କ ରେକର୍ଡକୁ ଅତିକ୍ରମ କରିବାକୁ ପଡ଼ିବ'



ବୈଠକରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଓ ଅନ୍ୟମାନେ ।

- ଗୋପ ବ୍ଲକ ବିଜେଡି ସାଙ୍ଗଠନିକ ବୈଠକ
- ଯୋଗ ଦେଲେନି ୫ ସମିତି ସଭ୍ୟ

ଗୋପ,୧୨।୩(ଡି.ଏନ୍.ଏ.)

ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୦ ମସିହାରେ ବିଧାନସଭା ନିର୍ବାଚନରେ ୧୨୩ ବିଧାୟକଙ୍କୁ ନେଇ ସରକାର ଗଢ଼ି ରେକର୍ଡ ସୃଷ୍ଟି କରିଥିଲେ। କିନ୍ତୁ ଆମକୁ ଏହି ରେକର୍ଡ ଭାଙ୍ଗିବାକୁପଡ଼ିବ। ରାଜ୍ୟ ସରକାରଙ୍କ ବିକାଶ ଓ ଗାଁ ବିକାଶ ପାଇଁ ପୁନଶ୍ଚ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୨୪ ଗୋଟି ଆସନରେ ବିଜୟୀ କରିବାକୁ ପଡ଼ିବ। ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ନିକଟସ୍ଥ ମା' ଅଡଙ୍ଗେଇ ପୀଠରେ ବିଜେଡି ବ୍ଲକସ୍ତରୀୟ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୋଗଦେଇ ଲୋକପ୍ରତିନିଧିଙ୍କୁ ଏହି ସୂଚନା ଦେଇଥିଲେ। ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ଗୋପ ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ପୁରୀ ଏମ୍‌ପିଙ୍କ ପ୍ରତିନିଧି ବାଲୁଙ୍କେଶ୍ୱର ସାହୁ ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାର ଆଭିମୁଖ୍ୟ, ଦଳ ମଧ୍ୟରେ ଏକତା, ଗାଁର ବିକାଶ, ପାନୀୟ ଜଳ ସମସ୍ୟା ସହିତ ପ୍ରତ୍ୟେକ ପଞ୍ଚାୟତରେ ସଂଗଠନକୁ କିପରି ମଜଭୁତ କରାଯାଇ ଆଗାମୀ ସାଧାରଣ ନିର୍ବାଚନ ଲଢ଼ିବା ସମ୍ପର୍କରେ ଆଲୋଚନା ହୋଇଥିଲା। କିନ୍ତୁ ଗୋପ ବ୍ଲକ ଅଧୀନ କାକଟପୁର ନିର୍ବାଚନମଣ୍ଡଳୀର ୧୪ ଗୋଟି ପଞ୍ଚାୟତର ୫ ସମିତି ସଭ୍ୟାସଭ୍ୟ ବୈଠକକୁ ଆସି ନ ଥିଲେ। ଏଥିସହ ଜିଲା ସଭାପତି ମହେଶ୍ୱର ମହାନ୍ତି ମଧ ବୈଠକକୁ ଆସି ନ ଥିଲେ। ଦଳକନ୍ଦଳରୁ ଆମକୁ ଦୂରେଇ ରହିବାକୁ ପଡିବ ବୋଲି ଗଣଶିକ୍ଷାମନ୍ତ୍ରୀ ଦାଶ ସୂଚନା ଦେଇଥିଲେ। ଆସନ୍ତା ଏପ୍ରିଲ ୨୬ରେ ଗୋପ ବ୍ଲକ ଅଧୀନ ୩ ଗୋଟି ନିର୍ବାଚନମଣ୍ଡଳୀରୁ ଏକ କମିଟି ଗଠନ କରାଯାଇ ବୈଠକ ହେବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଗୋପ ବ୍ଲକ ୩୧ ଗୋଟି ପଞ୍ଚାୟତର ସମସ୍ତ ଲୋକପ୍ରତିନିଧିଙ୍କ ସହିତ ଜିଲା ପରିଷଦ ସଭ୍ୟାସଭ୍ୟ ଓ ପ୍ରତ୍ୟେକ ପଞ୍ଚାୟତ ଦଳୀୟ ସଭାପତି ଉପସ୍ଥିତ ରହି ଦଳ ସମ୍ପର୍କରେ ମତ ରଖିଥିଲେ। ଦଳୀୟ କନ୍ଦଳ ଯୋଗୁ କାକଟପୁର ନିର୍ବାଚନମଣ୍ଡଳୀର ୫ ସମିତି ସଭ୍ୟାସଭ୍ୟ ଅନୁପସ୍ଥିତ ଥିବା ନେଇ ଗଣଶିକ୍ଷାମନ୍ତ୍ରୀ ଦାଶଙ୍କୁ ପଚାରିବାରେ ଦଳର ସାଙ୍ଗଠନିକ ବୈଠକ ଚାଲିଥିବା କହି ପ୍ରଶ୍ନକୁ ଏଡ଼ାଇ ଦେଇଥିଲେ।

# ଡକାୟତି ଯୋଜନା ବେଳେ ୫ ଗିରଫ, ଜଣେ ଫେରାର

## ୨ କଟୁରି, ୩ ବାଇକ୍, ୪ ମୋବାଇଲ, ଟଙ୍କା ଜବତ

ପୁରୀ ଅଫିସ, ୧୨।୩:

ଡକାୟତି କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଥିବା ସମୟରେ ୫ ଜଣଙ୍କୁ ବଳିଆପଣ୍ଡା ଥାନା ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପୁରୀ ଟାଉନ ଥାନା ଅନ୍ତର୍ଗତ ଚକ୍ରକୋଟ ଲେନ୍ ଅଞ୍ଚଳର ବାପିନା ସାହୁ, ବଳଭଦ୍ର ସାହୁ, ବଳିଆ ପଣ୍ଡା ଥାନା ଅନ୍ତର୍ଗତ ଧୋବାଖାଲ ଅଞ୍ଚଳର ସୂର୍ଯ୍ୟକାନ୍ତ ବାରିକ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବଡ଼ଶଙ୍ଖ ଅଞ୍ଚଳର ଜଗନ ଦଳାଇ ଏବଂ ବାସେଳି ସାହି ଥାନା ଅନ୍ତର୍ଗତ ଛପନ ଛକ ନୂଆ ସାହିର ନରସିଂହ ପ୍ରଧାନ। ଏମାନଙ୍କଠାରୁ ୩ଟି ନମ୍ବର ପ୍ଲେଟ୍ ବିହୀନ ବାଇକ୍, ୪ଟି ମୋବାଇଲ ଫୋନ୍, ୨ଟି ଲୁହା କଟୁରି, ଗୋଟିଏ ଲୁହାରଡ଼ ଏବଂ ନଗଦ ୧ହଜାର ଟଙ୍କା ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ. ୪୨/୨୩) ରୁଜୁ କରିଛି। ଅଭିଯୁକ୍ତମାନେ ଷ୍ଟାଲିନ ଛକ ନିକଟରେ ବାଇକ୍ ଓ କାର୍ ଆଦି ଗାଡ଼ିଗୁଡ଼ିକଠାରୁ ଡକାୟତି କରୁଥିବା ଖବର ପାଇ ପୋଲିସ ଚଢାଉ କରିଥିଲା। ତେବେ ଚଢ଼ାଉ ସମୟରେ ଜଣେ ଅଭିଯୁକ୍ତ ଖସିଯିବାରେ ସଫଳ ହୋଇଥିଲେ। ପୋଲିସ ହାତରେ ୫ ଜଣ ଧରାପଡ଼ିଥିଲେ।


ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ ସମ୍ପର୍କରେ ପୋଲିସ ଅଧିକାରୀ ସୂଚନା ଦେଉଛନ୍ତି ।

# ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ

## ଭକ୍ତ ଦାସିଆ ସ୍ମୃତି କମିଟିର ସାଧାରଣ ବୈଠକ

ପିପିଲି,୧୨।୩(ଡି.ଏନ୍.ଏ.)

ଭକ୍ତଶିରୋମଣି ଦାସିଆଙ୍କ ଜନ୍ମ ଓ ସାଧନା ପୀଠ ପିପିଲି ନିକଟସ୍ଥ ବାଲିଗାଁଠାରେ ଭକ୍ତ ଦାସିଆ ସ୍ମୃତି କମିଟିର ବାର୍ଷିକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଡ. ପ୍ରତିଭା ମହାରଥୀ ଏଥିରେ ଅଧକ୍ଷତା କରିଥିଲେ। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ଅଶୋକ ମହାପାତ୍ର, ସହସମ୍ପାଦକ ଡ. ଚିତ୍ତରଞ୍ଜନ ମିଶ୍ର, ପରାମର୍ଶ ବୋର୍ଡ ସଦସ୍ୟ ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି, ପ୍ରଫେସର ବୃନ୍ଦାବନ ରଥ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କୁ ପୁଷ୍ପମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଚଳିତ ଆର୍ଥିକ ବର୍ଷର ନବାଗତ ସଦସ୍ୟଙ୍କ ନାମ ତାଲିକା ପାଠ କରାଯାଇ ସେମାନଙ୍କ ସଦସ୍ୟତାକୁ ପଞ୍ଜୀକୃତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରୁ ସଂଗୃହୀତ ଆର୍ଥିକ ଅନୁଦାନ ଓ ଖର୍ଚ୍ଚ ବିବରଣୀ ସମ୍ପାଦକ ଡ. ଘନଶ୍ୟାମ ସ୍ୱାଇଁ ପାଠ କରିଥିଲେ। ଭକ୍ତ ଦାସିଆଙ୍କ ପ୍ରଚାର ପ୍ରସାର ଦିଗରେ ଅଧିକ ଗୁରୁତ୍ୱ ଦିଆଯିବା ସହ ଆଧାତ୍ମିକ ପତ୍ରିକାର ଗୁଣାତ୍ମକମାନ ବୃଦ୍ଧି ସହ ରାଜ୍ୟ ତଥା ଦେଶ ବିଦେଶରେ ଏହାର ପ୍ରଚାର ନିମନ୍ତେ ଦୃଷ୍ଟି ଦିଆଯିବାକୁ ସ୍ଥିର ହୋଇଛି। ଐତିହ୍ୟ ପୁଷ୍କରିଣୀ ଗୋଠ ଗଡ଼ିଆର ପୁନରୁଦ୍ଧାର କାର୍ଯ୍ୟ ତୁରନ୍ତ କରାଯିବା, ପୀଠକୁ ପକ୍କା ରାସ୍ତା କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲାପାଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଓଡ଼ିଶା ବ୍ରିଜ୍ ଆଣ୍ଡ ଇନ୍‌ଷ୍ଟ୍ରକ୍ସନ କର୍ପୋରେଶନ ସିଏସ୍‌ଆର୍ ଯୋଜନାରେ ଏଠାରେ ଶୌଚାଳୟ, ପାନୀୟ ଜଳ ବ୍ୟବସ୍ଥା, ପାଦ ପ୍ରକ୍ଷାଳନ ବ୍ୟବସ୍ଥା କରିବାକୁ ଅର୍ଥ ମଞ୍ଜୁର ହୋଇଥିବାରୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦିଆଯାଇଥିଲା। ଏଥିରେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଅର୍ଜୁନ ଚରଣ ସାମଲ, ବ୍ରଜମୋହନ ମହାନ୍ତି, ଆଇନଜୀବୀ ସରୋଜ ପରିଡ଼ା, ଇଂ. ଶ୍ରୀଧର ମାହଲ, ଚିତ୍ତରଞ୍ଜନ ସେନାପତି, ଡା. ସନ୍ଧ୍ୟାରାଣୀ ଶତପଥୀ, ପ୍ରଫେସର ଭାସ୍କର ଚନ୍ଦ୍ର ସାମନ୍ତରାୟ, ନାଟ୍ୟକାର ବିଭୂତି ଭୂଷଣ ପଟ୍ଟନାୟକ, ଜୟକୃଷ୍ଣ ରାଉତ, ଗିରିଧାରୀ ପଲାଇ, କୃଷ୍ଣଚନ୍ଦ୍ର ଲେଙ୍କା, ରାଜନ ଛାଟୋଇ ପ୍ରମୁଖ ଯୋଗଦେଇଥିଲେ। ସାଂସ୍କୃତିକ ସମ୍ପାଦକ ସରୋଜ ସାହୁ ଧନ୍ୟବାଦ ଦେଇଥିଲେ।



ବୈଠକରେ ଭକ୍ତଦାସିଆ ସ୍ମୃତି କମିଟିର କର୍ମକର୍ତ୍ତାମାନେ ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- 'ଟେରାକୋଟା ମ୍ୟୁରାଲ ୱାର୍କଶପ୍, ଲଳିତ କଳା ଏକାଡେମୀ ଆଞ୍ଚଳିକ କେନ୍ଦ୍ର, ୟୁନିଟ୍-୩, ପୂର୍ବାହ୍ନ ୧୧ଟା।
- ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ, ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୧, ଅପରାହ୍ନ ୩ଟା।
- ୭ମ ମେଗା ହ୍ୟାଣ୍ଡଲୁମ୍ ଫେବ୍ ମେଳା, ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଅପରାହ୍ନ ୫ଟା।
- ୧୯ତମ ରାଜ୍ୟସ୍ତରୀୟ ପଞ୍ଚମଦେବ ନାଟକ ମହୋତ୍ସବ ଓ ପଞ୍ଚମଦେବ ସମ୍ମାନ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୪୫।

# କାର୍‌ରେ ବ୍ରାଉନ୍‌ସୁଗାର ସେବନ ଚର୍ଚ୍ଚା

## ନିଶା ଖାଇ ଦୁର୍ଘଟଣା

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

କ୍ୟାପିଟାଲ ଥାନା ଅନ୍ତର୍ଗତ ସୂର୍ଯ୍ୟନଗର ଅଞ୍ଚଳରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଗୋପବନ୍ଧୁ ଛକ ଆଡୁ ରାଜଭବନ ଅଭିମୁଖେ ଆସୁଥିବା ଏକ କାର୍ (ଓଡି୩୩ଟି୮୯୮) ରାସ୍ତାରେ ରହିଥିବା ଅନ୍ୟଏକ କାର୍‌କୁ ଅନ୍ୟ ଧକ୍କା ଦେଇଛି। ଏଥିରେ ଦୁର୍ଘଟଣା ଘଟାଇଥିବା କାର୍‌ର ଆଗପଟ ସାମାନ୍ୟ ଭାଙ୍ଗିଯାଇଥିବାବେଳେ ଅନ୍ୟ କାରଟିର ପଛପାର୍ଶ୍ୱ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ତେବେ ଦୁର୍ଘଟଣା ପରେ କାର୍‌ଟି ପଳାଉଥିବେଳେ ସ୍ଥାନୀୟ ଲୋକେ ଅଟକାଇବା ସହ ସେଥିରେ ଥିବା ୩ଜଣ ଯୁବକଙ୍କୁ କାବୁ କରିଥିଲେ। ଜଣେ କାର ଚଳାଉଥିବାବେଳେ ଅନ୍ୟ ଦୁଇଜଣ ସିଟ୍‌ରେ ଅର୍ଦ୍ଧ ଚେତନ ଅବସ୍ଥାରେ ଥିଲେ। ସେମାନେ ନିଶା ସେବନ କରିଥିବାବେଳେ କାର୍ ସିଟ୍ ଓ ପାଦ ରଖିବା ସ୍ଥାନରେ ବ୍ରାଉନସୁଗାର ସେବନରେ ବ୍ୟବହୃତ ସାମଗ୍ରୀ ସହ ବିଡି ଓ ଦିଆସିଲ ରହିଥିବା ଦେଖି ଲୋକେ ଉତ୍ତେଜିତ ହୋଇପଡିଥିଲେ। ନିଶା ଖାଇ କାର୍ ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ନେଇ ସେମାନେ କହିଛନ୍ତି। ହେଲେ ଥାନାଧିକାରୀ ପଦ୍ମନାଭ ପ୍ରଧାନ କହିଛନ୍ତି, ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। କୌଣସି କାର୍‌ରୁ କିଛି ନିଶା ସାମଗ୍ରୀ ମିଳି ନ ଥିବାବେଳେ କାହାକୁ ଅଟକ ରଖାଯାଇ ନାହିଁ ବୋଲି ସେ କହିଛନ୍ତି।





ଦୁର୍ଘଟଣା ଘଟାଇଥିବା କାର୍ ଭିତରେ ଅର୍ଦ୍ଧଚେତନ ଅବସ୍ଥାରେ ଥିବା ଯୁବକମାନେ ।

## ଚୋରା ଟିଭି ବିକ୍ରି କରି ଯୁବକ ଗିରଫ

**ଭୁବନେଶ୍ୱର,୧୨।୩(ବ୍ୟୁରୋ) :**

ଚୋରା ଟିଭି ବିକ୍ରି କରୁଥିବାବେଳେ ଖାରବେଳ ନଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ରାହୁଲ ମଲ୍ଲିକ (୧୮)। ତାଙ୍କଠାରୁ ଚୋରା ଟିଭି ଜବତ ହୋଇଛି। ଉକ୍ତ ଟିଭି ଚୋରା ବୋଲି ଜାଣିବା ସତ୍ତ୍ୱେ କମ୍ ଟଙ୍କାରେ କିଣି ଅଧିକରେ ବିକ୍ରି କରୁଥିବା ତଦନ୍ତବେଳେ ଜଣାପଡିବା ପରେ ପୋଲିସ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ସୂଚନାନୁସାରେ, ରବିବାର ସକାଳ ସମୟରେ ଅଭିଯୁକ୍ତ ରାହୁଲ ସତ୍ୟନଗରସ୍ଥିତ ତୋଷାଳି ଭବନ ନିକଟରେ ରାସ୍ତାରେ ଲୋକଙ୍କୁ ଅଟକାଇ ଚୋରା ଟିଭି ବିକ୍ରୟ କରୁଥିବା ଖବରପାଇ ଖାରବେଳ ନଗର ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବା ସହ ଟିଭି ଜବତ କରିଥିଲା।

## ଆଳିଶି ଶାସନରୁ ଚିତ୍ରା ହରିଣ ଉଦ୍ଧାର



ବାଲିପାଟଣା,୧୨।୩(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଆଳିଶି ଶାସନ ଗ୍ରାମରୁ ରବିବାର ବନ ବିଭାଗ କର୍ମଚାରୀ ଏକ ଚିତ୍ରା ହରିଣ ଉଦ୍ଧାର କରିଛନ୍ତି। ସକାଳେ ଗ୍ରାମରେ ଏକ ହରିଣ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ହରିଣଟି ଲୋକଙ୍କୁ ଦେଖି ଦୌଡ଼ିବା ସହ ଏକ ପୋଖରୀକୁ ଡେଇଁ ପଡ଼ିଥିଲା। ଏହାପରେ ଲୋକେ ହରିଣକୁ ଆହତ ଅବସ୍ଥାରେ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ଚିକିତ୍ସା ପରେ ହରିଣକୁ ଭଅଁରା ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ୍ ଚୋରି, ଯୁବକ ଗିରଫ

ଭୁବନେଶ୍ୱର,୧୨।୩(ବ୍ୟୁରୋ) : ମାଷ୍ଟରକ୍ୟାଣ୍ଟିନ ଅଞ୍ଚଳରେ ଥିବା ଇଲେକଟ୍ରିକ ପୋଲରେ ଚଢି ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ୍ ଚୋରି କରି ଫେରାର ହେଉଥିବାବେଳେ କ୍ୟାପିଟାଲ ଥାନା ପୋଲିସ ଜଣେ ଯୁବକଙ୍କୁ ଗୋଡାଇ ଗୋଡାଇ କାବୁ କରିବା ପରେ ଗିରଫ କରିଛି। ସେ ହେଲେ ମାଳିସାହିରେ ରହୁଥିବା ପୁରୀ ଜିଲାର ବାଦଲ ଜେନା। ତାଙ୍କଠାରୁ ୨ ୨ଟି ଇଣ୍ଟରନେଟ ନେଟ୍‌ୱର୍କିଂ ଡିଭାଇସ ଜବତ କରାଯାଇଛି।

# ଆନ୍ଦୋଳନକୁ ଓହ୍ଲାଇଲେ ଅବସରପ୍ରାପ୍ତ ସୈନିକ

**ଭୁବନେଶ୍ୱର,୧୨।୩(ବ୍ୟୁରୋ)**

୪ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଅବସରପ୍ରାପ୍ତ ସୈନିକ। ୟୁନାଇଟେଡ୍ ଫୋରମ୍ ଅଫ୍ ଭେଟେରାନ୍ ଆସୋସିଏଶନ ଓଡ଼ିଶା ପକ୍ଷରୁ ଶନିବାର ଲୋୟର ପିଏମ୍‌ଜିରେ ରାଜ୍ୟର ସମସ୍ତ ଜିଲାରୁ ଆସିଥିବା ପୂର୍ବ ସୈନିକ ସଂଗଠନର ସଦସ୍ୟମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦୁଇ ହଜାରରୁ ଅଧିକ ଭେଟେରାନ ଯବାନ ଓ ଜେସିଓ ଶୋଭାଯାତ୍ରାରେ ମାଷ୍ଟରକ୍ୟାଣ୍ଟିନରୁ ବାହାରି ପିଏମଜି ଛକ ଅଭିମୁଖେ ବାହାରିଥିଲେ। ଓଆର୍‌ଓପିରେ ଭେଦଭାବ ଚଳିବ ନାହିଁ, ସମାନ ଅଧିକାର ଆମର ଦାବି ଆଦି ନାନା ନାରାବାଜି ଦେଇ ବିକ୍ଷୋଭ ଶୋଭାଯାତ୍ରାରେ ଯାଉଥିବାବେଳେ ଆନ୍ଦୋଳନକାରୀଙ୍କୁ ପୋଲିସ ଅଟକାଇଥିଲା। ଫଳରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେବା ସହ ଲୋୟର ପିଏମ୍‌ଜି ପ୍ରାୟ ଦୁଇଘଣ୍ଟା ଧରି ଅବରୋଧ ହୋଇଥିଲା। ପରେ ଆନ୍ଦୋଳନକାରୀମାନେ ଧାରଣାସ୍ଥଳକୁ ଫେରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଓଆର୍‌ଓପି ଟେବୁଲରେ ଭେଦଭାବର ସମାଧାନ, ଯବାନମାନଙ୍କୁ ସମାନ ଏମ୍‌ଏସ୍‌ପି ପ୍ରଦାନ ସହ ପିଏମ୍‌ଆର ପାଇଥିବା ଯବାନଙ୍କୁ ଓଆର୍‌ଓପିରେ ସାମିଲ କରିବା ଓ ଯବାନମାନଙ୍କୁ ସମାନ ଡିଜାବିଲିଟି ପେନସନ ଆଦି ସଂକ୍ରାନ୍ତ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି କରାଯାଇଥିଲା। ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ମିଳିତ ସଂଗଠନର ପ୍ରବକ୍ତା ଭେଟେରାନ ଉମେଶ କୁମାର ଚଇନି କହିଛନ୍ତି ।




ୟୁନାଇଟେଡ୍ ଫୋରମ୍ ଅଫ୍ ଭେଟେରାନ୍ ଆସୋସିଏଶନ ପକ୍ଷରୁ ଶନିବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

## ଜୁନିୟର ୟୁନାଇଟେଡ୍ କ୍ଲବ ଚାମ୍ପିୟନ

### ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ଖୋର୍ଦ୍ଧା ଅଫିସ,୧୨।୩:**

କେରଙ୍ଗ ଅହମଦୀୟା ମୁସ୍‌ଲିମ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କେରଙ୍ଗ ଅହମଦୀୟା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଫାଇନାଲ ମ୍ୟାଚ୍ କଳିଙ୍ଗ ସ୍ପୋର୍ଟିଂ କ୍ଲବ ଭୁବନେଶ୍ୱର ଓ ୟୁନାଇଟେଡ୍ କ୍ଲବ କଟକ ମଧ୍ୟରେ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୨ ଗୋଲ ବ୍ୟବଧାନରେ ଜୁନିୟର ୟୁନାଇଟେଡ୍ କ୍ଲବ କଟକ ବିଜୟୀ ହୋଇଥିଲା। ରାଜୁ ମହାନ୍ତି, ସାଗିର ଅହମ୍ମଦ, ଅମଜଦ ଏହେସାନ ଖାଁ, ସଖାଓ୍ୱତ ଅଲ୍ଲି ଖାଁ ଏବଂ ଶୋଏବ ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିଲେ। ପପୁ ଖାଁ ବେଷ୍ଟ ପ୍ଲେୟର ଏବଂ ଚନ୍ଦନ ନାୟକ ପ୍ଲେୟର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଭାବେ ବିବେଚିତ ହୋଇଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି, ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜଟଣୀ ବ୍ଲକ ଅଧକ୍ଷା ଜୟନ୍ତୀ ଛୋଟରାୟ, ଟୁଲୁ ପାତ୍ର, ଖୋର୍ଦ୍ଧା ଛାତ୍ର ନେତା ବିଶ୍ୱରଞ୍ଜନ ପ୍ରଧାନ, ମୌଲାନା ଫଜଲ ହକ୍ ଖାଁ, ଅକ୍ଷୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନର କର୍ମକର୍ତ୍ତା ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଭୁବନେଶ୍ୱର ଉପକଣ୍ଠ ମଦନପୁର ଗ୍ରାମରେ ଶ୍ରୀଚନ୍ଦ୍ରଶେଖର ଦେବଙ୍କ ପଞ୍ଚୁ ଦୋଳ ମେଳଣରେ ଠାକୁରଙ୍କ ସହ ଶ୍ରଦ୍ଧାଳୁମାନେ ଫଗୁ ଖେଳୁଛନ୍ତି (ଉପର)। ମେଳଣରେ ମନୋରଞ୍ଜନ କରୁଥିବା ଘୋଡ଼ାନାଚ ଦଳ। (ବିକାଶ)



# ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପନୟନ

**ପୁରୁଣା ଭୁବନେଶ୍ୱର, ୧୨।୩(ଡି.ଏନ୍.ଏ.):**

ପୁରୁଣା ଭୁବନେଶ୍ୱରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ରବିବାର ସମୂହ ବ୍ରତୋପନୟନ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ୨୦ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତ କରାଯାଇଥିଲା। ଏହି ମାଙ୍ଗଳିକ କାର୍ଯ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବ୍ରତ ହୋଇଥିବା ପିଲାମାନେ ଶୋଭାଯାତ୍ରାରେ ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ କିଛିଦିନ ପୂର୍ବେ ମୃତ୍ୟୁ ଘଟିଥିବା ପୁରୁଣା ଭୁବନେଶ୍ୱରର ବିଶିଷ୍ଟ ବ୍ୟକ୍ତି ପ୍ରଶାନ୍ତ ମହାପାତ୍ରଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରକାଶ ଯେ, ଦୀର୍ଘ ୧୧ ବର୍ଷ ହେବ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମୂହ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଛି।



ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପନୟନରେ ସାମିଲ ହୋଇଥିବା ପିଲାମାନେ ।

# ଗଙ୍ଗୋତ୍ରୀନଗର ରାସ୍ତା କଡ଼ରେ କୁଢ଼ କୁଢ଼ ଆବର୍ଜନା

## ପଞ୍ଚାୟତ ଅଞ୍ଚଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ନାହିଁ

**ଭୁବନେଶ୍ୱର, ୧୨।୩ (ବ୍ୟୁରୋ)**

ପରିବେଶକୁ ପରିଷ୍କାର ପରିଚ୍ଛନ୍ନ ସହ ସବୁଠି ସ୍ୱଚ୍ଛତା ବଜାୟ ରଖିବା ପାଇଁ ନାରାବାଜି ଦିଆଯାଉଥିବାବେଳେ ବାସ୍ତବରେ ଚିତ୍ର କିନ୍ତୁ ଭିନ୍ନ। ମ୍ୟୁନିସିପାଲିଟି ଅଞ୍ଚଳକୁ ବାଦ୍‌ଦେଲେ ଅନେକ ପଞ୍ଚାୟତ ଅଞ୍ଚଳରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉ ନାହିଁ। ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଞ୍ଚାୟତର ୧ ନମ୍ବର ୱାର୍ଡ ଯଥା ଗଙ୍ଗୋତ୍ରୀ ନଗରରେ ଏଭଳି ସ୍ଥିତି ଦେଖିବାକୁ ମିଳୁଛି। ଏଠାରେ ରୋଡ୍ ନଂ.୩ରେ ଅଳିଆ ଆବର୍ଜନା ରାସ୍ତା କଡରେ ପଡି ରହୁଛି। ଫଳରେ ସେହି ବାଟ ଦେଇ ଯାତାୟାତ କରିବା କଷ୍ଟକର ହୋଇ ପଡୁଛି। ଡଷ୍ଟବିନ୍ ଥାଇ ନ ଥିଲା ଭଳି। ସେହିପରି ବହୁଦିନ ଧରି ଅଳିଆ ଆବର୍ଜନା ଡଷ୍ଟବିନ୍‌ରେ ଭର୍ତ୍ତି ହୋଇ ରହୁଥିବାବେଳେ ତାକୁ ସଫା କରିବା ପାଇଁ ପ୍ରଶାସନ କିମ୍ବା ପଞ୍ଚାୟତ ତରଫରୁ କୌଣସି ବିହିତ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏହାଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ, ହଇଜା ଆଦି ମହାମାରୀ ରୋଗ ବ୍ୟାପିବାର ଆଶଙ୍କା ସୃଷ୍ଟି ହେଉଛି। ବହୁ ବରିଷ୍ଠ ନାଗରିକ, ଛୋଟପିଲା ଏହି ଅଞ୍ଚଳରେ ରହୁଥିବାବେଳେ ଅଳିଆ ଆବର୍ଜନା ଓ ପଚାଶଢ଼ା ଜିନିଷ ରାସ୍ତା କଡ଼ରେ ପଡି ରହୁଥିବାରୁ ପ୍ରବଳ ଦୁର୍ଗନ୍ଧ ବ୍ୟାପୁଛି। ଏନେଇ ଅଭିଯୋଗ କଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ସ୍ଥାନୀୟ ଅଞ୍ଚଳବାସୀ କ୍ଷୋଭର ସହ କହିଛନ୍ତି। ସ୍ଥାନୀୟ ଜନପ୍ରତିନିଧି, ଗଙ୍ଗୋତ୍ରୀ ନଗର ଡେଭଲପ୍‌ମେଣ୍ଟ କମିଟି ଓ ବିଧାୟକ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।







ଭୁବନେଶ୍ୱର ଲୋୟୋଲା ସ୍କୁଲଠାରେ ରବିବାର ବାର୍ଷିକ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍‌ସ କ୍ୟାମ୍ପ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି। ଶିବିରରେ ଛାତ୍ରୀମାନଙ୍କ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଉଛି। (ଫଟୋ- ମୌସମ)

# ହରିରାଜପୁର ପଞ୍ଚଦୋଳ ମେଳଣ ଆରମ୍ଭ

**ଡେଲାଙ୍ଗ/ଜଟଣୀ,୧୨।୩(ଡି.ଏନ୍.ଏ.)**

ଓଡ଼ିଶା ପ୍ରସିଦ୍ଧ ହରିରାଜପୁର ପଞ୍ଚଦୋଳ ମେଳଣର ଜମାଣ ଉତ୍ସବ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ହୋଇଯାଇଛି। ରାତି ୧୧ଟା ୩୦ ପରେ ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ମନ୍ଦିରରେ ସମସ୍ତ ଦେବନୀତି ସମାପନ ପରେ ଠାକୁର ମେଳଣ ପଡ଼ିଆ ଅଭିମୁଖେ ଯାତ୍ରା କରିଥିଲେ। ସ୍ଥାନାଧିପତି ପଶ୍ଚିମାଶମ୍ଭୁ ସୋମନାଥ ଦେବ, ଗୋପାଳଜୀଉ ଓ ବାଳମୁକୁନ୍ଦ ଦେବ ମେଳଣ ପଡ଼ିଆ ପ୍ରବେଶ ପଥରେ ମିଶି ଏକ ସୁସଜ୍ଜିତ ବିମାନରେ ମନ୍ଦିରର ପଶ୍ଚିମ ଦ୍ୱାରରୁ ବାହାରି ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ଯାତ୍ରା ଆରମ୍ଭ କରିଥିଲେ। ସେହିପରି ରାଜତନ୍ତ୍ର ସମୟରେ ତତ୍କାଳୀନ ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବ ବିଗ୍ରହ ବୁଢ଼ାପଡ଼ାର ଆରାଧ୍ୟ ସୋମନାଥ ଦେବ, ଛଣଘରର ଗଡେଶ୍ୱର ଦେବ, କନ୍ତିଆ ଗ୍ରାମର ବାଲୁଙ୍କେଶ୍ୱର ଦେବ ଓ ଟାଙ୍ଗିଭିଁସର ଗ୍ରାମର ନୀଳକଣ୍ଠେଶ୍ୱର ଦେବ ଏହି ମେଳଣରେ ସାମିଲ ହୋଇଥିଲେ। ବିଭିନ୍ନ ଗ୍ରାମରୁ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଠାକୁର ଦୋଳ ବିମାନରେ ବିରାଜମାନ କରି ଆସି ଖୁଣ୍ଟିଲାଗି ହୋଇ ମେଳଣରେ ଅଂଶଗ୍ରହଣ କରିଥିଲେ।



ଶ୍ରୀ ପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।



ମେଳଣପଡ଼ିଆରେ ହନୁମାନଜୀ।

ରଙ୍ଗବେରଙ୍ଗର ଆଲୋକମାଳା ସହ ଆତସବାଜି ପ୍ରଦର୍ଶନରେ ମେଳଣ ପଡ଼ିଆ ଝଲସି ଉଠିଥିଲା। ପାରମ୍ପରିକ ଘୋଡ଼ାନାଚ, ନାଗାନୃତ୍ୟ, ଭଜନ କୀର୍ତ୍ତନ, ବାଦ୍ୟବିଚିତ୍ରା, ଘଣ୍ଟଘଣ୍ଟି, ତୁରି ଓ ଶଙ୍ଖ, ହରିବୋଲ, ହୁଳହୁଳି ଧ୍ୱନିରେ ମେଳଣ ପଡ଼ିଆରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଶ୍ଚିମାଶମ୍ଭୁ ସୋମନାଥ କ୍ଲବ ପକ୍ଷରୁ ଆୟୋଜିତ ଭାବାମୃତ ଭଜନସନ୍ଧ୍ୟା କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାଶା ନିଶଙ୍କ, ପୂର୍ବତନ ଏମ୍‌ପି ପ୍ରଶନ୍ନ ପାଟଶାଣୀ, ବ୍ଲକ ସଭାପତି ବୈରାଗୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ମେଳଣରେ ଶାନ୍ତିଶୃଙ୍ଖଳା ପାଇଁ ଡେଲାଙ୍ଗ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ପୁରୀ ଏସ୍‌ପି ଡ. କନ୍‌ୱର ବିଶାଲସିଂହଙ୍କ ନିର୍ଦ୍ଦେଶରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତିଙ୍କ ନେତୃତ୍ୱରେ ଜଣେ ଡିଏସ୍‌ପି, ୫ଜଣ ଆଇଆଇସି, ଏସ୍‌ଆଇ ୮ଜଣ, ଏଏସ୍‌ଆଇ ୧୯ ଜଣ, ପୁରୁଷ ସିପାହି ୧୩, ମହିଳା ସିପାହି ୧୨, ହାବିଲଦାର ୩, ୫ ପ୍ଲାଟୁନ ପୋଲିସ ଫୋର୍ସ ଓ ୮୫

### ଆତସବାଜି, ହରିବୋଲ ଓ ହୁଳହୁଳିରେ କମ୍ପିଲା ମେଳଣ ପଡ଼ିଆ

ଜଣ ହୋମ୍‌ଗାର୍ଡଙ୍କୁ ମୁତୟନ କରାଯାଇଛି। ମେଳଣ ପଡ଼ିଆର ୪ ପାର୍ଶ୍ୱରେ ଅସ୍ଥାୟୀ ପୋଲିସ ଟେଣ୍ଟ କରାଯାଇ ଅସାମାଜିକଙ୍କ ଉପରେ ନଜର ରଖାଯାଇଛି ବୋଲି ଆଇଆଇସି ମହାନ୍ତି କହିଛନ୍ତି। ସେହିପରି ଡେଲାଙ୍ଗ ତହସିଲଦାର ନିବେଦିତା ପରିଡା, ଅତିରିକ୍ତ ତହସିଲଦାର ରଞ୍ଜନ କୁମାର ନାୟକ ଓ ଡେଲାଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ଲାବନ୍ୟେନ୍ଦୁ ମହାନ୍ତିଙ୍କୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ନିୟୋଜିତ କରାଯାଇଛି । ପୋଲିସ ନିୟନ୍ତ୍ରଣରେ ମେଳଣ କମିଟିର କେତେଜଣ ଯୁବକଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅସୁବିଧା କିମ୍ବା ହଜିଯାଉଥିବା ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପାଇଁ ଏହି ଟିମ୍ ପୋଲିସ ପ୍ରଶାସନକୁ ସହଯୋଗ କରିବ। ଏହାସହିତ ହରିରାଜପୁର ଫାଣ୍ଡି ନିକଟରେ ଏକ ସୂଚନା କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପ୍ରକାଶ ଯେ, ଚଳିତବର୍ଷ ଏହି ମେଳଣ ୪ ଦିନ ହେବାକୁ ସ୍ଥିର କରାଯାଇଥିବା ବେଳେ ହରିହର ଭେଟ ପରେ ଗୋଧୂଳି ଲଗ୍ନରେ ଉଦ୍‌ଯାପିତ ହେବ।

## ସଂକ୍ଷେପରେ

### ଲ'ୟର୍ସ ଆସୋସିଏଶନ ଗୃହର ନବୀକରଣ



**ଜଟଣୀ,୧୨।୩(ଡି.ଏନ୍.ଏ.):** ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ରାମଚନ୍ଦ୍ରପୁର ବଜାରସ୍ଥିତ ଜଟଣୀ ଲ'ୟର୍ସ ଆସୋସିଏଶନ ଗୃହର ନବୀକରଣ କରାଯାଇଛି। ଆସୋସିଏଶନ ସଭାପତି ସୁଶୀଲ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇଥିଲେ। ଲ'ୟର୍ସ ଆସୋସିଏଶନ ଗୃହର ନବୀକରଣ ସହିତ ନୂତନ ପୋର୍ଟିକୋ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ୧ଲକ୍ଷ ୫୦ ହଜାର ଟଙ୍କା ଲ'ୟର୍ସ ଆସୋସିଏଶନକୁ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଲ'ୟର୍ସ ଆସୋସିଏଶନର ଉପସଭାପତି କାହ୍ନୁ ଚରଣ ପ୍ରଧାନ, କୋଷାଧ୍ୟକ୍ଷ ଅଧିବକ୍ତା ଅରୁଣ କୁମାର ସାହୁ, ବରିଷ୍ଠ ଅଧିବକ୍ତା କୈଳାସ ଚନ୍ଦ୍ର ଶର୍ମା, ସାମାଜିକ କର୍ମୀ କ୍ୟାପ୍‌ଟେନ ମନ୍ମଥ ରାଉତରାୟ, ସ୍ୱେଚ୍ଛାସେବୀ ଜି. ଶ୍ରୀନୁଙ୍କ ସମେତ ବହୁ ଅଧିବକ୍ତା ଉପସ୍ଥିତ ଥିଲେ।

### କମଳେଶ୍ୱର ଦେବ ମନ୍ଦିର ପରିସର ସଫେଇ

**କୃଷ୍ଣପ୍ରସାଦ,୧୨।୩(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଦେଉଳପଡାସ୍ଥିତ କମଳେଶ୍ୱର ଦେବଙ୍କ ମନ୍ଦିର ପରିସରକୁ ରବିବାର ସଫେଇ କରାଯାଇଛି। ୩୫ ମୌଜା ପରିଚାଳନା କମିଟି ପକ୍ଷରୁ ପଣାଯାତ୍ରା (ଦ୍ୱିତୀୟ ବାଲିଯାତ୍ରା)ରେ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ପାରିକୁଦ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଗ୍ରୀନ ପାରିକୁଦର ବରିଷ୍ଠ ସଦସ୍ୟା ଅମିତା ତରେଇଙ୍କ ନେତୃତ୍ୱରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧ୍ୟକ୍ଷାଙ୍କ ପ୍ରତିନିଧି ବିଜୟ କୁମାର ତରେଇ, ବିଷ୍ଣୁ ପ୍ରସାଦ ବେହେରା, ରମେଶ ଚନ୍ଦ୍ର ମହାପାତ୍ର, ମିନାରାଣୀ ସାହୁ, ନକୁଳ ସୁନ୍ଦରା, କାଲୁ ଚରଣ ପଲେଇ, ଦୁଃଶାସନ ତରେଇ ପ୍ରମୁଖ ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ।

### ନୀଳକଣ୍ଠେଶ୍ୱର ମନ୍ଦିରରେ ସମୂହ ବ୍ରତୋପନୟନ

**ପୁରୁଣା ଭୁବନେଶ୍ୱର,୧୨।୩(ଡି.ଏନ୍.ଏ.):** ପୁରୁଣା ଭୁବନେଶ୍ୱରସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ରବିବାର ସମୂହ ବ୍ରତୋପନୟନ ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ୨୦ଜଣ ବ୍ରାହ୍ମଣ ପିଲାଙ୍କ ବ୍ରତ କରାଯାଇଥିଲା। ଏହି ମାଙ୍ଗଳିକ କାର୍ଯ୍ୟରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ବ୍ରତ ହୋଇଥିବା ପିଲାମାନେ ଶୋଭାଯାତ୍ରାରେ ଯାଇ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ମନ୍ଦିର ପରିଚାଳନା କମିଟି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦୀର୍ଘ ୧୧ ବର୍ଷ ହେବ ନୀଳକଣ୍ଠେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମୂହ ବ୍ରତୋପନୟନ ହୋଇଆସୁଛି।

## ୪ କୁଇଣ୍ଟାଲ ପୋଚ ନଷ୍ଟ, ୪ ଗିରଫ

**ବାଲୁଗାଁ,୧୨।୩ (ଡି.ଏନ୍.ଏ.)**

ବାଲୁଗାଁ ଅବକାରୀ ବିଭାଗ ଓ ଜିଲା ଭ୍ରାମ୍ୟମାଣ ସ୍କ୍ୱାଡ୍ ମିଳିତଭାବେ ରବିବାର ପୃଥକ୍ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଏଥିରେ ସମ୍ପୃକ୍ତି ନେଇ ଜଣେ ମହିଳାଙ୍କ ସମେତ ୪ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁରେନ୍ଦ୍ର ଶବର, ନିରଞ୍ଜନ ଶବର, ଭିକାରୀ ବେହେରା ଓ ଅଞ୍ଜଳି ବେହେରା। ପ୍ରକାଶ ଯେ, ବାଣପୁର ଆଦିବାସୀ ଅଧ୍ୟୁଷିତ ନୀଳାଦ୍ରି ପ୍ରସାଦ ଜଙ୍ଗଲରେ ମଦ ପ୍ରସ୍ତୁତି ପାଇଁ ବେଆଇନ୍ ଭାବେ ଗଚ୍ଛିତ ଥିବା ପ୍ରାୟ ୪ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ପୋଚ ଅବକାରୀ ବିଭାଗ ଟିମ୍ ନଷ୍ଟ କରିଥିଲା। ଏଥିସହ ପଟୁଆଳ, ବାଲିକଣିଆ ଛକ, ବାଣପୁର ନିକଟସ୍ଥ ବିଷ୍ଣୁଡ଼ିହ ଏବଂ ବାଲୁଗାଁ ସାମନ୍ତରାପୁର ସାହିରୁ ଦେଶୀ ଓ ବିଦେଶୀ ମଦ ଜବତ କରାଯିବା ସହ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା। ଚଢ଼ାଉରେ ଟାଙ୍ଗୀ ଅବକାରୀ ଇନ୍‌ସ୍ପେକ୍ଟର ଆଲୋକ ପ୍ରଧାନ, ବାଲୁଗାଁ ଅବକାରୀ ସବ୍‌ଇନ୍‌ସ୍ପେକ୍ଟର ରୋହିତ ଦଣ୍ଡସେଣ, ଏଏସ୍‌ଆଇ ବିଶ୍ୱମ୍ଭର ବିଶ୍ୱାଳ, କନିଷ୍ଠବଳ ରତ୍ନାକର ଜାଲି, ଜିତେନ୍ଦ୍ର ହେମ୍ବ୍ରମ୍, ଲିପନ୍ ପ୍ରଧାନ, ରେଶମା ଲେଙ୍କା, ଚିନ୍ମୟ ଦାସ, ସୁନିତା ମହାରଣା ପ୍ରମୁଖ ସାମିଲ ହୋଇଥିଲେ।



ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଳିସାହି ତିନିଦୋଳ ମେଳଣ ପଡ଼ିଆରେ ବିରାଜମାନ କରିଥିବା ଦୋଳବିମାନ।

## ତିନିଦୋଳ ମେଳଣ ଉଦ୍‌ଯାପିତ

**ବୋଲଗଡ଼,୧୨।୩(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ଅନ୍ତର୍ଗତ ମାଳିସାହି ତିନିଦୋଳ ମେଳଣ ଶନିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଶ୍ରୀସୋମନାଥ ଦେବଙ୍କ ନିମନ୍ତ୍ରଣକ୍ରମେ ୩୭ଟି ବିମାନରେ ଦେବଦେବୀମାନେ ମେଳଣ ପଡିଆକୁ ଚୈତ୍ର ଦ୍ୱିତୀୟା ତିଥିରେ ବିରାଜମାନ କରିଥିଲେ। ତିନିଦିନ ମେଳଣ ପଡିଆରେ ବିରାଜିତ ହେବା ପରେ ମେଳଣ ହୋଇଥିଲା। ରୀତିନୀତି ଅନୁସାରେ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ଦଳେଇସାହି, କଳାଙ୍ଗ, ଖଇଁରିଆ ଓ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଦେବଦେବୀ ଏଥିରେ ସାମିଲ ହୋଇଛନ୍ତି। ମେଳଣରେ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା। ଶାନ୍ତିଶୃଙ୍ଖଳାରେ ମେଳଣ ସରିଥିବାରୁ ଟ୍ରଷ୍ଟ ବୋର୍ଡ ସଭାପତି ଆର୍ତ୍ତବନ୍ଧୁ ପ୍ରଧାନ ଓ ଉପଦେଷ୍ଟା ଲୋତକବିନ୍ଦୁ ପଟ୍ଟନାୟକ ଧନ୍ୟବାଦ ଜଣାଇଛନ୍ତି।

## ୧୭ରୁ କୁଦିଆରୀ ଦଶଦୋଳ ମେଳଣ





ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

**ଜଟଣୀ,୧୨।୩(ଡି.ଏନ୍.ଏ.)**

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମ ମେଳଣ ପଡ଼ିଆରେ ୪୧ତମ ଦଶଦୋଳ ମେଳଣ ପାଇଁ ରବିବାର ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶ୍ରୀପତିତପାବନ ଓ ଚନ୍ଦ୍ରଶେଖର ଦେବ ମେଳଣ କମିଟି ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଆସନ୍ତା ୧୭ ତାରିଖରୁ କୁଦିଆରୀ ଦଶଦୋଳ ମେଳଣ ଉତ୍ସବ ଆରମ୍ଭ ହେବ ବୋଲି ନିଷ୍ପତ୍ତି ହୋଇଛି। ଜମାଣ ରାତିରେ ମା' ଝାଡ଼େଶ୍ୱରୀ ଓ ସନ୍ତୋଷୀ ମା'ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିକଟ ପଡିଆରେ ବଲିଉଡ୍ ନାଇଟ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବାବୁଲ ସୁପ୍ରିଓ ଓ ତାଙ୍କ ଗ୍ରୁପ ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ମୁକୁଳା ଆକାଶ ଯୁବଗୋଷ୍ଠୀ ପକ୍ଷରୁ ମେଳଣ ପଡିଆରେ ମେଲୋଡି କାର୍ଯ୍ୟକ୍ରମ ହେବ। ଏଥିସହ ରାତିରେ ପତିତପାବନ ଓ ଚନ୍ଦ୍ରଶେଖର ଦେବ ଏବଂ ୪୦ ଗ୍ରାମର ଠାକୁରଙ୍କ ସହିତ ପଟୁଆରରେ ମେଳଣ ପଡ଼ିଆକୁ ଆସିବେ। ୧୮ ତାରିଖରେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହିତ ସଂକୀର୍ତ୍ତନ, ୧୯ ତାରିଖରେ ବାବା ଏଜୁକେଶନ ସୋସାଇଟି ପକ୍ଷରୁ ବିଭିନ୍ନ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀଙ୍କୁ ପୁରସ୍କାର ପ୍ରଦାନ, ୨୦ ତାରିଖ ଗୋଧୂଳି ବେଳାରେ ଠାକୁରଙ୍କ ମେଳଣ ଉତ୍ସବ ଅନୁଷ୍ଠିତ ହେବ। ୨୧ ଏବଂ ୨୨ ତାରିଖର କୁଦିଆରୀ ସାଇକୃପା ସଂସଦ ପକ୍ଷରୁ ନାଟକ 'ଆଖି ଅବୁଝାକୁ, ଲୁହ ଅବୁଝା ଏବଂ ବାବୁ ମୁଠେ ଭିକ ଦିଅ' ସ୍ଥାନୀୟ କଳାକାରଙ୍କ ଦ୍ୱାରା ପରିବେଷଣ କରାଯିବ ବୋଲି ସୂଚନା ଦିଆଯାଇଛି। ମେଳଣ ପରିଚାଳନା କମିଟି ସମ୍ପାଦକ ଲୁଫେନ ରାୟ, ଉପସଭାପତି ଶଶାଙ୍କ ଶେଖର ରାୟ, ହରପ୍ରସାଦ ପ୍ରଧାନ, ଦିନେଶ କୁମାର ମଙ୍ଗରାଜ, ରଞ୍ଜନ କୁମାର ଛୋଟରାୟ, କୈଳାସ ମହାପାତ୍ର, ନିର୍ମଳ ମଙ୍ଗରାଜ, ପୌରାଧ୍ୟକ୍ଷ ଅନନ୍ତ ବେହେରା, ଲୁସେନ ରାୟ, ମନୋଜ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଏକାଠି ହେଲେ ୨୧ ଠାକୁର

**ଖୋର୍ଦ୍ଧା ଅଫିସ,୧୨।୩**

ଖୋର୍ଦ୍ଧା ଗୁରୁଜଙ୍ଗ ଗ୍ରାମ୍ୟ ପଞ୍ଚୁଦୋଳ କମିଟି ଆନୁକୂଲ୍ୟରେ ରବିବାରଠାରୁ ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇଛି। ବିଳମ୍ବିତ ରାତିରେ ଠାକୁରମାନଙ୍କ ଜମାଣ ହୋଇଛି। ଥାନପତି ଭାବେ ଶ୍ରୀଧବଳେଶ୍ୱର ସ୍ୱମନ୍ଦିରରୁ ଏକ ସୁସଜ୍ଜିତ ଦୋଳ ବିମାନରେ ବିରାଟ ପଟୁଆରରେ ମେଳଣ ପଡ଼ିଆକୁ ବିଜେ କରିଛନ୍ତି। ପରେ ଅନ୍ୟ ଠାକୁରମାନେ ମେଳଣ ପଡ଼ିଆକୁ ବିଜେ କରିଥିଲେ। ଗୁରୁଜଙ୍ଗ, ଖୋର୍ଦ୍ଧା ସହର ସମେତ ୨୦ଟି ଗ୍ରାମର ୨୧ ଦୋଳ ଠାକୁର ଏଠାରେ ବିଜେ କରିଛନ୍ତି। ପତିତପାବନ-ରାଧାଗୋବିନ୍ଦ-ତ୍ରିନାଥ ଦେବ- ବିଶ୍ୱନାଥଦେବ ଗୁରୁଜଙ୍ଗ, ବାଲୁଙ୍କେଶ୍ୱର ଦେବ ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନ ଚନ୍ଦ୍ର ଦେବ ନୂଆଗାଁ, ବରାଡ ବାଲୁଙ୍କେଶ୍ୱର- ଗୋପାଳଜୀଉ- ଚଉରା ବାଲୁଙ୍କେଶ୍ୱର- ରାଧାବଲ୍ଲଭ- ଲକ୍ଷ୍ମୀ ନାରାୟଣ, ରାମନାଥ ଦେବ ଖୋର୍ଦ୍ଧା, ବାଲୁଙ୍କେଶ୍ୱର ଅରାଙ୍ଗ, ସ୍ୱପ୍ନେଶ୍ୱର କୁଣ୍ଡିଲୋ, ବୃନ୍ଦାବନଦେବ ନୂଆଗାଁ, ଲୋକନାଥ କୁମାରବସ୍ତ, ରାଧାକୃଷ୍ଣ ନିଆଳ, ଚନ୍ଦ୍ରଶେଖର ମାଜଣା, ରାମଚନ୍ଦ୍ରଦେବ- ମଦନମୋହନ ମହୁଲ, କପିଳେଶ୍ୱର ଅଙ୍ଗରାପଡା ଓ କେଦାରେଶ୍ୱର ପୁଟନିଆଳ ଗ୍ରାମ୍ୟ ଠାକୁର ବିଜେ କରନ୍ତି। ଏଥିଲାଗି ମେଳଣ ପଡ଼ିଆକୁ ଆକର୍ଷଣୀୟ ଭାବେ ସଜାଯାଇଛି। କମିଟି ସମ୍ପାଦକ ଜିତେନ୍ଦ୍ର ସାହୁ କହିଛନ୍ତି, ବ୍ୟବସ୍ଥିତ ଓ ଶୃଙ୍ଖଳିତ ମେଳଣ ଉପରେ ଗୁରୁତ୍ୱ ଦିଆଯାଇଛି। ଆତସବାଜି, ଶୋଭାଯାତ୍ରା ଆୟୋଜନ କରାଯିବ ନାହିଁ। ପ୍ରଶାସନ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତିନିଦିନ ବ୍ୟାପୀ ଭଜନ ସମାରୋହ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ୩ଦିନ ଅପେରା ହେବ। କମିଟି ମୁଖ୍ୟ ଉପଦେଷ୍ଟା ବିଧାନ ଚନ୍ଦ୍ର ମହାନ୍ତି କହିଛନ୍ତି, ପ୍ରାୟ ୧୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ମେଳଣ ଆୟୋଜନ ହୋଇଆସୁଛି। ଏହା ୩ଦିନ ଧରି ଅନୁଷ୍ଠିତ ହୋଇଥାଏ। କମିଟି ସଭାପତି ସଞ୍ଜୟ କୁମାର ସିଂ, ଦୁଃଶାସନ ବେହେରା, ପ୍ରଫୁଲ୍ଲ ବଳିୟାରସିଂ, ଜିପୁ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ସୁବାସ ଚନ୍ଦ୍ର ଦାଶ, କୈଳାଶ ପ୍ରଧାନ, ସୂର୍ଯ୍ୟନାରାୟଣ ମହାନ୍ତି, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଭାତ ବଳିଆରସିଂଙ୍କ ସମେତ ଅନ୍ୟମାନେ ପରିଚାଳନା କରୁଛନ୍ତି।

## ଚିତ୍ରା ହରିଣ ଉଦ୍ଧାର

**ବାଲିପାଟଣା,୧୨।୩(ଡି.ଏନ୍.ଏ.)**

ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ଆଳିଶି ଶାସନ ଗ୍ରାମରୁ ରବିବାର ବନ ବିଭାଗ କର୍ମଚାରୀ ଏକ ଚିତ୍ରା ହରିଣ ଉଦ୍ଧାର କରିଛନ୍ତି। ସକାଳେ ଗ୍ରାମରେ ଏକ ହରିଣ ବୁଲୁଥିବା ବେଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ହରିଣଟି ଲୋକଙ୍କୁ ଦେଖି ଦୌଡ଼ିବା ସହ ଏକ ପୋଖରୀକୁ ଡେଇଁ ପଡ଼ିଥିଲା। ଲୋକେ ହରିଣକୁ ଆହତ ଅବସ୍ଥାରେ ଉଦ୍ଧାର କରି ବନ କର୍ମଚାରୀଙ୍କୁ ହସ୍ତାନ୍ତର କରିଥିଲେ। ଚିକିତ୍ସା ପରେ ହରିଣକୁ ଭଅଁରା ସଂରକ୍ଷିତ ଜଙ୍ଗଲରେ ଛଡ଼ାଯିବ ବୋଲି ଜଣାପଡ଼ିଛି।

## ଭାଷା ସୁରକ୍ଷା ସମ୍ମିଳନୀର ରାଜ୍ୟସ୍ତରୀୟ ବାର୍ଷିକୋତ୍ସବ

**ବାଲୁଗାଁ,୧୨।୩(ଡି.ଏନ୍.ଏ.)**

ବାଲୁଗାଁସ୍ଥିତ ମା'ଗଜଲକ୍ଷ୍ମୀ କଲ୍ୟାଣ ମଣ୍ଡପଠାରେ ଭାଷା ସୁରକ୍ଷା ସମ୍ମିଳନୀର ୧୦ମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ସଭାପତି, କବି ତଥା ସାହିତ୍ୟିକ ରଙ୍ଗନାଥ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଡ. ସ୍ୱର୍ଣ୍ଣଲତା ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପିକା ଡ. ବିଜୟାଲକ୍ଷ୍ମୀ ଦାଶ ଓ ଅତିଥିଭାବେ ନରେଶ ଚନ୍ଦ୍ର ରାୟ ମହାପାତ୍ର, ସତ୍ୟବାଦୀ ବଳିୟାରସିଂହ, ଦଣ୍ଡପାଣି ମହାପାତ୍ର, ରବି ରଥ, ଅଶ୍ୱିନୀ ମହାପାତ୍ର ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷା ଓ ତାର ପ୍ରତିକାର ଶୀର୍ଷକ ବିଷୟ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ସମ୍ପାଦକ ଶେଷଦେବ ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ ସଭାପତିଙ୍କ ଦ୍ୱାରା ଅତିଥିଙ୍କ ପରିଚୟ ପ୍ରଦାନ କରାଯିବା ସହ ସଙ୍ଗଠନର ଉପଦେଷ୍ଟା ସର୍ବେଶ୍ୱର ଷଡ଼ଙ୍ଗୀ ଓ ମଦନମୋହନ ମହାପାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବାଣପୁର ଉପ-ନିବନ୍ଧକ ରମେଶ ଚନ୍ଦ୍ର ପାଣି ଓ ସଙ୍ଗଠନର ଉପସଭାପତି ରବୀନ୍ଦ୍ରନାଥ ପ୍ରଧାନ ପ୍ରମୁଖ ମତବ୍ୟକ୍ତ କରିଥିଲେ। ଉତ୍ସବରେ ଏକାଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଗୋପୀନାଥ ଦାଶ, ସର୍ବେଶ୍ୱର ଷଡ଼ଙ୍ଗୀ ଓ ଇତିଶ୍ରୀ ସାହୁ ସଂଯୋଜନା କରିଥିଲେ। ଏହି ଅବସରରେ ଦୀପ୍ତିମୟୀ କର, ଲକ୍ଷ୍ମୀପ୍ରିୟା ଜେନା, ସୁଜାତା ସାହୁଙ୍କ ସମେତ ୧୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଇନଜୀବୀ ଶେଷଦେବ ମହାରଣା ଧନ୍ୟବାଦ ଦେଇଥିଲେ।





ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଜମିଜମା ରେକର୍ଡ ସଂଶୋଧନ ଜିଦ୍‌ରେ ଅଟଳ ଗ୍ରାମବାସୀ

**ଖୋର୍ଦ୍ଧା ଅଫିସ,୧୨।୩**

ଆଜକୁ ଦୁଇଶହ ବର୍ଷ ତଳେ ଖୋର୍ଦ୍ଧା ମାଟିର ଲଢୁଆ ପୁଅ, ପାଇକବୀରମାନେ ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ କରିଥିଲେ। ସେତେବେଳେ ମାଟି ମା' ପାଇଁ ଲଢେଇ କରିଥିବା ପାଇକ ପୁଅ ଏବେ ଭିଟାମାଟି ବଞ୍ଚାଇବା ଲାଗି ସରକାରଙ୍କ ସହ ଲଢେଇ କରୁଛି। ନିଜ ହକ୍ ପାଇବା ନିମନ୍ତେ ଦୀର୍ଘବର୍ଷ ଧରି ଆନ୍ଦୋଳନ ଚଳାଇଥିଲେ ମଧ୍ୟ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି। ଏଣୁ ଜୀବନ ଦେବୁ ପଛେ ଭିଟାମାଟି ପାଇଁ ଲଢେଇ କରିବୁ। ଏଭଳି କଡା ସ୍ୱରରେ ଜବାବ ରଖିଛି ଭିଟାମାଟି ବଞ୍ଚାଅ ସଂଘର୍ଷ ସମିତି। ଜମିଜମା ରେକର୍ଡ ସଂଶୋଧନ ଦାବି ନେଇ ଗତ ସପ୍ତାହେ ହେଲା ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣାରେ ବସିଛନ୍ତି ୩ ପଞ୍ଚାୟତର ଶତାଧିକ ଗ୍ରାମବାସୀ। ଜମିଜମା ସତ୍ତ୍ୱାଧିକାର ଶ୍ରୀଜଗନ୍ନାଥ ଶ୍ରୀମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବା ଜିଦ୍‌ରେ ଗ୍ରାମବାସୀ ଅଟଳ ରହିଛନ୍ତି। ଏ ନେଇ ଗତ ୩ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ବୋଲି ଗଣମାଧ୍ୟମକୁ କହିଛନ୍ତି।

ଦାବି ମୁତାବକ ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ଏଖରାଜାତ ମାହାଲର ନରଣଗଡ଼, ତାପଙ୍ଗ ଓ ଧଉଳିମୁହଁ ପଞ୍ଚାୟତ ଅଧୀନ ୧୫ଟି ରାଜସ୍ୱ ଗ୍ରାମର ଶତାଧିକ ଗ୍ରାମବାସୀ ଦୀର୍ଘ ବର୍ଷ ଧରି ସ୍ୱତ୍ୱାଧିକାର ପରିବର୍ତ୍ତନ ଲାଗି ଦାବି କରି ଆସୁଥିବାବେଳେ ପ୍ରତିଥର ପ୍ରଶାସନ ପକ୍ଷରୁ ମିଥ୍ୟା ପ୍ରତିଶ୍ରୁତି ଦିଆଯାଇ ପଦକ୍ଷେପ ନିଆଯାଉନାହିଁ। ଫଳରେ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାର ଜଙ୍ଗଲ ଜମି, କାଜୁ ଜଙ୍ଗଲ ପ୍ରଭୃତି ଶତାଧିକ ଜମି ଖଣି, କମ୍ପାନୀଙ୍କୁ ଟେକି ଦେଉଥିବା ବେଳେ





ଧାରଣାରେ ବସିଥିବା ଭିଟାମାଟି ବଞ୍ଚାଅ ସଂଘର୍ଷ ସମିତି କର୍ମକର୍ତ୍ତା ଏବଂ ଅନ୍ୟମାନେ।

### ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଜାରି

ବଂଶାନୁକ୍ରମେ ଦୀର୍ଘ ବର୍ଷ ଧରି ଭୋଗ କରି ଆସୁଥିବା ଜମିର ରେକର୍ଡ ସଂଶୋଧନ ଦାବି ପ୍ରତି କର୍ଣ୍ଣପାତ କରୁନାହାନ୍ତି। ପାଇକ ବୀରଙ୍କ ମାଟି ପ୍ରତି ସରକାର ଅବହେଳା ଓ ଅଣଦେଖା କରୁଛନ୍ତି। ୨୦୨୧ରେ ଆଇନ ବିଭାଗ ଓ ୭ଜଣିଆ କମିଟି ଦେଇଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦୀର୍ଘ ୬୦ବର୍ଷ ଧରି ବନ୍ଦୋବସ୍ତ ହୋଇ ନ ଥିବା ଏଖରାଜାତ ମାହାଲର ବନ୍ଦୋବସ୍ତ କରାଯାଇ ସ୍ୱତ୍ୱଲିପି ପ୍ରଦାନ ତଥା ଜମିଦାରଙ୍କ ନାମ ଶ୍ରୀଜଗନ୍ନାଥ ମହାପ୍ରଭୁ ବିଜେ, ପୁରୀ ମାର୍ଫତ ଆଡମିନିଷ୍ଟ୍ରେଟର, ଜଗନ୍ନାଥ ମନ୍ଦିର ପରିଚାଳନା କମିଟି, ପୁରୀ ପରିବର୍ତ୍ତେ ଓଡ଼ିଶା ସରକାର ଲେଖାଯିବାକୁ ଦାବି କରିଛନ୍ତି। ବକ୍ସିଙ୍କ ନେତୃତ୍ୱରେ ସେତେବେଳେ ତାପଙ୍ଗ ଓ ରାମେଶ୍ୱର ପ୍ରଭୃତି ଅଞ୍ଚଳର ୧୫୬ ଗ୍ରାମର ପ୍ରଜାମେଳି ହୋଇ ୧୮୧୭ର ଗଣ ବିପ୍ଳବରେ ପାଇକ ବୀରମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ। ଜମିଦାରି ଉଚ୍ଛେଦ ପରେ ୧୫୬ଟି ଗ୍ରାମରୁ ୧୨୦ଟି ଗ୍ରାମକୁ ରେକର୍ଡଭୁକ୍ତ (୧୯୬୨-୬୫) ସ୍ଥିତିବାନ ପ୍ରଜାଙ୍କ ଓଡ଼ିଶା ସରକାରଙ୍କ ଅଧୀନରେ ପ୍ରକାଶିତ ଚୂଡ଼ାନ୍ତ ସତ୍ୱଲିପି ପ୍ରଦାନ କରାଯାଇଛି। ଅବଶିଷ୍ଟ ୩୬ଟି ଗ୍ରାମକୁ ଓଡ଼ିଶା ସରକାର ଚୂଡ଼ାନ୍ତ ସ୍ୱତ୍ୱଲିପି ପ୍ରଦାନ କରାଯିବାକୁ କମିଟି ପ୍ରସ୍ତାବ ଦେଇଥିଲା। ପ୍ରସ୍ତାବକୁ ୧୬ ମାସ ବିତିଲାଣି, କିନ୍ତୁ କାର୍ଯ୍ୟକାରୀ କରାଯାଉନାହିଁ।

ଜମିଜମାର ସ୍ୱତ୍ୱାଧିକାରୀ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିଚାଳନା କମିଟି, ପୁରୀଙ୍କ ନାମରେ ହୋଇଥିବାରୁ ଗ୍ରାମବାସୀ ଅତ୍ୟାବଶ୍ୟକ ସମୟରେ ଜମି ବିକ୍ରି କରିପାରୁନାହାନ୍ତି। ଜମିପଟ୍ଟାରେ ଓଡ଼ିଶା ସରକାର ଲେଖା ନ ଥିବାରୁ ଆବାସ ଓ ଋଣ ଆଦି ସରକାରୀ ସୁବିଧା ପାଇପାରୁନାହାନ୍ତି ବୋଲି ଭାଜପା କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି। ଏହି ଆନ୍ଦୋଳନରେ ସମିତିର ସଭାପତି ଗୋଦାବରୀଶ ଗୁମାନସିଂ, ସମ୍ପାଦକ ଯୁଧିଷ୍ଠିର ହରିଚନ୍ଦନ, ବୈକୁଣ୍ଠନାଥ ମାର୍ଥା, ରୁଦ୍ରଭାନୁ ନରେନ୍ଦ୍ରସିଂ, ଅମରେନ୍ଦ୍ର ବଳିୟାରସିଂ, ଅବକାଶ ମହାନ୍ତି, କାଳୁ ବଳିୟାରସିଂ, ଲକ୍ଷ୍ମୀକାନ୍ତ ନନ୍ଦ, ସୌଭାଗ୍ୟ ରଞ୍ଜନ ରାୟସିଂ, ଦେବୀ ପ୍ରସାଦ ରାଉତରାୟ, କୈଳାସ ବଳିୟାରସିଂ, ଅଶୋକ ବେହେରା ପ୍ରମୁଖ ସାମିଲ ହୋଇଛନ୍ତି।

# ସୁସ୍ଥ ପରିବେଶ ଓ ଦୀର୍ଘାୟୁ ଜୀବନ



ଡା. ବସନ୍ତ କୁମାର ଷଡ଼ଙ୍ଗୀ

ସାରା ବିଶ୍ୱରେ ଦୈନନ୍ଦିନ ଜଳବାୟୁର ପରିବର୍ତ୍ତନ ସହ ଜନସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଆଜିର ଜନତା ଆଧୁନିକତା ପ୍ରତି ମାତ୍ରାଧିକ ଆକୃଷ୍ଟ ହେବା ସହ ଚାକଚକ୍ୟ ପ୍ରତି ଆଗ୍ରହ ବୃଦ୍ଧି ପାଉଛି। ବର୍ତ୍ତମାନ ପ୍ରକୃତି ଓ ପରିବେଶ ଏହାଦ୍ୱାରା ଯେଉଁଭଳି ଭାବରେ ପ୍ରଭାବିତ ହେଉଛି ତାହା ଚିନ୍ତାର କାରଣ ସାଜିଛି। କେବଳ ସେତିକି ନୁହେଁ, ଏହାର କୁପରିଣାମ ସ୍ୱରୂପ ଆମର ଆଗାମୀ ଭବିଷ୍ୟତ ପିଢ଼ିଙ୍କ ପାଇଁ ଉପଯୁକ୍ତ ସ୍ୱାସ୍ଥ୍ୟ, ସ୍ୱଚ୍ଛ ଅମ୍ଳଜାନ, ସ୍ୱାସ୍ଥ୍ୟ ଉପଯୋଗୀ ଜଳବାୟୁ ମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଆମ ଦେଶରେ ପ୍ରକୃତି ଓ ପରିବେଶ ଏପରି ପ୍ରଦୂଷିତ ହେବାରେ ଲାଗିଛି, ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଦିଲ୍ଲୀ ସହର। ଦିଲ୍ଲୀ ସହରରେ ଗାଡ଼ି ମୋଟରରୁ ନିର୍ଗତ ଧୂଆଁ ଦ୍ୱାରା ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ବାଷ୍ପ ମାତ୍ରାଧିକ ବଢ଼ିଯିବା ଦ୍ୱାରା ଏପରି ସମସ୍ୟା ସୃଷ୍ଟି ହେଉଛି। ତେଣୁ ଏହି ସହରର ଜଳବାୟୁକୁ ପ୍ରଦୂଷଣମୁକ୍ତ କରିବା ନିମନ୍ତେ ଡିଜେଲ ଗାଡ଼ିକୁ ଚଳାଇବା ଉପରେ କଟକଣା କରାଯାଇଛି। ସେଠାକାର ଚାରିଚକିଆ ଗାଡ଼ିଗୁଡ଼ିକୁ ଭିନ୍ନ ଭିନ୍ନ କ୍ରମାନ୍ୱୟ ନମ୍ବରରେ ରାସ୍ତାରେ ଚଳାଇବା ପାଇଁ ଆଇନ କରାଯାଇଛି। ଏହାଦ୍ୱାରା କିଛି ମାତ୍ରାରେ ପ୍ରଦୂଷଣ ମୁକ୍ତରେ ଏହି ଆଇନ ସହାୟକ ହେଉଛି ସତ, କିନ୍ତୁ ଏପରି ପ୍ରଦୂଷିତ ଜଳବାୟୁ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ। ପୃଥିବୀପୃଷ୍ଠରେ ବହୁ କାଳରୁ ମାନବ ସଭ୍ୟତା ପ୍ରକୃତିର ବିଭିନ୍ନ ପ୍ରକାର ଘାତପ୍ରତିଘାତ ଏବଂ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ତିଷ୍ଠିଆସିଛି। ହେଲେ କେତେକ କଥାର କୁପ୍ରଭାବ ବିଷୟରେ ମନୁଷ୍ୟ ଜାଣିଥିଲେ ମଧ୍ୟ ହେୟ ମନୋଭାବ ପ୍ରଦର୍ଶନ କରୁଛି। ଏହାଫଳରେ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ସୁସ୍ଥ, ସରଳ ଓ ଦୀର୍ଘାୟୁ ଜୀବନ ଧାରା ଉପରେ ପ୍ରତିବନ୍ଧକ ସାଜିଛି। ତେଣୁ ବର୍ତ୍ତମାନଠାରୁ ବେଳ ଥାଉ ଥାଉ ପରିବେଶ ଦୂଷିତ ହେଉଥିବା କାରଣଗୁଡ଼ିକୁ ତର୍ଜମା କରି ସେଗୁଡ଼ିକର ପ୍ରତିକାର କରାଯିବା ନିହାତି ଦରକାର। ଏ ନେଇ କେବଳ ସରକାର ନୁହନ୍ତି, ବେସରକାରୀ ସଂସ୍ଥା ଏବଂ ଜନସାଧାରଣଙ୍କ ସହଯୋଗର ଆବଶ୍ୟକତା ରହିଛି। ନଚେତ ଭବିଷ୍ୟତ ପିଢ଼ି ଏକ ଅନ୍ଧକାର ଆଡ଼କୁ ଗତିକରିବ ଏଥିରେ ଦ୍ୱିମତ ନାହିଁ।



ପରିବେଶ ପ୍ରଦୂଷିତ ହେବାର ଅନେକ କାରଣ ରହିଛି। ବହୁ ବର୍ଷ ଧରି ରହି ଆସିଥିବା ଶହ ଶହ ବୃକ୍ଷକୁ କାଟିଦେବା ଦ୍ୱାରା ଜଳବାୟୁରେ ଅମ୍ଳଜାନ ପ୍ରଚୁର ପରିମାଣରେ ହ୍ରାସ ପାଇବାକୁ ଲାଗୁଛି। ତେଣୁ ଏହାକୁ ପୂରଣ କରିବା ଲାଗି ବୃକ୍ଷରୋପଣ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଅଙ୍ଗାର ସଂଗ୍ରହ ନିମନ୍ତେ ମହୁଲ ବୃକ୍ଷ ତଳୁ ମହୁଲ ସଂଗ୍ରହ ନିମନ୍ତେ,



ପୋଡୁଚାଷ ନିମନ୍ତେ, ମକା, ଧାନ ଅମଳ ପରେ ଜଙ୍ଗଲ ଓ ଜମିରେ ଅଗ୍ନି ସଂଯୋଗ କରିବା ହେତୁ ପ୍ରଚୁର ପରିମାଣର ଧୂଆଁ ବାୟୁମଣ୍ଡଳକୁ ଦୂଷିତ କରୁଛି। ତା' ସହ ଜଙ୍ଗଲରେ ବସବାସ କରୁଥିବା ବାଘ, ଭାଲୁ, ହାତୀ, ସିଂହ ଆଦି ବନ୍ୟପ୍ରାଣୀ ଅଗ୍ନି ଭୟରେ ଜନବସତି ଆଡ଼କୁ ମୁହାଁଇବା ଦ୍ୱାରା ମନୁଷ୍ୟମାନଙ୍କ ପ୍ରତି ସେମାନଙ୍କର ହିଂସ୍ର ଆଚରଣ ବୃଦ୍ଧିପାଉଛି। ଏହାସହ ଅଗ୍ନି ସଂଯୋଗ ଦ୍ୱାରା ଭୂତଳରେ ରହି ଜମିକୁ ଉର୍ବର କରୁଥିବା ଜିଆ, କଳିକତରା ଆଦି ବିଭିନ୍ନ କୀଟପତଙ୍ଗ ପୋଡି ମରିଯାଉଛନ୍ତି। ଏହାଦ୍ୱାରା ଜମିର ଉର୍ବରତା ହ୍ରାସ ପାଇବା ସହ ପ୍ରକୃତି ଓ ପରିବେଶର ସନ୍ତୁଳନ ଉପରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ଆଉ ଏହାର ପ୍ରଭାବ ମଣିଷ ସମାଜ ଉପରେ ସିଧାସଳଖ ପ୍ରତୀୟମାନ ହେଉଛି।

ଭାରତର ବହୁଳ ଜନବସତି ସହରମାନଙ୍କରେ ବହୁସଂଖ୍ୟକ କଳକାରଖାନା ଗଢିଉଠିଛି। ଉକ୍ତ କଳକାରଖାନାଗୁଡ଼ିକର ନିର୍ଗତ ଦୂଷିତ ଜଳ ସମୁଦ୍ର ଓ ନଦୀର ଜଳକୁ ଖରାପ କରିବା ସହିତ ଜଳରେ ବସବାସ କରୁଥିବା ଜଳଚର ପ୍ରାଣୀ ସମୂହ ମୃତ୍ୟୁମୁଖରେ ପଡୁଛନ୍ତି। ତା' ସହ ପାନୀୟ ଜଳ ମଧ୍ୟ ଦୂଷିତ ହେଉଛି। କାରଖାନାରୁ ନିର୍ଗତ ହେଉଥିବା ଦୂଷିତ ବାଷ୍ପ ବାୟୁମଣ୍ଡଳରେ ମିଶୁଛି ଏବଂ ଏହାର କୁପ୍ରଭାବ ଜନଜୀବନ ଉପରେ ପଡୁଛି। ଆମେମାନେ ସର୍ବାଧୁନିକତାକୁ ଆପଣେଇ ଦୈନନ୍ଦିନ ବିଭିନ୍ନ ବ୍ୟବହାରିକ ସାମଗ୍ରୀରେ ପ୍ଲାଷ୍ଟିକ ଓ ପଲିଥିନ ସହିତ ଓତପ୍ରୋତ ଭାବେ ଜଡିତ ହୋଇଛେ। ବର୍ତ୍ତମାନ ପରିସ୍ଥିତିରେ ଏହାର କୁପରିଣାମ ତଥା ଭୟାବହତାର ଆମେ ସାମ୍ନା କରୁଛେ। ବୈଜ୍ଞାନିକମାନଙ୍କ ଦ୍ୱାରା ସର୍ବେକ୍ଷଣ ତଥା ଅନୁସନ୍ଧାନରୁ ଜଣାଯାଇଛି ଯେ ନିମ୍ନମାନର ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ପ୍ଲେଟ, ପ୍ଲାଷ୍ଟିକ ଚେୟାର ଆଦି ସାମଗ୍ରୀର ବ୍ୟବହାର ପରେ ସେଗୁଡିକୁ ଫୋପାଡି ଦେବା ଦ୍ୱାରା ତାହା ବର୍ଜ୍ୟବସ୍ତୁ ପାହାଡ଼ ସଦୃଶ ଜମା ହୋଇରହୁଛି। ଏଗୁଡିକ ବିଘଟିତ ନ ହେବା ହେତୁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି ଏବଂ ନଦୀ ଓ ସମୁଦ୍ରରେ ଭାସମାନ ଅବସ୍ଥାରେ ପଡି ରହିବା ଫଳରେ ଜଳ ମଧ୍ୟ ପ୍ରଦୂଷିତ ହେଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସର୍ବେକ୍ଷଣ ତଥା ଅନୁସନ୍ଧାନରୁ ଜଣାଯାଇଛି ଯେ ନିମ୍ନମାନର ପ୍ଲାଷ୍ଟିକ ବୋତଲରେ ଥିବା ପାଣି ପିଇବା ଓ ପ୍ଲାଷ୍ଟିକ ପ୍ଲେଟରେ ଖାଦ୍ୟ ଖାଇବା ଦ୍ୱାରା ପ୍ଲାଷ୍ଟିକର କିଛି ଅଂଶବିଶେଷ ଶରୀରକୁ ପ୍ରବେଶ କରୁଛି। ଏହା ବିଭିନ୍ନ ନୂତନ ରୋଗ ସୃଷ୍ଟିର କାରଣ ସାଜିଛି। ଆଜିର ମନୁଷ୍ୟ ସୌଖିନ ଓ ଆଧୁନିକତାକୁ ପ୍ରାଧାନ୍ୟ ଦେଇ ଆମର ପାରମ୍ପରିକ ରୀତିନୀତିକୁ ଅଣଦେଖା କରିଚାଲିଛି, ଯଦ୍ୱାରା ଆମର ପରିବେଶ ପ୍ରଦୂଷଣ ମୁକ୍ତ ହୋଇପାରୁନାହିଁ।

> "ପୃଥିବୀପୃଷ୍ଠରେ ବହୁ କାଳରୁ ମାନବ ସଭ୍ୟତା ପ୍ରକୃତିର ବିଭିନ୍ନ ପ୍ରକାର ଘାତପ୍ରତିଘାତ ଆଦି ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରି ତିଷ୍ଠିଆସିଛି। ହେଲେ କେତେକ କଥାକୁ ମନୁଷ୍ୟ ସବୁ ଜାଣି ହେୟ ମନୋଭାବ କରି ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ିଙ୍କ ସୁସ୍ଥ, ସରଳ ଓ ଦୀର୍ଘାୟୁ ଜୀବନ ଧାରା ଉପରେ ପ୍ରତିବନ୍ଧକ ସାଜିଛି। ତେଣୁ ବର୍ତ୍ତମାନଠାରୁ ବେଳ ଥାଉ ଥାଉ ପରିବେଶ ଦୂଷିତ ହେଉଥିବା କାରଣଗୁଡ଼ିକୁ ତର୍ଜମା କରି ସେଗୁଡ଼ିକର ପ୍ରତିକାର କରାଯିବା ନିହାତି ଦରକାର।"

ଏ ସବୁକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ପରିବେଶ ସୁରକ୍ଷା ପାଇଁ ଗାଡି ମୋଟର ଚଳାଇବାକୁ କମାଇବା, ବ୍ୟାଟେରି ଗାଡି (e-ଭେହିକିଲ) ବ୍ୟବହାର କରିବା, ପ୍ଲାଷ୍ଟିକ ସାମଗ୍ରୀ ବ୍ୟବହାରକୁ ରୋକ ଲଗାଇବା, କଳକାରଖାନରୁ ନିର୍ଗତ ଜଳ ଓ ବାଷ୍ପକୁ ବୈଜ୍ଞାନିକ ପ୍ରଣାଳୀରେ ବିଘଟନ କରାଇବା ଦରକାର। ଏହାସହ ଆମେ ସମସ୍ତେ ନିଜ ନିଜର କ୍ଷେତ, ବାଡ଼ି, ବଗିଚାରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରିବା, ନିଜ ବାସଗୃହ ପାଖରେ ତୁଳସୀ, ଆଲୋଭେରା, ପୋଦିନା ଆଦି ବିଭିନ୍ନ ଗଛ ଲଗାଇବା ଉଚିତ। ଏହାଦ୍ୱାରା ଆମେ ସ୍ୱଚ୍ଛ ଅମ୍ଳଜାନ ପାଇପାରିବା। ଆମ ଜୀବନର ମୂଳ ଲକ୍ଷ୍ୟ ହେଲା ସୁସ୍ଥ, ନୀରୋଗ ଓ ଦୀର୍ଘାୟୁ ହେବା। ଏହା ନିମନ୍ତେ ସ୍ୱଚ୍ଛ ଅମ୍ଳଜାନର ହିଁ ଆବଶ୍ୟକତା ରହିଛି। ସ୍ୱଚ୍ଛ ଅମ୍ଳଜାନ ଗ୍ରହଣ ଦ୍ୱାରା ମନୁଷ୍ୟ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହାବ୍ୟତୀତ ଆମେ ସମ୍ମୁଖୀନ ହେଉଥିବା ବିଭିନ୍ନ ରୋଗକୁ ପ୍ରତିରୋଧ କରି ଦୀର୍ଘାୟୁ ଭାବେ ବଞ୍ଚି ରହିପାରିବା।

-ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,
ଚନ୍ଦାହାଣ୍ଡି, ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ରକ୍ତ ସଞ୍ଚାଳନକୁ ସକ୍ରିୟ କରେ ଚିନାବାଦାମ



ଚିନାବାଦାମ ଖାଇଲେ ତାହା ରକ୍ତ ସଞ୍ଚାଳନକୁ ପୂର୍ବାପେକ୍ଷା ସକ୍ରିୟ କରିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ମତ ଦେଇଛନ୍ତି। ତା' ସହ ଏହା ଚର୍ମକୁ ସୂର୍ଯ୍ୟକିରଣ ପ୍ରଭାବରୁ ମଧ୍ୟ ରକ୍ଷା କରେ। ଦୃଷ୍ଟିଶକ୍ତି ପାଇଁ ଚିନାବାଦାମ ବେଶ୍ ଉପକାରୀ। ଆଖି ତଳ କଳା ପଡ଼ିବା, ଆଖି କୁଣ୍ଡେଇ ହେବା ଆଦି ଆଶଙ୍କାରୁ ଏହା କେତେକାଂଶରେ ଦୂରେଇ ରଖିଥାଏ। ଏଥିରେ ଓମେଗା ଫ୍ୟାଟି ଏସିଡ ଓ ଖଣିଜ ଲବଣ ପୂର୍ଣ୍ଣମାତ୍ରାରେ ଥିବାରୁ ଏହା ଦୃଷ୍ଟି ଶକ୍ତି ବଢ଼ାଇଥାଏ। ବାଦାମରେ ଥିବା ଓମେଗା ଫ୍ୟାଟି ଏସିଡ ଶରୀରରେ ରକ୍ତ ପ୍ରବାହକୁ ସକ୍ରିୟ କରିଥାଏ। ଚିନାବାଦାମରେ ଭିଟାମିନ୍ ଓ ଖଣିଜ ଲବଣ ଭରି ରହିଛି। ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଣ୍ଟିବଡି ସୃଷ୍ଟି କରିଥାଏ। ଏହା ମଧ୍ୟ କୋଲେଷ୍ଟରଲ ପରିମାଣକୁ ସନ୍ତୁଳିତ ରଖେ। ଏହା ମଧ୍ୟ ଭିଟାମିନ୍ 'ବି'ର ଅନ୍ୟତମ ଉତ୍ସ।

## ସନ୍ତୁଳିତ ରହିବ ମେଦବହୁଳତା



ସୁସ୍ଥ ଜୀବନଯାପନ ପାଇଁ ଆମକୁ ଅନେକ ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଯଦି ଆମେ କେତେକ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କଲେ ତେବେ ତାହା ଅନେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରେ। ଆଜିକାଲି ଅନେକ ଓଜନ ବୃଦ୍ଧି ବା ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହା ପଛରେ ଅସନ୍ତୁଳିତ ଜୀବନଶୈଳୀ କେତେକାଂଶରେ ଦାୟୀ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି। ଏଭଳି ବିଷୟବସ୍ତୁକୁ ନେଇ ୟୁନିଭର୍ସିଟି ଅଫ ୱାଶିଂଟନ୍‌ର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ଅସନ୍ତୁଳିତ ଥିଲା ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ମେଦବହୁଳତା ସମସ୍ୟା ଦେଖିବାକୁ ମିଳିଥିଲା। ତେଣୁ ନିଜ ଓଜନକୁ ସବୁବେଳେ ସନ୍ତୁଳିତ ରଖିବା ଲାଗି ପ୍ରଥମେ ଏକ ରୁଟିନଯୁକ୍ତ ଜୀବନଶୈଳୀ ଅନୁସରଣ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି। ଏହାସହ ନିଜର ଖାଦ୍ୟପେୟ ପ୍ରତି ଅଧିକ ସତର୍କତା ଅବଲମ୍ବନ କରିବା ଦରକାର। ଜଣେ ବ୍ୟକ୍ତି ପ୍ରତି କିଛି ସମୟ ବ୍ୟାୟାମ କଲେ ସେ କେତେକାଂଶରେ ସୁସ୍ଥ ରହିବା ସହ ଓଜନ ସନ୍ତୁଳିତ ରହିଥାଏ।

## ଦୃଢ଼ ପାଚନ କ୍ରିୟା ପାଇଁ...



ଆମର ପାଚନ କ୍ରିୟା ଦୃଢ଼ ରହିବା ନିହାତି ଦରକାର। ତେଣୁ ସନ୍ତୁଳିତ ଖାଦ୍ୟ ଖାଇଲେ ପାଚନ କ୍ରିୟା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ଆହୁରି ଦୃଢ଼ ହୋଇଥାଏ। ଭିଟାମିନ୍ ଓ ଖଣିଜ ଲବଣଯୁକ୍ତ ଖାଦ୍ୟ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାରେ ଏମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ତେଣୁ ଏଗୁଡ଼ିକୁ ଶକ୍ତ ଓ ମଜଭୁତ ରଖିବା ପାଇଁ ହେଲେ ଆମକୁ ସୁଷମ ଖାଦ୍ୟ ଖାଇବାକୁ ପଡ଼ିବ। ଏଥିରୁ ମିଳୁଥିବା ଉପକାରୀ ତତ୍ତ୍ୱ ପାଚନ ପ୍ରକ୍ରିୟା ସାହାଯ୍ୟରେ ରକ୍ତ ପାଖରେ ପହଞ୍ଚିଥାଏ। ଏହା ସହ ଶରୀରରେ ହେଉଥିବା ରାସାୟନିକ ପ୍ରତିକ୍ରିୟାକୁ ମଧ୍ୟ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଅସ୍ଥି ଓ ମଜାଗୁଡ଼ିକୁ ମଜଭୁତ ରଖିବା ଲାଗି ସନ୍ତୁଳିତ ଖାଦ୍ୟ ଖାଇବା ଦରକାର। ଏତଦ୍‌ବ୍ୟତୀତ ଏଭଳି ଖାଦ୍ୟ ଖାଇବା ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଇଥାଏ।

## ନିଦ୍ରାହୀନତା ଦୂର କରିବାର ସହଜ ଉପାୟ

ଦିନତମାମ ପରିଶ୍ରମ ପରେ ରାତିରେ ଜଣେ ବ୍ୟକ୍ତି ଭଲଭାବରେ ଶୋଇଲେ ତାହାର ସୁପ୍ରଭାବ ଶରୀର ଉପରେ ପଡ଼ିଥାଏ। ହେଲେ କେତେକ କାରଣରୁ କିଛି ବ୍ୟକ୍ତି ନିଦ୍ରାହୀନତା ପରି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ହେଲେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା କ'ଣ ଜାଣନ୍ତି? ଯୋଗ। ଅର୍ଥାତ୍ ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଯଦି ଆପଣ ପ୍ରତିଦିନ କିଛି ସମୟ ଯୋଗ କରନ୍ତି ତେବେ ତାହାର ସୁଫଳ ମିଳିଥାଏ। ନିକଟରେ ବର୍ଲିନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହୋଇଥିବା ଏକ ସର୍ଭେରୁ ଜଣାପଡ଼ିଛି ଯେ, ଯୋଗ କରିବା ଦ୍ୱାରା ଏହା ନିଦ୍ରାହୀନତା ପରି ସମସ୍ୟାକୁ କେତେକାଂଶରେ ଦୂର କରିଥାଏ। ଶରୀରକୁ ସୁସ୍ଥ, ସୁନ୍ଦର ଓ ସନ୍ତୁଳିତ ରଖିବା ପାଇଁ ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଯୋଗ କରିବା ଦ୍ୱାରା ଆମ ଶରୀରର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ମଜଭୁତ ହୋଇଥାଏ। ଶରୀରରେ ରକ୍ତ ସଞ୍ଚାଳନ ମଧ୍ୟ ଠିକ୍ ଭାବେ ହୁଏ, ଯାହା ଆମ ଆଭ୍ୟନ୍ତରୀଣ ଅଙ୍ଗଗୁଡ଼ିକୁ ଶକ୍ତ କରିଥାଏ। ରକ୍ତ ଚାପକୁ ବି ଏହା ସନ୍ତୁଳିତ ଅବସ୍ଥାରେ ରଖେ।



## ସ୍ୱାସ୍ଥ୍ୟ ସୂଚନା

- ପ୍ରତିଦିନ ଆପଣ ଅଫିସ ଭିତରେ ସବୁବେଳେ ଲିଫ୍ଟ ବ୍ୟବହାର ନ କରି କିଛି ଦିନ ଶିଡି ଚଢ଼ି ଯିବା ଆସିବା କରନ୍ତୁ। କାରଣ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ସେତେ ଭଲ।
- ଶାରୀରିକ ବ୍ୟାୟାମ ସହ ମାନସିକ ଯୋଗର ମଧ୍ୟ ଆବଶ୍ୟକତା ରହିଛି। ଏହା ଆମନକୁ ମାନସିକ ଶାନ୍ତି ଦେଇଥାଏ।
- ଦିନତମାମ ପ୍ରତିଦିନର ଆରମ୍ଭ ବ୍ୟାୟାମ ଏବଂ ବ୍ରେକଫାଷ୍ଟରୁ କରନ୍ତୁ। ବ୍ରେକ୍‌ଫାଷ୍ଟରେ ତଟକା ଫଳମୂଳ ସହ ଜୁସ୍ ସାମିଲ କରନ୍ତୁ।
- ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କ ଶରୀରକୁ ସତେଜ ରଖିବା ସହ ଶକ୍ତି ଯୋଗାଇବ।
- କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ହେଲେ ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।
- ଆବଶ୍ୟକତା ଠାରୁ ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ବ୍ଲଡ଼ ପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟାକୁ ଡାକି ଆଣିଥାଏ।
- ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। ଖାଇବାର ଘଣ୍ଟାଏ ପରେ କିମ୍ବା ଘଣ୍ଟାଏ ପୂର୍ବରୁ ପାଣି ପିଅନ୍ତୁ।



# ପ୍ରଳୟଙ୍କରୀ ଭୂମିକମ୍ପ



ନିକୁଞ୍ଜ ବିହାରୀ ସାହୁ

ନିକଟରେ ବିଶ୍ୱର ବିଭିନ୍ନ ସ୍ଥାନରେ ଭୂମିକମ୍ପ ଅନୁଭୂତ ହେଉଛି। ମଧ୍ୟପ୍ରାଚ୍ୟ ଭୂଖଣ୍ଡ ତୁର୍କୀ-ସିରିଆର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଏକ ବଡ଼ଧରଣର ପ୍ରଳୟଙ୍କରୀ ଭୂମିକମ୍ପ ଅନୁଭୂତ ହୋଇଯାଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ଥିଲା ୭.୮। ଏହି ଭୂମିକମ୍ପର ପ୍ରଭାବ ପଡୋଶୀ ରାଷ୍ଟ୍ର ଲେବାନନ୍ ଓ ଇସ୍ରାଏଲ ଯାଏ ମଧ୍ୟ ଦେଖିବାକୁ ମିଳିଥିଲା। ଏହା ତୁର୍କୀରେ ବିଗତ ଶହେ ବର୍ଷ ମଧ୍ୟରେ ଅନୁଭୂତ ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ଥିଲା। ପୃଥିବୀରେ ଏଭଳି ଉଚ୍ଚ ତୀବ୍ରତର ଭୂମିକମ୍ପ ଅତି ବିରଳ, ଯାହା ବର୍ଷକୁ ସାଧାରଣତଃ ପାଞ୍ଚରୁ କମ୍ ଥର ସଂଘଟିତ ହୋଇଥାଏ। ତୁର୍କୀରେ ବିଗତ ୨୫ ବର୍ଷ ମଧ୍ୟରେ ୭ କିମ୍ବା ଅଧିକ ତୀବ୍ରତାର ସମୁଦାୟ ସାତୋଟି ଭୂମିକମ୍ପ ଅନୁଭୂତ ହୋଇ ସାରିଛି।

**ରିକ୍ଟର ସ୍କେଲ୍ କ'ଣ :** ଭୂମିକମ୍ପର ତୀବ୍ରତାକୁ ସାଧାରଣତଃ ରିକ୍ଟର୍ ସ୍କେଲ୍ ଏକକରେ ମପାଯାଏ। ଏହି ସ୍କେଲରେ ୪ ଅଙ୍କରୁ ଉର୍ଦ୍ଧ୍ୱ ଭୂମିକମ୍ପ ସାଧାରଣତଃ ଧନଜୀବନ ପ୍ରତି ବିନାଶକାରୀ ହୋଇଥାଏ। ଭୂମିକମ୍ପର ତୀବ୍ରତା ୪ ରୁ ୪.୯ ଅଙ୍କ ମଧ୍ୟରେ ରହିଲେ ଘରର ଝରକାର କାଚ ଭାଙ୍ଗିଯାଇପାରେ ଏବଂ କାନ୍ଥରେ ଟଙ୍ଗା ଯାଇଥିବା ଫଟୋଫ୍ରେମ୍ ତଳେ ଖସି ପଡ଼ିପାରେ। ଭୂମିକମ୍ପର ତୀବ୍ରତା ୫ ରୁ ୫.୯ ଅଙ୍କ ମଧ୍ୟରେ ରହିଲେ ଘରର ଟେବୁଲ ଚଉକି ଭଳି ଭାରି ଆସବାବପତ୍ର ହଲି ଯାଇପାରେ। ଭୂମିକମ୍ପର ତୀବ୍ରତା ୬ ରୁ ୬.୯ ଅଙ୍କ ମଧ୍ୟରେ ରହିଲେ କୌଣସି ବହୁତଳୀୟ ଅଟ୍ଟାଳିକାର ଭିତ୍ତି ହଲି ଯାଇପାରେ ଏବଂ ଉପର ମହଲା ଘର ବିଶେଷ କ୍ଷତିଗ୍ରସ୍ତ ହୋଇପାରେ। ଭୂମିକମ୍ପର ତୀବ୍ରତା ୭ ରୁ ୭.୯ ଅଙ୍କ ମଧ୍ୟରେ ରହିଲେ ବହୁତଳୀୟ ଅଟ୍ଟାଳିକା ସମ୍ପୂର୍ଣ୍ଣ ଭଶୁଡି ପଡିପାରେ ଏବଂ ଭୂତଳ ପାଣି ପାଇପ୍ ଫାଟି ଯାଇପାରେ। ଭୂମିକମ୍ପର ତୀବ୍ରତା ୮ ରୁ ୮.୯ ଅଙ୍କ ମଧ୍ୟରେ ରହିଲେ ବଡ଼ ବଡ଼ ପୋଲ ମଧ୍ୟ ଭାଙ୍ଗିଯାଇପାରେ। ଭୂମିକମ୍ପର ତୀବ୍ରତା ୯.୦ ଅଙ୍କରୁ ଅଧିକ ହେଲେ ସମସ୍ତ ନର୍ମାଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ। ଏଭଳି ପରିସ୍ଥିତିରେ କୌଣସି ଖୋଲା ସ୍ଥାନରେ ଛିଡା ହେଲେ ଭୂମିରେ ସମୁଦ୍ର ଭଳି ଲହଡିମାନ ତରଙ୍ଗାୟିତ ହେଉ ଥିବାର ଦେଖାଯାଏ ଏବଂ ସମୁଦ୍ରରେ ସୁନାମି ଭଳି ଉଚ୍ଚା ଉଚ୍ଚା ଲହଡିମାନ ସୃଷ୍ଟି ହୋଇ ସ୍ଥଳଭାଗରେ ପ୍ରଳୟ ରଚନା କରେ।

**ବିଶ୍ୱର ପ୍ରଳୟଙ୍କରୀ ଭୂମିକମ୍ପ :** ପୃଥିବୀରେ ପ୍ରତି ବର୍ଷ ପ୍ରାୟ ୫ ଲକ୍ଷ ଭୂମିକମ୍ପ ଅନୁଭୂତ ହୋଇଥାଏ। ଏଥିମଧ୍ୟରୁ ଆମେ କେବଳ ୧ ଲକ୍ଷ ଭୂମିକମ୍ପକୁ ଅନୁଭବ କରିପାରୁ। ପ୍ରାୟ ୧୦୦ଟି ଭୂମିକମ୍ପ ବିନାଶକାରୀ ହୋଇଥାଏ। ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଭୂମିକମ୍ପ ୧୯୬୦ ମସିହାରେ ଚିଲିରେ ଅନୁଭୂତ ହୋଇଥିଲା। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ଥିଲ ୯.୫। ଆମ ଦେଶରେ ସବୁଠାରୁ ପ୍ରଳୟଙ୍କରୀ ଭୂମିକମ୍ପ ୧୯୩୪ ମସିହାରେ ବିହାରରେ ଅନୁଭୂତ ହୋଇଥିଲା, ଯେଉଁଥିରେ ପ୍ରାୟ ୩୦, ୦୦୦ ଲୋକ ମତ୍ୟୁମୁଖରେ ପଡ଼ିଥିଲେ। ରିକ୍ଟର ସ୍କେଲ୍‌ରେ ଏହର ତୀବ୍ରତା ଥିଲ ୮.୧। ଗତ ୧୮୧୧ ମସିହାରେ ଉତ୍ତର ଆମେରିକାରେ ଏଭଳି ଶକ୍ତିଶାଳୀ ଭୂମିକମ୍ପ ଅନୁଭୂତ ହୋଇଥିଲା ଯେ ଏହାର ପ୍ରଭାବରେ ମିସିସିପି ନଦୀ ଓଲଟା ବହିବାକୁ ଲାଗିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ବିପଜ୍ଜନକ ହିମସ୍ଖଳନ ୧୯୭୦ ମସିହାରେ ପେରୁରେ ଦେଖା ଯାଇଥିଲା, ଯାହା ଘଣ୍ଟା ପ୍ରତି ୪୦୦ କି.ମି. ଭଳି ଦୁରନ୍ତ ବେଗରେ ଗତି କରିଥିଲା। ଭୂମିକମ୍ପ ପ୍ରଭାବରେ ସବୁଠାରୁ ଭୟଙ୍କର ହିମସ୍ଖଳନ ୧୯୨୦ ମସିହାରେ ଚାଇନାର କାଂସୁ ପ୍ରଦେଶରେ ଘଟିଥିଲା, ଯେଉଁଥିରେ ପ୍ରାୟ ୨ ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା।

**କାରଣ :** ଆମର ପୃଥିବୀପୃଷ୍ଠ ଅନେକ ସୁଦୃଢ଼ ପ୍ଲେଟ୍ ଉପରେ ପର୍ଯ୍ୟବସିତ, ଯାହାକୁ ଟେକ୍‌ଟୋନିକ ପ୍ଲେଟ୍ କୁହଯାଏ। ଏହି ପ୍ଲେଟ୍‌ଗୁଡ଼ିକ ସଦାସର୍ବଦା ଗତିଶୀଳ। ଅବଶ୍ୟ ଏହି ପ୍ଲେଟ୍‌ଗୁଡିକର ଗତି ଅତି ସ୍ୱଳ୍ପ ଏବଂ ବର୍ଷକୁ ମାତ୍ର ୪ ସେ.ମି.। ଏହି ଚଳନ ଯୋଗୁ ବେଳେବେଳେ ପ୍ଲେଟ୍‌ଗୁଡିକ ମଧ୍ୟରେ ସଂଘର୍ଷ ଘଟେ ଏବଂ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ପ୍ରଚଣ୍ଡ ପାର୍ଶ୍ୱଚାପ ପ୍ରୟୋଗ କରେ। ଏହି ଚାପ ଅତ୍ୟଧିକ ହେବାରୁ ଗୋଟିଏ ପ୍ଲେଟ୍ ଅନ୍ୟ ପ୍ଲେଟ୍ ଉପରେ ଚଢ଼ିଯାଏ। ଏହି ଅଞ୍ଚଳରେ ହିଁ ପୃଥିବୀପୃଷ୍ଠ ଦୋହଲି ଉଠି ଭୂମିକମ୍ପ ସୃଷ୍ଟି ହୁଏ। ସୁତରାଂ ପ୍ଲେଟ୍‌ଗୁଡ଼ିକର ଦୁର୍ବଳ ପ୍ରାନ୍ତ ଭାଗ ଅତ୍ୟନ୍ତ ଭୂମିକମ୍ପପ୍ରବଣ ହୋଇଥାଏ।

ବନ୍ୟା ବାତ୍ୟା ଭଳି ଭୂମିକମ୍ପର ପୂର୍ବାନୁମାନ ନିମନ୍ତେ ଏବେ ସୁଦ୍ଧା କୌଣସି ଠିକ୍ ଓ ନିର୍ଭରଯୋଗ୍ୟ ପଦ୍ଧତି ବିକଶିତ ହୋଇପାରି ନାହିଁ।

-ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ
ମୋ : ୮୦୧୮୭୦୮୮୫୮



# ନିବେଶକଙ୍କୁ ନିରାଶ କରୁଛି ବଜାର

ନୂଆଦିଲ୍ଲୀ,୧୨।୩




ଗତ କିଛି ମାସ ହେବ ଭାରତୀୟ ଶେୟାର ବଜାରର ଫଳାଫଳ ନିବେଶକମାନଙ୍କୁ ନିରାଶ କରୁଛି। ଏପରିକି ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା କାରଣରୁ ଦଲାଲ ଷ୍ଟ୍ରିଟରେ ମାନ୍ଦାବସ୍ଥା ଜାରି ରହିଛି। ଯାହାର ପ୍ରଭାବ ଶେୟାର ବଜାର କାରବାରରେ ପ୍ରତିଫଳିତ ହେଉଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଏପରିକି ଚଳିତ ସପ୍ତାହର କାରବାର ପରେ ଦେଶର ଶ୍ରେଷ୍ଠ ୧୦ କମ୍ପାନୀ ମଧ୍ୟରୁ ୮କମ୍ପାନୀର କାରବାର ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ବେଳେ ୨ଟି କମ୍ପାନୀ ବିଶେଷ ଲାଭବାନ ହୋଇଛନ୍ତି। ବିଶେଷ କରି ରିଲାଏନ୍ସ ଇଣ୍ଡଷ୍ଟ୍ରି ଲିମିଟେଡ (ଆରଆଇଏଲ), ଟାଟା କନସଲଟାଣ୍ଟ ସର୍ଭିସେସ(ଟିସିଏସ), ଏଚଡିଏଫସି ବ୍ୟାଙ୍କ, ଇନଫୋସିସ, ଆଇସିଆଇସିଆଇ ବ୍ୟାଙ୍କ, ହିନ୍ଦୁସ୍ଥାନ ୟୁନି ଲିଭର (ଏଚୟୁଏଲ), ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସବିଆଇ) ଏବଂ ଏଚଡିଏଫସି ଭଳି ୮ କମ୍ପାନୀର ମିଳିତ ସମ୍ପତ୍ତି ଗତ ସପ୍ତାହରେ ୧,୦୩,୭୩୨.୩୯ କୋଟି ଟଙ୍କା ହ୍ରାସ ଘଟିଥିବା ଜଣାପଡିଛି। ଏପରିକି ଭାରତୀ ଏୟାରଟେଲ ଏବଂ ଆଇଟିସି ଭଳି କମ୍ପାନୀର ବଜାର ପୁଞ୍ଜିରେ ଅଭିବୃଦ୍ଧି ଘଟିଛି। ଏପରିକି ଉପରୋକ୍ତ ୮ କମ୍ପାନୀଙ୍କ ମଧ୍ୟରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସର୍ବାଧିକ କ୍ଷତି ସହିଥିବା ବେଳେ ଭାରତୀ ଏୟାରଟେଲ ସର୍ବାଧିକ ଲାଭ ହାସଲ କରିଥିବା ବଜାର କାରବାର ସବିଶେଷ ସୂଚନାରୁ ଜଣାପଡିଛି। ଉଲ୍ଲେଖଯୋଗ୍ୟ ଗତ ସପ୍ତାହରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ)ର ୩୦ ଶେୟାର ବିଶିଷ୍ଟ ସୂଚକାଙ୍କ ସେନସେକ୍ସରେ ପ୍ରାୟ ୬୭୪ (୬୭୩.୮୪) ପଏଣ୍ଟ ହ୍ରାସ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଭାରତୀ ଏୟାରଟେଲ୍ ଏବଂ ଆଇଟିସିକୁ ଛାଡି ଅନ୍ୟ ଆଠ କମ୍ପାନିର ବଜାର ମୂଲ୍ୟ ହ୍ରାସ ପାଇଛି। ଏପରିକି ଶୀର୍ଷ ୧୦କମ୍ପାନୀ ମଧ୍ୟରୁ ଆରଆଇଏଲକୁ ସବୁଠୁ ଅଧିକ କ୍ଷତି ହୋଇଛି। ବିଶେଷ କରି ଏହାର ବଜାର ମୂଲ୍ୟ ୪୧,୮୭୮.୩୭ କୋଟି ଟଙ୍କା ହ୍ରାସ ପାଇ ୧୫,୭୧,୭୨୪.୨୬ କୋଟି ଟଙ୍କାରେ ରହିଛି। ସେହିଭଳି ଆଇସିଆଇସିଆଇ ବ୍ୟାଙ୍କର ବଜାର ମୂଲ୍ୟ ୧୮,୧୩୪.୭୩ କୋଟି ଟଙ୍କା ହ୍ରାସ ହୋଇ ୫,୮୮,୩୭୯.୯୮ କୋଟି ଟଙ୍କାରେ ପହଞ୍ଚିଛି। ସେହିପରି ଏଚଡିଏଫସି ବ୍ୟାଙ୍କ ବଜାର ମୂଲ୍ୟ ୧୫,୦୦୭.୩୮ କୋଟି ହ୍ରାସ ଘଟି ୮,୮୬,୩୦୦.୨୦ କୋଟି ଟଙ୍କା ଏବଂ ଏସବିଆଇରେ ୧୨,୩୬୦.୫୯ କୋଟି ଟଙ୍କା ହ୍ରାସ ସହ ୪,୮୮.୩୯୯.୩୯ କୋଟିରେ ରହିଛି। ଅପରପକ୍ଷରେ ଭାରତୀ ଏୟାରଟେଲର ବଜାର ପୁଞ୍ଜି ୫,୦୭୧.୯୯ କୋଟି ଟଙ୍କା ବୃଦ୍ଧି ଘଟି ୪,୩୧,୨୩୦.୫୧ କୋଟି ଟଙ୍କା ହୋଇଥିବା ବେଳେ ଆଇଟିସିର ବଜାର ପୁଞ୍ଜିରେ ୪,୦୩୬.୨ କୋଟି ଟଙ୍କା ବଢି ୪,୮୧,୯୨୨.୩୩ କୋଟି ଟଙ୍କାରେ ପହଞ୍ଚିଛି। ସୂଚନାଯୋଗ୍ୟ, ବର୍ତ୍ତମାନ ମଧ୍ୟ ଭାରତର ସବୁଠୁ ମୂଲ୍ୟବାନ କମ୍ପାନୀ ଭାବେ ରିଲାଏନ୍ସ ଇଣ୍ଡଷ୍ଟ୍ରି ପ୍ରଥମ ସ୍ଥାନରେ ରହିଛି।

## ଫଣ୍ଡର ବ୍ରାଣ୍ଡ ପରିଚୟ ବଦଳିବ

ନୂଆଦିଲ୍ଲୀ,୧୨।୩

ଆଇଡିଏଫସି ମ୍ୟୁଚୁଆଲ ଫଣ୍ଡର ନୂଆ ବ୍ରାଣ୍ଡ ପରିଚୟ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ନାମରେ ନାମିତ ହେବାକୁ ଯାଉଛି। ଏହା ଦ୍ୱାରା ଫଣ୍ଡ ହାଉସ ପକ୍ଷରୁ ପ୍ରତ୍ୟେକ ଯୋଜନାରେ ବ୍ୟବହାର ହେଉଥିବା 'ଆଇଡିଏଫସି' ଶବ୍ଦ 'ବନ୍ଧନ'କୁ ପରିବର୍ତ୍ତନ ହୋଇଯିବ। ଏ ସମ୍ପର୍କରେ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, ଆମର ନୂଆ ନାମ ଆମ ନୂଆ ପ୍ରାୟୋଜକକୁ ପ୍ରତିଫଳିତ କରୁଛି, ଆମେ ବନ୍ଧନ ଗ୍ରୁପର ଅଂଶ ହୋଇଥିବାରୁ ନିଜକୁ ଗର୍ବିତ ମନେ କରୁଛୁ। ଆମେ ନିଶ୍ଚିତ ଯେ ଆମର ନିବେଶକମାନେ ସମାନ ଉତ୍ସାହ, ପାରଦର୍ଶିତା ଏବଂ ଧ୍ୟାନ ଦେଇ ଉପକୃତ ହେବେ, ଯାହାକୁ ସେମାନେ ପୂର୍ବରୁ ବର୍ଷ ବର୍ଷ ଧରି ଅନୁଭବ କରିଆସିଥିଲେ। ବନ୍ଧନ ମ୍ୟୁଚୁଆଲ ଫଣ୍ଡ ହେବାକୁ ଥିବା ଏହି ରିବ୍ରାଣ୍ଡିଂ ଫଣ୍ଡ ହାଉସ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଆରମ୍ଭ କରିବ ଏବଂ ଏହା ବ୍ୟବସାୟରେ ତାଜା ଉତ୍ସାହ ଆଣିବ ବୋଲି ବିଶ୍ୱାସ କରୁଛୁ। ସୋମବାରଠାରୁ ନିବେଶକମାନେ ଫଣ୍ଡ ହାଉସର ନୂଆ ୱେବସାଇଟକୁ ବ୍ୟବହାର କରିପାରିବେ।

## ନୂଆମୁଣ୍ଡି ଖଣିକୁ ୫-ଷ୍ଟାର ରେଟିଂ




ନୂଆଦିଲ୍ଲୀ,୧୨।୩

ଟାଟା ଷ୍ଟିଲକୁ ନିକଟରେ ଆଉ ଏକ ଜାତୀୟ ସମ୍ମାନ ଓ ସ୍ୱୀକୃତି ମିଳିଥିବା ଜଣାପଡିଛି। ଏପରିକି କ୍ରମାଗତ ୭ମ ଥର ଲାଗି ଟାଟା ଷ୍ଟିଲର ନୂଆ ମୁଣ୍ଡି ଖଣିକୁ ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ (ଆଇବିଏମ୍) ପକ୍ଷରୁ ୨୦୨୧-୨୨ ବର୍ଷ ପାଇଁ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ୫-ଷ୍ଟାର (ପଞ୍ଚ ତାରକା) ରେଟିଂ ପ୍ରଦାନ କରାଯାଇଛି। ନାଗପୁରଠାରେ ଅନୁଷ୍ଠିତ ଆଇବିଏମ୍‌ର ୭୫ତମ ପ୍ରତିଷ୍ଠା ଦିବସ ଅବସରରେ ଟାଟା ଷ୍ଟିଲ୍‌କୁ ଉକ୍ତ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସଂସଦୀୟ ବ୍ୟାପାର ତଥା କୋଇଲା ଓ ଖଣି ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କଠାରୁ ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ କଞ୍ଚାମାଲ ବିଭାଗର ଉପସଭାପତି ଡି.ବି.ସୁନ୍ଦରମମଙ୍କ ସମେତ ନୂଆମୁଣ୍ଡି ଆଇରନ୍ ମାଇନ୍‌ର ମୁଖ୍ୟ ଶିରିଶ ଶେଖର ଓ ଯୋଡ଼ା ଇଷ୍ଟ ଆଇରନ୍ ମାଇନ୍‌ର ମୁଖ୍ୟ ସରୋଜ କୁମାର ବାନାର୍ଜୀ ଉକ୍ତ ପୁରସ୍କାର ଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ କଞ୍ଚାମାଲର ଉପସଭାପତି ଡି. ବି. ସୁନ୍ଦରମମ୍ କହିଛନ୍ତି, ଏକ ଦାୟିତ୍ୱବାନ ଖଣି କମ୍ପାନୀ ଭାବେ ପ୍ରଯୁକ୍ତି ଓ ମାନଦଣ୍ଡ ବ୍ୟବସ୍ଥାକୁ ବ୍ୟବହାର କରି ଆମେ ବିଜ୍ଞାନଭିତ୍ତିକ ଖଣି କାର୍ଯ୍ୟକୁ ଆଗକୁ ବଢ଼ାଇବା ଜାରି ରଖିଛୁ।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଜାତୀୟ ଆଇନ କର୍ମଶାଳା

ଭୁବନେଶ୍ୱର,୧୨।୩

ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ 'ପରିବର୍ତ୍ତନଶୀଳ ଜଗତରେ ନ୍ୟାୟପାଳିକାର ଭୂମିକା' ଶୀର୍ଷକ ବିଷୟବସ୍ତୁ ଉପରେ ପ୍ରଥମ ଜାତୀୟ ଆଇନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାରତର ସର୍ବୋଚ୍ଚ ନ୍ୟାୟାଳୟର ପ୍ରାକ୍ତନ ବିଚାରପତି ଅନଙ୍ଗ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ। ଏଜି ଓଡ଼ିଶା ଅଶୋକ କୁମାର ପରିଜା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡିଶାର କୁଳପତି ପ୍ରଫେସର୍ ବେଦ୍ କୁମାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧକ୍ଷ ପ୍ରଫେସର୍ ଡ.ବିଶ୍ୱଜିତ୍ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ପରିଶେଷରେ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରିଥିଲେ।

ଅପରପକ୍ଷରେ ବିଶ୍ୱବିଦ୍ୟାଳୟର ଉପକୁଳାଧକ୍ଷ ପ୍ରଫେସର୍ ଡ. କଲ୍ୟାଣ ଶଙ୍କର ରାୟ, କୁଳପତି ପ୍ରଫେସର୍ ରଞ୍ଜନ କୁମାର ବଳ, ଉପକୁଳପତି ପ୍ରଫେସର ଡ. ଫାଲଗୁ ନିରଞ୍ଜନା, ପ୍ରିନ୍ସିପାଲ ଡାଇରେକ୍ଟର୍ ପ୍ରଫେସର୍ ଡ. ସ୍ମାରକୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏପରିକି ଏଏସବିଏମ୍ ସ୍କୁଲ୍ ଅଫ୍ ଲ'ର ଡିନ୍ ତଥା କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର୍ ଡ. ବିନୟ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସହ-ସଂଯୋଜିକା ଡ. ଝରାଶ୍ରୀ ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାର ୨ୟ ଅଧିବେଶନରେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓଡିଶାର କୁଳସଚିବ ପ୍ରଫେସର୍ ରଙ୍ଗିନ ପଲ୍ଲବ ତ୍ରିପାଠୀ, ସୁପ୍ରିମ୍‌କୋର୍ଟରେ ଆଡ୍‌ଭୋକେଟ୍ ଅବନୀ କୁମାର ସାହୁ ଓ ଅରୁନଭ ପଟ୍ଟନାୟକ ଏବଂ କଞ୍ଜୁମର ଡିସ୍‌ପୁଟ ରିଡ୍ରେସାଲ କମିଶନ୍ ସଭାପତି ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇ ସେମାନଙ୍କର ସୁଚିନ୍ତିତ ମତାମତ ରଖିଥିଲେ।

## ହୋଣ୍ଡାର ନୂତନ ମଡେଲ ଉନ୍ମୋଚିତ

ନୂଆଦିଲ୍ଲୀ,୧୨।୩




ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା 'ହୋଣ୍ଡା ମୋଟରସାଇକେଲ୍ ଆଣ୍ଡ୍ ସ୍କୁଟର୍ ଇଣ୍ଡିଆ' (ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ୨ଟି ଅତ୍ୟାଧୁନିକ ମଡେଲର ସର୍ବ ଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଓବିଡି ୨ବି ନିୟମ ପାଳନ କରୁଥିବା ୨୦୨୩ ହାଇନେସ୍ ସିବି୩୫୦ ଓ ସିବି୩୫୦ଆର୍‌ଏସ୍‌ର ବଜାର ପ୍ରବେଶ କରାଯାଇଛି। ଏହି ନୂଆ ମୋଟରସାଇକେଲ୍ ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ସାରା ଭାରତରେ ଥିବା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଉପଲବ୍ଧ ହେବ। ବିଶେଷକରି ହାଇନେସ୍ ସିବି୩୫୦ର ଏକ୍ସ ଶୋ'ରୁମ୍ ଦିଲ୍ଲୀ ବଜାର ମୂଲ୍ୟ ୨,୦୯,୮୫୭ ଟଙ୍କାରୁ ଆରମ୍ଭ ହୋଇଥିବା ବେଳେ ୨୦୨୩ ସିବି୩୫୦ଆର୍‌ଏସ୍‌ର ମୂଲ୍ୟ ୨,୧୪,୮୫୬ ଟଙ୍କା ରହିଛି। ସେହିଭଳି ସିବି୩୫୦ ଗ୍ରାହକମାନଙ୍କ ଲାଗି ଏଚ୍‌ଏମ୍‌ଏସ୍‌ଆଇ ପକ୍ଷରୁ ମାଇଁ ସିବି, ମାଇଁ ୱେ ନାମକ ନୂଆ କଷ୍ଟମାଇଜେଶନ୍ ସେକ୍ସନ୍‌ର ମଧ୍ୟ ଶୁଭାରମ୍ଭ କରାଯାଇଛି। ହୋଣ୍ଡା ଅସଲି ଆସେସୋରି ଭାବେ ବିକ୍ରି ହେବାକୁ ଥିବା ଏହି କଷ୍ଟମ୍ କିଟ୍ ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ବିଗ୍‌ୱିଙ୍ଗ୍ ଡିଲରଶିପ୍‌ରେ ଉପଲବ୍ଧ ହେବ।

ଏ ସମ୍ପର୍କରେ ଏଚ୍‌ଏମ୍‌ଏସ୍‌ଆଇର ପରିଚାଳନା ନିର୍ଦ୍ଦେଶକ ଆତସୁସି ଓଗାତା କହିଛନ୍ତି,ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ପୂର୍ବରୁ ନୂଆ ଉତ୍ପାଦଗୁଡ଼ିକୁ ଅପ୍‌ଗ୍ରେଡ୍ କରିବା ଲାଗି ଏଚ୍‌ଏମ୍‌ଏସ୍‌ଆଇ ଉତ୍ସାହର ସହ କାର୍ଯ୍ୟ କରୁଛି। ସେହିଭଳି ଏଚ୍‌ଏମ୍‌ଏସ୍‌ଆଇର ଅପରେଟିଂ ଅଫିସର-ପ୍ରିମିୟମ୍ ମୋଟରସାଇକେଲ୍ ବ୍ୟବସାୟ ପି. ରାଜାଗୋପୀ କହିଛନ୍ତି, ନୂଆ କଷ୍ଟମାଇଜେଶନ୍ ସେକ୍ସନର ଶୁଭାରମ୍ଭ ସହ ଗ୍ରାହକମାନେ ନିଜ ଷ୍ଟାଇଲ ଚୟନ କରିପାରିବେ ଏବଂ ନିଜ ମୋଟରସାଇକେଲ୍ ମାଧ୍ୟମରେ ସ୍ୱତନ୍ତ୍ର ବ୍ୟକ୍ତିତ୍ୱର ପରିପ୍ରକାଶ କରିପାରିବେ।

## 'ସ୍ଥାୟୀ ସମାଧାନ ସନ୍ଧାନ ଦିଗରେ ପ୍ରତିବଦ୍ଧ'

ନୂଆଦିଲ୍ଲୀ,୧୨।୩

ଦ ନଜ୍ ସେଣ୍ଟର୍ ଫର୍ ସୋସିଆଲ ଇନୋଭେଶନ ଓ ଆଶୀର୍ବାଦ ପାଇପ୍‌ସ ପକ୍ଷରୁ ଭାରତ ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ ସହଭାଗିତାରେ ଆଶୀର୍ବାଦ ୱାଟର ଚ୍ୟାଲେଞ୍ଜର ୭ଜଣ ଫାଇନାଲିଷ୍ଟଙ୍କ ନାମ ନିକଟରେ ଘୋଷଣା କରାଯାଇଛି। ବିଶେଷକରି ଶ୍ରେଷ୍ଠ ୨୫ ୱାଟର ଇନୋଭେଟରଙ୍କ ମଧ୍ୟରୁ ଉକ୍ତ ଫାଇନାଲିଷ୍ଟମାନଙ୍କୁ ଚୟନ କରାଯାଇଛି। ସୂଚନାଯୋଗ୍ୟ ୨୦୨୨ରେ ୧୪୦ଜଣ ଆବେଦନକାରୀଙ୍କ ମଧ୍ୟରୁ ଉପରୋକ୍ତ ପ୍ରତିଯୋଗୀଙ୍କୁ ସର୍ଟଲିଷ୍ଟ କରାଯାଇଥିଲା। ଯେଉଁମାନଙ୍କ ଉଦ୍ଭାବନଗୁଡିକ ମଧ୍ୟରେ ୱାଟର ଲିକେଜ୍ ଓ ବିତରଣ ପାଇଁ ସମାଧାନ, ବର୍ଜ୍ୟଜଳ ବିଶୋଧନ, ଜଳ ବିଶୁଦ୍ଧୀକରଣ, ଜଳର ବାୟୁମଣ୍ଡଳୀୟ ଉତ୍ପାଦନ ଓ ଜଳ ଇକୋସିଷ୍ଟମଗୁଡିକୁ ସକ୍ଷମ କରିବା ଆଦି ସାମିଲ ରହିଥିଲା। ଏହି ସମାଧାନଗୁଡିକ ମଧ୍ୟରୁ ଅନେକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଓ ମେଶିନ୍ ଲର୍ନିଂ ଭଳି ଟେକ୍ନୋଲୋଜିଗୁଡିକର ବ୍ୟବହାର କରିଛନ୍ତି। ଏପରିକି ଆଗାମୀ ଦିନରେ ଏହା ବେଶ୍ ମୂଲ୍ୟସାପେକ୍ଷ ହେବା ପାଇଁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଏଗୁଡିକ ଦେଶବ୍ୟାପୀ ଜଳର ଅଭାବ ଥିବା ଘରଗୁଡିକ ପାଇଁ ସମ୍ଭାବ୍ୟ ରୂପେ ଉପଯୋଗୀ।

ଦ ନଜ୍ ପ୍ରାଇଜ୍‌ର ନିର୍ଦ୍ଦେଶିକା କନିଷ୍କା ଚାଟାର୍ଜୀ କହିଛନ୍ତି, ଜଳ କ୍ଷେତ୍ରରେ ଥିବା ବୃହତ୍ ଇକୋସିଷ୍ଟମକୁ ଯେଉଁଭଳି ଭାବେ ଦ/ନଜ୍ ଇନ୍‌ଷ୍ଟିଚ୍ୟୁଟ୍ ସମର୍ଥନ କରିବା ପାଇଁ ଆଗେଇ ଆସିଛି ତାହା ପ୍ରେରଣାଦାୟକ ଓ ଉତ୍ସାହଜନକ, ଯାହା ଏକ ସ୍ପଟ୍‌ଲାଇଟ୍ ଆଣିବା ଓ ଭାରତର ଅଗ୍ରଣୀ ୱାଟର-ଟେକ୍ ଷ୍ଟାର୍ଟଅପ୍‌ଗୁଡିକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି। ସେହିଭଳି ଆଶୀର୍ବାଦ ପାଇପ୍‌ସର ପରିଚାଳନା ନିର୍ଦ୍ଦେଶକ ଦୀପକ ମେହୋତ୍ରା କହିଛନ୍ତି, ଜଳ ସୁରକ୍ଷା ଆମ ଦେଶ ପାଇଁ ଏକ ପ୍ରମୁଖ ସମସ୍ୟା ଏବଂ ଆଶୀର୍ବାଦ ପାଇପ୍‌ସ ସ୍ଥାୟୀ ସମାଧାନ ସନ୍ଧାନ କରିବା ଦିଗରେ ପ୍ରତିବଦ୍ଧ ରହିଛି।

ଫୁର୍‌ସତ୍

# ୧୯ରୁ ଖୋଲିବ ଟୁଲିପ୍ ଗାର୍ଡେନ

ନୂଆଦିଲ୍ଲୀ



ଜମ୍ମୁ-କଶ୍ମୀରସ୍ଥିତ ଏସିଆ ମହାଦେଶର ସବୁଠାରୁ ବଡ଼ ଟୁଲିପ୍ ଗାର୍ଡେନ ଆସନ୍ତା ୧୯ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଖୋଲିବ। ଋତୁକାଳୀନ ପର୍ଯ୍ୟଟନ ପାଇଁ ଦେଶର ଅନ୍ୟତମ ଏହି ଶ୍ରେଷ୍ଠ ସ୍ଥାନ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକ ଯେପରି ଭଲ ଅନୁଭୂତି ନେଇ ଫେରିବେ, ସେଥିଲାଗି ପ୍ରଶାସନ ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଜୋରଦାର ପ୍ରସ୍ତୁତି ଚଳାଇଛନ୍ତି।

ଶ୍ରୀନଗରର ଡାଲ୍ ହ୍ରଦ ନିକଟରେ ୭୪ ଏକର ଜମିରେ ପରିବ୍ୟାପ୍ତ ଏହି ବିଶାଳକାୟ ଟୁଲିପ୍ ବଗିଚାକୁ 'ଇନ୍ଦିରା ଗାନ୍ଧୀ ମେମୋରିଆଲ ଟୁଲିପ ଗାର୍ଡେନ୍' ନାମରେ ନାମିତ କରାଯାଇଛି। ୨୦୦୮ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଗୁଲାମ ନବୀ ଆଜାଦ୍ ଏହାକୁ ଲୋକାର୍ପଣ କରିଥିଲେ। ସେଠାରେ ୬୮ ପ୍ରଜାତିର ପ୍ରାୟ ୧୫ ଲକ୍ଷ ରଙ୍ଗବେରଙ୍ଗର ଟୁଲିପ୍ ଗଛ ରହିଛି। କୋଭିଡ୍-୧୯ କଟକଣା କାରଣରୁ ଗତ ୨ବର୍ଷ ହେଲା ଟୁଲିପ୍ ଗାର୍ଡେନ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ତଥାପି ଗତବର୍ଷ ପ୍ରାୟ ୨ ଲକ୍ଷ ପର୍ଯ୍ୟଟକଙ୍କ ଏଠାରେ ସମାଗମ ହୋଇଥିଲା। ଚଳିତବର୍ଷ କରୋନା ଭୟ ନ ଥିବାରୁ ବହୁ ପର୍ଯ୍ୟଟକ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ଲାଗି ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ଅନ୍ୟପଟେ ଗାର୍ଡେନ୍‌ରେ ସାଧାରଣ ପ୍ରବେଶ ଶୁଳ୍କ ୫୦ ଟଙ୍କା ରଖାଯାଇଥିବାବେଳେ ଶିଶୁ ଏବଂ ବୃଦ୍ଧଙ୍କ ପାଇଁ ୨୫ ଟଙ୍କା ରହିଛି।

# ପୂର୍ବ ଅନ୍ଦାଜରେ ସୁସ୍ମିତା

ମୁମ୍ବାଇ

ବର୍ତ୍ତମାନ ମୁମ୍ବାଇରେ ଲାଖ୍‌ମୀ ଫ୍ୟାଶନ ସପ୍ତାହ ଚାଲିଛି। ସେଠାରେ ଏପର୍ଯ୍ୟନ୍ତ ବହୁ ତାରକା ର୍ୟାମ୍ପ ୱାକ୍ କରୁଥିବା ଦେଖିବାକୁ ମିଳିଛି। ର୍ୟାମ୍ପରେ ସୋନାକ୍ଷୀ ସିହ୍ନା, ଶୋଭିତା ଧୁଲିପାଲା, ସଞ୍ଜନା ସାଙ୍ଘୀ, ରକୁଲ ପ୍ରୀତ ତାଙ୍କ ଜଲ୍‌ୱା ଦେଖାଇ ସାରିଲେଣି। ତେବେ ଶୋ'ର ତୃତୀୟ ଦିନ ଶନିବାରରେ ପ୍ରଥମ ଭାରତୀୟ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍ ର୍ୟାମ୍ପ ୱାକ୍‌ରେ ନଜରକୁ ଆସିଥିଲେ। ସେଥିରେ ସେ ଡିଜାଇନର ଅନୁଶ୍ରୀ ରେଡ୍ଡୀଙ୍କ ପ୍ରସ୍ତୁତ ହଳଦିଆ ରଙ୍ଗର ଲେହେଙ୍ଗା ପିନ୍ଧିଥିଲେ। କିଛି ଦିନ ତଳେ ସୁସ୍ମିତାଙ୍କ ହୃଦ୍‌ଘାତ ହୋଇଥିଲା। ଏହା ତାଙ୍କ ସମସ୍ତ ପ୍ରଶଂସକଙ୍କୁ ଅଧିକ ଆଘାତ ଦେଇଥିଲା। ପରେ ସେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାର ସୁଧାର ନେଇ ସମସ୍ତଙ୍କୁ ସୂଚନା ଦେଇଥିଲେ। ଏବେ ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜଣାପଡିଛି। ତା'ପରେ ଏହା ତାଙ୍କର ପ୍ରଥମ ର୍ୟାମ୍ପ ୱାକ୍ ଥିଲା। ତାଙ୍କ ମୁହଁରେ ଆଗଭଳି ହସ ରହିଥିଲା, ଯାହା ଦର୍ଶକଙ୍କୁ ବେଶ୍ ମୁଗ୍ଧ କରିଥିଲା। ସେ ସେହି ରାମ୍ପ ୱାକ୍‌ରେ ସମସ୍ତଙ୍କ ମନ ଜିଣିପାରିଥିଲେ। ସୁସ୍ମିତା ସେହି ଶୋ'ର ଶୋ' ଷ୍ଟପର ହୋଇଥିଲେ।



# ବୃକ୍କ, ଯକୃତ ବିକିବା ଲାଗି ବିଜ୍ଞାପନ






**ଥିରୁଭାନନ୍ତପୁରମ:** କେରଳ ରାଜଧାନୀ ଥିରୁଭାନନ୍ତପୁରମ୍‌ରେ ଏକ ବିଜ୍ଞାପନ ପୋଷ୍ଟରକୁ ନେଇ ଜୋର ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଲୋକଙ୍କ ଦୃଷ୍ଟିଆକର୍ଷଣ କରିଥିବା ଏହି ବିଜ୍ଞାପନ ପୋଷ୍ଟର ରାଜନୈତିକ ଦଳ କିମ୍ବା କୌଣସି ସାମଗ୍ରୀର ବ୍ରାଣ୍ଡ ପ୍ରଚାର ପାଇଁ ଲଗାଯାଇ ନାହିଁ, ବରଂ ଜଣେ ବ୍ୟକ୍ତି ଚିକିତ୍ସା ପାଇଁ ନିଜ ଶରୀରର ବୃକକ୍, ଯକୃତ ବିକ୍ରି କରିବା ପାଇଁ ଏହି ବିଜ୍ଞାପନ ପୋଷ୍ଟର ଲଗାଇଛନ୍ତି। ମାନକୁଦ ପୁଥେର ରୋଡ୍‌ରେ ରହୁଥିବା ୫୦ ବର୍ଷୀୟ ସନ୍ତୋଷ କୁମାର ଏହି ବିଜ୍ଞାପନ ପୋଷ୍ଟର ଲଗାଇଛନ୍ତି। କିଛିଦିନ ପୂର୍ବେ ଏକ ଦୁର୍ଘଟଣାରେ ସନ୍ତୋଷ ସମ୍ପୂର୍ଣ୍ଣ ଅସୁସ୍ଥ ହୋଇ ପଡ଼ିଥିବାବେଳେ ତାଙ୍କ ସମସ୍ତ ସଞ୍ଚିତଅର୍ଥ ସେ ଚିକିତ୍ସାରେ ଲଗାଇଦେଇଛନ୍ତି। ସୁସ୍ଥ ହେବା ପାଇଁ ତାଙ୍କୁ ଅଧିକ ଚିକିତ୍ସାର ଆବଶ୍ୟକଥିବାବେଳେ ଏ ନେଇ ମୋଟା ଅଙ୍କର ଅର୍ଥ ଲାଗିବ। ତେବେ ଟଙ୍କା ଯୋଗାଡ଼ କରିବାର କୌଣସି ପନ୍ଥା ତାଙ୍କ ନିକଟରେ ନ ଥିବାରୁ ବର୍ତ୍ତମାନ ସେ ନିଜ ଯକୃତ ଏବଂ ବୃକ୍କ ବିକ୍ରି କରିବାର ନିଷ୍ପତ୍ତି ନେଇଥିବା କହିଛନ୍ତି। ଏ ନେଇ ସେ ରାସ୍ତା କଡ଼ରେ ଏକ ବଡ଼ ବିଜ୍ଞାପନ ପୋଷ୍ଟର ଲଗାଇଥିବା କହିଛନ୍ତି।

# ୧୦୪ ବର୍ଷରେ ସାକ୍ଷର

ନୂଆଦିଲ୍ଲୀ: କଥାରେ ଅଛି ଶିକ୍ଷା ପାଇଁ ନ ଥାଏ କୌଣସି ବୟସ ସୀମା। ପରିଣତ ବୟସରେ ବହିବସ୍ତାନି ଧରିବାର ଅନେକ ଉଦାହରଣ ରହିଛି। ହେଲେ ଏଥିଲାଗି ଅନେକ ସମୟରେ ପାରମ୍ପରିକ ସମାଜର ଧରାବନ୍ଧା ନିୟମର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଇଚ୍ଛା ଥିଲେ ବି ଅନେକେ ଏଥିଲାଗି ସାହସ ଜୁଟାଇପାରି ନ ଥାଆନ୍ତି। ହେଲେ କେରଳର କୋଟାୟାମ୍ ନିବାସୀ ତଥା ଶତାୟୁ ବୃଦ୍ଧା କୁଟିଆମ୍ମା କଣ୍ଠି ଏହାର ବ୍ୟତିକ୍ରମ। କେରଳର ଲିଟେରାସି ମିଶନ ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇ ଅନ୍ୟମାନଙ୍କ ପାଇଁ ସୃଷ୍ଟି କରିଛନ୍ତି ଉଦାହରଣ। କୁଟିଆମ୍ମାଙ୍କ ବୟସ ୧୦୬ ଟପିଲାଣି। ତାଙ୍କୁ ଯେତେବେଳେ ୧୦୪ ବର୍ଷ ହୋଇଥିଲା, ସେତେବେଳେ ସେ ଉକ୍ତ ପରୀକ୍ଷା ଦେଇଥିଲେ। ଏଥିରେ ସେ ୧୦୦ରୁ ୮୯ ମାର୍କ ରଖି ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶନିବାର ଦିଲ୍ଲୀ କମିଶନ ଫର୍ ୱେମେନ୍ସ ଇଣ୍ଟରନ୍ୟାଶନାଲ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ସମ୍ମାନିତ କରିଛନ୍ତି' ନିରକ୍ଷର ବରିଷ୍ଠ ନାଗରିକଙ୍କୁ ଶିକ୍ଷାଦାନ କରି ସାକ୍ଷର କରିବା ଲାଗି କେରଳ ସରକାରଙ୍କ ପକ୍ଷରୁ ପ୍ରତିବର୍ଷ ଷ୍ଟେଟ୍ ଲିଟେରାସି ମିଶନ ପରୀକ୍ଷାର ଆୟୋଜନ କରାଯାଇଥାଏ। ରାଜ୍ୟରେ ସାକ୍ଷରତା ହାର ବଢ଼ାଇବା ଲାଗି ଅନୁଷ୍ଠିତ ଏହି ଅଭିନବ ପରୀକ୍ଷା ଅନେକଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇଛି। ଏହି ପରୀକ୍ଷାରେ ସଫଳ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ଯୋଗ୍ୟତା ୪ର୍ଥ ଶ୍ରେଣୀର ସମକକ୍ଷ ବୋଲି ବିବେଚନା କରାଯାଏ। ସୂଚନାଯୋଗ୍ୟ, ବୃଦ୍ଧା କୁଟିଆମ୍ମାଙ୍କ ବିବାହ ମାତ୍ର ୧୫ ବର୍ଷ ବୟସରେ ହୋଇଥିଲା। ତେବେ ସେତେବେଳର ରୁଢ଼ିବାଦୀ ମାନସିକତା କାରଣରୁ ସେ ଚାଟଶାଳୀ ବାରଣ୍ଡା ମାଡ଼ିପାରି ନ ଥିଲେ।

**ଆଜି ରାଜଭବନ ଘେରିବ କଂଗ୍ରେସ**

ଭୁବନେଶ୍ୱର, (ବ୍ୟୁରୋ): ହିଣ୍ଡେନବର୍ଗ ରିପୋର୍ଟ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆଦାନୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁ ଏଲଆଇସି, ଏସ୍‌ବିଆଇ ସମେତ ଅନ୍ୟ ଜାତୀୟ ବ୍ୟାଙ୍କଗୁଡ଼ିକର ଅନେକ ହଜାର କୋଟି ଟଙ୍କା କ୍ଷତି ହେଲାଣି। ଏହି ପ୍ରସଙ୍ଗରେ ଏଆଇସିସିର ଆହ୍ୱାନକ୍ରମେ ସୋମବାର ରାଜ୍ୟ କଂଗ୍ରେସ ପକ୍ଷରୁ 'ରାଜଭବନ ଚାଲ' ଅଭିଯାନର ଡାକରା ଦିଆଯାଇଛି। ଅଭିଯାନକୁ ସଫଳ କରିବା ଲାଗି ଏମ୍‌ପି, ବିଧାୟକ, ପୂର୍ବତନ ଏମ୍‌ପି ଓ ବିଧାୟକ, ପିସିସି ସଦସ୍ୟଙ୍କ ସମେତ ଜିଲା ଓ ବ୍ଲକ ସଭାପତିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ସାମିଲ ହେବାକୁ ପିସିସି ସଭାପତି ଶରତ ପଟ୍ଟନାୟକ ଅନୁରୋଧ କରିଛନ୍ତି।


## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ: ................................
ଜନ୍ମ ତାରିଖ: ................................


ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଯୁବ କଂଗ୍ରେସ ସଭାପତି ପଦ ଲାଗି ଲଢ଼େଇ ଜୋରଦାର

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ରାଜ୍ୟରେ ଏବେ ଯୁବ କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଚାଲିଛି। ଫେବୃୟାରୀ ୨୦ରୁ ମାର୍ଚ୍ଚ ୩ ଯାଏ ରାଜ୍ୟଠାରୁ ଆରମ୍ଭ କରି ଜିଲାସ୍ତର ପର୍ଯ୍ୟନ୍ତ ଯୁବ କଂଗ୍ରେସର ବିଭିନ୍ନ ସାଙ୍ଗଠନିକ ପଦ ପଦବୀ ଲାଗି ନାମାଙ୍କନ ପ୍ରକ୍ରିୟା ସରିଛି। ଯୁବ କଂଗ୍ରେସ ରାଜ୍ୟ ସଭାପତି, ରାଜ୍ୟ ସାଧାରଣ ସମ୍ପାଦକ, ଜିଲା କମିଟି, ବିଧାନସଭା କମିଟିର ବିଭିନ୍ନ ପଦବୀ ଲାଗି ନିର୍ବାଚନ କରାଯାଉଛି। ଏହାସହ ଗତ ମାର୍ଚ୍ଚ ୭ରୁ ଦଳର ମେମ୍ବରଶିପ୍ ଡ୍ରାଇଭ ଆରମ୍ଭ ହୋଇଥିବାବେଳେ ଏହା ଏପ୍ରିଲ ୭ ପର୍ଯ୍ୟନ୍ତ ଚାଲିବ। ସାଙ୍ଗଠନିକ ନିର୍ବାଚନର ପ୍ରାର୍ଥୀମାନେ ନୂଆ ମେମ୍ବର କରି ସେମାନଙ୍କ ଭୋଟ୍ ନିଜ ସପକ୍ଷରେ ନେବା ଲାଗି ଚେଷ୍ଟା କରୁଛନ୍ତି। କାରଣ ଯେଉଁମାନେ ନୂଆ ମେମ୍ବର ହେବେ ସେମାନେ ସେହି ସମୟରେ ହିଁ ଭୋଟ୍ ଦେବେ। ବଡ଼ କଥା ହେଉଛି ୫ ବର୍ଷ ପରେ ଏହି ସାଙ୍ଗଠନିକ ନିର୍ବାଚନ ହେଉଛି।

ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ପ୍ରାୟ ୧୦ ହଜାର ଯୁବତୀ ଯୁବକ ମେମ୍ବର ହୋଇ ଏହି ନିର୍ବାଚନରେ ନିଜର ଭୋଟ୍ ଦେଇସାରିଲେଣି। ତେବେ ରାଜ୍ୟରେ ନୂଆ ଯୁବ କଂଗ୍ରେସ ସଭାପତି ହେବା ଲାଗି ଆରମ୍ଭ ହୋଇଥିବା ପ୍ରତିଯୋଗିତାରେ ଦଳର ବରିଷ୍ଠ ନେତାମାନେ ମୁଖ୍ୟତଃ ତିନି ଭାଗରେ ବାଣ୍ଟି ହୋଇପଡ଼ିଥିବା ଦଳୀୟ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟ ଯୁବ କଂଗ୍ରେସ ସଭାପତି ପଦ ଲାଗି ୫ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନେ ହେଉଛନ୍ତି ସାଗର ଦାସ, ରଞ୍ଜିତ ପାତ୍ର, କୃଷ୍ଣଚନ୍ଦ୍ର ମହାନ୍ତି, ରୁକ୍ମିଣୀ ମଙ୍ଗରାଜ ଏବଂ ନାରାୟଣ ବାରି। ତେବେ ପ୍ରତିଯୋଗିତା ମୁଖ୍ୟତଃ ୩ ପ୍ରାର୍ଥୀଙ୍କ ମଧ୍ୟରେ ହେବ। ସେମାନେ ହେଉଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଭକ୍ତ ଚରଣ ଦାସଙ୍କ ପୁଅ ସାଗର ଦାସ, ଭୁବନେଶ୍ୱର ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର ଏବଂ କୃଷ୍ଣଚନ୍ଦ୍ର ମହାନ୍ତି। ତେବେ ଭକ୍ତଙ୍କ ପୁଅ ସାଗର କିପରି ନ ଜିତିବେ ସେନେଇ ଦଳର କେତେଜଣ ବରିଷ୍ଠ ନେତା ମେଳି ବାନ୍ଧିଥିବା କୁହାଯାଉଛି। ସୂଚନା ମୁତାବକ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, କଟକ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ ନେତା ଏକାଠି ହୋଇ ରଞ୍ଜିତ ପାତ୍ରଙ୍କୁ ସମର୍ଥନ କରୁଛନ୍ତି। ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ, ବିଶ୍ୱ ମହାନ୍ତି, ପୂର୍ବରୁ ଯୁବ କଂଗ୍ରେସ ସଭାପତି ଦାୟିତ୍ୱରେ ଥିବା ଲୋକନାଥ ମହାରଥୀ ପ୍ରମୁଖ କୃଷ୍ଣଚନ୍ଦ୍ର ମହାନ୍ତିଙ୍କୁ ସମର୍ଥନ କରୁଛନ୍ତି। ରାଜ୍ୟରେ କଂଗ୍ରେସ ଅତ୍ୟନ୍ତ ଖରାପ ସ୍ଥିତିରେ ଥିବାବେଳେ ଦଳର ବରିଷ୍ଠ ନେତାମାନେ ଯୁବ କଂଗ୍ରେସ ସଭାପତି ପଦ ନିଜ ସପକ୍ଷରେ ରଖିବା ଲାଗି ଜୋରଦାର୍ ପ୍ରୟାସ ଆରମ୍ଭ କରିଛନ୍ତି। ହେଲେ ଦଳର ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଏହାକୁ ନେଇ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ଯୁବ କଂଗ୍ରେସର ଏହି ସାଙ୍ଗଠନିକ ନିର୍ବାଚନ ଦ୍ୱାରା ଦଳ ଭାଗ ଭାଗ ହେଉଛି। ଏଥିଯୋଗୁ ଏବେ ନେତାମାନେ ବହୁ ଗୋଷ୍ଠୀରେ ବିଭକ୍ତ ହେଲେଣି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଯେଉଁ ଉଦ୍ଦେଶ୍ୟରେ ଏହି ନିର୍ବାଚନ କରାଉଥିଲେ ତାହା ସଫଳ ହେଉନାହିଁ ବୋଲି ସେ କହିଛନ୍ତି।


ସାଗର ଦାସ


ରଞ୍ଜିତ ପାତ୍ର


କୃଷ୍ଣଚନ୍ଦ୍ର ମହାନ୍ତି

ତେବେ ଯୁବ କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟାରେ ବରିଷ୍ଠ ନେତାମାନେ ପ୍ରତ୍ୟକ୍ଷ ଭାବେ ଅଂଶଗ୍ରହଣ କରିବା ବ୍ୟବସ୍ଥା ନାହିଁ। ହେଲେ ଏହି ପଦରେ ନିଜ ସମର୍ଥକଙ୍କୁ ବସାଇବା ଲାଗି ୩ ଗୋଷ୍ଠୀରେ ବିଭକ୍ତ ବରିଷ୍ଠ ନେତାମାନେ ମାତ୍ରାଧିକ ରାଜନୀତି ଚଳାଇଛନ୍ତି। ତେବେ ଭକ୍ତ ଦାସ ନିଜ ପୁଅଙ୍କ ଲାଗି ପ୍ରଚାର କରୁଥିବା ବେଳେ ରଞ୍ଜିତଙ୍କ ପାଇଁ ମଧ୍ୟ ନିରଞ୍ଜନଙ୍କ ଗୋଷ୍ଠୀ ଉଦ୍ୟମ କରୁଛନ୍ତି। ବିଗତ ଦିନରେ ପିସିସି ସଭାପତି ହେବା ଲାଗି ପ୍ରତିଯୋଗିତା କରିଆସୁଥିବା ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନା ଏକାଠି ହୋଇ ଜଣଙ୍କୁ ଯୁବ କଂଗ୍ରେସ ସଭାପତି କରାଇବା ପାଇଁ ଚେଷ୍ଟା କରିବା କଥା ବହୁ ମାତ୍ରାରେ ଆଲୋଚନା ହେଉଛି। ବିଗତ ଦିନରେ ଏହି ଦୁଇ ନେତାଙ୍କ ଭିନ୍ନ ଭିନ୍ନ ଗୋଷ୍ଠୀ ଥିଲା। ପ୍ରଥମ ଥର ଲାଗି ବନ୍ଧୁତ୍ୱର ହାତ ମିଶାଇଥିବା କେନ୍ଦୁଝରର ଉଭୟ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନା ଏକତ୍ର ହୋଇ ଭକ୍ତଙ୍କ ପୁଅଙ୍କୁ ବିରୋଧ କରୁଛନ୍ତି। ଏହାର ଏକମାତ୍ର କାରଣ ହୋଇପାରେ ଯେ, ସାଗର ଦାସ ଜିତିଲେ ଭକ୍ତ ଦାସଙ୍କ ଓଡ଼ିଶା କଂଗ୍ରେସରେ ପତିଆରା ବୃଦ୍ଧି ପାଇବ। ଯଦି ସେଭଳି ପରିସ୍ଥିତି ହୁଏ, ତେବେ ଏହି ନେତାମାନଙ୍କୁ ବିଜୁ ଜନତା ଦଳ ଏବଂ ଭାରତୀୟ ଜନତା ପାର୍ଟି ସହିତ ଥିବା ଭିତିରି ବୁଝାମଣା ସହ ବ୍ୟବସାୟିକ କ୍ଷତି ମଧ୍ୟ ହେବ। ଏହି ପଦ ହାସଲ କରିବା ଲାଗି ବିପୁଳ ଅର୍ଥ ମଧ୍ୟ ଖର୍ଚ୍ଚ ହେଉଛି। ଭଲ ହୋଟେଲରେ ଖାଇବା, ପିଇବାର ବ୍ୟବସ୍ଥା କରି ସଭାପତି ପ୍ରାର୍ଥୀମାନେ ମେମ୍ବରଶିପ୍ ଡ୍ରାଇଭରେ ନୂଆ ଭୋଟରଙ୍କୁ ଯୋଡ଼ି ସେମାନଙ୍କ ଭୋଟ୍ ନେବା ଉଦ୍ୟମ କରୁଛନ୍ତି।

ଏନେଇ ପ୍ରାର୍ଥୀ ହୋଇଥିବା ୩ ଯୁବ ନେତା ପରସ୍ପର ବିରୋଧରେ ମତ ରଖିଛନ୍ତି। କୃଷ୍ଣଚନ୍ଦ୍ର ମହାନ୍ତି କହିଛନ୍ତି, ମେମ୍ବରଶିପ୍ ଡ୍ରାଇଭ କରିବା ବେଳେ ଯୁବକମାନେ ତାଙ୍କ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ଛାତ୍ର କଂଗ୍ରେସ ରାଜନୀତିରୁ ବିଭିନ୍ନ କାର୍ଯ୍ୟରେ ସକ୍ରିୟ ଅଛନ୍ତି। ସାଗର ଦାସ ହେଉଛନ୍ତି ଭକ୍ତ ଦାସଙ୍କ ପୁଅ। ସେ ଯୁବ କିମ୍ବା ଛାତ୍ର କୌଣସି କମିଟିରେ ନାହାନ୍ତି। ସେ କୋଶଳ ରାଜ୍ୟ ପାଇଁ ଦାବି କରୁଥିଲେ। ଏହା କେତେଦୂର ଠିକ୍ ଯୁବପିଢ଼ି ଜାଣିଛନ୍ତି। ସେହିପରି ରଞ୍ଜିତ ପାତ୍ର ତାଙ୍କ ପରେ କଂଗ୍ରେସକୁ ଆସିଛନ୍ତି ବୋଲି କୃଷ୍ଣ କହିଛନ୍ତି।

ରଞ୍ଜିତ କହିଛନ୍ତି, ପିଲାବେଳୁ ରାଜନୀତି କରିଛି। ଏଥର ଯୁବ କଂଗ୍ରେସ ସଭାପତି ପାଇଁ ଲଢୁଛି। କ୍ଲାସ୍ ୩ରୁ ଦଳର ପୋଷ୍ଟର, ବ୍ୟାନର ମାରିଛୁ। ତେଣୁ ନିଜ ଦଳ କଥାରେ କିଏ କ'ଣ କହିଲେ କିଛି ନାହିଁ। କେବେ ରାଜନୀତିକୁ ଆସିଲି ତାହା ବଡ଼ କଥା ନୁହେଁ ବୋଲି ରଞ୍ଜିତ କହିଛନ୍ତି।

ସାଗର ଦାସ କହିଛନ୍ତି, ଜିତିବା ଲାଗି ଶତ ପ୍ରତିଶତ ଆଶାବାଦୀ। ଯୁବପିଢ଼ି ମଧ୍ୟ ତାଙ୍କ ପ୍ରତି ବିଶ୍ୱାସ ରଖୁଛନ୍ତି। ଏନ୍‌ଏସ୍‌ୟୁଆଇ ପ୍ରତି ତାଙ୍କର ବହୁତ ଅବଦାନ ରହିଛି। ବିଧାୟକ ପ୍ରାର୍ଥୀ ହେବା ସହିତ ଭଲ ଭୋଟ୍ ପାଇଥିଲେ। ତେଣୁ କିଏ ବିନା କୌଣସି ପ୍ରମାଣରେ ତାଙ୍କ ବିଷୟରେ କହିଲେ କିଛି ଯାଏଆସେ ନାହିଁ ବୋଲି ସାଗର କହିଛନ୍ତି।

# କଂଗ୍ରେସ ମୋ କବର ଖୋଳୁଛି: ମୋଦି

**ବେଙ୍ଗାଲୁରୁ, ୧୨।୩**

କର୍ନାଟକର ବିଦାୟୀ ଭାଜପା ସରକାର ବିଭିନ୍ନ ଦୁର୍ନୀତି ଅଭିଯୋଗରେ ଛନ୍ଦି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ବଳରେ ଆଗାମୀ ବିଧାନସଭା ନିର୍ବାଚନ ଜିତିବା ପାଇଁ ଉଦ୍ୟମ ଚଳାଇଛି। ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ପ୍ରଧାନମନ୍ତ୍ରୀ ରବିବାର ମାଣ୍ଡ୍ୟା ଏବଂ ହୁବଲି-ଧରୱାଦ ଜିଲାରେ ପ୍ରାୟ ୧୬,୦୦୦ କୋଟି ଟଙ୍କାର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହିତ ସେ ବେଙ୍ଗାଲୁରୁ-ମହୀଶୂର ଏକ୍ସପ୍ରେସ୍‌ୱେକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୋଦି କହିଥିଲେ, ସେ ଏକ୍ସପ୍ରେସ୍‌ୱେ ନିର୍ମାଣ ସହ ଗରିବଙ୍କ ଜୀବନ ଧାରଣକୁ ସରଳ କରିବା ପାଇଁ ବ୍ୟସ୍ତ ଥିବାବେଳେ କଂଗ୍ରେସ ତାଙ୍କ କବର ଖୋଳିବାକୁ ସ୍ୱପ୍ନ ଦେଖୁଛି। ତେବେ ସାରା ଦେଶର ମାଆ, ଭଉଣୀ ଓ ଜନସାଧାରଣଙ୍କ ଆଶୀର୍ବାଦ ତାଙ୍କ ପଛରେ ରହିଥିବା ବିରୋଧୀ ଜାଣନ୍ତି ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ମାଣ୍ଡ୍ୟା ଧର୍ମନିରପେକ୍ଷ ଜନତା ଦଳ(ଜେଡିଏସ୍)ର ଗଡ଼ ହୋଇଥିବାବେଳେ ୬୧ ଆସନ ଥିବା ପୁରୁଣା ମହୀଶୂର ଅଞ୍ଚଳରେ ମଧ୍ୟ ଏହି ଦଳର ଆଧିପତ୍ୟ ରହିଛି। କଂଗ୍ରେସର ମଧ୍ୟ ସେଠାରେ ଭଲ ସ୍ଥିତିରେ ଅଛି। ଗତ ନିର୍ବାଚନରେ ଭାଜପା ସେଠାରେ ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ତେଣୁ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ମୋଦି ସେଠାକୁ ଗସ୍ତରେ ଯାଇ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିବା କୁହାଯାଉଛି।

# ଯିଏ ସରକାରକୁ ଆସିବ ଏସ୍‌ଏଚ୍‌ଜିଙ୍କୁ ଟଙ୍କା ଦେବ: ବିଜୟ

**ଭୁବନେଶ୍ୱର, ୧୨।୩(ବ୍ୟୁରୋ)**

ସରକାରକୁ ଯିଏ ଆସିବ ସିଏ ଏସ୍‌ଏଚ୍‌ଜିମାନଙ୍କୁ ଟଙ୍କା ଦେବ। ସେଥିରେ କିଛି ବାହାଦୁରି ନାହିଁ। ଏପର୍ଯ୍ୟନ୍ତ ଏସ୍‌ଏଚ୍‌ଜିର ମହିଳାମାନେ ନିଜ ଗୋଡ଼ରେ ଠିଆ ହୋଇନାହାନ୍ତି। ତେଣୁ ସେମାନେ ସ୍ୱାବଲମ୍ବୀ ଓ ସଶକ୍ତ କେମିତି ହେଲେ। ଏସ୍‌ଏଚଜିମାନଙ୍କୁ ସରକାର ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରୁଥିବା ନେଇ କଂଗ୍ରେସ ନେତା ବିଜୟ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ସେ ରବିବାର ଭେଟିବା ପରେ ଗଣମାଧ୍ୟମକୁ ଏହି ମତ ଦେଇଛନ୍ତି। ଏସଏଚ୍‌ଜି ମହିଳାଙ୍କୁ ସରକାରୀ ଦଳ ଭୋଟ୍ ବ୍ୟାଙ୍କ ଭାବେ ବ୍ୟବହାର କରିବା ପ୍ରସଙ୍ଗରେ ବିଜୟ ପଟ୍ଟନାୟକ କହିଛନ୍ତି, ମହିଳାଙ୍କ ପାଇଁ ଯାହା ହେଉଛି ଯଥେଷ୍ଟ ନୁହେଁ। ଯେପର୍ଯ୍ୟନ୍ତ ଏସ୍‌ଏଚ୍‌ଜିରେ ସାମିଲ ମହିଳାମାନେ ସ୍ୱାବଲମ୍ବୀ ହୋଇନାହାନ୍ତି, ଟଙ୍କା ରୋଜଗାର କରିନାହାନ୍ତି ସେପର୍ଯ୍ୟନ୍ତ ସଶକ୍ତୀକରଣ ହେଲେ ବୋଲି କେମିତି କୁହାଯିବ। ସେମାନେ ତ ସବୁବେଳେ ସରକାରଙ୍କ ହାତ ଟେକା ଟଙ୍କା ଉପରେ ନିର୍ଭରଶୀଳ। ଏସଏଚଜିକୁ ଟଙ୍କା ଦେବାରେ କିଛି ବାହାଦୁରି ନାହିଁ। ହେଲେ ଏଠାରେ ଖାଲି ମହିଳାଙ୍କୁ ବ୍ୟବହାର କରି ଭୋଟ ସଂଗ୍ରହ ହେଉଛି। ଯାହା ମହିଳାଙ୍କ ପ୍ରତି ଉଚିତ୍ ସମ୍ମାନ ନୁହେଁ ବୋଲି ବିଜୟ କହିଛନ୍ତି। ସେହିପରି ମନୋଜ ମିଶ୍ରଙ୍କୁ ସରକାର ଆଇଟି ପ୍ରମୁଖ ସଚିବ ଭାବେ ନିଯୁକ୍ତି ଦେବା ଭୁଲ୍ ନିଷ୍ପତ୍ତି ବୋଲି ସେ କହିଛନ୍ତି। ସେ କହିଛନ୍ତି, କୌଣସି ଲୋକଙ୍କୁ ଆଣି ପ୍ରମୁଖ ସଚିବ କରିବା ଠିକ୍ ନୁହେଁ। ଯଦି ସରକାର ଆଇଟି ଏବଂ ଟେକ୍ନୋଲୋଜିର ବିକାଶ କଥା ଚାହୁଁଛନ୍ତି ତେବେ ସେହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା ଦକ୍ଷତା ରଖିଥିବା ଜଣେ ଲୋକଙ୍କୁ ଆଣି ପାରିଥାନ୍ତେ। ହେଲେ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ପାଇଁ କ୍ୟାବିନେଟ ବସାଇବା ଓ ନିୟମ ବଦଳାଇବା ଠିକ୍ ନୁହେଁ। ଏହା ଏକ ପ୍ରକାର ସ୍ୱେଚ୍ଛାଚାରିତା। ଏଭଳି କରାଗଲେ ଭବିଷ୍ୟତ ଯେ କ'ଣ ହେବ ତାହା କଳ୍ପନା କରିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ଦଳର ବରିଷ୍ଠ ନେତା ଚିରଞ୍ଜୀବ ବିଶ୍ୱାଳଙ୍କୁ ଭେଟିବା ନେଇ ସେ କହିଛନ୍ତି, କଂଗ୍ରେସ ଅଗ୍ରଗତି କିପରି ହେବ ସେନେଇ ପରାମର୍ଶ ମାଗିଥିଲେ। ସେନେଇ ଚିରଞ୍ଜୀବ ମତାମତ ଦେଇଛନ୍ତି। ସେ ସବୁବେଳେ କଂଗ୍ରେସରେ ଅଛନ୍ତି ଓ ଆଗକୁ ରହିବେ ବୋଲି ଅତୁଟ ବିଶ୍ୱାସ ରହିଛି। ନିର୍ବାଚନ ଆଉ ଖୁବ୍ କମ୍ ଦିନ ଥିବାରୁ ନେତୃତ୍ୱଙ୍କୁ ଭେଟି ଆଲୋଚନା କରାଯାଉଛି ବୋଲି ବିଜୟ କହିଛନ୍ତି।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580365

SSI 10th +2 (Sci. | Arts. | Comm.)
ITI | Diploma in ENGG | B.Tech All Stream | BBA
MBA | BCA | MCA | BA
B.Sc. | B.Com. | MA | M.Sc.
M.Com. | MAJMC | MSW
All Courses are Recognised by UGC-AICTE-AIU-DEC & Undertaking by HRD, Govt. of India
105 (2nd Floor), Saheed Nagar, BBSR-751007
PH: 9040050515

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଦଳ ଛାଡ଼ିବେନି ଚିରଞ୍ଜୀବ, ପ୍ରଶାନ୍ତଙ୍କ ଟେରଛା ବାଣ

**ପ୍ରମୋଦ କୁମାର ନାୟକ**

**ଜଗତ୍‌ସିଂହପୁର ଅଫିସ, ୧୨।୩**

୨୦୨୪ ସାଧାରଣ ନିର୍ବାଚନକୁ ନେଇ ଏବେଠୁ ରାଜ୍ୟର ଅନେକ ସ୍ଥାନରେ ରାଜନୈତିକ ପରିବେଶ ଚଳଚଞ୍ଚଳ ହେଲାଣି। ସେଥିମଧ୍ୟରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ୟତମ। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଦଳ ଛାଡ଼ି ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଚାଲିଥିବାବେଳେ ଶାସକ ଦଳର ଗୋଷ୍ଠୀକନ୍ଦଳ ନୂଆ ସମୀକରଣ ସୃଷ୍ଟି କରିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ଏନେଇ ଚିରଞ୍ଜୀବ ରବିବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ୩ ବର୍ଷ ହେଲାଣି ସେ ବିଜେଡିରେ ମିଶିବେ ବୋଲି ଚର୍ଚ୍ଚା ଚାଲିଛି। ଏବେ ପୁଣି ବିଆର୍‌ଏସ୍ ଓ ଅନ୍ୟ ଦଳ କଥା ଉଠିଲାଣି। ଏସବୁ କେବଳ ମିଡିଆ ପ୍ରଚାର, କିନ୍ତୁ ସେ କଂଗ୍ରେସରେ ଅଛନ୍ତି। ଯଦି କଂଗ୍ରେସରେ ରହି ନ ଥା'ନ୍ତେ, ତେବେ ବରିଷ୍ଠ ପ୍ରଶାସକ ତଥା ପୂର୍ବତନ ରାଜ୍ୟ ମୁଖ୍ୟ ଶାସନ ସଚିବ ବିଜୟ କୁମାର ପଟ୍ଟନାୟକଙ୍କ ସହିତ ରବିବାର ଆଗାମୀ ନିର୍ବାଚନରେ କଂଗ୍ରେସର ଷ୍ଟ୍ରାଟେଜି ସଂକ୍ରାନ୍ତରେ ୨ ଘଣ୍ଟା କାଳ ଆଲୋଚନା କରି ନ ଥା'ନ୍ତେ ବୋଲି ସେ କହିଛନ୍ତି।

ଏହି ଅବସରରେ ସେ ତୃଣମୂଳସ୍ତରରୁ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକୁ କ୍ରିୟାଶୀଳ କରିବାକୁ ପଡ଼ିବ ବୋଲି କହିଛନ୍ତି। ହେଲେ ଅନ୍ୟ ଦଳକୁ ଯିବା ଚର୍ଚ୍ଚା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିଲା କି ବୋଲି ପ୍ରଶ୍ନର ଉତ୍ତର ଦେବାକୁ ଯାଇ ସେ ପାଲଟା ପ୍ରଶ୍ନ କରିଛନ୍ତି। କୌଣସି ଗଣମାଧ୍ୟମ ପ୍ରତିନିଧି ଅନ୍ୟ ସଂସ୍ଥାକୁ ଯିବାର ଥିଲେ ସେ କ'ଣ ୨/୩ ବର୍ଷ ଅପେକ୍ଷା କରୁଛନ୍ତି କି ବୋଲି ପ୍ରଶ୍ନ କରି ଚିରଞ୍ଜୀବ ପ୍ରସଙ୍ଗକୁ ଭିନ୍ନମୋଡ଼ ଦେଇଛନ୍ତି।

ଚିରଞ୍ଜୀବଙ୍କ ବିଜେଡିରେ ମିଶିବା ପ୍ରସଙ୍ଗ ଉପରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଟେରେଛା ବାଣ ଛାଡ଼ିଛନ୍ତି। ସେ ଧରିତ୍ରୀକୁ କହିଛନ୍ତି ଯେ, ବିଜେଡି ନିର୍ବାଚନକୁ ଚାହିଁ କୌଣସି କାର୍ଯ୍ୟ କରେନାହିଁ। ଏହି ଦଳର ସାଙ୍ଗଠନିକ ପ୍ରକ୍ରିୟା ବର୍ଷତମାମ ଚାଲେ। ଲୋକଙ୍କ ମନରେ ବିଜେଡି ଓ ନବୀନ ଅଛନ୍ତି। କେବଳ ଲୋକଙ୍କ ପାଖରେ ପହଞ୍ଚି ସୁସଙ୍ଗଠିତ କରିବାର କଥା। ଜଗତ୍‌ସିଂହପୁର ଜିଲାର ୪ରୁ ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ଦଖଲରେ ଅଛି। ଯଦି କିଏ ଅନ୍ୟ ଦଳକୁ ଯିବା କଥା ଚିନ୍ତା କରୁଥାଏ, ତେବେ ତାହା ତାଙ୍କର ବ୍ୟକ୍ତିଗତ କଥା। ଅର୍ଥାତ୍ ତାଙ୍କର କିଛି ବ୍ୟକ୍ତିଗତ ହେତୁ ଅବା ଦଳରେ ଅସୁବିଧା ହେଉଥିବ, ଏଥିରେ ଆମର କିଛି କହିବାର ନାହିଁ। ଆଗାମୀ ନିର୍ବାଚନରେ ବିଜେଡି ୪ରୁ ୪ ବିଧାନସଭା ଆସନ ହାତେଇବ। କିଏ ଆମ ଦଳକୁ ଆସିବାର ଅଛି ସେ କଥା ଆମେ ଜାଣିନାହୁଁ। ବିଜେଡି ଏକ ବିରାଟ ଦ୍ରୁମ। ତା' ଛାଇ ତଳେ ଅନେକ ଆଶ୍ରୟ ନେବାକୁ ଆଶାୟୀ। ତେଣୁ ନିଷ୍ପତ୍ତି ଦଳର ସର୍ବମାନ୍ୟ ନେତା ନବୀନ ବାବୁ ନେବେ ବୋଲି ପ୍ରଶାନ୍ତ କହିଛନ୍ତି।


ଚିରଞ୍ଜୀବ ବିଶ୍ୱାଳ


ପ୍ରଶାନ୍ତ କୁମାର ମୁଦୁଲି

ଅନ୍ୟପକ୍ଷରେ ପୂର୍ବତନ ବିଜେଡି ଜିଲା ସଭାପତି ଅମରେନ୍ଦ୍ର ଦାସ ବିଭିନ୍ନ ସ୍ଥାନରେ ବନ୍ଧୁମିଳନ ନାଁରେ ତାଙ୍କ ସପକ୍ଷରେ ଦଳୀୟ କର୍ମୀଙ୍କୁ ଆକର୍ଷିତ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଭିନ୍ନ ବୈଠକ ଓ ସମାବେଶରେ ଦଳୀୟ ସ୍ଥିତିକୁ ଦୁର୍ବଳ କରିବାକୁ ଦିଆଯିବ ନାହିଁ, ସଂଗଠନକୁ ମଜଭୁତ ପାଇଁ ସେ ଚେଷ୍ଟିତ ବୋଲି କହୁଛନ୍ତି। କିନ୍ତୁ ଏହିସବୁ ସମାବେଶରେ ମଞ୍ଚାସୀନ ଦଳୀୟ ନେତାମାନେ ଅମରେନ୍ଦ୍ରଙ୍କୁ ଆଗାମୀ ଦିନରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ରୂପେ ଦେଖିବାକୁ ଚାହାନ୍ତି ବୋଲି ଭାଷଣ ଦେଉଛନ୍ତି। ଏହିସବୁ ସମାବେଶ ବିଜେଡିରେ ଗୋଷ୍ଠୀ କନ୍ଦଳର ଆଭାସ ଦେଉଛି। ଏନେଇ ବିଧାୟକ ପ୍ରଶାନ୍ତ କହିଛନ୍ତି, ବିଜେଡି ଆଦର୍ଶରେ ଅନ୍ୟ ଦଳର କର୍ମୀମାନେ ଆକୃଷ୍ଟ ହେଉଛନ୍ତି। ଯେଉଁ କାରଣରୁ ନବୀନ ବାବୁ ୫ମ ଥର ପାଇଁ କ୍ଷମତାକୁ ଆସିଛନ୍ତି। ବାସ୍ତବରେ ଦଳରେ ବିଶୃଙ୍ଖଳା ନାହିଁ। ଦଳରେ ସଭ୍ୟ ସଂଖ୍ୟା ବଢ଼ିଥିବାରୁ ଆଶା ବଢୁଛି। ରାଜନୀତିରେ ନିଜକୁ ପ୍ରତିଷ୍ଠିତ କରିବା ଉଦ୍ଦେଶ୍ୟରେ ଅନେକ ନେତା ହେବା ପାଇଁ ଅଣ୍ଟା ଭିଡୁଛନ୍ତି। କେବଳ ବିଧାୟକ ନୁହେଁ, ସବୁ ପଦବୀ ପାଇଁ ଆଶାୟୀ ରହୁଛନ୍ତି। ଏହା କେବଳ ଜଗତ୍‌ସିଂହପୁର ବିଧାନସଭା ଆସନ ନୁହେଁ, ଜିଲାରେ ଦେଖିବାକୁ ମିଳୁଛି। ପ୍ରତି ନିର୍ବାଚନ ମଣ୍ଡଳୀରେ ସମାନ୍ତରାଳ ଭାବରେ ଏକାଧିକ ନେତା ସଙ୍ଗଠନ ପ୍ରକ୍ରିୟା ଜାରି ରଖିଥିବା କହି ପ୍ରଶାନ୍ତ ପ୍ରସଙ୍ଗକୁ ଭିନ୍ନମୋଡ଼ ଦେବାକୁ ଚେଷ୍ଟା କରିଛନ୍ତି।


# Classified Everyday
0674-2580101, 2549949


REAL ESTATE

**SALE**

ORERA Approved 2BHK Luxurious simplex at Balianta, Bhubaneswar @ 30 lakhs. Construction in full-swing. 9437005434. D-74824

Bhubaneswar-Khurda ମଧ୍ୟରେ Pitapali Chhakaରେ stithiban plot Electricity, Boundary ସହିତ ମିଳୁଅଛି। Contact. 9800700664, 9439101373. D-2813

Duplex sale at Bhubaneswar @ 50 lakhs only. Contact: 9777433701. D-74828

ଭୁବନେଶ୍ୱର-ପୁରୀ Bypass ସାଇ ମନ୍ଦିର NH side, ପଟିଆ, ମଞ୍ଚେଶ୍ୱର, ବାରଙ୍ଗ, ସୁନ୍ଦରପଦାରେ 30ft. ରାସ୍ତା, ଇଲେକ୍ଟ୍ରିସିଟି ସୁବିଧା ଥାଇ ଘରବାରି ପ୍ଲଟ୍ ମିଳୁଛି। 6372894441. D-74829

ଭୁବନେଶ୍ୱର, ଜଟଣୀଗେଟ୍ 1200sqft.-3,60,000/-, ଛତାବର 1200sqft.-5,40,000/-, ନଖରା-300/-. 6371569855. D-74832

ଭୁବନେଶ୍ୱର ହଂସପାଳ ଛକରୁ 8K.M. ମଧ୍ୟରେ Sudhananda School front ଭିଙ୍ଗାରପୁର ଠାରେ boundary, road, ଇଲେକ୍ଟ୍ରିସିଟି ଥାଇ sqft.-550/-ରେ ତୁରନ୍ତ registration କରନ୍ତୁ। 9114121344. D-74831

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ଭୁବନେଶ୍ୱର ଟଙ୍କପାଣି ସାଇ ମନ୍ଦିର ପାଖରୁ 7K.M. ଦୂର ରଙ୍ଗବଜାର ପାଖରେ finance ସହିତ ପ୍ଲଟ୍ ମିଳୁଛି। 8093465134, 9668194157. D-74827

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74523




Relax, Refresh your Body, Mind at Saikrupa Spa with best therapies. 8984068077. D-2932

Newly open health benefits SPA special offer @ 999 Nayapalli. 7846814019. D-73693

All type of body massage by expert lady therapist. 7008773793. D-73690

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74656




ଘରେ ବାସ୍ତୁଦୋଷ ଥିବାପରି ମନେ ହେଉଛି କି? ବିଳମ୍ବ ନ କରି ତୁରନ୍ତ ଯୋଗାଯୋଗ "ବାସ୍ତୁ ସମାଧାନ" Odisha. 7978736177. D-74305

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

By virtue of an affidavit sworn before Notary Public Nayagarh dt 10.03.2023, I change my surname Nayak to Acharya and Henceforth I shall be known as Prabhat Acharya for all purposes, At-Beguniapatna PO: Khatia, PS: Ranapur, Dist: Nayagarh, PIN-752079. D-2980

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଗୋରାଚାନ୍ଦ ପଟ୍ଟନାୟକ**
ଆବିର୍ଭାବ: ୧୬।୦୭।୨୯
ତିରୋଧାନ: ୧୩।୦୩।୦୪
ଆପଣଙ୍କ ଦୁଃଖଦ ବିୟୋଗରେ ଆମ୍ଭେ ସମସ୍ତେ ମର୍ମାହତ। ସ୍ୱଶରୀରେ ଆମ ନିକଟରେ ଉପସ୍ଥିତ ନ ଥିଲେ ମଧ୍ୟ ଆପଣଙ୍କ ଆଶୀର୍ବାଦ ଓ ପ୍ରେରଣା ଚିରଦିନ ଆମ ଉପରେ ଥାଉ, ଏତିକି କାମନା। ହେ ମହାନ୍ ଆତ୍ମା, ଈଶ୍ୱରଙ୍କ ନିକଟରେ ଆପଣ ଶାନ୍ତିରେ ଥାଆନ୍ତୁ।
"ତୁମ ସ୍ମୃତିରେ": ବନ୍ଧୁ, ପରିବାରବର୍ଗ ଓ ସହକର୍ମୀବୃନ୍ଦ।
ଧ-୬୭୧୨୨

**IN LOVING MEMORY OF**



**Late. R. Jagan Mohan Patnaik**
Bomikhal, Bhubaneswar-751010
15.09.1937- 13.03.2012
"The Soul is never born nor dies at any time, the Soul has not come into being, does not come into being and will not come into being.
The Soul is un born eternal, ever- existing and primeval."
- The Bhagvad Gita
Fondly Remembered By: Patnaik Family
ଧ-୨୯୬୬

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ରବିନ୍ଦ୍ର କୁମାର ମଙ୍ଗରାଜ**
ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫ । ତିରୋଧାନ: ୦୨।୦୪।୨୦୨୧
(ଚୈତ୍ର କୃଷ୍ଣପକ୍ଷ ଷଷ୍ଠୀ)
"କେହି ରହିନାହିଁ, ରହିବ ନାହିଁଟି, ଭବ ରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ"।
ଆମକୁ ଶୋକ ସାଗରରେ ଭସାଇ ଅକାଳରେ ଆରପାରିକୁ ଚାଲିଗଲ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ନୀତି ଆଦର୍ଶ ଆମ ଜୀବନର ଶ୍ରେଷ୍ଠ ସମ୍ପତ୍ତି। ଯେଉଁଠି ଥାଅ ତୁମ ଘରକୁ ଚାହିଁଥାଅ। ଆଶୀର୍ବାଦର ଧାରା ଅଜାଡ଼ି ଦେଉଥାଅ। ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର ଓ ପରିବାରବର୍ଗ।
ଧ-୨୯୬୧

# ମୁମ୍ବାଇର କ୍ରମାଗତ ୪ର୍ଥ ବିଜୟ

**ଓମେନ୍ସ ପ୍ରିମିୟର ଲିଗ୍**

ମୁମ୍ବାଇ, ୧୨।୩ (ପି.ଟି.)

ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲୁପିଏଲ୍)ରେ ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସ ୮ ଉଇକେଟରେ ୟୁପି ୱାରିୟର୍ଜଙ୍କୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ଚତୁର୍ଥ ବିଜୟ। ହରମନପ୍ରୀତ୍ କୌରଙ୍କ ଦଳ ଏପର୍ଯ୍ୟନ୍ତ ଖେଳିଥିବା ସମସ୍ତ ୪ଟି ଗେମ୍‌ରୁ ୮ ପଏଣ୍ଟ ଅର୍ଜନ କରିଛି। ବିଜୟ ଲକ୍ଷ୍ୟ ପିଛା କରିବା ବେଳେ ୟସ୍ତିକା ଭାଟିଆ ଦଳକୁ ଭଲ ଆରମ୍ଭ ଦେଇଥିଲେ। ସେ ୨୭ ବଲ୍‌ରୁ ୪୨ରନ କରିଥିଲେ। ପରେ ହରମନପ୍ରୀତଙ୍କ ୩୩ ବଲ୍‌ରୁ ଅପରାଜିତ ୫୩ ଏବଂ ସ୍କିଭର-ବ୍ରଣ୍ଟଙ୍କ ଦ୍ରୁତ ଅପରାଜିତ ୪୫ ରନ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ୧୭.୩ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ଜ ନିର୍ଦ୍ଧାରିତ ଓଭରରେ ୬ ଉଇକେଟରେ ୧୫୯ ରନ କରିଥିଲା। ଦଳର ଅଧିନାୟିକା ଏଲିସା ହିଲି ଡବ୍ଲ୍ୟୁପିଏଲରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଟାଲିଆ ମ୍ୟାକ୍‌ଗ୍ରା ମଧ୍ୟ ଷ୍ଟ୍ରୋକ ଭରା ଅର୍ଦ୍ଧଶତକ ହାସଲ କରିଥିଲେ।


ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ହରମନପ୍ରୀତ୍ କୌର୍।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିୟର୍ଜ: ୨୦ ଓଭରରେ ୧୫୯/୬ (ଏଲିସା ହିଲି-୫୮, ଟାଲିଆ ମ୍ୟାକ୍‌ଗ୍ରା-୫୦; ସାଇକା ଇଶାକ୍-୩/୩୩, ହେଲି ମାଥ୍ୟୁସ-୧/୨୭)। ମୁମ୍ବାଇ ଇଣ୍ଡିଆନ୍ସ: ୧୭.୩ ଓଭରରେ ୧୬୪/୨ (ୟାସ୍ତିକା ଭାଟିଆ-୪୨, ହରମନପ୍ରୀତ କୌର-୫୩*, ନାଟ୍ ସ୍କିଭର-ବ୍ରଣ୍ଟ-୪୫*; ସୋଫି ଏକ୍ଲେଷ୍ଟୋନ୍-୧/୩୦)।

# କୋହଲିଙ୍କ ଶତକ, ଭାରତ ୫୭୧

ଅହମଦାବାଦ, ୧୨।୩

ବିରାଟ କୋହଲିଙ୍କ ବହୁ ପ୍ରତୀକ୍ଷିତ ଟେଷ୍ଟ ଶତକ ସହାୟତାରେ ଭାରତ ଏଠାରେ ଚାଲିଥିବା ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ତଥା ଅନ୍ତିମ କ୍ରିକେଟ ଟେଷ୍ଟରେ ବଡ଼ ସ୍କୋର କରିବାରେ ସକ୍ଷମ ହୋଇଛି। ଦୀର୍ଘ ୪୦ ମାସ ପ୍ରତୀକ୍ଷାର ଅବସାନ ଘଟାଇ ବିରାଟ ହାସଲ କରିଥିଲେ କ୍ୟାରିୟରର ୨୮ତମ ଟେଷ୍ଟ ଶତକ। ଖେଳିଥିଲେ ୧୮୬ ରନ୍‌ର ମାରାଥନ ଇନିଂସ୍। ଫଳରେ ଭାରତ ପ୍ରଥମ ଇନିଂସରେ ୫୭୧ ରନ୍ ସ୍କୋର କରିଥିଲା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ୍‌ରେ ୪୮୦ ରନ୍ କରିଥିବାରୁ ଭାରତକୁ ୯୧ ରନ୍‌ର ଅଗ୍ରଣୀ ମିଳିଥିଲା। ରବିବାର ୪ର୍ଥ ଦିବସରେ ଭାରତକୁ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସରେ ୬ ଓଭର ବୋଲିଂ କରିବାକୁ ସୁଯୋଗ ମିଳିଥିଲା। ରକ୍ଷଣାତ୍ମକ ଖେଳିଥିବା ଅଷ୍ଟ୍ରେଲିଆ ଷ୍ଟମ୍ପ ବେଳକୁ କୌଣସି ଉଇକେଟ ନ ହରାଇ ୩ ରନ କରିଥିଲା। ଭାରତ ୮୮ ରନ୍‌ରେ ଅଗ୍ରଣୀଲାଭ କରିଥିବାରୁ ଏବଂ ସୋମବାର ମ୍ୟାଚର ଅନ୍ତିମ ଦିବସ ହୋଇଥିବାରୁ ମ୍ୟାଚ ଡ୍ର ରହିବା ସମ୍ଭାବନା ବଢ଼ିଛି। ଭାରତ ଯଦି ବିଜୟୀ ହୁଏ ତେବେ ସିଧାସଳଖ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିବ। ଏ କ୍ଷେତ୍ରରେ ଆଉ ଶ୍ରୀଲଙ୍କା-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜର ଫଳାଫଳକୁ ଅପେକ୍ଷା କରିବାକୁ ପଡ଼ିବ ନାହିଁ।


ଶତକ ହାସଲ ପରେ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଉଛନ୍ତି ବିରାଟ କୋହଲି।

## ୪୦ ମାସ ପ୍ରତୀକ୍ଷାର ଅବସାନ

ବିରାଟ ଦୀର୍ଘ ୪୦ ମାସ ପରେ ଟେଷ୍ଟ ଶତକ ପୂରଣ କରିଥିଲେ। ଶେଷଥର ପାଇଁ ସେ ୨୦୧୯ ନଭେମ୍ବରରେ କୋଲ୍‌କାତାର ଇଡେନ୍ ଗାର୍ଡେନ୍ସ ଗ୍ରାଉଣ୍ଡରେ ବାଂଲାଦେଶ ବିପକ୍ଷରେ ଶତକ ହାସଲ କରିଥିଲେ। ଏଠାରେ ୨୪୧ଟି ବଲ୍‌ର ସମ୍ମୁଖୀନ ହୋଇ ସେ କ୍ୟାରିୟରର ୭୫ତମ ଅନ୍ତର୍ଜାତୀୟ ଶତକ ଅର୍ଜନ କରିଥିଲେ। ଟେଷ୍ଟ କ୍ରିକେଟରେ ଏହା ଥିଲା ତାଙ୍କର ୨୮ତମ ଶତକ। ଅଷ୍ଟ୍ରେଲିଆର ତାରକା ସ୍ପିନର ନାଥନ ଲିୟନଙ୍କ ବଲ୍‌କୁ ମିଡ୍-ଉଇକେଟ ଅଞ୍ଚଳକୁ ଖେଳି ସେ ସିଙ୍ଗଲ ରନ୍ ନେଇ ଶତକ ପୂରଣ କରିଥିବାବେଳେ ମୋଟେରା ଷ୍ଟାଡିୟମରେ ଉପସ୍ଥିତ ଥିବା ୧୫,୦୦୦ ଦର୍ଶକ ଛିଡ଼ାହୋଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶତକ ହାସଲ ପରେ କୋହଲି ସ୍ମିତହାସ୍ୟ ସହ ପ୍ରଥମେ ବ୍ୟାଟ୍ ଟେକିଥିଲେ ଏବଂ ପରେ ନିଜ ୱେଡିଂ ରିଙ୍ଗ୍‌କୁ ଚୁମ୍ବନ ଦେଇଥିଲେ। ଦୀର୍ଘଦିନ ପରେ ଶତକ ହାସଲ କରିଥିବାରୁ ସେ ଆଶ୍ୱସ୍ତ ହୋଇଥିଲେ। ଶତକ ପୂରଣ ହେବାପରେ କୋହଲିଙ୍କୁ ଆଲିଙ୍ଗନ କରି ନନ୍ ଷ୍ଟ୍ରାଇକର ଏଣ୍ଡ୍‌ରେ ଥିବା ଅକ୍ଷର ପଟେଲ ବଧେଇ ଜଣାଇଥିଲେ। ପ୍ରତିପକ୍ଷ ଦଳର ଅଧିନାୟକ ଷ୍ଟିଭ୍ ସ୍ମିଥ୍, ବୋଲର ଟଡ୍ ମର୍ଫି ଓ ଅନ୍ୟ ଅଷ୍ଟ୍ରେଲିଆ ଖେଳାଳିମାନେ ହାତ ମିଳାଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ।

## ଫିଟ୍ ଆଥଲେଟ୍ ବିରାଟ

ତୃତୀୟ ଦିବସର ଅସମାପ୍ତ ସ୍କୋର ୨୮୯/୩ରୁ ଖେଳ ଆରମ୍ଭ କରିଥିଲା ଭାରତ। ଦିନଟି ସମ୍ପୂର୍ଣ୍ଣଭାବେ କୋହଲିଙ୍କର ଥିଲା। ସବୁଠାରୁ ବଡ଼କଥା ହେଲା, ସେ ସମ୍ପୂର୍ଣ୍ଣ ଧୈର୍ଯ୍ୟର ସହ ବ୍ୟାଟିଂ କରି ନିଜ ଇନିଂସ ଗଢ଼ିଥିଲେ। ଶ୍ରେୟସ ଆୟାର ପିଠିରେ ଯନ୍ତ୍ରଣାଜନିତ ଅସୁସ୍ଥ ଥିବାରୁ ଭାରତ ଜଣେ ବ୍ୟାଟରଙ୍କ ବିନା ଏହି ଇନିଂସ ଖେଳୁଥିବା କୋହଲିଙ୍କୁ ଭଲଭାବେ ଜଣାଥିଲା। ତେଣୁ ଶତକ ପୂରଣ ହେବା ପର୍ଯ୍ୟନ୍ତ ସେ କୌଣସି ରିସ୍କ ଶଟ୍ ଖେଳି ନ ଥିଲେ। ଜଣେ ଫିଟ୍ ଆଥଲେଟ୍‌ର ପରିଚୟ ଦେଇ ସେ ୮୪ ରନ୍ କେବଳ ସିଙ୍ଗଲ୍ସ ମାଧ୍ୟମରେ, ୧୮ ଡବଲ୍ସ ଏବଂ ୨ ଥର ୩ ରନ୍ ଲେଖାଏ ସଂଗ୍ରହ କରିଥିଲେ। ସେ ସ୍କୋର କରିଥିବା ୧୮୬ ରନ ମଧ୍ୟରୁ ୧୨୬ ରନ୍ କେବଳ ରନିଂ ବିଟୁଇନ୍ ଦି ଉଇକେଟ୍ସରୁ ସଂଗ୍ରହ କରିଥିଲେ। ନିଜ ଇନିଂସ ମଧ୍ୟରେ ସେ ୧୫ଟି ଚୌକା ମାରିଥିଲେ। ୮ ଘଣ୍ଟା ୩୬ ମିନିଟ୍ କ୍ରିଜ୍‌ରେ ରହିଥିବା କୋହଲି ୩୬୪ ବଲ୍‌ର ସମ୍ମୁଖୀନ ହୋଇଥିଲେ। ଏହା ଥିଲା ତାଙ୍କ କ୍ୟାରିୟରର ୭୫ତମ ଅନ୍ତର୍ଜାତୀୟ ଶତକ। ଏହି ଅବସରରେ ସେ ୪ର୍ଥ ଉଇକେଟରେ ରବୀନ୍ଦ୍ର ଜଡେଜାଙ୍କ ସହ ୬୪, ୫ମ ଉଇକେଟରେ ଶ୍ରୀକର ଭରତଙ୍କ ସହ ୮୪ ଓ ୬ଷ୍ଠ ଉଇକେଟରେ ଅକ୍ଷର ପଟେଲଙ୍କ ସହ ବହୁ ମୂଲ୍ୟବାନ୍ ୧୬୨ ରନ୍‌ର ଭାଗୀଦାରି ଗଢ଼ିଥିଲେ। ଅକ୍ଷର ୧୧୩ ବଲ୍‌ରୁ ୫ ଚୌକା ଓ ୪ ଛକା ସହାୟତାରେ ୭୯, ଭରତ ୪୪ ଓ ଜାଡେଜା ୨୮ ରନ ସ୍କୋର କରି ଆଉଟ ହୋଇଥିଲେ। ଅଷ୍ଟ୍ରେଲିଆ ବୋଲରଙ୍କ ମଧ୍ୟରେ ନାଥନ ଲିୟନ ଓ ଟଡ୍ ମର୍ଫି ୩ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ଓ ମାଥ୍ୟୁ କନେମନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୪୮୦। ଭାରତ ପ୍ରଥମ ଇନିଂସ: ୫୭୧ (ବିରାଟ କୋହଲି-୧୮୬, ଶୁବମନ ଗିଲ୍-୧୨୮, ଅକ୍ଷର ପଟେଲ-୭୯, ଶ୍ରୀକର ଭରତ-୪୪, ଚେତେଶ୍ୱର ପୂଜାରା-୪୨, ନାଥନ ଲିୟନ-୩/୧୫୧, ଟଡ୍ ମର୍ଫି-୩/୧୧୩, ମିଚେଲ ଷ୍ଟାର୍କ-୧/୮୭, ମାଥ୍ୟୁ କନେମନ-୧/୯୪)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩/୦।

# ବାପିଙ୍କୁ ସ୍ୱର୍ଣ୍ଣ, ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

କର୍ଣ୍ଣାଟକର ଉଡୁପିଠାରେ ଅନୁଷ୍ଠିତ ୧୮ତମ ଜାତୀୟ ୟୁଥ୍ (୧୮ ବର୍ଷରୁ କମ୍) ଆଥଲେଟିକ୍ ଚାମ୍ପିୟନଶିପ୍‌ର ଅନ୍ତିମ ଦିବସ ରବିବାର ଓଡ଼ିଶାକୁ ୩ ପଦକ ମିଳିଛି। ଫଳରେ ଓଡ଼ିଶାର ପଦକ ସଂଖ୍ୟା ମୋଟ୍ ୫ରେ ପହଞ୍ଚିଛି। ବାପି ହାଂସ୍‌ଦା ୪୦୦ ମିଟର ହର୍ଡଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ ସହ ଏସିଆନ ୟୁଥ୍ ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ସେ ୫୧.୯୫ ସେକେଣ୍ଡ ସମୟ ନେଇଥିବାବେଳେ ଏସୀୟ ପ୍ରତିଯୋଗିତାର କ୍ୱାଲିଫାଇଂ ଟାଇମିଂ ହେଉଛି ୫୩.୩୪ ସେକେଣ୍ଡ। ତାମିଲନାଡୁର ବିଷ୍ଣୁ ଶ୍ରୀ ଏବଂ ଜେରୋମି ସଞ୍ଜୟ ୫୪.୦୫ ଓ ୫୪.୯୩ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ମହମ୍ମଦ ରେୟନ ବାଶା ୨୦୦ ମିଟର ରେସ୍‌କୁ ୨୨.୨୨ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ପାଇଛନ୍ତି। ବ୍ୟକ୍ତିଗତ ଭାବେ ଏହା ଥିଲା ତାଙ୍କର ଦ୍ୱିତୀୟ ପଦକ। ଶନିବାର ସେ ୧୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୨୦୦ ମିଟରରେ ମଧ୍ୟପ୍ରଦେଶର ଅଭୟ ସିଂ ୨୧.୮୭ ସେକେଣ୍ଡ ସହ ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶର ଶିବମ୍ ୨୨.୨୯ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଥିଲେ। ଅନ୍ତିମ ଦିବସରେ ଓଡ଼ିଶାକୁ ତୃତୀୟ ପଦକ ଦେଇଥିଲେ ୟୁଥ୍ ମିଡ୍‌ଲେ ରିଲେ ଟିମ୍। ମହମ୍ମଦ ରେୟନ ବାଶା, ରାଜେନ୍ଦ୍ର ସିଦ୍ଧ, ଚିନ୍ମୟ ନାଗ ଓ ବାପି ହାଂସ୍‌ଦାଙ୍କୁ ନେଇ ଗଠିତ ଦଳ ୧ ମିନିଟ ୫୭.୫୫ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ହାସଲ କରିଥିଲା। ପ୍ରତିଯୋଗିତାରେ ଓଡ଼ିଶା ୨ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ପାଇଛି। ଏସିଆନ ୟୁଥ୍ ଆଥଲେଟିକ୍ ଚାମ୍ପିୟନଶିପ୍ ଏପ୍ରିଲ ଶେଷ ସପ୍ତାହରେ ଉଜ୍‌ବେକିସ୍ତାନରେ ଅନୁଷ୍ଠିତ ହେବ। ପଦକ ବିଜୟୀ ଓଡ଼ିଆ ପ୍ରତିଯୋଗୀଙ୍କୁ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରା ଓ ସଭାପତି ଜି.ଏସ୍. ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

**ଜାତୀୟ ୟୁଥ୍ ଆଥଲେଟିକ୍ ଚାମ୍ପିୟନଶିପ୍**



ବାପି ହାଂସ୍‌ଦା

# କ୍ୱାର୍ଟରରେ ଝାରପଡ଼ା



ରାଜକିଶୋର ସାହୁ ପୁରସ୍କାର ନେଉଛନ୍ତି।

ପୁରୁଣା ଭୁବନେଶ୍ୱର, ୧୨।୩ (ଡି.ଏନ.ଏ.)

ସ୍ଥାନୀୟ ସୁଆଙ୍ଗ ସ୍ଥିତ ଚ୍ୟାଲେଞ୍ଜ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନିଜସ୍ୱ ଖେଳ ପଡ଼ିଆରେ ଚାଲିଥିବା ୫ମ ଅଧାରକାର୍ଡ଼ କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଝାରପଡ଼ା କ୍ରିକେଟ ଟିମ୍ ପ୍ରବେଶ କରିଛି। ରବିବାର ପ୍ରି-କ୍ୱାର୍ଟରରେ ଝାରପଡ଼ା ୫୧ ରନରେ ମେଣ୍ଢାଶାଳକୁ ପରାସ୍ତ କରିଛି। ଟସ୍ ଜିତି ମେଣ୍ଢାଶାଳ ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଝାରପଡ଼ା ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୧୩୪ ରନ୍ କରିଥିବାବେଳେ ମେଣ୍ଢାଶାଳ ୧୩.୨ ଓଭରରେ ୮୩ ରନରେ ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଟିମ୍‌ର ରାଜକିଶୋର ସାହୁଙ୍କୁ ବରିଷ୍ଠ ନାଗରିକ ତଥା ସାମାଜିକ କର୍ମୀ ତ୍ରିଲୋଚନ ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏସଶ ପକ୍ଷରୁ ରଶ୍ମିରଞ୍ଜନ ବଡ଼ଜେନା, ସମୀର ରାଉତରାୟ, ପ୍ରକାଶ ମହାପାତ୍ର, ମାନସ ସାମନ୍ତରାୟଙ୍କ ସହ ସମସ୍ତ ସଦସ୍ୟ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରେୟସ ଆୟାରଙ୍କ ଖେଳିବା ନେଇ ସନ୍ଦେହ

ଅହମଦାବାଦ, ୧୨।୩ (ପି.ଟି.)

ଶ୍ରେୟସ ଆୟାର ତାଙ୍କ ପିଠିର ନିମ୍ନଭାଗରେ ପୁଣି ଯନ୍ତ୍ରଣା ଅନୁଭବ କରୁଛନ୍ତି। ଏଠାରେ ଅଷ୍ଟ୍ରେଲିଆ ବିପକ୍ଷ ଚତୁର୍ଥ ଟେଷ୍ଟର ୪ର୍ଥ ଦିବସରେ ସେ ବ୍ୟାଟିଂ କରିବାକୁ ଆସି ନ ଥିଲେ। ମୁମ୍ବାଇରେ ମାର୍ଚ୍ଚ ୧୭ରୁ ଆରମ୍ଭ ହେବାକୁଥିବା ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ୍‌ବିଶିଷ୍ଟ ସିରିଜରେ ସେ ନ ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି। ଚଳିତବର୍ଷ ବିଶ୍ୱକପ୍ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ସେ କୋଲ୍‌କାତା ନାଇଟ୍ ରାଇଡର୍ସ(କେକେଆର୍)ର ନେତୃତ୍ୱ ନେବେ। ତେଣୁ ବର୍ତ୍ତମାନ ସମୟରେ ତାଙ୍କର ବିଶ୍ରାମ ବୁଦ୍ଧିମାନ୍‌ର କାର୍ଯ୍ୟ ହେବ। ଶ୍ରେୟସ ଖେଳର ତୃତୀୟ ଦିବସ ଖେଳ ପରେ ପିଠି ନିମ୍ନଭାଗରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରେ ତାଙ୍କର ସ୍କାନ୍ କରାଯାଇଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଛି। ସକାଳ ସେସନରେ ରବୀନ୍ଦ୍ର ଜାଡେଜା(୨୮)ଙ୍କ ଆଉଟ ପରେ ଶ୍ରୀକର ଭରତ ଯେତେବେଳେ ଆଗୁଆ ବ୍ୟାଟିଂ କରିବାକୁ ଆସିଲେ ସେତେବେଳେ ଆୟାର ଆଘାତପ୍ରାପ୍ତ ଥିବା ଜଣାପଡ଼ିଥିଲା। ପିଠିରେ ସମସ୍ୟା ଯୋଗୁ ଆୟାର ନାଗପୁରରେ ପ୍ରଥମ ଟେଷ୍ଟ ଖେଳି ନ ଥିଲେ। ଦିଲ୍ଲୀରେ ଦ୍ୱିତୀୟ ଗେମ୍‌ରେ ସେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ଫିଫା କଂଗ୍ରେସରେ ଯୋଗଦେବେ ଅଭିଜିତ୍



**ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି):** ଫିଫା କଂଗ୍ରେସର ୭୩ତମ ସଂସ୍କରଣ ରୱାଣ୍ଡାର କିଗାଲିଠାରେ ଚଳିତ ମାସ ୧୬ ତାରିଖରେ ଅନୁଷ୍ଠିତ ହେବ। ସର୍ବଭାରତୀୟ ଫୁଟ୍‌ବଲ ଫେଡେରେଶନ (ଏଆଇଏଫ୍‌ଏଫ୍) କାର୍ଯ୍ୟକାରିଣୀ ସଦସ୍ୟ ତଥା ଡେଭେଲପ୍‌ମେଣ୍ଟ କମିଟି ଚେୟାରମ୍ୟାନ ଏବଂ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଯୁଗ୍ମ ସମ୍ପାଦକ ଅଭିଜିତ ପାଲ୍ ଏହି କଂଗ୍ରେସରେ ଯୋଗଦେବେ। ଓଡ଼ିଶାର ଜଣେ କ୍ରୀଡ଼ା ପ୍ରଶାସକ ଫିଫା କଂଗ୍ରେସରେ ଯୋଗଦେବା ଏହା ପ୍ରଥମ। ଏହି କଂଗ୍ରେସରେ ଫିଫାର ସଭାପତି ଓ ସମ୍ପାଦକ ଏବଂ ଅନ୍ୟ କର୍ମକର୍ତ୍ତାଙ୍କ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରତି ଦେଶରୁ ୩ ଜଣ ଲେଖାଏ ପ୍ରତିନିଧି ଏହି କଂଗ୍ରେସରେ ଯୋଗଦେବାର ନିୟମ ରହିଛି। ତେଣୁ ଅଭିଜିତ୍‌ଙ୍କ ବ୍ୟତୀତ ଏଆଇଏଫ୍‌ଏଫ୍ ସଭାପତି କଲ୍ୟାଣ ଚୌବେ ଓ ମହାସଚିବ ଶାଜି ପ୍ରଭାକରନ ରୱାଣ୍ଡା ଯିବେ।

# ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନ

ଭୁବନେଶ୍ୱର, ୧୨।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ଖେଲୋ ଇଣ୍ଡିଆ ଏକାଡେମୀରେ ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେବଳ ଖୋର୍ଦ୍ଧା ଜିଲାରୁ ୨୨ଜଣ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଖେଲୋ ଇଣ୍ଡିଆ ମହିଳା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଇଏଚ୍‌ଆଇ ପକ୍ଷରୁ ଏହା ଆୟୋଜନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ହକି ଓଡ଼ିଶା ସମ୍ପାଦକ ସନାତନ ସାହୁ, ସାଇ ଉପନିର୍ଦ୍ଦେଶକ ତ୍ରୈଲୋକନାଥ ସାହୁ, ଅଜୟ ମିଶ୍ର , ଜାତୀୟ ଭାରୋତ୍ତୋଳନ ସଂଘର ପରିଦର୍ଶକ ଇଂ. ଚିତ୍ତରଞ୍ଜନ ସ୍ୱାଇଁ ଏବଂ ଓଡ଼ିଶା ରାଜ୍ୟ ଭାରୋତ୍ତୋଳନ ସଂଘର ସମ୍ପାଦକ ନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମାନପତ୍ର ପ୍ରଦାନ କରିଥିଲେ। ପ୍ରତିଯୋଗିତାକୁ ଉତ୍କଳ କରାଟେ ସ୍କୁଲ୍‌ର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ।



ଖେଲୋ ଇଣ୍ଡିଆ ଦଶ୍ କା ଦମ୍ ଭାରୋତ୍ତୋଳନରେ ଭାଗ ନେଇଥିବା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ପୂର୍ବାଞ୍ଚଳରୁ ପ୍ରତିନିଧିତ୍ୱ କରିବ କିସ୍

**ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଚେସ୍**

ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍ ସହଯୋଗରେ ଚେନ୍ନାଇସ୍ଥିତ ଏଏମ୍‌ଇଟି ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୧୪ରୁ ସର୍ବଭାରତୀୟ ଆନ୍ତଃ ଜୋନ୍ ବିଶ୍ୱବିଦ୍ୟାଳୟ ଚେସ୍ (ପୁରୁଷ) ଚାମ୍ପିୟନଶିପ୍ ଆରମ୍ଭ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ପୂର୍ବାଞ୍ଚଳ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ କିସ୍ ବିଶ୍ୱବିଦ୍ୟାଳୟ ଦଳ ଯୋଗ୍ୟତା ଅର୍ଜନ କରିଛି। ସଞ୍ଜୟ କୁମାର ନାୟକ, ବୀରେନ୍ଦ୍ର ରାଇତା, ଅକ୍ଷୟ ଶବର ଓ ଉତ୍ତର ଛତ୍ରିଆ କିସ୍ ଦଳର ସଦସ୍ୟ ଥିବାବେଳେ ଗୌରହରି ମହାପାତ୍ର କୋଚ୍ ଦାୟିତ୍ୱ ନିର୍ବାହ କରିବେ। ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ କିସ୍ ଦଳ ରବିବାର ଚେନ୍ନାଇ ଯାତ୍ରା କରିଛି। ଭାରତର ୪ ଜୋନ୍ ଇଷ୍ଟ, ୱେଷ୍ଟ, ନର୍ଥ ଓ ସାଉଥ୍‌ରୁ ଶ୍ରେଷ୍ଠ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ କିସ୍ ଚେସ୍ ଦଳକୁ ଯାତ୍ରା ଅବସରରେ ଶୁଭେଚ୍ଛା ଜଣାଇଛନ୍ତି।


ପୂର୍ବାଞ୍ଚଳରୁ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିସ୍ ଦଳ।

# ବିବିସି ସ୍ପୋର୍ଟ୍ସ କଭରେଜ ଦ୍ୱିତୀୟ ଦିନ ବାଧାପ୍ରାପ୍ତ

**ଲଣ୍ଡନ, ୧୨।୩ (ପି.ଟି.):** ଗ୍ୟାରୀ ଲିନେକର ଟୁଇଟର ବିବାଦକୁ ନେଇ ୟୁନାଇଟେଡ କିଙ୍ଗଡମ୍‌ର ନ୍ୟାଶନାଲ ବ୍ରଡକାଷ୍ଟର ବ୍ରିଟିଶ ବ୍ରଡକାଷ୍ଟିଂ କର୍ପୋରେଶନ (ବିବିସି)ର ସ୍ପୋର୍ଟ୍ସ କଭରେଜ ଦ୍ୱିତୀୟ ଦିନ ପାଇଁ ବାଧାପ୍ରାପ୍ତ ହୋଇଛି। ବହୁ ସହକର୍ମୀ ଲିନେକରଙ୍କ ବିନା କାର୍ଯ୍ୟରେ ଯୋଗଦେବାକୁ ମନା କରିଦେଇଛନ୍ତି। ଲିନେକର ହେଉଛନ୍ତି ଇଂଲଣ୍ଡର ଜଣେ ପୂର୍ବତନ ଫୁଟ୍‌ବଲ ଅଧିନାୟକ, ବର୍ତ୍ତମାନ ସେ ୟୁନାଇଟେଡ କିଙ୍ଗଡମ୍ (ୟୁକେ)ରେ ଜଣେ ଅନ୍ୟତମ ପ୍ରଭାବଶାଳୀ ଗଣମାଧ୍ୟମ ବ୍ୟକ୍ତିତ୍ୱ। ସେ ମଙ୍ଗଳବାର ତାଙ୍କ ଟୁଇଟର ଆକାଉଣ୍ଟରେ ବ୍ରିଟିଶ ସରକାରଙ୍କ ମାଇଗ୍ରେଶନ ପଲିସିର ସମାଲୋଚନା କରିଥିଲେ। ଅତୀତରେ ନାଜି ଜର୍ମାନୀରେ ଯେଉଁ ଭାଷା ବ୍ୟବହାର କରାଯାଉଥିଲା ରିଷି ସୁନକ ସରକାର ପ୍ରବାସୀମାନଙ୍କ କ୍ଷେତ୍ରରେ ତାହା କରୁଛନ୍ତି ବୋଲି ସେ କହିଥିଲେ। ଲିନେକରଙ୍କର ୮.୭ ନିୟୁତ ଫଲୋୟର ରହିଛନ୍ତି। ସୋସିଆଲ ମିଡିଆରେ ଏଭଳି ପୋଷ୍ଟିଂ ଦ୍ୱାରା ଗାଇଡ୍‌ଲାଇନର ଉଲ୍ଲଂଘନ କରାଯାଇଥିବା ବିଚାର କରି ବିବିସି ସାମୟିକ ଭାବେ ତାଙ୍କୁ ବହିଷ୍କୃତ କରିଛି। ଲିନେକର ହେଉଛନ୍ତି ବିବିସିର ଲୋକପ୍ରିୟ ପ୍ରମୁଖ ଫୁଟ୍‌ବଲ କାର୍ଯ୍ୟକ୍ରମ ‘ମ୍ୟାଚ ଅଫ୍ ଦି ଡେ’ର ଉପସ୍ଥାପକ। ବିବିସିର ମହାନିର୍ଦ୍ଦେଶକ ଟିମ୍ ଡାଭି କାର୍ଯ୍ୟକ୍ରମ ପ୍ରସାରଣ ବାଧାପ୍ରାପ୍ତ ହୋଇଥିବାରୁ କ୍ଷମା ପ୍ରାର୍ଥନା କରିଛନ୍ତି। ପରିସ୍ଥିତିର ସମାଧାନ ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯାଉଛି। ଲିନେକର ଖୁବ୍ ଶୀଘ୍ର ତାଙ୍କ ସ୍ଥାନକୁ ଫେରିବେ ବୋଲି ଆଶା ପ୍ରକାଶ କରିଛନ୍ତି।

**ଗ୍ୟାରୀ ଲିନେକର ଟୁଇଟର ବିବାଦ**

# ସ୍ୱସ୍ତି, ପିଟର ପାଇବେ ଓସ୍‌ଜା ପୁରସ୍କାର

ଭୁବନେଶ୍ୱର, ୧୨।୩ (କ୍ରୀଡ଼ା ପ୍ରତିନିଧି)

ଓଡ଼ିଶାର ପ୍ରତିଭାସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଏବଂ ପୂର୍ବତନ ହକି ଖେଳାଳି ପିଟର ତିର୍କୀ ଚଳିତ ବର୍ଷର ଓସ୍‌ଜା (ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ) ବାର୍ଷିକ କ୍ରୀଡ଼ା ପୁରସ୍କାର ପାଇବେ। ଗତବର୍ଷର ସଫଳତା ପାଇଁ ସ୍ୱସ୍ତିଙ୍କୁ ଶ୍ରେଷ୍ଠ କ୍ରୀଡ଼ାବିତ୍ ଏବଂ ପିଟରଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ପ୍ରଦାନ କରାଯିବ। ଆସନ୍ତା ୨୧ରେ କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସମ୍ମିଳନୀ ଗୃହରେ ଓସ୍‌ଜାର ଅଷ୍ଟମ ପ୍ରତିଷ୍ଠା ଦିବସ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନର ସଭାପତି ସନ୍ଦୀପ ମିଶ୍ର ଓ ସମ୍ପାଦକ ଦେବୀ ପ୍ରସନ୍ନ ମହାନ୍ତି ପ୍ରକାଶ କରିଛନ୍ତି। ଦୁଇ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କୁ ପ୍ରଶସ୍ତି ପତ୍ର, ଉତ୍ତରୀୟ ଏବଂ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇ ସମ୍ମାନିତ କରାଯିବ। ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ) ସହ ଅନୁବନ୍ଧିତ ଓସ୍‌ଜା ୨୦୧୮ରୁ ବାର୍ଷିକ ପୁରସ୍କାର ପ୍ରଦାନ କରି ଆସୁଛି। ୨୦୨୨ରେ ଅଲିମ୍ପିଆନ ବୀରେନ୍ଦ୍ର ଲାକ୍ରା ଓ କିମ୍ବଦନ୍ତୀ ବାସ୍କେଟବଲ ଖେଳାଳି ତଥା ପ୍ରଶିକ୍ଷକ ଅରୂପାନନ୍ଦ ରାଉତରାୟଙ୍କୁ ପୁରସ୍କୃତ କରାଯାଇଥିଲା।


ସ୍ୱସ୍ତି ସିଂ



ପିଟର ତିର୍କୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୧୩/୨୦୨୩ Bhubaneswar, Monday, March 13/ 2023

# ଭାରତ ୫-୪ରେ ଅଷ୍ଟ୍ରେଲିଆକୁ ହରାଇଲା

**ରାଉରକେଲା ଅଫିସ, ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), ୧୨।୩**

ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚ୍‌ରେ ଭାରତ ୫-୪ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ହରମନପ୍ରୀତ ସିଂ ୧୩, ୧୪ ଓ ୫୫ତମ ମିନିଟ୍‌ରେ ପେନାଲ୍ଟି କର୍ନରରୁ ୩ଟି ଗୋଲ ଦେଇ ହାଟ୍ରିକ୍ ଅର୍ଜନ କରିଥିବାବେଳେ ଯୁଗରାଜ ସିଂ ୧୭ତମ ମିନିଟ୍‌ରେ ପେନାଲ୍ଟି ଷ୍ଟ୍ରୋକ୍‌ରୁ ଏକ ଗୋଲ ଦେଇଥିଲେ। ୫ମ ଗୋଲ୍‌ଟି ସ୍କୋର କରିଥିଲେ ସେଲଭାମ୍ କାର୍ଥି। ଅଷ୍ଟ୍ରେଲିଆ ପକ୍ଷରୁ ଜୋଶୁଆ ବେଜ୍ ୨ୟ, କି ୱିଲଟ ୪୨, ବେନ୍ ଷ୍ଟେନ୍ସ୍ ୫୨ ଓ ଆରନ


ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଜେଲସ୍କି ୫୬ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ବେଳକୁ ଭାରତ ୪-୧ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ ଭାଗ ଖେଳରେ ଅଷ୍ଟ୍ରେଲିଆ ଆକ୍ରମଣାତ୍ମକ ଖେଳି

## ଏଫ୍‌ଆଇଏଚ୍ ପ୍ରୋ ଲିଗ୍

ପ୍ରତ୍ୟାବର୍ତ୍ତନ ପାଇଁ ପ୍ରୟାସ କରି ପରାଜୟ ସ୍ୱାଦ ଚାଖିଥିଲା। ଚଳିତ ଲିଗ୍‌ରେ ୨ ମ୍ୟାଚ୍‌ରୁ ଅଷ୍ଟ୍ରେଲିଆର ଏହା ଦ୍ୱିତୀୟ ପରାଜୟ। ନିଜର ପୂର୍ବ ମ୍ୟାଚ୍‌ରେ ଦଳ ବିଶ୍ୱ ଚାମ୍ପିୟନ ଜର୍ମାନୀଠାରୁ ଗୋଟିଏ ଗୋଲରେ ହାରିଥିଲା। ଭାରତ ଏହାର ପରବର୍ତ୍ତୀ ମ୍ୟାଚ୍ ସୋମବାର ଜର୍ମାନୀ ବିପକ୍ଷରେ ଖେଳିବ।


ପ୍ରୋ-ଲିଗ୍ ହକି ମ୍ୟାଚ ଦେଖିବା ପାଇଁ ବିର୍ସାମୁଣ୍ଡା ଷ୍ଟାଡିୟମରେ ଉପସ୍ଥିତ ଅଷ୍ଟ୍ରେଲିଆ ସମର୍ଥକ।

# ଅଷ୍ଟ୍ରେଲିଆ ସମର୍ଥନରେ ମିକ୍ ପରିବାର

**ରାଉରକେଲା ଅଫିସ, ୧୨।୩:** ରବିବାର ହକି ପ୍ରୋ-ଲିଗର ତୃତୀୟ ଦିନ ଖେଳରେ ଭାରତ ବନାମ ଅଷ୍ଟ୍ରେଲିଆ ମ୍ୟାଚ୍‌କୁ ଦେଖିବା ନିମନ୍ତେ ବିର୍ସା ମୁଣ୍ଡା ଖେଳ ପଡିଆରେ ଭିଡ ଜମିଥିଲା। ଅଷ୍ଟ୍ରେଲିଆ ହକି ଦଳର ସମର୍ଥନରେ ଅଷ୍ଟ୍ରେଲିଆରୁ ମିକ୍ ପରିବାର ବର୍ଗ ମଧ୍ୟ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପହଞ୍ଚିଥିଲେ। ମିକ୍ ତାଙ୍କ ସ୍ତ୍ରୀ, ବଡଭାଇ ଜଷ୍ଟେନ ସସ୍ତ୍ରୀକ ଉପସ୍ଥିତ ଥିଲେ। ଅଷ୍ଟ୍ରେଲିଆ ଦଳର ଖେଳାଳି ଆନନ୍ଦ ଗୁପ୍ତେଙ୍କ ଜେଜେମା ନିଜ ନାତିର ଖେଳ ଦେଖିବା ପାଇଁ ତାଙ୍କ ପଡୋଶୀ


ଆନନ୍ଦ ଗୁପ୍ତେଙ୍କ ଜେଜେମା

ମିସେସ ହେଡେନଙ୍କ ସହ ମଧ୍ୟ ସାମିଲ ହୋଇଥିଲେ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ